# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୯/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, November 29/2023 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 6 | ମୂଲ୍ୟ ₹୭/-




## ଋତୁରାଜଙ୍କ ଶତକ

ଗୁଆହାଟୀରେ ମଙ୍ଗଳବାର ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟି୨୦ କ୍ରିକେଟ ମ୍ୟାଚରେ କ୍ୟାରିୟରର ପ୍ରଥମ ଅନ୍ତର୍ଜାତୀୟ ଶତକ ହାସଲ କରିଛନ୍ତି ଭାରତର ଋତୁରାଜ ଗାଏକ୍ୱାଡ଼୍।

୧୪

୧୨

## ଅଭିନୟରୁ ବିରତି ନେବାକୁ ଚାହୁଁଛନ୍ତି ରଣବୀର

ବଲିଉଡ୍ ଅଭିନେତା ରଣବୀର କପୁର ତାଙ୍କ ଝିଅ ରାହାଙ୍କ ସହିତ ସମୟ ବିତାଇବାକୁ ଅଭିନୟରୁ ବିରତି ନେବାକୁ ଚାହୁଁଛନ୍ତି ବୋଲି କହିଛନ୍ତି।



# ସୁଡ଼ଙ୍ଗରୁ ମୁକ୍ତି ପାଇଲେ

**ଉତ୍ତରକାଶୀ,୨୮।୧୧**

ଦୀର୍ଘ ୧୭ ଦିନ ପ୍ରତୀକ୍ଷାର ଅନ୍ତ ଘଟିଛି। ଉତ୍ତରାଖଣ୍ଡର ଉତ୍ତରକାଶୀସ୍ଥିତ ସିଲ୍କ୍ୟାରା ସୁଡ଼ଙ୍ଗରେ ଫସିରହିଥିବା ୫ ଓଡ଼ିଆଙ୍କ ସମେତ ସମସ୍ତ ୪୧ ଶ୍ରମିକଙ୍କୁ ମଙ୍ଗଳବାର ରାତିରେ ଉଦ୍ଧାର କରି ବାହାରକୁ ଅଣାଯାଇଛି। ଏଥିପାଇଁ ୪୦୦ରୁ ଊର୍ଦ୍ଧ୍ୱ ଘଣ୍ଟା ଧରି ଅନେକ ଏଜେନ୍ସି ପକ୍ଷରୁ ମିଳିତ ଅପରେଶନ ଜାରି ରହିଥିଲା। ଶେଷ ପର୍ଯ୍ୟାୟରେ ର‌୍ୟାଟ୍ ହୋଲ୍ ମାଇନରମାନେ ଶ୍ରମିକଙ୍କ ପାଖରେ ପାଇପ୍ ଲାଇନ୍ ପହଞ୍ଚାଇବାରେ ସଫଳ ହୋଇଥିଲେ। ପରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍)ର ୩ଟି ଟିମ୍ ସୁଡ଼ଙ୍ଗ ଭିତରକୁ ଯାଇ ଫସିଥିବା ଶ୍ରମିକମାନଙ୍କୁ ଚକଲଗା ଷ୍ଟ୍ରେଚରରେ ଜଣ ଜଣ କରି ବାହାରକୁ ଆଣିଛନ୍ତି। ସୁଡ଼ଙ୍ଗ ବାହାରେ ଅପେକ୍ଷାରତ ଆମ୍ବୁଲାନ୍ସଗୁଡ଼ିକ ସେମାନଙ୍କୁ ହସ୍ପିଟାଲକୁ ନେଇଛନ୍ତି। ଗୁରୁତର ଅସୁସ୍ଥ ଥିବା ଶ୍ରମିକଙ୍କୁ ତୁରନ୍ତ ହସ୍ପିଟାଲ ନେବା ଲାଗି ସେଠାରେ ବାୟୁସେନାର ହେଲିକପ୍ଟର ମଧ୍ୟ ଷ୍ଟାଣ୍ଡବାଏରେ ଥିଲା। ସେମାନଙ୍କ ଉଦ୍ଧାରକୁ ସାରା ଦେଶ ଅପେକ୍ଷା କରିଥିଲା। ସୁଡ଼ଙ୍ଗ ବାହାରେ ଶ୍ରମିକଙ୍କ ଆତ୍ମୀୟ ଓ ସମ୍ପର୍କୀୟମାନେ ଦୀର୍ଘଦିନ ହେଲା ଶୀତ କାକରରେ ଅପେକ୍ଷା କରି ରହିଥିଲେ। ଏହାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶକ୍ରମେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ। ଏପରିକି ☞ପୃଷ୍ଠା-୨



ଉଦ୍ଧାର ହୋଇଥିବା ଜଣେ ଶ୍ରମିକଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି।

## ୫ ଓଡ଼ିଆ ସୁରକ୍ଷିତ ଉଦ୍ଧାର



**ଭୁବନେଶ୍ୱର,୨୮।୧୧**

ଉତ୍ତରକାଶୀ ସୁଡ଼ଙ୍ଗ ମଧ୍ୟରୁ ୪୧ ଶ୍ରମିକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବାବେଳେ ସେମାନଙ୍କ ମଧ୍ୟରେ ୫ ଓଡ଼ିଆ ରହିଛନ୍ତି। ସେମାନେ ହେଲେ ମୟୂରଭଞ୍ଜ ଜିଲା ବଡ଼କୁଦରର ଧୀରେନ ନାଏକ ଏବଂ ଯୋଗୀବନ୍ଧର ବିଶ୍ୱେଶ୍ୱର ନାଏକ, ବାଲେଶ୍ୱରର କୁଲଡିହା ଅଞ୍ଚଳର ରାଜୁ ନାଏକ, ନବରଙ୍ଗପୁରର ଭଗବାନ ଭୋତ୍ରା ଏବଂ ଭଦ୍ରକ ଜିଲାର ତପନ ମଣ୍ଡଳ। ଗତ ୧୨ ତାରିଖରେ ସିଲ୍‌କ୍ୟାରା ଟନେଲର କିଛି ଅଂଶ ଭୁଶୁଡ଼ି ପଡ଼ିବାରୁ ସେମାନେ ୧୭ ଦିନ ହେଲା ଏହା ଭିତରେ ଫସିରହିଥିଲେ। ଭାରତୀୟ ସେନା, ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆରଏଫଏ ଅନ୍ୟାନ୍ୟ ସଂସ୍ଥା ତଥା ଖନନ ବିଶେଷଜ୍ଞମାନଙ୍କ ଅକ୍ଲାନ୍ତ ଉଦ୍ୟମ ଫଳରେ ମଙ୍ଗଳବାର ରାତିରେ ସମସ୍ତ ୪୧ ଶ୍ରମିକଙ୍କୁ ସୁଡ଼ଙ୍ଗ ବାହାରକୁ ଅଣାଯାଇଛି। ସ୍ଥିତି ଅନୁଧ୍ୟାନ କରିବା ପାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାଏକଙ୍କୁ ଉତ୍ତରାଖଣ୍ଡ ପଠାଇଥିଲେ। ଓଡ଼ିଆ ଶ୍ରମିକମାନଙ୍କୁ ପାଛୋଟିବା ପାଇଁ ସେମାନଙ୍କ ପରିବାରରୁ ଜଣେ ଲେଖାଏ ଉତ୍ତରାଖଣ୍ଡ ଯାଇଥିଲେ।

## ୩ ଗୋରୁ ମାରିଲା ମହାବଳ

**ଆର.ଉଦୟଗିରି,୨୮।୧୧ (ମନୋଜ କୁମାର ପାଢୀ)**

ଗଜପତି ଜିଲାରେ କିଛିଦିନ ହେଲା ଏକ ମହାବଳ ବାଘ ଆତଙ୍କ ଖେଳାଇଛି। ବାଘଟି ଗତ ୨୨ ତାରିଖରେ ରାୟଗଡା ବ୍ଲକରେ ଏକ ଗାଈକୁ ଶିକାର କରିଥିଲା। ଏହାର ୪ଦିନ ପରେ ଆର.ଉଦୟଗିରି ବନ ବିଭାଗର ପରିମଳ ବିଟ୍‌ରେ ଗତ ଦୁଇଦିନ ହେଲା ଆତଙ୍କ ଖେଳାଇଥିବା ଅଞ୍ଚଳବାସୀ କହିଛନ୍ତି। ସେହିପରି ଅନୁଗୁରୁ ପଞ୍ଚାୟତ ଉଆମା ଗ୍ରାମଠାରୁ ୨ କି.ମି. ଦୂରରେ ଗୁହାଳେ ବନ୍ଧା ଯାଇଥିବା ଗୋରୁଙ୍କ ମଧ୍ୟରୁ ୩ଟି ଗୋରୁ ଶୀକାର କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍ଥାନୀୟ ସରପଞ୍ଚଙ୍କଠାରୁ ଏହି ଖବରପାଇ ବନ ବିଭାଗ ଟିମ୍ ମଙ୍ଗଳବାର ଗ୍ରାମରେ ପହଞ୍ଚି ତଦନ୍ତ କରିଛନ୍ତି। ବାଘକୁ ଟ୍ରାକିଂ ପାଇଁ ପାରଳାଖେମୁଣ୍ଡିରୁ ୧୦ ଜଣିଆ ଟିମ ଆସିଛନ୍ତି। ଗୁହାଳଠାରୁ କିଛି ଦୂରରେ ପଡିଥିବା ଗୋରୁ ମୁଣ୍ଡ ଓ ଗୋଡ ନିକଟରେ ୩ଟି ଟ୍ରାପ କ୍ୟାମେରା ଲଗାଇ ଅନୁଧ୍ୟାନ କରୁଛନ୍ତି। ବାଘ କେତୋଟି ଗୋରୁ ମାରିଛି ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ରେଞ୍ଜର ଉମାଶଙ୍କର ବିଷୋୟୀ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ବୈଷୟିକ ଜ୍ଞାନ ନୁହେଁ**

# ବୈପାରୀଗୁଡ଼ା ଥାନାଧିକାରୀ ଗିରଫ



**ଭୁବନେଶ୍ୱର,୨୮।୧୧ (ସତ୍ୟଜିତ୍ ରାଉତ)**

## ୩୭.୨୭ ଲକ୍ଷ ଜବତ

ଭିଜିଲାନ୍ସ ଜାଲରେ ପଡ଼ିଥିବା କୋରାପୁଟ ଜିଲା ବୈପାରିଗୁଡ଼ା ଥାନା ଅଧିକାରୀ ସୁଶାନ୍ତ ଶତପଥୀଙ୍କ କଟକ ବକ୍ସିବଜାରସ୍ଥିତ ସରକାରୀ ବାସଭବନରୁ ମଙ୍ଗଳବାର ଆଉ ୨୯.୭୭ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ଜବତ କରାଯାଇଛି। ଫଳରେ ତାଙ୍କଠାରୁ ଜବତ ହୋଇଥିବା ମୋଟ ଟଙ୍କାର ପରିମାଣ ୩୭ ଲକ୍ଷ ୨୭ ହଜାରରେ ପହଞ୍ଚିଛି। ଏନେଇ କୋରାପୁଟ ଭିଜିଲାନ୍ସ ଥାନାରେ ମାମଲା (ନଂ.୩୮/୨୦୨୩) ରୁଜୁ କରାଯାଇ ସୁଶାନ୍ତଙ୍କୁ ଗିରଫ କରାଯାଇଛି। ତାଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

ଅଭିଯୁକ୍ତ ଥାନା ଅଧିକାରୀ ସୁଶାନ୍ତ କିଛିଦିନ ହେଲା ବିଭିନ୍ନ ଲୋକଙ୍କଠାରୁ ବଡ଼ ପରିମାଣରେ ଟଙ୍କା ଗ୍ରହଣ କରିଥିବା ନେଇ ସୂଚନା ମିଳିବା ପରେ ଭିଜିଲାନ୍ସ ପକ୍ଷରୁ ତାଙ୍କ ଉପରେ ନଜର ରଖାଯାଇଥିଲା। ସୁଶାନ୍ତ ଟଙ୍କା ଧରି ନିଜ ଘରକୁ ବସ୍‌ରେ ଯାଉଥିବା ଜୟପୁର ଭିଜିଲାନ୍ସ ଟିମ୍ ଜାଣିବାକୁ ପାଇଥିଲା। ଏହାପରେ ଭିଜିଲାନ୍ସର ଅଧିକାରୀମାନେ ସୋମବାର ସନ୍ଧ୍ୟାରେ ଜୟପୁର ଟାଙ୍ଗୁଆ ନିକଟରେ କଟକ ଯାଉଥିବା ଉକ୍ତ ବସ୍‌ରେ ଚଢ଼ାଉ କରି ସୁଶାନ୍ତଙ୍କୁ ଯାଞ୍ଚ କରାଯାଇଥିଲା। ଏହି ସମୟରେ ତାଙ୍କ ପାଖରୁ ୨.୭୦ ଲକ୍ଷ ଟଙ୍କା ମିଳିଥିଲା। ଭିଜିଲାନ୍ସ ଉକ୍ତ ଟଙ୍କାକୁ ଜବତ କରିବା ସହ ସୁଶାନ୍ତଙ୍କୁ ଧରି ତାଙ୍କ ଅଫିସ୍, ସରକାରୀ କ୍ୱାର୍ଟର୍ସରେ ଚଢ଼ାଉ କରିଥିଲା। ବୈପାରିଗୁଡ଼ା ଥାନାର ଅଫିସ ଚାମ୍ବରରୁ ୧ ଲକ୍ଷ ୮୦ ହଜାର ଟଙ୍କା, ସରକାରୀ କ୍ୱାର୍ଟର୍ସରୁ ୩ ଲକ୍ଷ ଟଙ୍କା ମିଳିଥିଲା। ପରେ କଟକ ବକ୍ସିବଜାରସ୍ଥିତ ସରକାରୀ ବାସଭବନରେ ଚଢ଼ାଉ କରାଯାଇ ବିପୁଳ ଟଙ୍କା ସହ ସୁନା ଅଳଙ୍କାର ଜବତ କରିଥିଲା ଭିଜିଲାନ୍ସ ଟିମ୍। ତେବେ ଏହି ମାମଲାରେ ଅଧିକ ତଦନ୍ତ ଚାଲୁ ରହିଛି। ସୁଶାନ୍ତଙ୍କ ନିବେଶ ଓ ଜମା ସମେତ ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଆଦି ସଂକ୍ରାନ୍ତରେ ଯାଞ୍ଚ କରାଯାଉଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

### ୪ମାସ ହେବ ବଦଳି ହୋଇ ଆସିଥିଲେ

ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ, ସୁଶାନ୍ତ ୧୯୭୮ ମାର୍ଚ୍ଚ ୧୧ରେ ଜନ୍ମ ହୋଇଥିବାବେଳେ ୧୯୯୯ରେ କନ୍‌ଷ୍ଟେବଲ ଭାବେ ସରକାରୀ ସେବାରେ ଯୋଗଦେଇ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ☞ପୃଷ୍ଠା-୨






## ‘ଥଣ୍ଡା, କାଶ ହେଲେ ମାସ୍କ ପିନ୍ଧ’

### ‘ଏଚ୍୯ଏନ୍୨’ ଭାଇରସ୍‌କୁ ନେଇ ଭୟଭୀତ ନ ହେବାକୁ ପରାମର୍ଶ

**ଭୁବନେଶ୍ୱର, ୨୮।୧୧ (ବନ୍ଦନା ସେଠୀ)**

ଚାଇନାରେ ‘ଏଚ୍୯ଏନ୍୨’ ଭାଇରସ୍ ଯୋଗୁ ନିମୋନିଆ ଦ୍ରୁତ ଗତିରେ ବ୍ୟାପୁଛି। ଏହାକୁନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟ ସରକାରଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଜାରି ହୋଇଛି। ଏହି ପରିପ୍ରେକ୍ଷୀରେ ଆଗୁଆ ସଚେତନତା ଅବଲମ୍ବନ କରିଛନ୍ତି ରାଜ୍ୟ ସରକାର। ଚାଇନାର ଏହି ଭାଇରସକୁ ନେଇ ଭୟଭୀତ ☞ପୃଷ୍ଠା-୨




# ନିୟମଗିରି ପାଦଦେଶରେ ଷ୍ଟ୍ରବେରୀ ଚାଷ

ରାୟଗଡ଼ା ଜିଲାର ଆଦିମ ଜନଜାତି ଡଙ୍ଗରିଆ କନ୍ଧ ନିୟମଗିରି ପାଦଦେଶରେ ଷ୍ଟ୍ରବେରି ଚାଷ କରି ପୁଣି ଚର୍ଚ୍ଚାକୁ ଆସିଛନ୍ତି। ପୂର୍ବରୁ ଡଙ୍ଗରିଆମାନେ କଦଳୀ, ସପୁରି, ହଳଦୀ, ଅଦା, ପାଲୁଅ, ପଣସ, ଆମ୍ବ, ଫୁଲ ଝାଡ଼ୁ, କମଳା ଆଦି ଚାଷ କରି ସଫଳତା ହାସଲ କରିଥିଲେ। ହେଲେ ଚଳିତ ବର୍ଷ ପ୍ରଥମ ଥର ପାଇଁ ନିୟମଗିରି ପାଦଦେଶରେ ଷ୍ଟ୍ରବେରୀ ଚାଷ କରି ଜଣେ ଡଙ୍ଗରିଆ ଚାଷୀ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ସହାୟତାରେ ବିଷମକଟକ ବ୍ଲକ ଅନ୍ତର୍ଗତ କୁର୍ଲି ଗ୍ରାମରେ ଲାକୁନୁ ଯାକେଶିକାଙ୍କ ଦ୍ୱାରା ପ୍ରଥମ ଥର ପାଇଁ ଷ୍ଟ୍ରବେରି ଚାଷ କରାଯାଉଛି।

ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥାର କର୍ମୀଙ୍କ ସହ ଗତ ମାର୍ଚ୍ଚରେ ଡଙ୍ଗରିଆ ଚାଷୀମାନେ ନୂଆପଡା ଜିଲାକୁ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ। ସେଠାରେ ଥିବା ଚୁକଟିଆ ଏବଂ ଭୁଞ୍ଜିଆ ସମ୍ପ୍ରଦାୟ ଜନଜାତିଙ୍କ ଷ୍ଟ୍ରବେରୀ ଚାଷରୁ ଅନୁପ୍ରାଣିତ ହୋଇ ନିୟମଗିରି ପାଦଦେଶରେ ଏହି ଫଳ ଚାଷ କରିବାକୁ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। କୁର୍ଲି ଗ୍ରାମର ପାହାଡ଼ ପାଦଦେଶରେ ଚାଷୀ ଲାକୁନୁ ଯାକେଶିକା ପ୍ରାୟ ଏକ ଏକର ଜମିରେ ଷ୍ଟ୍ରବେରୀ ଚାଷ କରିଛନ୍ତି। ସେ ଏଠାରେ ୨୦ ହଜାର ଷ୍ଟ୍ରବେରି ଗଛ ଲଗାଇଛନ୍ତି। ଗଛ ଲାଗିବାର ପ୍ରାୟ ୪୫ ଦିନ ପରେ ଫଳ ହେବ। ୨ ମାସ ପର୍ଯ୍ୟନ୍ତ ଫଳ ଫଳିବ। ଆନୁମାନିକ ୬୦ କୁଇଣ୍ଟାଲ ଉତ୍ପାଦନ ହେବ ବୋଲି ଚାଷୀ ଲାକୁନୁ ଆଶା ରଖିଛନ୍ତି। ଯାହାର ମୂଲ୍ୟ ବଜାର ଦରରେ ଅତିକମରେ ୧୦ରୁ ୧୨ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ୧ ଏକର ପିଛା ଚାରା, ସାର, ବୁନ୍ଦା ଜଳସେଚନ, ଶ୍ରମ ବାବଦକୁ ସବୁ ମିଶି ଅତି ବେଶୀରେ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଷ୍ଟବେରି ଚାଷ ପାଇଁ ଓପିଲିପି ଏବଂ ଚାଟିକଣା କନ୍ଧ ଉନୟନ ସଂସ୍ଥା ପକ୍ଷରୁ ସହାୟତା ଯୋଗାଇ ଦେଇଥିବା ଚାଷୀ ଲାକୁନୁ ଯାକେଶିକା କହିଛନ୍ତି। ଏହି ଚାଷ ଫଳପ୍ରଦ ହେଲେ ଆଗକୁ ସେ ଆହୁରି ଅଧିକ ଜମିରେ ଷ୍ଟବେରି ଚାଷ କରିବେ ବୋଲି କହିଛନ୍ତି।



■ ପ୍ରଥମ ଥର ପାଇଁ ଚାଷ କରିଛନ୍ତି ଡଙ୍ଗରିଆ କନ୍ଧ
■ ସହାୟତା ଯୋଗାଉଛି ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା

ରାୟଗଡାର ଥଣ୍ଡା ଜଳବାୟୁ ଷ୍ଟ୍ରବେରି ପାଇଁ ବେଶ୍ ଉପଯୋଗୀ। ପରୀକ୍ଷାମୂଳକ ଭାବେ ଜଣେ ଡଙ୍ଗରିଆଙ୍କୁ ନେଇ ଏହି ଚାଷ କରାଯାଉଛି। ଏହା ଫଳପ୍ରଦ ହେଲେ ଆହୁରି ଅଧିକ ଡଙ୍ଗରିଆଙ୍କୁ ଏଥିରେ ସାମିଲ କରାଯିବାର ଲକ୍ଷ୍ୟ ଥିବା ଓପିଲିପି ତଥା କନ୍ଧ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପରିଚାଳକ ସୁଦର୍ଶନ ପାଢ଼ୀ। ଏହା ସହ ଡ୍ରିପ ସିଷ୍ଟମ ପାଇଁ ଉଦ୍ୟାନ ବିଭଗର ସହଯୋଗ ରହିଥିବା ସେ କହିଛନ୍ତି।

– ରିପୋର୍ଟ: ଭାଗ୍ୟଶ୍ରୀ ମିଶ୍ର, ରାୟଗଡ଼ା

ଧରିତ୍ରୀର ୫୦ ବର୍ଷ ପୂର୍ତ୍ତି ଅବସରରେ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ
ମାନସିକ ଅନଗ୍ରସର ଥଇଥାନ କେନ୍ଦ୍ର
"ପ୍ରିୟ"
ସ୍ୱେଚ୍ଛାସେବୀ ଅନୁଷ୍ଠାନ
ଲାଉଲଇ, ଢେଙ୍କାନାଳ

ସ୍ୱନକ୍ଷତ୍ର ଅଭିନନ୍ଦନ
'ଧରିତ୍ରୀ'ର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ହରିବୋଲ ପ୍ରଡକ୍ସନ ସାନ୍ତାଳୀ ଆଲବମ୍ ୟୁଟ୍ୟୁବ୍ ପକ୍ଷରୁ ଉଦଳା ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ତତ୍‌ସହିତ ସମସ୍ତ ଉଦଳାବାସୀଙ୍କ ସୁଖ ସମୃଦ୍ଧି କାମନା କରୁଛି।
କାବୁ ତ୍ରିପାଠୀ
ଉଦଳା, ମୟୂରଭଞ୍ଜ

ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଶୁଭ ଅବସରରେ ଗୋକର୍ଣ୍ଣିକା ସାହିତ୍ୟ ସମାଜ ଶୁଭେଚ୍ଛା ଜଣାଉଛି।
ଜାରକା ପରି ଗ୍ରାମାଞ୍ଚଳରୁ ଦୀର୍ଘ ୪୬ ବର୍ଷ ଧରି ପ୍ରକାଶ ପାଇଆସୁଥିବା 'ଗୋକର୍ଣ୍ଣିକା' ସାହିତ୍ୟ ପତ୍ରିକା ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ। ଗୋକର୍ଣ୍ଣିକା ସାହିତ୍ୟ ସମାଜର ସୁବର୍ଣ୍ଣ ଜୟନ୍ତୀ ପର୍ବ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଧାମରୁ ଆରମ୍ଭ ହୋଇଛି ଓ ମା' ବିରଜା ପୀଠ ହୋଇ ଗୋକର୍ଣ୍ଣେଶ୍ୱରଠାରେ ଉଦ୍‌ଯାପିତ ହେବା ସମସ୍ତଙ୍କ ସହଯୋଗ କାମନା କରୁଛି।
ଶ୍ରୀଯୁକ୍ତ ରମାକାନ୍ତ ଜେନା
ସଭାପତି, ଗୋକର୍ଣ୍ଣିକା ସାହିତ୍ୟ ସମାଜ

ଧରିତ୍ରୀର ୫୦ ବର୍ଷ ପୂର୍ତ୍ତି ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ
ସରୋଜ କୁମାର ପଟ୍ଟନାୟକ
ସଭାପତି, ଢେଙ୍କାନାଳ ଜିଲା କଂଗ୍ରେସ

ADIVASI KRUSHI SWASTHYA SIKHYA UNNAYANA SAMITI (AKSSUS)
(Non Government Organisation)
Regd. Office At - Papadambu, Post- Murteli
Block - Bissamcuttack, District - Rayagada, Odisha, Pin-765019
ଆମ୍ଭ ଅନୁଷ୍ଠାନ ରାୟଗଡ଼ ଜିଲ୍ଲାରେ ଦୀର୍ଘ ୩୧ ବର୍ଷ ଧରି ବିଭିନ୍ନ ସରକାରୀ ଯୋଜନାର ସହଭାଗିତାରେ ଆଦିମ ଜନଜାତି, ଅନୁସୂଚିତ ଜାତି ଓ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗର ଜୀବିକା ତଥା ଭିତ୍ତିଭୂମିର ବିକାଶ ପାଇଁ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ, ପ୍ରାକୃତିକ ସମ୍ପଦର ସଠିକ୍ ପରିଚାଳନା କରି କୃଷି ଓ ଜଳସେଚନର ସୁବିଧା, ମହିଳା ସଶକ୍ତୀକରଣ, ପଶୁପାଳନ ପାଇଁ ତାଲିମ୍ ଓ ସହାୟତା ଯୋଗାଇବା, ମହିଳା ଓ ଶିଶୁର ପୁଷ୍ଟିସାଧନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ମାଣ୍ଡିଆ/କାଙ୍ଗୁ/ସୁଆଁ/ଜହ୍ନା ଇତ୍ୟାଦି କ୍ଷୁଦ୍ରଦାନା ପୁଷ୍ଟିଶସ୍ୟର ପୁନରୁଦ୍ଧାର ଓ ଉନ୍ନତୀକରଣ ଭଳି ବହୁମୁଖୀ ଉନ୍ନୟନମୂଳକ କାର୍ଯ୍ୟ କରିଆସୁଅଛି ।
ଶ୍ରୀ ଦୀପକ କୁମାର ସାହୁ
ସମ୍ପାଦକ, ଆକ୍ ସୁସ୍ ଅନୁଷ୍ଠାନ, ରାୟଗଡ଼, ଓଡ଼ିଶା

ସ୍ୱନକ୍ଷତ୍ର ଅଭିନନ୍ଦନ
'ଧରିତ୍ରୀ'ର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଉଦଳା ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ତତ୍‌ସହିତ ସମସ୍ତ ଉଦଳାବାସୀଙ୍କ ସୁଖ ସମୃଦ୍ଧି କାମନା କରୁଛି।
ଲିଲି ଭୋଳ
ଉପାଧ୍ୟକ୍ଷା
ଉଦଳା ଏନ୍.ଏ.ସି.,
ଉଦଳା, ମୟୂରଭଞ୍ଜ

ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଶୁଭ ଅବସରରେ ଧର୍ମଶାଳାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେସଙ୍ଗେ ସମସ୍ତଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି।
ବଜ୍ରଙ୍ଗବଳି ଷ୍ଟୋନ୍ ପ୍ରଡକ୍ଟ
ବାଜବାଟୀ, ଧର୍ମଶାଳା, ଯାଜପୁର
ଏଠାରେ ଉନ୍ନତମାନର ମେଟାଲ, ଚିପ୍ସ, ବକୁରୀ ଇତ୍ୟାଦି ସୁଲଭ ମୂଲ୍ୟରେ ମିଳେ।
ପାର୍ଟନର-ସୁଧାଂଶୁ ମୋହନ ଜେନା
କାନପୁର, ମୋ: ୯୪୩୭୩୬୪୬୫୫

*With Best Complements From:*
BAJRAGIRI MAHAVIDYALAYA
PRINCIPAL & STAFFS
ଜଙ୍ଗଲ ପରିବେଶ ମଧ୍ୟରେ ବଜ୍ରଗିରି ପାହାଡ଼ ଉପରେ ସ୍ଥାପିତ ଏହି କଲେଜରେ ଉନ୍ନତମାନର ଶିକ୍ଷାଦାନ କରାଯାଉଛି। ଏଠାରେ ବହୁ ଛାତ୍ରୀଛାତ୍ର ଅଧ୍ୟୟନରତ।
Sj. PATITAPABAN BALSAMANTA
PRINCIPAL
KOTAPUR, DHARMASALA, JAJPUR-755008

ସ୍ୱନକ୍ଷତ୍ର ଅଭିନନ୍ଦନ
'ଧରିତ୍ରୀ'ର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଉଦଳା ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ତତ୍‌ସହିତ ସମସ୍ତ ଉଦଳାବାସୀଙ୍କ ସୁଖ ସମୃଦ୍ଧି କାମନା କରୁଛି।
ଭାରତୀ ସିଂ
ପୂର୍ବତନ ଡେପୁଟି ମେୟର, ଭୁବନେଶ୍ୱର ତଥା ୨୬ ନମ୍ବର ୱାର୍ଡ କର୍ପୋରେଟର, ଭୁବନେଶ୍ୱର

ଧରିତ୍ରୀର ୫୦ ବର୍ଷ ପୂର୍ତ୍ତି ଅବସରରେ ଶୁଭେଚ୍ଛା
ନବୀନଚନ୍ଦ୍ର ନାରାୟଣ ଦାସ
ବରିଷ୍ଠ ଆଇନଜୀବୀ ଓ ପୂର୍ବତନ ମନ୍ତ୍ରୀ

ଧରିତ୍ରୀର ୫୦ ବର୍ଷ ପୂର୍ତ୍ତି ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ
ଦେବୀ ପ୍ରସାଦ ଭୁତିଆ
ଉପଦେଷ୍ଟା
ରାଜ୍ୟ ବନ ନିଗମ,
ଭୁବନେଶ୍ୱର, ଓଡ଼ିଶା

*With Best Complements From:*
DHARMASALA MAHILA JUNIOR COLLEGE & STAFF
ପାହାଡ଼ ଘେରାମଧ୍ୟରେ ଧର୍ମଶାଳା ବ୍ଲକରେ ଏକମାତ୍ର ମହିଳା କଲେଜ ଅବସ୍ଥାପିତ। ଉଚ୍ଚଶିକ୍ଷା ପାଇଁ ଏଠାରେ ବହୁ ସଂଖ୍ୟାରେ ଛାତ୍ରୀମାନେ ଅଧ୍ୟୟନରତ।
Smt. Namita Parida
PRINCIPAL
DHARMASALA JUNIOR MAHILA COLLEGE

'ଧରିତ୍ରୀ'ର ସୁବର୍ଣ୍ଣ ଜୟନ୍ତୀ ଶୁଭ ଅବସରରେ ଧର୍ମଶାଳା ବିଧାୟକ ଶ୍ରୀଯୁକ୍ତ ପ୍ରଣବ ବଳବନ୍ତରାୟଙ୍କ ହାତମୁଠାକୁ ମଜଭୁତ କରି ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ କରିବା ପାଇଁ ନିବେଦନ।
ଶ୍ରୀ ନଗେନ୍ ଦାସ
ପୂର୍ବତନ ସରପଞ୍ଚ
ପାଟପୁର ଗ୍ରାମପଞ୍ଚାୟତ ଓ ବିଜେଡି ସଂଗଠକ

ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୯/୨୦୨୩ | Bhubaneswar, Wednesday, November 29/2023 | ପୃଷ୍ଠା-୧

## ସାକ୍ଷୀଙ୍କ ଜେରା ଆରମ୍ଭ କଲା ମହାନଦୀ ଟ୍ରିବ୍ୟୁନାଲ

### ଓଡ଼ିଶାର ପ୍ରଥମ ସାକ୍ଷୀ ଦେଇପାରିଲେନି ଯଥାର୍ଥ ତଥ୍ୟ

**ନୂଆଦିଲ୍ଲୀ, ୨୮।୧୧**

ମହାନଦୀ ଜଳ ବିବାଦକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଦେଖାଦେଇଥିବା ସ୍ଥିତି ପରିପ୍ରେକ୍ଷୀରେ ଟ୍ରିବ୍ୟୁନାଲ ମଙ୍ଗଳବାର ସାକ୍ଷୀଙ୍କ ଜେରା ଆରମ୍ଭ କରିଛନ୍ତି। ଏ ସଂକ୍ରାନ୍ତରେ ବିବୃତ୍ତି ରେକର୍ଡ କରିବା ଲାଗି ଓଡ଼ିଶା ପ୍ରଥମ ସାକ୍ଷୀ ଦେଇଛି।

ନୂଆଦିଲ୍ଲୀସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇକୋନୋମିକ୍ ଗ୍ରୋଥ୍‌ର ପୂର୍ବତନ ନିର୍ଦ୍ଦେଶକ ଡ. ମନୋଜ ପଣ୍ଡାଙ୍କୁ ଟ୍ରିବ୍ୟୁନାଲ ଆଗରେ ଓଡ଼ିଶାର ମହାନଦୀ ଅବବାହିକା ଅଞ୍ଚଳର ସାମାଜିକ-ଅର୍ଥନୈତିକ ବିକାଶ ସମ୍ବନ୍ଧରେ ବିବୃତ୍ତି ରଖିବା ସକାଶେ ଓଡ଼ିଶା ତାଙ୍କୁ ପ୍ରଥମ ସାକ୍ଷୀ ଭାବେ ଉପସ୍ଥାପନ କରିଛି। ସେଠାରେ ସେ ଛତିଶଗଡ଼ ପକ୍ଷରୁ ନିଯୁକ୍ତ ସିନିୟର ଆଡ୍‌ଭୋକେଟ ଏ. କେ. ଗାଙ୍ଗୁଲିଙ୍କ ଦ୍ୱାରା ଜେରାର ସମ୍ମୁଖୀନ ହୋଇଛନ୍ତି। ଡ. ପଣ୍ଡା କେଉଁ ଅଞ୍ଚଳରୁ ଆସିଛନ୍ତି ଓ ତାହା ମହାନଦୀ ଅବବାହିକା ଅଞ୍ଚଳର କି ନୁହେଁ, ସେ ସମ୍ପର୍କରେ ଗାଙ୍ଗୁଲି ତାଙ୍କୁ ପ୍ରଶ୍ନ ପଚାରିଥିଲେ। କିନ୍ତୁ ପଣ୍ଡା କଳାହାଣ୍ଡି ଜିଲାର ହୋଇଥିବା ବେଳେ ମହାନଦୀ ଅବବାହିକାରେ ତାଙ୍କ ଅଞ୍ଚଳ ଅଂଶବିଶେଷ ନେଇ କୌଣସି ତଥ୍ୟ ଦେଇପାରି ନ ଥିଲେ। ଏହି ଅବସରରେ ମହାନଦୀ ଅବବାହିକା ଅଞ୍ଚଳରେ ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ☞ପୃଷ୍ଠା-୨

# ‘ଆମ ବ୍ୟାଙ୍କ’ ଯୋଜନା ଆରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୮।୧୧ (ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ରାଜ୍ୟର ବ୍ୟାଙ୍କ ସୁବିଧା ନ ଥିବା ଅଞ୍ଚଳ ପାଇଁ ‘ଆମ ବ୍ୟାଙ୍କ’ ଯୋଜନା ଆରମ୍ଭ କରିଛନ୍ତି। ଏହାଦ୍ୱାରା ବ୍ୟାଙ୍କ ସୁବିଧା ନ ଥିବା ୪୩୭୩ ପଞ୍ଚାୟତରେ ଲୋକମାନେ ବ୍ୟାଙ୍କିଙ୍ଗ୍ ସୁବିଧା ପାଇପାରିବେ। ପ୍ରଥମ ପର୍ଯ୍ୟାୟରେ ୭୫୪ଟି ପଞ୍ଚାୟତରେ ଆମ ବ୍ୟାଙ୍କ ସୁବିଧା ଆରମ୍ଭ କରାଯାଇଛି। ୨୦୨୪ ମାର୍ଚ୍ଚ ସୁଦ୍ଧା ଅବଶିଷ୍ଟ ସମସ୍ତ ପଞ୍ଚାୟତରେ ବ୍ୟାଙ୍କ ସୁବିଧା ପହଞ୍ଚିବ।

ନବୀନ ନିବାସରୁ ଏହି କାର୍ଯ୍ୟକ୍ରମକୁ ଅନ୍‌ଲାଇନ ଜରିଆରେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମୁଁ ଚାହେଁ ରାଜ୍ୟର ସବୁ ଲୋକ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ସୁବିଧା ପାଆନ୍ତୁ। ଜମିପଟ୍ଟା, ଆଧାର କାର୍ଡ, ଭୋଟର ଆଇଡି କାର୍ଡ ପରି ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ଖୁବ୍ ଜରୁରୀ। ଘର ପାଖରେ ବ୍ୟାଙ୍କ ସୁବିଧା ମିଳିଲେ କାଳିଆ, ମମତା, ମଧୁବାବୁ ପେନ୍‌ସନ ଭଳି ବିଭିନ୍ନ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର ତଥା ଛୋଟ ଛୋଟ ବ୍ୟବସାୟୀଙ୍କ ପାଇଁ ଋଣ ଆଦି ସୁବିଧା ଲୋକଙ୍କ ପାଖରେ ସିଧାସଳଖ ଓ ସୁବିଧାରେ ଉପଲବ୍ଧ ହୋଇପାରିବ। ଏହା ହିଁ ଆମ ୫-ଟି ନୀତିର ମୁଖ୍ୟ ଲକ୍ଷ୍ୟ। ଆମ ବ୍ୟାଙ୍କ ଲୋକଙ୍କ ଅର୍ଥନୈତିକ ସଶକ୍ତୀକରଣ ଦିଗରେ ଆଉ ଏକ ମାଇଲଷ୍ଟୋନ ହେବ। ଏହି ବ୍ୟାଙ୍କିଙ୍ଗ୍ ମଡେଲ ସାରା ଦେଶ ପାଇଁ ଏକ ରୋଲ ମଡେଲ ହେବ। ଏହାଦ୍ୱାରା ଗାଁରେ ରହୁଥିବା ଲକ୍ଷ ଲକ୍ଷ ଲୋକ ଆର୍ଥିକ ଦୃଷ୍ଟିରୁ ସଶକ୍ତ ହୋଇପାରିବେ। ରାଜ୍ୟ






- ପ୍ରଥମ ପର୍ଯ୍ୟାୟରେ ୭୫୪ ପଞ୍ଚାୟତକୁ ମିଳିଲା ବ୍ୟାଙ୍କ ସେବା
- ୨୦୨୪ ମାର୍ଚ୍ଚ ସୁଦ୍ଧା ୪୩୭୩ ପଞ୍ଚାୟତରେ ପହଞ୍ଚିବ ଆମ ବ୍ୟାଙ୍କ
- ଯୋଜନାରେ ଯୋଡ଼ିହେଲେ ୬ ରାଷ୍ଟ୍ରାୟତ୍ତ ବ୍ୟାଙ୍କ
- ‘ଆମ ବ୍ୟାଙ୍କ’ ଅନ୍ୟ ରାଜ୍ୟ ପାଇଁ ମଡେଲ ହେବ: ମୁଖ୍ୟମନ୍ତ୍ରୀ
- ରାଜ୍ୟ ସରକାର ଏଥିପାଇଁ ୫୦୦ କୋଟି ଟଙ୍କା ବିନିଯୋଗ କରିଛନ୍ତି
- ୩୦ ବର୍ଷ ଲାଗିଥାନ୍ତା, ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ଯୋଗୁ ୬ ମାସରେ ସମ୍ଭବ ହେଉଛି: ୫-ଟି ଅଧ୍ୟକ୍ଷ

ସରକାରଙ୍କ ୫-ଟି ଉପକ୍ରମରେ ଏହା ଆରମ୍ଭ କରାଯାଇଛି। ଏଭଳି ଯୋଜନା ଆରମ୍ଭ କରିବାରେ ଓଡ଼ିଶା ସାରା ଦେଶରେ ପ୍ରଥମ। ଏଥିପାଇଁ ରାଜ୍ୟ ସରକାର ୫୦୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହାସହିତ ବରିଷ୍ଠ ନାଗରିକ, ଗର୍ଭବତୀ ମହିଳା ଓ ଭିନ୍ନକ୍ଷମମାନଙ୍କୁ ବ୍ୟାଙ୍କ ସେବା ସେମାନଙ୍କ ଘରେ ହିଁ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଲୋକଙ୍କ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ବିନା କୌଣସି ଦେଶ ବା ରାଜ୍ୟ ସବୁ ବର୍ଗର ଲୋକଙ୍କ ପାଇଁ ବିକାଶ ଆଣିପାରିବ ନାହିଁ। ଆଜି ଆର୍ଥିକ କ୍ଷେତ୍ରରେ ଉନ୍ନତି, ସାମାଜିକ ବିକାଶ, ଡିଜିଟାଲ ରୂପାନ୍ତର, ଉତ୍ତମ ପ୍ରଶାସନିକ ବ୍ୟବସ୍ଥା, ସବୁ କ୍ଷେତ୍ରରେ ଓଡ଼ିଶା ଏକ ରୋଲ ମଡେଲ ହୋଇପାରିଛି। ଏଥିସହିତ ମୁଖ୍ୟମନ୍ତ୍ରୀ ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁ ଓଡ଼ିଶା ଆର୍ଥିକ କ୍ଷେତ୍ରରେ ରୂପାନ୍ତର ଆଣିପାରିଛି। ଏହି କାର୍ଯ୍ୟକ୍ରମକୁ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ପରିଚାଳନା କରିଥିଲେ। ଏହି ଅବସରରେ ସେ କହିଛନ୍ତି ଯେ ବ୍ୟାଙ୍କ ସୁବିଧା ନ ଥିବା ପଞ୍ଚାୟତଗୁଡ଼ିକୁ ବ୍ୟାଙ୍କ ସେବା ଆଣିବା ପାଇଁ ଯେଉଁ ଗତିରେ କାମ ଚାଲିଛି ସେହି ଗତିରେ କାମ ଚାଲିଲେ, ସବୁ ପଞ୍ଚାୟତରେ ପହଞ୍ଚିବା ପାଇଁ ୩୦ ବର୍ଷ ଲାଗିଥାନ୍ତା। ☞ପୃଷ୍ଠା-୨

## ରତ୍ନଭଣ୍ଡାରର ୩୭ ପଏଣ୍ଟରେ ଲେଜର ସ୍କାନିଂ

**ପୁରୀ, ୨୮।୧୧ (ଅଜିତ ମହାନ୍ତି)**



ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ଅନୁସାରେ କାର୍ତ୍ତିକ ପୂର୍ଣ୍ଣିମା ପରଦିନ ଅର୍ଥାତ ମଙ୍ଗଳବାରଠାରୁ ରତ୍ନଭଣ୍ଡାର ବାହାର କାନ୍ଥର ଲେଜର ସ୍କାନିଂ ଆରମ୍ଭ ହୋଇଛି। ପ୍ରଥମ ଦିନରେ ପ୍ରାୟ ୪ ଘଣ୍ଟା ଧରି ୩୭ଟି ପଏଣ୍ଟରେ ଲେଜର ସ୍କାନିଂ କରାଯାଇଛି। ଲେଜର ସ୍କାନିଂ ସମୟରେ ୭ଜଣିଆ ଶ୍ରୀମନ୍ଦିର ବୈଷୟିକ କୋର୍ କମିଟି ସଦସ୍ୟ, ପରିଚାଳନା କମିଟି ସଦସ୍ୟ ଏବଂ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ)ର ୧୫ଜଣିଆ ଟିମ୍ ଉପସ୍ଥିତ ଥିଲେ।

ଶ୍ରୀମନ୍ଦିର ପରିଚାଳନା କମିଟି ଏବଂ ଏଏସ୍‌ଆଇର ନିଷ୍ପତ୍ତି ଅନୁଯାୟୀ ରତ୍ନଭଣ୍ଡାର ଲେଜର ସ୍କାନିଂ କାର୍ଯ୍ୟ ବୈଷୟିକ ଟିମ୍ ଦ୍ୱାରା ଆରମ୍ଭ ହୋଇଛି। ସ୍ୱତନ୍ତ୍ର ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ସ୍କାନିଂ କରାଯିବା ସହ ଏ ସଂକ୍ରାନ୍ତ ରିପୋର୍ଟ ଭିତ୍ତିରେ ରତ୍ନଭଣ୍ଡାରର ମରାମତି ପାଇଁ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସୂଚନା ଦିଆଯାଇଛି। ମୁମ୍ବାଇସ୍ଥିତ ସେନ୍‌ଜେନ୍ କମ୍ପାନୀର ୩ଜଣ ଇଞ୍ଜିନିୟରଙ୍କ ସମେତ ଏଏସ୍‌ଆଇ ଏବଂ କୋର କମିଟି ଉପସ୍ଥିତିରେ ଏହି ସ୍କାନିଂ କାର୍ଯ୍ୟ ଜାରି ରହିଛି। ଶ୍ରୀମନ୍ଦିର ପାଟଅଗଣାରେ ଥିବା ସୂର୍ଯ୍ୟମନ୍ଦିର ସମ୍ମୁଖରେ ରତ୍ନଭଣ୍ଡାର ରହିଛି। ଏହାକୁ ଅମୁହାଁ ମନ୍ଦିର ବୋଲି କୁହାଯାଇଥାଏ। ଏଏସ୍‌ଆଇ ପକ୍ଷରୁ ପ୍ରଥମେ ନାଭିକଟା ମଣ୍ଡପ ସମ୍ମୁଖରୁ ପର୍ଯ୍ୟାୟ କ୍ରମେ ଲେଜର ସ୍କାନିଂ କରାଯାଇଥିଲା। ବାହାର ପାର୍ଶ୍ୱରୁ ଏହି ସ୍କାନିଂ କରାଯାଉଥିବାବେଳେ ସ୍କାନିଂ ରିପୋର୍ଟକୁ ସମସ୍ତଙ୍କ ଅପେକ୍ଷା ରହିଛି। ସ୍ୱତନ୍ତ୍ର ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପନ୍ନ ଥ୍ରୀଡି ରୋଟେଟିଂ ଲେଜର ସ୍କାନିଂ ଦ୍ୱାରା ଭଣ୍ଡାରଘର ବାହାର ପାର୍ଶ୍ୱରୁ ଏହି ସ୍କାନିଂ ଆରମ୍ଭ ହୋଇଛି। ଏହି ଯାଞ୍ଚ ପ୍ରକ୍ରିୟା ଦ୍ୱାରା ଭଣ୍ଡାରର ସମ୍ପୂର୍ଣ୍ଣ ଅବସ୍ଥିତିର ଏକପ୍ରକାର ଆକଳନ କରିବାରେ ସହାୟକ ହୋଇପାରିବ। ଏହି ଲେଜର ସ୍କାନର ଦ୍ୱାରା ପଥର କାନ୍ଥର ସୂକ୍ଷ୍ମ ଫାଟ ସ୍ପଷ୍ଟ ଭାବେ ଜଣାପଡ଼ିବ। ଏହା ୩୬୦ ଡିଗ୍ରୀର ଥ୍ରୀଡି ଫଟୋ ଉଠାଇବା ସହ ଡିଜିଟାଲ ପ୍ରକ୍ରିୟାରେ ଦୁର୍ବଳ ସ୍ଥିତି ଚିହ୍ନଟ ହୋଇପାରିବ। ଏହି ଲେଜର ସ୍କାନରର ଉଚ୍ଚତା ୭ଇଞ୍ଚ ଓ ଚଉଡ଼ା ୪ଇଞ୍ଚ ରହିଛି। ଏଥିରେ ପଏଣ୍ଟ କ୍ଲାଉଡ୍ ପ୍ରୋସେସିଂରେ ଫଟୋ ଉତ୍ତୋଳନ ଏବଂ ଅଟୋଡେସ୍କ ସଫ୍ଟୱେରରେ କ୍ୟାପ୍‌ଚର ପ୍ରୋସେସ ହେବ। ଏହା ୩ ମିନିଟରେ ଫୁଲ୍ ଡୋମ୍ ସ୍କାନ କରିବା ସହ ୧୫୦ ମେଗାପିକ୍ସେଲ ସ୍ପିଆରିକାଲ ଇମେଜ କରିବ। ଏଥିରେ ପୂରା ଫାଟର ସମ୍ପୂର୍ଣ୍ଣ ମାପ ଅନୁସାରେ ଫଟୋ ଆସିବ ବୋଲି ସୂଚନା ମିଳିଛି। ଥ୍ରୀଡି କ୍ୟାମେରା ବ୍ୟବହାର ☞ପୃଷ୍ଠା-୨



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥିରି ଥିରି ଚାଲୁଥିବ,**
**ଧୀର ଧୀର ବୋଲୁଥିବା**

ଜୋରରେ ଚାଲିବା ଅପେକ୍ଷା ଆସ୍ତେ ଆସ୍ତେ ବା ଅପେକ୍ଷାକୃତ ଧୀର ଭାବେ ଚାଲିବା ସ୍ୱାସ୍ଥ୍ୟପକ୍ଷେ ହିତକର ହୋଇଥାଏ। କଥା ବା ମୁହଁର ଭାଷା ମଣିଷର ପରିଚୟ ହୋଇଥାଏ। ତେଣୁ ଧୀର ବା ନମ୍ର ସହକାରେ କଥା ହେବା ଲାଗି ଏଠାରେ ଉପଦେଶ ଦିଆଯାଇଛି।

**ଥାକୁଲାଟାକୁ ଥାକୁଲିଟାଏ;**
**ବିହି ଖଞ୍ଜିଛି ଏକାଠାଏ।**

ଦାମ୍ପତ୍ୟ ଯୋଡି ହିଁ ଈଶ୍ୱରଙ୍କ ସର୍ଜନା। କୁହାଯାଏ, ବିବାହ ସ୍ୱର୍ଗରେ ହୋଇଥାଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର ଆଗରୁ। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀକୁ ଈଶ୍ୱର ସୃଷ୍ଟି କରିଥିବା ବେଳେ ସ୍ଥୂଳକାୟ ଦମ୍ପତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




**ପ୍ରଥମ ପୃଷ୍ଠାରୁ...**

## ସୁଡ଼ଙ୍ଗରୁ ମୁକ୍ତି...

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର ମଧ୍ୟ ଘଟଣାସ୍ଥଳକୁ ଯାଇ ଉଦ୍ଧାରକାରୀ ଟିମ୍ ଓ ଫସିଥିବା ଶ୍ରମିକମାନଙ୍କ ମନୋବଳ ବଢ଼ାଇଥିଲେ। ଦେଶରେ ର୍‍ୟାଟ୍ ହୋଲ୍ ମାଇନିଂ ବେଆଇନ ହୋଇଥିଲେ ମଧ୍ୟ ଉକ୍ତ କର୍ମଚାରୀମାନଙ୍କ ଦକ୍ଷତା ଏବଂ ଅଭିଜ୍ଞତା ଫସିଥିବା ୪୧ ଶ୍ରମିକଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଛି ବୋଲି ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଏନ୍‌ଡିଏମ୍ଏ) ସଦସ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ସୟେଦ ଆତା ହସନୈନ କହିଛନ୍ତି। ସେମାନେ ୨୪ ଘଣ୍ଟାରୁ କମ୍ ସମୟ ମଧ୍ୟରେ ୧୦ ମିଟର ପର୍ଯ୍ୟନ୍ତ ଖୋଳିଥିଲେ। ଏହା ପୂର୍ବରୁ ଆମେରିକାର ଅଗର ଡ୍ରିଲିଂ ମେଶିନ୍ ସମାନ୍ତରାଳ ଦିଗରେ ୪୬.୮ ମିଟର ଖୋଳିବା ସହ ୯୦୦ ମିଲିମିଟର ଓସାରର ପାଇପ୍ ଭର୍ତ୍ତି କରାଯାଇଥିଲା। ତେବେ ଖନନ ସମୟରେ ଉକ୍ତ ମେଶିନ୍‌ର ଯନ୍ତ୍ରାଂଶ ଭାଙ୍ଗିଯାଇ ଭଗ୍ନାବଶେଷ ମଧ୍ୟରେ ରହିଯିବାରୁ ଖନନ ଆଉ ସମ୍ଭବ ହୋଇ ନ ଥିଲା। ଶେଷରେ ସେନାକୁ ଡକାଯିବା ସହ ଉପରୁ ତଳକୁ (ଭୂଲମ୍ବ ଦିଗରେ) ମଧ୍ୟ ଖନନ ଆରମ୍ଭ ହୋଇଥିଲା। ଭୂଲମ୍ବ ଖନନ ସୋମବାର ସୁଦ୍ଧା ୩୧ ମିଟରରୁ ଅଧିକ ଗଭୀରକୁ ଯାଇଥିଲା। ସେପଟେ ସମାନ୍ତରାଳ ଦିଗରେ ମେଶିନ୍ ଦ୍ୱାରା ଖୋଳିବା ସମ୍ଭବ ନ ହେବାରୁ ସୋମବାର ର୍‍ୟାଟ୍ ହୋଲ୍ ମାଇନିଂ ପ୍ରକ୍ରିୟା ଆପଣାଯାଇଥିଲା। ଭାଙ୍ଗିଥିବା ଅଗର ମେଶିନ୍‌ର ଯନ୍ତ୍ରାଂଶଗୁଡ଼ିକୁ ମାଟିତଳୁ ବାହାର କରାଯାଇଥିଲା। ପରେ ର୍‍ୟାଟ୍ ହୋଲ୍ ମାଇନରମାନେ ଖନନ କରି ଶ୍ରମିକମାନଙ୍କ ଜୀବନ ବଞ୍ଚାଇବାରେ ସଫଳ ହୋଇଛନ୍ତି। ସେମାନଙ୍କ ଅକ୍ଳାନ୍ତ ଉଦ୍ୟମ ଯୋଗୁ ଉଦ୍ଧାର କାର୍ଯ୍ୟ ସଫଳ ହୋଇଥିବାରୁ ଦେଶବାସୀ ପ୍ରଶଂସା କରିଛନ୍ତି।

## ୩ ଗୋରୁ ମାରିଲା...

କହିଛନ୍ତି। ମହାରାଷ୍ଟ୍ରରୁ ଆସିଥିବା ମହାବଳଟି ରାୟଗଡ଼ା କେନ୍ଦୁଗୁଡା ଅଞ୍ଚଳକୁ ଚାଲିଯାଇଥିବା ସେ ସୂଚନା ଦେଇଛନ୍ତି। ସନ୍ଧ୍ୟା ପରେ ଘରୁ ନ ବାହରିବାକୁ ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ କୁହାଯାଇଛି।ସୂଚନାଯୋଗ୍ୟ, ମହାବଳ ବାଘଟି ଗତ ୨୦ ତାରିଖରେ ଗଜପତି ଜିଲା ଉପକଣ୍ଠରେ ଥିଲା। ୨୧ ତାରିଖରେ ଜିଲାରେ ପ୍ରବେଶ କରି ୩୦ କି.ମି ଦୂର ଅତିକ୍ରମ କରି ରାୟଗଡା ବ୍ଲକ ଅଁଳାବର ଗ୍ରାମ ନିକଟରେ ପହଞ୍ଚିଥିଲା। ସେଠାରୁ ରାତିରେ ଗୋଟିଏ ଗାଈକୁ ୨ ମିଟର ଘୋଷାରି ନେଇ ପାହାଡ ଉପରେ ଖାଇଥିଲା। ଶେଷ ଥର ପାଇଁ ୨୨ ତାରିଖରେ ବନ ବିଭାଗ ତାର ପାଦ ଚିହ୍ନଟ କରିଥିଲା। ତା'ପରଠାରୁ ବାଘର ଆଉ ପତ୍ତା ମିଳି ନ ଥିଲା।

## ବୈପାରୀଗୁଡ଼ା ଥାନାଧିକାରୀ...

ଜିଲାରେ କାମ କରିବା ଆରମ୍ଭ କରିଥିଲେ। ୨୦୦୮ରେ ସେ ଡାଇରେକ୍ଟ ରିକ୍ରୁଟମେଣ୍ଟ ଜରିଆରେ ସବ୍-ଇନ୍ସପେକ୍ଟର ଭାବେ ନିଯୁକ୍ତ ହୋଇ ୨୦୦୯ ପର୍ଯ୍ୟନ୍ତ ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ ଏକାଡେମୀ (ବିପିଏସ୍‌ପିଏ)ରେ ପ୍ରଶିକ୍ଷଣ ନେଇଥିଲେ। ପରେ ୨୦୦୯ରୁ ୨୦୨୩ ପର୍ଯ୍ୟନ୍ତ ସେ କେନ୍ଦୁଝର ଜିଲା ଓ କଟକ ଜିଲାର ବିଭିନ୍ନ ଥାନାରେ ଏସ୍ଆଇ ଭାବେ କାର୍ଯ୍ୟ କରିଥିଲେ। ଗତ ଜୁଲାଇରେ ସେ ଇନ୍ସପେକ୍ଟର ଭାବେ ପଦୋନ୍ନତି ପାଇ କୋରାପୁଟ ଜିଲାରେ ଅବସ୍ଥାପିତ ହୋଇଥିଲେ। ସେ ଜିଲାର ଡିଷ୍ଟ୍ରିକ୍ଟ କ୍ରାଇମ୍ ରେକର୍ଡ ବ୍ୟୁରୋ(ଡିସିଆର୍‌ବି) ଓ ସାଇବର ଥାନା ଦାୟିତ୍ୱରେ ଥିଲେ। ଅଗଷ୍ଟରୁ ସୁଶାନ୍ତ ବୈପାରିଗୁଡ଼ା ଥାନାକୁ ବଦଳି ହୋଇଥିଲେ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ତେବେ ସେ ଏଠାରେ ମାତ୍ର ୪ ମାସ ଭିତରେ କିପରି ଏତେସବୁ ଟଙ୍କା ବେଆଇନ ଭାବେ ଠୁଳ କଲେ, ତାହା ଭିଜିଲାନ୍ସ ଅଧିକାରୀଙ୍କୁ ଚକିତ କରିଛି। ପୂର୍ବ ଦାୟିତ୍ୱରେ ଥିବା ସମୟରେ ଏପରି କିଛି ବେଆଇନ କାମ କରିଛନ୍ତି କି ନାହିଁ ତାହାକୁ ନେଇ ମଧ୍ୟ ଖୋଳତାଡ଼ କରୁଛି ଭିଜିଲାନ୍ସ।

## 'ଥଣ୍ଡା, କାଶ ହେଲେ...

ହେବାର କୌଣସି ଆବଶ୍ୟକତା ନାହିଁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି। ତେବେ ଯେଉଁ ଲୋକମାନେ ଥଣ୍ଡା ଓ କାଶରେ ସଂକ୍ରମିତ ଅଛନ୍ତି, ସେମାନେ ଜନଗହଳି ସ୍ଥାନକୁ ଯିବାବେଳେ ମାସ୍କ ପିନ୍ଧିବାକୁ ଡା. ମିଶ୍ର ପରାମର୍ଶ ଦେଇଛନ୍ତି। ଏଥିସହ ସେ କହିଛନ୍ତି, ଏକ ଅଜଣା ଭାଇରସ ଯୋଗୁ ଏହି ନିମୋନିଆ ସଂକ୍ରମଣ ବଢିବାରେ ଲାଗିଛି। ଏହା କୌଣସି ଏକ ନୂଆ ଭାଇରସ୍ ନୁହେଁ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେଣୁ ଏହାକୁ ନେଇ କେହି ଭୟଭୀତ ହେବାର ଆବଶ୍ୟକତା ନାହିଁ। ଏହି ଭାଇରସ ଓଡିଶାରେ ଥିବା ନେଇ କୌଣସି ସୂଚନା ନାହିଁ। ଭୁବନେଶ୍ୱରସ୍ଥିତ ଆର୍‌ଏମ୍‌ଆର୍‌ସି ମଧ୍ୟ ଓଡ଼ିଶାରେ ଏଭଳି ଭାଇରସ୍ ଆସିଥିବାର ପ୍ରମାଣ ନ ଥିବା କହିଛି। ତେବେ ଏଥିଜନିତ ଯେ କୌଣସି ପରିସ୍ଥିତିର ସମ୍ମୁଖୀନ ଓ ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ଜିଲାରେ ଏଥିପାଇଁ ଅଧିକ ସଂଖ୍ୟକ ବେଡ୍ ପ୍ରସ୍ତୁତ ରଖିବା ସହ ଟେଷ୍ଟିଂ, ପର୍ଯ୍ୟାପ୍ତ ପରିମାଣର ଔଷଧ, ଅକ୍ସିଜେନ ଓ ମାନବସମ୍ବଳ ଆଦି ପ୍ରସ୍ତୁତ ରଖାଯାଇଛି ବୋଲି ଡା. ମିଶ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏଚ୍୯ଏନ୨ ଭାଇରସ୍‌ରେ ଚାଇନାର ପିଲାମାନେ ବହୁଳ ଭାବେ ସଂକ୍ରମିତ ହେଉଥିବାବେଳେ ନିଃଶ୍ୱାସପ୍ରଶ୍ୱାସରେ ସମସ୍ୟା ଦେଖାଦେଉଛି।

## 'ଆମ ବ୍ୟାଙ୍କ' ଯୋଜନା...

କିନ୍ତୁ ଲୋକଙ୍କ ଆର୍ଥିକ ସଶକ୍ତୀକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁ ଏହା ମାତ୍ର ୬ ମାସ ମଧ୍ୟରେ ସମ୍ଭବ ହୋଇପାରିଛି। ଏହା ହେଉଛି ରୂପାନ୍ତର ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ୬ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଯୋଡ଼ି ହୋଇଛନ୍ତି। ଏଗୁଡ଼ିକ ହେଲା ଷ୍ଟେଟ ବ୍ୟାଙ୍କ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ୟୁକୋ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ବ୍ୟାଙ୍କ ଅଫ୍ ବରୋଦା। ଆମ ବ୍ୟାଙ୍କ ଯୋଜନା ଲୋକଙ୍କୁ ୧୫ ପ୍ରକାର ବ୍ୟାଙ୍କ ସେବା ଯୋଗାଇ ଦେବ। ରାଜ୍ୟର ସମୁଦାୟ ୬୭୯୮ ଗ୍ରାମପଞ୍ଚାୟତ ମଧ୍ୟରୁ ପ୍ରାୟ ୬୫ ପ୍ରତିଶତ ବା ୪୩୭୩ ପଞ୍ଚାୟତରେ ବ୍ୟାଙ୍କ ସୁବିଧା ନାହିଁ। ଲୋକଙ୍କ ଆର୍ଥିକ ସଶକ୍ତୀକରଣ ପାଇଁ ବ୍ୟାଙ୍କ ସୁବିଧା ଏକ ଜରୁରୀ ଆବଶ୍ୟକତା ହୋଇଥିବାରୁ ମୁଖ୍ୟମନ୍ତ୍ରୀ ବ୍ୟାଙ୍କଗୁଡ଼ିକୁ ସମସ୍ତ ସୁବିଧା ପ୍ରଦାନ କରି ୬ ମାସ ମଧ୍ୟରେ ବ୍ୟାଙ୍କ ନ ଥିବା ପଞ୍ଚାୟତରେ କଷ୍ଟମର ସର୍ଭିସ ପଏଣ୍ଟ ପ୍ଲସ୍ ଯୋଜନା ଆରମ୍ଭ କରିଛନ୍ତି। ଏହା 'ଆମ ବ୍ୟାଙ୍କ' ଭାବରେ ଲୋକଙ୍କୁ ସେବା ଯୋଗାଇ ଦେବ। ଏଥିପାଇଁ ରାଜ୍ୟ ସରକାର ଏହିସବୁ ପଞ୍ଚାୟତରେ ବ୍ୟାଙ୍କମାନଙ୍କୁ ଆସନ୍ତା ୫ ବର୍ଷ ପାଇଁ ଘର, ବିଦ୍ୟୁତ୍ ବ୍ୟବସ୍ଥା, ଇଣ୍ଟରନେଟ୍ ଯୋଗାଯୋଗ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଯୋଗାଇ ଦେବେ। ଷ୍ଟେଟ ବ୍ୟାଙ୍କ ଅଧ୍ୟକ୍ଷ ଦିନେଶ ଖାରା ଅନ୍‌ଲାଇନ ଜରିଆରେ ଯୋଗଦେଇ କହିଛନ୍ତି ଯେ ଓଡ଼ିଶା ସରକାରଙ୍କ ଏହା ଏକ ଆକାଂକ୍ଷୀ କାର୍ଯ୍ୟକ୍ରମ। ଏହାଦ୍ୱାରା ରାଜ୍ୟର ଲୋକମାନଙ୍କ ପାଇଁ ଆର୍ଥିକ କ୍ଷେତ୍ରରେ ବିପୁଳ ସୁଯୋଗ ସୃଷ୍ଟି ହେବ। ୟୁକୋ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ଅଶ୍ୱିନୀ କୁମାର କହିଛନ୍ତି ଯେ ଲୋକଙ୍କ ଆର୍ଥିକ ସଶକ୍ତୀକରଣ ଦିଗରେ ଏହି ଛୋଟ ପଦକ୍ଷେପଟି ଏକ ବିରାଟ ପରିବର୍ତ୍ତନ ଆଣିବ। ସାଂସ୍କୃତିକ ଐତିହ୍ୟ ପାଇଁ ପରିଚିତ ଓଡ଼ିଶା ଆଜି ଆର୍ଥିକ କ୍ଷେତ୍ରରେ ଏକ ବଳିଷ୍ଠ ରାଜ୍ୟ ହୋଇପାରିବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଳ ଦେବ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡାଇରେକ୍ଟର ଇନ୍‌ଷ୍ଟିଚ୍ୟୁଶନାଲ ଫାଇନାନ୍ସ ଧନ୍ୟବାଦ ଦେଇଥିଲେ।

# ଖୋର୍ଦ୍ଧାରେ ହେବ ଏନ୍‌ଏମ୍‌ଆଇଏମ୍‌ଏସ୍ ବିଶ୍ୱବିଦ୍ୟାଳୟ

- ଏସ୍‌ଭିକେଏମ୍-ଉଚ୍ଚଶିକ୍ଷା ବିଭାଗ ଏମ୍‌ଓୟୁ ସ୍ୱାକ୍ଷରିତ
- ବିଶ୍ୱବିଦ୍ୟାଳୟ ପାଇଁ ୪୦ ଏକର ମାଗଣା ଜମି
- ଓଡ଼ିଶା ପିଲାଙ୍କ ପାଇଁ ୩୦% ସ୍ଥାନ ସଂରକ୍ଷଣ ରହିବ

**ଭୁବନେଶ୍ୱର,୨୮।୧୧(ଅନିଲ ଦାସ)**

ଗୁଣାତ୍ମକ ଉଚ୍ଚଶିକ୍ଷା ଓ ଗବେଷଣାକୁ ପ୍ରୋତ୍ସାହନ ପ୍ରଦାନକୁ ଦୃଷ୍ଟିରେ ରଖି ରାଜ୍ୟରେ ଏକ ଆନ୍ତର୍ଜାତିକ ମାନର ଘରୋଇ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏବଂ ଶ୍ରୀ ଭିଲେ ପାର୍ଲେ କେଲାଭଣୀ ମଣ୍ଡଳ ଟ୍ରଷ୍ଟ(ଏସ୍‌ଭିକେଏମ୍) ସହିତ ଏକ ଐତିହାସିକ ସହଭାଗିତା ଆଧାରରେ ଏନ୍‌ଏମ୍‌ଆଇଏମ୍‌ଏସ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ଏକ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ମଙ୍ଗଳବାର ଲୋକସେବା ଭବନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ,ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ଅନ୍ୟ ବରିଷ୍ଠ ପଦାଧିକାରୀ ଓ ଟ୍ରଷ୍ଟର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ବିଭାଗୀୟ ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ ଟ୍ରଷ୍ଟର ଅବୈତନିକ ସମ୍ପାଦକ ଜୟନ୍ତ ଗାନ୍ଧୀ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଖୋର୍ଦ୍ଧାସ୍ଥିତ ଇନ୍‌ଫୋ ଭ୍ୟାଲିଠାରେ ଭୁବନେଶ୍ୱରରେ ଏନ୍‌ଏମ୍‌ଆଇଏମ୍‌ଏସ୍ ବିଶ୍ୱବିଦ୍ୟାଳୟ ନାମରେ ଏକ ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହେବ।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ଦ୍ୱାରା ଉଚ୍ଚଶିକ୍ଷା ବିଭାଗ ତଥା ରାଜ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ ହୋଇଛି। ଶିକ୍ଷାରେ ସହଭାଗିତା, ଅଭିବୃଦ୍ଧି ଏବଂ ସମସ୍ତଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ପ୍ରତିପୋଷଣ ଲାଗି ଏହି ଏମ୍‌ଓୟୁ ସ୍ୱାକ୍ଷର ଉତ୍ସର୍ଗୀକୃତ। ଏହି ସହଯୋଗ ବିଭିନ୍ନ ଶିକ୍ଷାଗତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମନ୍ଦିରମାଳିନୀ ସହର ଭୁବନେଶ୍ୱର ନିକଟରେ ଏନ୍‌ଏମ୍‌ଆଇଏମ୍‌ଏସ୍ ବିଶ୍ୱବିଦ୍ୟାଳୟ ନାମକ ଏକ ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରି ରାଜ୍ୟ ମଧ୍ୟରେ ଶିକ୍ଷାର ମାନ ବିସ୍ତାର କରିବାରେ ଏକ ରୂପାନ୍ତରଣ ପଦକ୍ଷେପକୁ ପ୍ରତିପାଦିତ କରୁଛି। ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସୁଯୋଗ ଦେଇଥିବାରୁ ଓଡ଼ିଶା ସରକାରଙ୍କୁ ଅନୁଷ୍ଠାନର ସମ୍ପାଦକ ଗାନ୍ଧୀ ପ୍ରଶଂସା କରିବା ସହିତ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ଉପାଧ୍ୟକ୍ଷ ଅଶୋକ ଦାସ, ଅରୂପ ପଟ୍ଟନାୟକ, ଏସ୍‌ଭିକେଏମ୍ ଟ୍ରଷ୍ଟର ଯୁଗ୍ମ ସମ୍ପାଦକ ଜଗଦୀଶ ବିପାରିଖ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ରାଜ୍ୟରେ ବେସରକାରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ଓଡ଼ିଶା ସରକାର ଭୁବନେଶ୍ୱର ନିକଟସ୍ଥ ଜଟଣୀର ଗୌଡ଼କାଶୀପୁରଠାରେ ୪୦ ଏକର ଜମି ଲିଜ୍‌ସୂତ୍ରରେ ୩୦ ବର୍ଷ ପାଇଁ ବିନା ଦେୟରେ ପ୍ରଦାନ କରିଛନ୍ତି। ପୁନଃ ୩୦ ବର୍ଷ ପାଇଁ ଏହି ଅବଧି ବଢ଼ାଯିବା ନେଇ ଅନୁମୋଦନ କରାଯାଇପାରିବ। ଓଡ଼ିଶାର ମୂଳବାସିନ୍ଦା ହୋଇଥିବା ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଏହି ବିଶ୍ୱବିଦ୍ୟାଳୟରେ ୩୦% ସିଟ୍ ସଂରକ୍ଷଣ ଦିଆଯିବ।

କ୍ୟାମ୍ପସରେ କେଜିଠାରୁ ସ୍ନାତକୋତ୍ତର(ପିଜି) ସ୍ତର ପର୍ଯ୍ୟନ୍ତ ଶିକ୍ଷାଦାନ ଅନ୍ତର୍ଭୁକ୍ତ ହେବ। ଓଡ଼ିଶା ସରକାରଙ୍କ ସହାୟତାରେ କ୍ୟାମ୍ପସର ଭିତ୍ତିଭୂମି ବିକାଶ ଓ ଅନ୍ୟାନ୍ୟ ସୁବିଧା ପର୍ଯ୍ୟାୟକ୍ରମେ କରାଯିବ। ପ୍ରାରମ୍ଭିକ ଭାବେ ୩୦୦ କୋଟି ଟଙ୍କା ପ୍ରଥମ ୫ ବର୍ଷ ପାଇଁ ୪୦ ଏକର ଜମିର ଦେୟ ବାବଦରେ ବିନିଯୋଗ କରାଯିବ। ଏହି ରାଶି ଉଚ୍ଚ ଶିକ୍ଷା ବିଭାଗ ଇଡ୍‌କୋକୁ ପ୍ରଦାନ କରିବ। ଭିତ୍ତିଭୂମି ବିକାଶ, ମରାମତି, ନବୀକରଣ, ଲ୍ୟାଣ୍ଡସ୍କେପ୍, ଯନ୍ତ୍ରପାତି ଏବଂ ମାନବ ସମ୍ବଳ ଖର୍ଚ୍ଚ ଏସ୍‌ଭିକେଏମ୍ ବହନ କରିବ।




# ଛାତ୍ରୀଛାତ୍ରଙ୍କ ସାଇକେଲରେ ଲାଗିବ ଷ୍ଟିକର୍

**ଭୁବନେଶ୍ୱର,୨୮।୧୧ (ଅନୁରାଧା ମହାରଣା)**

ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିଥିବା ସାଇକେଲରେ ଷ୍ଟିକରିଂ କରାଯିବ। ଆସନ୍ତା ୩୦ତାରିଖରେ ଏହି ଷ୍ଟିକର ଲଗାଯିବ। 'ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନା'ରେ ସାଇକେଲ ପାଇଁ ଛାତ୍ରୀଛାତ୍ରଙ୍କୁ ପୂର୍ବରୁ ୩୫୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ନୂଆ ସାଇକେଲ ନେଇ ଗୁରୁବାର ସେମାନେ ସ୍କୁଲକୁ ଆସିବେ। ସେଠାରେ ସାଇକେଲଗୁଡିକର ଭେରିଫିକେଶନ୍ କରାଯିବା ସହ 'ଆମେ ଗଢ଼ିବୁ ନୂଆ ଓଡ଼ିଶା' ଷ୍ଟିକର ଲଗାଯିବ। ଏହି କାର୍ଯ୍ୟ ପାଇଁ ବିଦ୍ୟାଳୟରେ କୌଣସି ଉତ୍ସବ ଆୟୋଜନ କରାଯିବ ନାହିଁ। ପିଲାଙ୍କ ପାଠପଢ଼ା ଯେମିତି ବ୍ୟାଘାତ ନ ହେବ ସେଥିପାଇଁ ରିସେସ୍ ସମୟରେ ଏହି ଷ୍ଟିକରିଂ କରିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମୋ ସ୍କୁଲ୍ ପକ୍ଷରୁ ଆବଶ୍ୟକ ଷ୍ଟିକର ମଧ୍ୟ ଯୋଗାଇ ଦିଆଯାଇଛି। ଏ ସଂକ୍ରାନ୍ତ ବିନିଯୋଗ ପ୍ରମାଣପତ୍ର ଡିସେମ୍ବର ୧୫ ମଧ୍ୟରେ ଦାଖଲ କରିବାକୁ ସମସ୍ତ ବ୍ଲକ୍ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ରତ୍ନଭଣ୍ଡାରର ୩୭ ପଏଣ୍ଟରେ...



ରତ୍ନଭଣ୍ଡାର ଲେଜର ସ୍କାନିଂ ପାଇଁ ଏଏସ୍ଆଇ ଟିମ୍ ଶ୍ରୀମନ୍ଦିରକୁ ପ୍ରବେଶ କରୁଛନ୍ତି।

କରି ଉନ୍ନତ ବୈଷୟିକ ଜ୍ଞାନକୌଶଳରେ ଯାଞ୍ଚ କରାଯାଉଥିବାବେଳେ ଯାଞ୍ଚ ପରେ ଏଏସ୍ଆଇ ସବିଶେଷ ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିବ ବୋଲି ଜଣାପଡ଼ିଛି। ସ୍କାନିଂ ରିପୋର୍ଟ ଆଧାରରେ ପରବର୍ତ୍ତୀ ସମୟରେ ପରିଚାଳନା କମିଟି ସହିତ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ।

ସ୍କାନିଂ ସମ୍ପର୍କରେ ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକ ସୂଚନା ଦେଇ କହିଛନ୍ତି, ପ୍ରଥମ ଦିନରେ ରତ୍ନଭଣ୍ଡାର ବାହାର କାନ୍ଥର ଲେଜର ସ୍କାନିଂ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନରେ ପ୍ରାୟ ୪ଘଣ୍ଟା ଧରି ୩୭ଟି ପଏଣ୍ଟରେ ଲେଜର ସ୍କାନିଂ କରାଯାଇଛି। ଆଲୋକ କମ୍ ରହିବାରୁ ଭଲ ସ୍କାନିଂ କରାଯାଇପାରିନାହିଁ। ବୁଧବାର ପୁଣି ଥରେ ସ୍କାନିଂ କରାଯିବ। ଅମୁହାଁ ଦେଉଳର ଉତ୍ତର-ପଶ୍ଚିମ ଓ ଉତ୍ତର-ପୂର୍ବ ପଟେ ଲେଜର ସ୍କାନିଂ ଡକ୍ୟୁମେଣ୍ଟେଶନ୍ ଶେଷ ହୋଇଛି। ତେବେ ଉତ୍ତର ପଟ ପାର୍ଶ୍ୱ ହୋଇପାରିନାହିଁ। ବୁଧବାର ସକାଳ ୮ଟାରେ ରତ୍ନଭଣ୍ଡାର ବାହାରପାର୍ଶ୍ୱ କାନ୍ଥର ଉତ୍ତର ଭାଗରେ ଲେଜର୍ ସ୍କାନିଂ କରାଯିବ। ବିଭିନ୍ନ ପର୍ଯ୍ୟାୟରେ କାର୍ଯ୍ୟ ହେବ। ବୁଧବାର ଲେଜର ସ୍କାନିଂ ପ୍ରକ୍ରିୟା ଶେଷ ହେବ। ସମସ୍ତଙ୍କ ସହଯୋଗରେ କାର୍ଯ୍ୟ ଚାଲିଛି ବୋଲି ଗଡ଼ନାୟକ କହିଛନ୍ତି।

## ସାକ୍ଷୀଙ୍କ ଜେରା ଆରମ୍ଭ...

ଏବଂ ବିଭିନ୍ନ ବର୍ଗଙ୍କଠାରୁ ସଂଗୃହୀତ ତଥ୍ୟ ସହିତ ରାଜ୍ୟ ସରକାରଙ୍କ ସହ ସେ କରିଥିବା ଆଲୋଚନା ସଂକ୍ରାନ୍ତ ସମସ୍ତ ଦସ୍ତାବିଜ ଦାଖଲ କରିବା ଲାଗି ଟ୍ରିବ୍ୟୁନାଲ ତାଙ୍କୁ କହିଛନ୍ତି। ତେବେ ଆସନ୍ତା ୧୨-୧୩ରେ ହେବାକୁ ଥିବା ଶୁଣାଣି ବେଳେ ଜେରା ଜାରି ରହିବ ବୋଲି ଜଣାପଡ଼ିଛି।

ଟ୍ରିବ୍ୟୁନାଲ ଆଗରେ ମତ ରଖିବା ଲାଗି ଓଡ଼ିଶା ସରକାର ଏକ ୯ ଜଣିଆ ତାଲିକା ପ୍ରଦାନ କରିଛନ୍ତି। ମନୋଜ ପଣ୍ଡାଙ୍କ ପରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ପୂର୍ବତନ ଡିନ୍ ଡ. ଦିବାକର ନାୟକ ଟ୍ରିବ୍ୟୁନାଲ ନିକଟରେ ଉପସ୍ଥିତ ରହିବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ତାଙ୍କୁ ମହାନଦୀ ଅବବାହିକାରେ କୃଷିର ବିକାଶ ସମ୍ବନ୍ଧୀୟ ପ୍ରଶ୍ନ ପଚରାଯିବ।

ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଏ.ଏମ୍. ଖାନ୍‌ୱିଲକରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଟ୍ରିବ୍ୟୁନାଲ ମହାନଦୀ ଜଳ ବିବାଦ ସହ ଜଡ଼ିତ ରାଜ୍ୟଗୁଡ଼ିକର ସମସ୍ତ ସାକ୍ଷୀଙ୍କ ସତ୍ୟପାଠ ଆସନ୍ତାବର୍ଷ ଜାନୁୟାରୀ ଶେଷ ସୁଦ୍ଧା ଟ୍ରିବ୍ୟୁନାଲ ରେଜିଷ୍ଟ୍ରୀ ନିକଟରେ ଦାଖଲ କରିବା ଲାଗି କହିଥିଲେ। ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଝାଡ଼ଖଣ୍ଡ ଓ ମଧ୍ୟପ୍ରଦେଶ ସାକ୍ଷୀମାନଙ୍କ ତାଲିକା ପ୍ରଦାନ କରି ନ ଥିବାରୁ ସଦସ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ତୃତୀୟଚନ୍ଦ୍ରଙ୍କ ସୁପ୍ରଭାବରୁ ଅର୍ଥ ଓ ଭୋଗ ବିଳାସ ସମ୍ପର୍କିତ ଦ୍ରବ୍ୟ ପ୍ରତି ଆଗ୍ରହୀ ହେବେ। ଏହା ସଙ୍ଗକୁ ଗୃହ, ଭୂମି, ଗାଡ଼ିମୋଟର, ଧାର କରଜକୁ କେନ୍ଦ୍ରକରି କଳହ ହୋଇପାରେ। ସ୍ୱାସ୍ଥ୍ୟ ଓ ପିଲାଙ୍କ ବିବାହ ସମ୍ପର୍କିତ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିବେ। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟା ସମାଧାନ ହେବ।

**ବୃଷ**
ସପ୍ତମସ୍ଥ ରବି ହେତୁ ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ କଥା ମନରେ ଆଲୋଡ଼ନ ସୃଷ୍ଟି କରିବ। ଘରେ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ହଠାତ୍ କର୍ମକ୍ଷେତ୍ରକୁ ଯିବା ସମୟରେ କୌଣସି ଦରକାରୀ କାଗଜ ପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି। ପରୋକ୍ଷ ଶତ୍ରୁତା କାରଣରୁ କାର୍ଯ୍ୟହାନି ଯୋଗୁ ମନ ଉଦାସ ରହିବ।

**ମିଥୁନ**
ଆଜି କେତୁ ଯୁକ୍ତ ଶୁକ୍ରଙ୍କ ଯୋଗୁ ପାରିବାରିକ ଅସ୍ଥିରତା ଓ ଅଶାନ୍ତି ହେତୁ ମନ ଭଲ ରହିବ ନାହିଁ। ବୈବାହିକ ପ୍ରସ୍ତାବ ଉଦ୍ଦେଶ୍ୟରେ ବନ୍ଧୁ ସମ୍ପର୍କ ଯୋଡ଼ିବାକୁ ଚେଷ୍ଟା କଲେ ଉପକୃତ ହେବେ। ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ବ୍ୟବସାୟ କ୍ଷେତ୍ରରେ କୌଣସି ଅସୁବିଧା ନ ହେଲେ ମଧ୍ୟ ସନ୍ତୋଷଜନକ ନ ହୋଇପାରେ।

**କର୍କଟ**
ଆଜି ଯେଉଁ ଆଶା ନେଇ କିଛି କରିବେ ପ୍ରତିବଦଳରେ କିଛି ପାଇବେ ନାହିଁ। ଚେଷ୍ଟାସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ କିଛି ଖବର ଆପଣଙ୍କୁ ସାହାଯ୍ୟ କରିବ। ବାଣିଜ୍ୟ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ**
ରବିଙ୍କ ଦୁର୍ବଳତା ହେତୁ ଗତକାଲିର ଘଟଣା ବିଷୟରେ ଚିନ୍ତା କରି ମନରେ ସରସତା ରହିବନାହିଁ। ସକାଳୁ କିଛି ଶୁଭ ଖବର ସଙ୍ଗକୁ ଅର୍ଥଲାଭରୁ ମନ ଖୁସୀ ହୋଇଯିବ। ଭଲ ସମ୍ପର୍କ ନ ଥିବା ନିକଟସ୍ଥ ବ୍ୟକ୍ତିମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ତରବରିଆ ଯାତ୍ରାରୁ ବିରତ ରହିଲେ ଭଲ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ।

**କନ୍ୟା**
ଗୁରୁଦୃଷ୍ଟ ବୁଧ ହେତୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରି ଉପକୃତ ହେବେ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରିବେ। ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ସାମୟିକ ଶାରୀରିକ ଦୁର୍ବଳତା ଦେଖାଦେଇପାରେ।

**ତୁଳା**
ଭାଗ୍ୟସ୍ଥାନରେ କର୍ମାଧିପତି ଥିବାରୁ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ବ୍ୟବସାୟରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିପାରନ୍ତି। କର୍ମକ୍ଷେତ୍ର ଓ ଆନୁଷ୍ଠାନିକ କାମରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି କାରଣରୁ ବିଚଳିତ ହେବେ।

**ବିଛା**
ଚତୁର୍ଥକେନ୍ଦ୍ରସ୍ଥ ଶନିଙ୍କ ଯୋଗୁ ବନ୍ଧୁଙ୍କ ଅନୁରୋଧରେ ସକାଳୁ ସକାଳୁ ଯାତ୍ରା କରିବାକୁ ପଡ଼ିବ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପଡ଼ିବ।

**ଧନୁ**
ରାହୁଙ୍କ ସ୍ଥିତି କାରଣରୁ ଆପଣଙ୍କ ଘରର ପରିସ୍ଥିତି ଆପଣଙ୍କ ସକାଶେ ଚିନ୍ତାର କାରଣ ହୋଇପାରେ। ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ସକାଳୁ ଶୁଭସମ୍ବାଦ ପାଇ ଉଲ୍ଲସିତ ହେବେ। ଆଲୋଚନା ପରିସରରେ ବନ୍ଧୁଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି।

**ମକର**
ମଧୁର ବ୍ୟବହାର ଦ୍ୱାରା ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବେ। ଚତୁର୍ଥକେନ୍ଦ୍ରସ୍ଥ ଗୁରୁଙ୍କ ଯୋଗୁ ପରିବହନ, ବାଣିଜ୍ୟରେ ଉନ୍ନତି ଘଟିବ। ଆକସ୍ମିକ ସମସ୍ୟା ହେତୁ ନିର୍ମାଣାଧୀନ କାମଟି ଆଜି କରିପାରିବେ ନାହିଁ। ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାରର ଭାବାନ୍ତର ସୃଷ୍ଟି ହୋଇପାରେ।

**କୁମ୍ଭ**
ମାନସିକ ଅସ୍ଥିରତା ଲାଗି ରହିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଶୁକ୍ର ପାପପ୍ରଭାବଗ୍ରସ୍ତ ଯୋଗୁଁ ସକାଳୁ ସକାଳୁ ବନ୍ଧୁଙ୍କୁ ଆପଣେଇ ବିଫଳ ହୋଇପାରନ୍ତି। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ ରହିବ।

**ମୀନ**
ଶନି ଦୃଷ୍ଟିରେ ଗୁରୁଙ୍କ ଯୋଗୁ ଆପଣ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିପାରନ୍ତି। କାର୍ଯ୍ୟହାସଲ ସକାଶେ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତି, କଳା, ବନ୍ଧୁ ସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟି ହୋଇପାରେ।

ଆଜି ମାର୍ଗଶିର କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା ବୁଧବାର, ନଭେମ୍ବର ୨୯ ତାରିଖ, ରାଶି ନକ୍ଷତ୍ର-ମୃଗଶିରା/ମିଥୁନ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୬.୦୭ମି. ଗତେ ଘ.୦୮.୧୮ମି. ମଧ୍ୟେ, ଘ.୧୦.୨୯ମି. ଗତେ ଘ.୧୧.୩୪ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୪ମି. ଗତେ ଘ.୧୨.୫୬ମି. ମଧ୍ୟେ ରାହୁ କାଳ।

# ନୂଆ ଫିଲ୍ମ ପଲିସି ଆଣିବେ ରାଜ୍ୟ ସରକାର

## ସରକାରଙ୍କ ସହ ଆଲୋଚନା ପରେ ଧାରଣାରୁ ଉଠିଲେ ପ୍ରଯୋଜିକା ସନ୍‌ଲିସା

ଭୁବନେଶ୍ୱର,୨୮।୧୧
(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଫିଲ୍ମ ପ୍ରଯୋଜିକା ସନ୍‌ଲିସା ପଟେଲ ଷଷ୍ଠ ଦିନରେ ଅର୍ଥାତ୍ ମଙ୍ଗଳବାର ଧାରଣା ପ୍ରତ୍ୟାହାର କରିଛନ୍ତି। ଓଡ଼ିଆ ସିନେମା ବଞ୍ଚାଅ ଅଭିଯାନ ନେଇ ସେ ଗତ ଗୁରୁବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣାରେ ବସିଥିଲେ। ମଙ୍ଗଳବାର ଚଳଚ୍ଚିତ୍ର ପ୍ରସଙ୍ଗରେ ସରକାରଙ୍କ ସହିତ ଆଲୋଚନା ସଫଳ ହେବା ପରେ ସେ ଧାରଣାରୁ ଉଠିଛନ୍ତି। ଆଲୋଚନା ସମୟରେ ହୋଇଥିବା ନିଷ୍ପତ୍ତି ଅନୁସାରେ, ଓଡ଼ିଆ ଭାଷାରେ ପ୍ରସ୍ତୁତ ଚଳଚ୍ଚିତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବେ ରାଜ୍ୟ ସରକାର। ଚଳିତ ଆର୍ଥିକ ବର୍ଷରେ ନୂଆ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ନୀତି ଆସିବ। ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଆ ଚଳଚ୍ଚିତ୍ରର ପ୍ରଦର୍ଶନ ଓ ବିତରଣରେ କିପରି ସୁଧାର ଆସିପାରିବ ଏବଂ ଓଡ଼ିଶାରେ ସିନେମା ହଲ୍ ସଂଖ୍ୟା କିଭଳି ବଢ଼ିବ, ବିଶେଷ କରି ସିନେମା ଶିଳ୍ପର ବିକାଶ କିଭଳି ହେବ ସେ ନେଇ ନୂଆ ନିୟମ କରାଯିବ। ଏଥିପାଇଁ ଓଡିଶା ଫିଲ୍ମ ପଲିସି ୨୦୧୯ରେ କେତେକ ପରିବର୍ତ୍ତନ କରାଯାଇ ନୂଆ ପଲିସି ଅଣାଯିବ, ଯେଉଁଥିରେ ବିତରଣ ଓ ପ୍ରଦର୍ଶନ କ୍ଷେତ୍ରରେ ଦେଖାଯାଉଥିବା ସମସ୍ୟା ଦୂର ହେବ। ନୂଆ ନିୟମକୁ ସରଳୀକରଣ କରାଯିବା ସହ ଅନ୍‌ଲାଇନ୍‌ରେ କିଭଳି ସୁବିଧା ମିଳିପାରିବ ସେଥିପାଇଁ ଚଳଚ୍ଚିତ୍ର ଆପ୍ଲିକେଶନ ପ୍ରସ୍ତୁତ କରାଯିବ। ବିତରଣ ଓ ପ୍ରଦର୍ଶନରେ ସୁଧାର ଆଣିବା ପାଇଁ ନୂଆ ହଲ୍ ହେବ।



ଆଲୋଚନା ସମୟରେ ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସହ ଓଏଫ୍‌ଡିସି ଅଧ୍ୟକ୍ଷ କୁନା ତ୍ରିପାଠୀ, ଧାରଣା ଦେଇଥିବା ପ୍ରଯୋଜିକା ସନ୍‌ଲିସା ପଟେଲ ଓ ଅନ୍ୟ ବରିଷ୍ଠ ପ୍ରଯୋଜକ, ଅଭିନେତ୍ରୀ, ଅଭିନେତା, ସଙ୍ଗୀତ ନିର୍ଦ୍ଦେଶକ ପ୍ରମୁଖ।

- ଓଡିଶା ଫିଲ୍ମ ପଲିସି ୨୦୧୯ରେ ପରିବର୍ତ୍ତନ ହେବ
- ହଲ୍ ସଂଖ୍ୟା ବୃଦ୍ଧି ସହ ବିତରଣ, ପ୍ରଦର୍ଶନକୁ ଗୁରୁତ୍ୱ

### କ'ଣ ଥିଲା ସନ୍‌ଲିସାଙ୍କ ଦାବି

ପ୍ରତ୍ୟେକ ବ୍ଲକ୍‌ରେ ଗୋଟିଏ ଲେଖା ସିନେମା ହଲ୍ ନିର୍ମାଣ ହେବ। ପ୍ରତ୍ୟେକ ସିନେମା ଉପରେ ଲୋନ୍ ଓ ସବ୍‌ସିଡି ପ୍ରଦାନ କରାଯାଉ। ଗୋ ସ୍ୱିଫ୍ଟ ଯୋଜନାରେ ସିନେମା ଶିଳ୍ପରେ ପୁଞ୍ଜି ନିବେଶ କରାଯାଉ ଓ ବିତରଣ ପ୍ରଦର୍ଶନରେ ସୁଧାର ଆଣିବା ପାଇଁ ହଲ୍ ସଂଖ୍ୟା ବୃଦ୍ଧି ପାଇଁ ଉଦ୍ୟମ ହେବ। ଓଡ଼ିଆ ଚଳଚ୍ଚିତ୍ର ବିତରଣ କ୍ଷେତ୍ରରେ ସୁଧାର ଆଣିବା ପାଇଁ ଓଏଫ୍‌ଡିସିକୁ କ୍ଷମତା ପ୍ରଦାନ କରିବା ଓ ଏଥିପାଇଁ ମନିଟରିଙ୍ଗ ଏଜେନ୍ସି ସହ ରେଗୁଲେଟରି ବୋର୍ଡ ଗଠନ। ବନ୍ଦ ପଡ଼ିଥିବା ସିଙ୍ଗଲ ସ୍କ୍ରିନ ପ୍ରେକ୍ଷାଳୟର ପୁନରୁଦ୍ଧାର ପାଇଁ ଲୋନ୍ ଓ ସବ୍‌ସିଡି ପ୍ରଦାନ କରାଯାଉ ବୋଲି ସନ୍‌ଲିସା ଦାବି କରି ଆନ୍ଦୋଳନକୁ ଓହ୍ଲାଇଥିଲେ। ସୂଚନାଯୋଗ୍ୟ, ଝାରସୁଗୁଡ଼ାର ଝିଅ ସନ୍‌ଲିସାଙ୍କ ପ୍ରଯୋଜିତ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ପ୍ରଥା'କୁ ବଲାଙ୍ଗୀରରେ ବିରୋଧ କରାଯାଇଥିଲା। ଏପରିକି ସେ ବାଧହୋଇ ତାଙ୍କ ସିନେମାକୁ ହଲ୍‌ରୁ ଉଠାଇ ନେଇଥିଲେ।

ଗ୍ରାମାଞ୍ଚଳ, ସହରର ଉପକୂଳ ଅଞ୍ଚଳରେ ସିଙ୍ଗିଲ ସ୍କ୍ରିନ୍ ଥିଏଟର ହଲଗୁଡ଼ିକ ପ୍ରସ୍ତୁତ ହେବ। ବନ୍ଦ ପଡ଼ିଥିବା ହଲ୍‌ର ପୁନରୁଦ୍ଧାର କରାଯିବ। ଏଥିପାଇଁ ନୂଆ ପଲିସିରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ ବୋଲି ଶର୍ମା କହିଛନ୍ତି।

ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ଚାମ୍ବରରେ ଏହି ଆଲୋଚନା ହୋଇଥିଲା। ଓଡ଼ିଆ ଚଳଚ୍ଚିତ୍ର ଉନ୍ନୟନ ନିଗମ (ଓଏଫ୍‌ଡିସି) ଅଧ୍ୟକ୍ଷ କୁନା ତ୍ରିପାଠୀଙ୍କ ସହ ବରିଷ୍ଠ ପ୍ରଯୋଜକ ସବ୍ୟସାଚୀ ମହାପାତ୍ର, ଅଭିନେତ୍ରୀ ମହେଶ୍ୱତା ମହାନ୍ତି, ପ୍ରଯୋଜିକା ସନ୍‌ଲିସା ପଟେଲ, ସ୍ୱାମୀ ସଞ୍ଜୟ ପଟେଲ, ପ୍ରଯୋଜକ ତାପସ ସରଗରିଆ, ଅଭିନେତା ସୁକାନ୍ତ ରଥ, ବୁଦ୍ଧାଦିତ୍ୟ, ଅଖିଳ ପଟ୍ଟନାୟକ, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ସିନେମା ବଞ୍ଚାଅ ଅଭିଯାନ ଆନ୍ଦୋଳନ ମାଧ୍ୟମରେ ଆସିଥିବା ୫ ଦଫା ଦାବି ସହ ଓଡ଼ିଆ ସିନେମାର ବିକାଶରେ ବାଧକ ସାଜୁଥିବା ବିଭିନ୍ନ ସମସ୍ୟା ବିଷୟରେ ସନ୍‌ଲିସାଙ୍କ ସହ ଅନ୍ୟମାନେ ମତ ରଖିଥିଲେ। ଆସନ୍ତା କିଛିଦିନ ମଧ୍ୟରେ ଏହି ସମସ୍ତ ସମସ୍ୟାର ସମାଧାନ ପାଇଁ ପୂର୍ଣ୍ଣ ପ୍ରତିଶ୍ରୁତି ମିଳିଛି। ସନ୍‌ଲିସା କହିଛନ୍ତି, ମୁଁ ଜାଣି ନ ଥିଲି ମୋ ଚେଷ୍ଟା ଦ୍ୱାରା ଏମିତି କିଛି ସମ୍ଭବ ହୋଇପାରିବ। ପୂରା ସିନେ ଇଣ୍ଡଷ୍ଟ୍ରି ମୋ ସାଥ୍ ଦେଇଛନ୍ତି। ୨ରୁ ୪ମାସ ମଧ୍ୟରେ କିଛି ନୂଆ ପଲିସି ଆସିବ ବୋଲି ମୁଁ ଆଶା କରୁଛି।

# ଝାରପଡ଼ା ଜେଲର ବିଚାରାଧୀନ ମହିଳା କଏଦୀଙ୍କ ମୃତ୍ୟୁ

## ପେଟଜନିତ ରୋଗରେ ପୀଡିତ ଥିଲେ

ଭୁବନେଶ୍ୱର,୨୮।୧୧(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରସ୍ଥିତ ଝାରପଡ଼ା ସ୍ୱତନ୍ତ୍ର ଜେଲରେ ଥିବା ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ହୋଇଛି। ସୋମବାର ବିଳମ୍ବିତ ରାତିରେ କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ମୃତା କଏଦୀ ହେଲେ ଚନ୍ଦକା ଥାନା ଅନ୍ତର୍ଗତ ଦାରୁଠେଙ୍ଗ ଅଞ୍ଚଳର ସୁକାନ୍ତି ଭୋଇ (୫୦)। ଏନେଇ ଜେଲ ଅଧୀକ୍ଷକ ସତ୍ୟପ୍ରକାଶ ସ୍ୱାଇଁ ଲକ୍ଷ୍ମୀସାଗର ଥାନାରେ ଏତଲା ଦେଇଛନ୍ତି। ସୁକାନ୍ତି ଦୀର୍ଘଦିନ ହେବ ପେଟଜନିତ ରୋଗ ଆଦିରେ ପୀଡିତ ଥିବା କୁହାଯାଇଛି। ପୋଲିସ ଉକ୍ତ ଏତଲାକୁ ଆଧାର କରି ଏକ ଅପମୃତ୍ୟୁ ମାମଲା (ନଂ.୪୨/୨୦୨୩) ରୁଜୁ କରି ତଦନ୍ତ କରୁଛି। ବୁଧବାର ସୁକାନ୍ତିଙ୍କ ମୃତଦେହର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ବଧୂ ହତ୍ୟା ମାମଲାରେ ସୁକାନ୍ତି ୨୦୧୮ରୁ ଚନ୍ଦକା ଥାନା ପୋଲିସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ। ଏଥିସହ ତାଙ୍କ ସ୍ୱାମୀ, ପୁଅ ଓ ଝିଅ ମଧ୍ୟ ଗିରଫ ହୋଇ ଜେଲ ଯାଇଥିଲେ। ପରେ ସୁକାନ୍ତି ସର୍ତ୍ତମୂଳକ ଜାମିନରେ ଯାଇ ୨୦୨୩ ଜାନୁୟାରୀ ୩ରେ ପୁଣି ଜେଲ ଫେରିଥିଲେ। ସୁକାନ୍ତିଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ରହିଥିବାରୁ ସେ ବିଭିନ୍ନ ସମୟରେ କଟକ ଏସ୍‌ସିବି ହସ୍ପିଟାଲ, କ୍ୟାପିଟାଲ ହସ୍ପିଟାଲ ଆଦିକୁ ଚିକିତ୍ସା ହେବାକୁ ଯାଉଥିଲେ। ତେବେ ସୋମବାର ରାତି ପ୍ରାୟ ୧୨ଟାରେ ସୁକାନ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ି ଯାଇଥିଲା। ତାଙ୍କୁ ଜେଲ କ୍ୟାମ୍ପସ୍ଥିତ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସୁକାନ୍ତିଙ୍କ ମୃତ୍ୟୁ ପରେ ତାଙ୍କ ପୁଅ, ଝିଅ ଓ ସ୍ୱାମୀ ସର୍ତ୍ତମୂଳକ ଜାମିନରେ ଘରକୁ ଯାଇଛନ୍ତି।




# କଳାଧନ: ସୁପ୍ରିମକୋର୍ଟଙ୍କୁ ଦିଆଗଲାଣି ୮ ରିପୋର୍ଟ

## ଏସ୍ଆଇଟିର ଦଶମ ବୈଠକ

କଟକ,୨୮।୧୧ (କାର୍ତ୍ତିକ ସାହୁ)

କଟକ ତେଲେଙ୍ଗାବଜାରସ୍ଥିତ ଜଷ୍ଟିସ ଅରିଜିତ ପଶାୟତଙ୍କ ବାସଭବନରେ ସ୍ପେଶାଲ ଇନ୍‌ଭେଷ୍ଟିଗେସନ୍ ଟିମ୍ (ଏସ୍ଆଇଟି)ର ଦଶମ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜଷ୍ଟିସ ପଶାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଳାଧନ ରୋକିବା ଦିଗରେ ବିଭିନ୍ନ ତଦନ୍ତକାରୀ ସଂସ୍ଥାର ଉଚ୍ଚପଦସ୍ଥ ଅଧିକାରୀ ଯୋଗଦେଇ ଆଲୋଚନା କରିଥିଲେ। ଅଦ୍ୟାବଧି କଳାଧନ ସମ୍ପର୍କିତ ୮ଟି ରିପୋର୍ଟ ସୁପ୍ରିମକୋର୍ଟଙ୍କୁ ପ୍ରଦାନ କରାଯାଇଥିବାବେଳେ ଆଗାମୀ ୩ ମାସ ମଧ୍ୟରେ ପରବର୍ତ୍ତୀ ରିପୋର୍ଟ ଦିଆଯିବ ବୋଲି ଜଷ୍ଟିସ ପଶାୟତ ସୂଚନା ଦେଇଛନ୍ତି।

ରାଜ୍ୟରେ ଅନେକ ସମୟରେ ସରକାରୀ ଅଧିକାରୀମାନଙ୍କ ପାଖରୁ କଳାଧନ ଜବତ ନେଇ ହେଉଥିବା ମାମଲାଗୁଡ଼ିକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ବିଭିନ୍ନ ଉପାୟରେ କଳାଧନ ଗଚ୍ଛିତ ହେଉଛି। କେଉଁ ପନ୍ଥା ଆପଣେଇଲେ କଳାଧନ କାରବାର ରୋକିହେବ ସେନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ଇନ୍‌କମ୍ ଟ୍ୟାକ୍ସ ଅଧିକାରୀମାନଙ୍କ ସହ ଆଲୋଚନା ହୋଇଥିଲା। କଳାଧନ କେଉଁଠାରେ ନିବେଶ ହୋଇଛି, ତାହାକୁ କିଭଳି ରୋକା କରାଯାଇପାରିବ ତାହା ଉପରେ ଇଡି ଏବଂ ଆୟକର ବିଭାଗ ନଜର ଦେଉଛି। ଆବଶ୍ୟକ ପଡ଼ିଲେ ମାମଲା ରୁଜୁ କରି ଅଧିକ ତଦନ୍ତ ମଧ୍ୟ କରୁଛି। ଅନେକ ମାମଲା ରୁଜୁ ହେବା ପରେ ସେହି ଅଭିଯୁକ୍ତମାନଙ୍କ ବିରୋଧରେ ଇଡି ଏବଂ ଆୟକର ବିଭାଗ ଅଧିକ ତଥ୍ୟ ହାସଲ କରିପାରୁଛି ବୋଲି ଜଷ୍ଟିସ ପଶାୟତ କହିଛନ୍ତି। ସେହିପରି ନିର୍ବାଚନରେ କଳାଧନ ବ୍ୟବହାର ଉପରେ ଏସ୍ଆଇଟି ନଜର ରଖିବ। ବର୍ତ୍ତମାନ ଦେଶରେ ନାର୍କୋଟିକ୍ସ ମାମଲା ଚିନ୍ତାର ବିଷୟ ପାଲଟିଛି। ଆଶାଠାରୁ ଅଧିକ ପରିମାଣର ନାର୍କୋଟିକ୍ସ ଦ୍ରବ୍ୟ ଜବତ ହୋଇଛି। ଓଡ଼ିଶାରେ ଗଞ୍ଜେଇ ଅଧିକ ପରିମାଣର ଜବତ ହେଉଥିବାବେଳେ ବ୍ରାଉନ୍ ସୁଗାର ଏବଂ ହେରୋଇନ୍ ମଧ୍ୟ ଜବତ ହେଉଛି। ନାର୍କୋଟିକ୍ସ, ରିୟଲ ଇଷ୍ଟେଟ ଓ ସୁନା ବ୍ୟବସାୟ ଆଳରେ ଅଧିକ ମାତ୍ରାରେ କଳାଧନ କାରବାର ହେଉଛି। ଏହି ବୈଠକରେ ରାଜର୍ଷି କୁମାର, ଜ୍ଞାନେଶ୍ୱର ସିଂହ, ସନ୍ଦୀପ କୁମାର, ଡ. ସଚିନ କୁମାର, ସୁବୋଧ କୁମାର, ଅରୁଣ ବୋଥ୍ରା, ଡ. କିଶୋର କୁମାର ପାଣିଗ୍ରାହୀ, ଆଶିଷ ବର୍ମା, ରାହୁଲ ନବୀନ, ରାଜେଶ କେଡିଆଙ୍କ ସମେତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ଆୟକର ବିଭାଗ, ଡାଇରେକ୍ଟ ଟ୍ୟାକ୍ସ ବିଭାଗ, ସେଣ୍ଟ୍ରାଲ ଏକ୍ସାଇଜ୍ ଓ କଷ୍ଟମ, ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ, ସିଟି ଜିଏସ୍‌ଟି, କ୍ରାଇମବ୍ରାଞ୍ଚ, ଭିଜିଲାନ୍ସ ଏବଂ ଓଡ଼ିଶା ପୋଲିସର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଦେଶରେ ଦ୍ରୁତଗତିରେ କଳାଧନ କାରବାର ବୃଦ୍ଧି ପାଇବାରେ ଲାଗିଛି। ଓଡ଼ିଶାରେ ଅଣାୟତ୍ତ ନିଶା କାରବାର ମଧ୍ୟ କଳାଧନ ବୃଦ୍ଧି ପାଇଁ ଦାୟୀ। କଳାଧନ କାରବାର ବନ୍ଦ କରିବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଏସ୍ଆଇଟି ଗଠିତ ହୋଇଛି। ପ୍ରତି ୩ ମାସରେ ଏହାର ବୈଠକ ହେବା ସହ ନିୟମିତ ଭାବେ ସୁପ୍ରିମକୋର୍ଟଙ୍କୁ ଏସ୍ଆଇଟି ରିପୋର୍ଟ ପ୍ରଦାନ କରୁଛି।

# ହାତୀ ଆକ୍ରମଣରେ ଚାଷୀଙ୍କ ମୃତ୍ୟୁ

କାମାକ୍ଷାନଗର,୨୮।୧୧
(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ୍ ବନାଞ୍ଚଳ ଅନ୍ତର୍ଗତ ଗଡ଼ପଳାଶୁଣି ପଞ୍ଚାୟତ ନାଗେଶ୍ୱର ଗାଁରେ ସୋମବାର ବିଳମ୍ବିତ ରାତିରେ ହାତୀ ପଲଙ୍କ ଆକ୍ରମଣରେ ଚାଷୀ ଦୟାନିଧି ସିଂ(୩୫)ଙ୍କ ମୃତ୍ୟୁ ହୋଇଛି। ଦୟାନିଧି ଫସଲ ଜଗିବା ପାଇଁ ଗ୍ରାମର କେତେଜଣ ଲୋକଙ୍କ ସହିତ ବିଲକୁ ଯାଇଥିବା ବେଳେ ହାତୀପଲଙ୍କ ହାବୁଡ଼ରେ ପଡ଼ିଥିଲେ। ଗାଁ ପାଖ ପୋଖରୀ ନିକଟରେ ହାତୀ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ଦୟାନିଧିଙ୍କ ମୃତ୍ୟୁ ଘଟିଥିଲା। ସାଙ୍ଗରେ ଥିବା ଅନ୍ୟମାନେ ଦୌଡ଼ି ପଳାଇ ଯିବାରୁ ବର୍ତ୍ତି ଯାଇଥିଲେ। ଖବରପାଇ ମହାବିରୋଡ୍ ରେଞ୍ଜ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ମହାବିରୋଡ୍ ଥାନା ଏଏସ୍ଆଇ ଶେଷଦେବ ଲେଙ୍କା ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ଏ ସଂକ୍ରାନ୍ତରେ ମହାବିରୋଡ୍ ରେଞ୍ଜ ଅଧିକାରୀ ହରେଶ ଚନ୍ଦ୍ର କିଷାନ କହିଛନ୍ତି, ଘଟଣା ଅତ୍ୟନ୍ତ ଦୁଃଖଦାୟକ। ସରକାରୀ ନିୟମ ଅନୁସାରେ କ୍ଷତିପୂରଣ ଦିଆଯିବ। ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଦୈନିକ ହାତୀଙ୍କ ଗତିବିଧି ଉପରେ ନଜର ରଖିବା ସହିତ ରାତ୍ରିକାଳୀନ ପାଟ୍ରୋଲିଂ କରାଯାଉଛି।

# ସୁନ୍ଦରଗଡ଼ରେ ୱାର୍ଡମେମ୍ବରଙ୍କୁ କଚାଡ଼ି ମାରିଲା

ବଡ଼ଗାଁ,୨୮।୧୧
(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଗରଗଡବାହାଲ ଗ୍ରାମରେ ସୋମବାର ଭୋର ସମୟରେ ହାତୀ ଆକ୍ରମଣରେ ଜଣେ ୱାର୍ଡମେମ୍ବରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ହୀରାଲାଲ ବେହେରା(୫୦)। ବନ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ସୁନ୍ଦରଗଡ଼ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ପଞ୍ଚରା ଅଞ୍ଚଳରୁ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଥିବା ଏକ ହାତୀପଲ ଗାଁକୁ ପଶି ଆସିଥିଲେ। ହାତୀ ଧାନ ବିଲରେ ପଶିବା ଆଶଙ୍କା କରି ହୀରାଲାଲ ବିଲକୁ ଯାଇଥିଲେ। ଠିକ୍ ଏହି ସମୟରେ ସେ ହାତୀ ହାବୁଡ଼ରେ ପଡିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଧରି ତଳେ କଚାଡି ଦେଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ବର୍ତ୍ତମାନ ୩୦ ଟିକିଆ ହାତୀପଲ ଅଞ୍ଚଳକୁ ଆସିଥିବାରୁ ଲୋକେ ସତର୍କ ରହିବାକୁ ବନ ବିଭାଗ ଅଧିକାରୀ ପ୍ରଦୀପ ଭୂତିଆ ସୂଚନା ଦେଇଛନ୍ତି।

# ୭ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

- ଗୁଣିଗାରେଡ଼ି ସନ୍ଦେହରେ ହୋଇଥିଲା ହତ୍ୟା

କେନ୍ଦୁଝର,୨୮।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଅତିରିକ୍ତ ଜିଲା ଜଜ୍‌ଙ୍କ କୋର୍ଟରେ ମଙ୍ଗଳବାର ଗୁଣିଗାରେଡ଼ି ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ମମିତା ଦାସ ଏହାର ବିଚାରକରି ୭ ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଲେଖାଏ ଜରିମାନା ଓ ଅନାଦାୟେ ପ୍ରତ୍ୟେକଙ୍କୁ ୬ ମାସ ଅଧିକ କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତମାନେ ହେଲେ ସଦର ଥାନା ସେଣ୍ଡକାପ ଗ୍ରାମର ରବୀନ୍ଦ୍ର ମୁଣ୍ଡା (୩୬), ନରହରି ମୁଣ୍ଡା(୨୮), ବଳଭଦ୍ର ମୁଣ୍ଡା( ୪୦), ବୈଶାଖୁ ମୁଣ୍ଡା (୨୪), ଚେମା ମୁଣ୍ଡା (୨୫), ଟିମା ମୁଣ୍ଡା (୩୩) ଓ ଚୁରା ମୁଣ୍ଡା (୩୦)। ମାମଲାର ବିବରଣୀ ଅନୁଯାୟୀ, ସେଣ୍ଡକାପ ଗ୍ରାମର ଦୀନବନ୍ଧୁ ମୁଣ୍ଡା (୬୫) ଗୁଣିଗାରେଡ଼ି କରୁଥିବା ନେଇ ଅଭିଯୁକ୍ତମାନେ ସନ୍ଦେହ କରିଆସୁଥିଲେ। ୨୦୧୯ ଏପ୍ରିଲ ୧୪ରେ ସେମାନେ ଦୀନବନ୍ଧୁଙ୍କୁ ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ନିକଟକୁ ଡାକି ମାରଣାସ୍ତ୍ରରେ ଆକ୍ରମଣକରି ହତ୍ୟାକରିବା ପରେ ଫେରାର ହୋଇଯାଇଥିଲେ। ଏନେଇ ମୃତକଙ୍କ ବୋହୂ ସୁନିତା ମୁଣ୍ଡା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୧୮୦/୧୯) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ପ୍ରଫୁଲ୍ଲ କୁମାର ପାତ୍ର କେସ୍ ପରିଚାଳନା କରିଥିଲେ।



ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି–ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତର ଦିଅ ବା ପ୍ରତିକ୍ରିୟା ଦେଖାଅ– ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ୍ୟ ତା'ଭଳି ଏକ ଦୁର୍ବଳ ବ୍ୟକ୍ତିତ୍ୱ। –ଶ୍ରୀମା

# ବୈଷୟିକ ଜ୍ଞାନ ନୁହେଁ

ଉତ୍ତରାଖଣ୍ଡର ଉତ୍ତରକାଶୀସ୍ଥିତ ଜାତୀୟ ରାଜପଥ ଉପରେ ନିର୍ମାଣାଧୀନ ସିଲ୍କୟାରା ସୁଡ଼ଙ୍ଗରେ ଫସିଥିବା ୪୧ ଶ୍ରମିକ ୧୭ ଦିନ ପରେ ନଭେମ୍ବର ୨୮ ମଙ୍ଗଳବାର ସନ୍ଧ୍ୟାରେ ମୁକ୍ତ ପ୍ରଶ୍ୱାସ ନେବାର ସୁଯୋଗ ପାଇଲେ। ଏହି ଦୁର୍ଘଟଣା ଦର୍ଶାଇଲା ଯେ, ଭାରତର ବୈଷୟିକ ଜ୍ଞାନକୌଶଳ ଏବେ ମଧ୍ୟ ପଛୁଆ ଅଛି। ଅହଂଭାବକୁ ଛାଡ଼ି କେନ୍ଦ୍ର ସରକାର ପ୍ରଥମରୁ ଅନ୍ତର୍ଜାତୀୟ ସାହାଯ୍ୟ ଲୋଡ଼ିଥିଲେ ଏହି ଅସ୍ୱାଭାବିକ ସ୍ଥିତି ପୂର୍ବରୁ ସମାଧାନ ହୋଇପାରିଥାନ୍ତା। ବିଶେଷକରି ବିଦେଶର ପାହାଡ଼ିଆ ଦେଶ ସୁଇଜରଲାଣ୍ଡ, ଜର୍ମାନୀ ଏପରି କି ଚାଇନାରେ ମଧ୍ୟ ଅନେକ ସୁଡ଼ଙ୍ଗ ନିର୍ମିତ ହୋଇଛି ଓ ହେବାରେ ଲାଗିଛି। ସେସବୁ ରାଷ୍ଟ୍ରରେ ଏଭଳି ଦୁର୍ଘଟଣା ଘଟିବାର କ୍ୱଚିତ ଉଦାହରଣ ଦେଖିବାକୁ ମିଳେ। କାର୍ଯ୍ୟ ଯଦି ଉଚିତ ମାନର ହୋଇଥାଆନ୍ତା, ତେବେ ଏପରି ଦୁର୍ଘଟଣା କେବେ ହେଲେ ଘଟି ନ ଥାଆନ୍ତା। ଏହା କହିଲା ବେଳକୁ ଆମେ ସଚେତନ ଯେ, ଦୁର୍ଘଟଣା କୌଣସି ସମୟରେ ଏବଂ କାହାରି ସାଙ୍ଗରେ ଘଟିବାର ସବୁ ସମ୍ଭାବନା ରହିଛି।

ରାସ୍ତା ନିର୍ମାଣ ବେଳେ ସୁଡ଼ଙ୍ଗ ତିଆରି କରାଯିବାର ପ୍ରକ୍ରିୟା ସବୁବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇପାରେ ବୋଲି ଚିନ୍ତା କରାଯାଏ। ସେଥିପାଇଁ ପ୍ରତିଷେଧକ ବ୍ୟବସ୍ଥା କାର୍ଯ୍ୟ ସହିତ ରହିବା କଥା। ଯେଉଁମାନେ ବିଦେଶରେ ରାସ୍ତା ସୁଡ଼ଙ୍ଗ ଦେଖିଛନ୍ତି, ସେମାନେ ନିଶ୍ଚିତ ଭାବେ କହିପାରିବେ ଯେ ଉଭୟ ପାର୍ଶ୍ୱରେ ଜରୁରିକାଳୀନ ସ୍ଥିତିକୁ ସାମ୍ନା କରିବା ପାଇଁ ପ୍ରସ୍ଥାନ ବ୍ୟବସ୍ଥା ସ୍ପଷ୍ଟ ଭାବେ କରାଯାଇଥାଏ। ସିଲ୍କୟାରା ସୁଡ଼ଙ୍ଗରେ ତାହା ନ ଥିବାରୁ ଏତେ ଦୀର୍ଘସମୟ ଲାଗିଗଲା ଉଦ୍ଧାର ପାଇଁ। ଭାବିଲେ ଭୟ ସୃଷ୍ଟି ହେଉଛି ଯେ, ସେହି ସୁଡ଼ଙ୍ଗ ନିର୍ମାଣ ହୋଇଯିବା ପରେ ଯଦି ଏଭଳି ଦୁର୍ଘଟଣା ଘଟିଥାଆନ୍ତା, ତେବେ ସମ୍ଭବତଃ ଆହୁରି ଅନେକ ଲୋକ ଏହି ଶ୍ରମିକମାନଙ୍କ ଭଳି ଚାପି ହୋଇ ରହିଯାଇଥାଆନ୍ତେ। ଏଥିସହିତ ଭାରତରେ ଏହିଭଳି ଦୁର୍ଘଟଣା ଯଦି ନିର୍ବାଚନ ସମୟରେ ଦୁର୍ଭାଗ୍ୟକୁ ଘଟେ, ତାହା ହେଲେ ସମସ୍ତେ ଅଣଦେଖା କଲା ଭଳି ରହିଯାଆନ୍ତେ। ଦେଖିବାକୁ ଗଲେ ଏହି ୪୧ ଜଣଙ୍କ ଭବିଷ୍ୟତ କ'ଣ ହେବ ଅସ୍ପଷ୍ଟ ଥିବାରୁ ଜାତୀୟ ଗଣମାଧ୍ୟମ ସେହି ସମ୍ପର୍କରେ ଖବର ପ୍ରସାର କରିବାରେ ହେଳା କରିଥିଲା। ଆରମ୍ଭରୁ ଯଦି ଜଣାପଡ଼ିଥାନ୍ତା ଯେ ଶ୍ରମିକମାନେ ନିଶ୍ଚିତ ଭାବେ ନିର୍ଦ୍ଦିଷ୍ଟ ସମୟରେ ଉଦ୍ଧାର ହେବେ, ତେବେ ଦେଶର ଅନେକ ନେତା ତମ୍ବୁ ପକାଇ ରାତିଦିନ ଟେଲିଭିଜନ କ୍ୟାମେରା ସମ୍ମୁଖରେ ବୀରତ୍ୱର ସହିତ ମନ୍ତବ୍ୟ ଦେଇଥାଆନ୍ତେ। ସେହି ଭରସା ନ ଥିବା ଯୋଗୁ ସମସ୍ତଙ୍କୁ ପ୍ରାର୍ଥନା କରିବାକୁ କୁହାଯାଇଥିଲା। ହୁଏତ ଏହି ଶ୍ରମିକମାନେ ଦ୍ୱିତୀୟ ଜୀବନ ପାଇବା ପଛରେ ଭାରତବାସୀଙ୍କ ପ୍ରାର୍ଥନା ଥିଲା ; ବୈଷୟିକ ଜ୍ଞାନ ନୁହେଁ। କାରଣ ଯେଉଁ ର୍‍ୟାଟ୍ ହୋଲ୍ ଉପାୟରେ ସେମାନଙ୍କୁ ଉଦ୍ଧାର କରାଗଲା, ସେହି ଖନନ କରୁଥିବା ବ୍ୟକ୍ତିମାନେ ମେଘାଳୟ ଭଳି ରାଜ୍ୟରେ ସାଧାରଣତଃ ଏହି ଜ୍ଞାନକୌଶଳ ଲଗାଇ କୋଇଲା ଚୋରି କରିଥାଆନ୍ତି। ର୍‍ୟାଟ୍ ହୋଲ୍ ମାଇନିଂ ଏକ ଅସ୍ୱାଭାବିକ ଚୋରଙ୍କ କାର୍ଯ୍ୟ, ଯାହାକି ଜୀବନ ପ୍ରତି ବିପଦ ଆଣିଥାଏ।

# ସ୍କୁଲ ହିଂସା

ଦୁଇ କିମ୍ବା ତିନି ଦଶନ୍ଧି ପୂର୍ବର ସ୍କୁଲ ଜୀବନ କଥା ଭାବିଲେ ସେତେବେଳର ପରିବେଶ ଏବକାଠାରୁ ନିଶ୍ଚିତ ଭିନ୍ନ ବୋଲି କୁହାଯାଇପାରେ। ବର୍ତ୍ତମାନ ଶିକ୍ଷା ଶୈଳୀ ଓ ଭିତ୍ତିଭୂମିରେ ଉନ୍ନତି ଘଟିଛି। ପରମ୍ପରିକ ଶିକ୍ଷା ସହ ଟେକ୍ନୋଲୋଜିର ପ୍ରବେଶ ସ୍କୁଲଶିକ୍ଷାକୁ ବ୍ୟାପକ କରିଛି। କିନ୍ତୁ ଅନେକ ସମୟରେ ସ୍କୁଲରେ ପିଲାଙ୍କ ମଧ୍ୟରେ ପ୍ରକାଶ ପାଉଥିବା ହିଂସା ଓ ଆପରାଧିକ ମନୋଭାବ ଚିନ୍ତା ବଢ଼ାଇଦେଉଛି। ନିକଟରେ ମଧ୍ୟପ୍ରଦେଶ ଇନ୍ଦୋରର ଏକ ଘରୋଇ ସ୍କୁଲରେ ଜଣେ ୪ର୍ଥ ଶ୍ରେଣୀର ଛାତ୍ରକୁ ତା'ର ୩ ସହପାଠୀ ଜ୍ୟାମିତି କମ୍ପାସ୍‌ରେ ୧୦୮ ଥର ଭୁସିଛନ୍ତି। ଏହି ପିଲାମାନଙ୍କର ବୟସ ୧୦ ବର୍ଷରୁ କମ୍। କେବଳ ଏହି ଘଟଣା ନୁହେଁ, ବିଗତ ଦିନରେ ଦେଶର ବିଭିନ୍ନ ସ୍କୁଲରେ ଶିଶୁମାନଙ୍କଠାରେ ହିଂସା, ନିଶାଦ୍ରବ୍ୟ ବ୍ୟବହାର, ବୁଲିଂ ଭଳି ନକାରାତ୍ମକ ଆଚରଣର ଖବର ପ୍ରକାଶ ପାଇଛି। ଏକାଧିକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ସ୍କୁଲ ପିଲାମାନଙ୍କ ମଧ୍ୟରେ କ୍ରୋଧ ଓ ଅପରାଧପ୍ରବଣତା ବୃଦ୍ଧିପାଉଛି। ଏହା ବ୍ୟତୀତ ନ୍ୟାଶନାଲ ଡ୍ରଗ୍ସ ଡିପେଣ୍ଡେନ୍ସ ଟ୍ରିଟ୍‌ମେଣ୍ଟ ସେଣ୍ଟର ଦ୍ୱାରା ୨୦୨୦ରେ ୧୦ଟି ସହରରେ ୬୦୦୦ ସ୍କୁଲର ୮ମରୁ ୧୦ମ ଶ୍ରେଣୀ ପିଲାଙ୍କ ଉପରେ କରାଯାଇଥିବା ସର୍ଭେରୁ ଜଣାପଡ଼ିଥିଲା ଯେ, ୧୦ ପ୍ରତିଶତ ପିଲା କୌଣସି ପ୍ରକାର ନିଶାଦ୍ରବ୍ୟ ସେବନ କରୁଛନ୍ତି। ଆମେରିକା ଓ ଦକ୍ଷିଣ ଆଫ୍ରିକୀୟ ଦେଶଗୁଡ଼ିକ ତୁଳନାରେ ଭାରତରେ ହିଂସା ଓ ଅପରାଧ ପ୍ରତିଶତ କମ୍ ରହିଥିଲେ ମଧ୍ୟ ଏଭଳି ସମସ୍ୟା ପ୍ରତି ସତର୍କ ନ ରହିଲେ ଭବିଷ୍ୟତରେ ଏହା ଗମ୍ଭୀର ସ୍ଥିତିକୁ ଆମନ୍ତ୍ରଣ କରିବା ସମ୍ଭାବନା ଅଧିକ। କାରଣ ଭାରତରେ ବିଶ୍ୱର ସର୍ବାଧିକ ୪୫ କୋଟି ଶିଶୁ ଅଛନ୍ତି।



# ଦୁର୍ନୀତି: ଏକ ମାନସିକ ବ୍ୟାଧି

ଡ. ପ୍ରଫୁଲ୍ଲ କୁମାର ସାହୁ

ସ୍ୱାଧୀନତାର ୭୬ ବର୍ଷ ପରେ ବି ଦେଶରୁ ଦାରିଦ୍ର୍ୟ ହଟୁନି କି ସମସ୍ତଙ୍କ ପାଖରେ ପହଞ୍ଚି ପାରୁନି ସର୍ବନିମ୍ନ ସୁବିଧା। ଅନ୍ୟପକ୍ଷରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବଢୁଛି। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ତଥ୍ୟ ଅନୁସାରେ ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର ତାଲିକାରେ ଭାରତର ସ୍ଥାନ କ୍ରମାଗତ ଭାବରେ ଉପରକୁ ଉଠୁଛି। ଆମ ଦେଶରେ ଗଣତନ୍ତ୍ରର ବୟସ ବଢ଼ିବା ସାଙ୍ଗକୁ ବଦଳିଯାଇଛି ଦୁର୍ନୀତିର ସଂଜ୍ଞା। ତଦନୁଯାୟୀ ନେତା, ମନ୍ତ୍ରୀ ଓ ବାବୁମାନଙ୍କର ଆଚରଣ ଓ ଉଚ୍ଚାରଣରେ ଆସିଛି ପରିବର୍ତ୍ତନ। ପ୍ରଚୁର କଳା ଟଙ୍କା ଖର୍ଚ୍ଚ କରି ନିର୍ବାଚନ ଲଢ଼ିବା ଓ ଜିଣି ସାରିବା ପରେ କ୍ଷମତାର ଅପବ୍ୟବହାର କରି କଳାଟଙ୍କା ଠୁଳ କରିବା ହେଲା ନେତୃତ୍ୱର ଅଘୋଷିତ ନୀତି।

ସାଧାରଣତଃ ପ୍ରଶାସନିକ ଅଧିକାରୀଙ୍କ ଦକ୍ଷତା ଓ ପ୍ରତିବଦ୍ଧତା ଉପରେ ନିର୍ଭର କରେ ଶାସନର ସ୍ୱଚ୍ଛତା। ଏମାନଙ୍କ ସହାୟତା ବିନା ରାଷ୍ଟ୍ରଧନକୁ କେହି ଆତ୍ମସାତ୍ କରିପାରେନି କି ଦେଶରେ ଉଧେଇ ପାରେନି ଦୁର୍ନୀତିର ଚାରା। ଆମ ଦେଶରେ କିନ୍ତୁ ରାଜକୋଷ ଲୁଣ୍ଠନ ହୁଏ ପ୍ରଶାସନିକ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ। ରାଷ୍ଟ୍ରଧନକୁ ଲୁଣ୍ଠନ କରିବା ପାଇଁ ରାଜନେତା ଓ ଏମାନଙ୍କ ଭିତରେ ଗଢ଼ିଉଠେ ଅସାଧୁ ସମ୍ପର୍କ। ସବୁ ସ୍ତରରେ ଦୁର୍ନୀତି ପାଇଁ ଏହିମାନେ ହିଁ କ୍ଷେତ୍ର ପ୍ରସ୍ତୁତ କରନ୍ତି । ଖ୍ୟାତନାମା ଆଇଏଏସ୍ ଅଧିକାରୀ ପଦ୍ମଭୂଷଣ ସି.ପି.ଶ୍ରୀବାସ୍ତବଙ୍କ ମତରେ ଆମ ଦେଶରେ ଅଧିକାଂଶ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀ ନିଜ ବିବେକ ସହିତ ସାଲିସ କରି ନିଅନ୍ତି ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ। ସହଯୋଗର ପୁରସ୍କାର ସ୍ୱରୂପ ଅବସର ପରେ ଅନେକଙ୍କୁ ମିଳେ କ୍ଷମତା ଉପଭୋଗର ସୁଯୋଗ। ଯେଉଁଠି ଉପରିସ୍ଥ ହାକିମମାନଙ୍କର ବିବେକ ବଳିଗ୍ରସ୍ତ, ସେଠାରେ ତଳିଆ କର୍ମଚାରୀଙ୍କୁ ଜଗିବ କିଏ ? କେ.ସି. ସହିନ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ– ଉଚ୍ଚ ପଦବୀରେ ଥିବା ବ୍ୟକ୍ତି ଯଦି ଭ୍ରଷ୍ଟାଚାରରେ ଜଡ଼ିତ ରହେ, ତେବେ ତା'ର ପ୍ରଭାବ ସହକର୍ମୀ ଓ ଅଧସ୍ତନଙ୍କ ଉପରେ ପଡ଼ିବା ସ୍ୱାଭାବିକ। ସେହି କାରଣରୁ ସରକାରୀ କାର୍ଯ୍ୟାଳୟରେ ତାଲୁରୁ ତଳିପାଯାଏ ମାଡ଼ିଗଲାଣି ଦୁର୍ନୀତିର ଯାଦୁ। ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରୁ ସଚିବାଳୟ ଯାଏ ସବୁଠି ଚାଲିଛି ଭଣ୍ଡେଇବାର ଫିସାଦ ଓ ରୁଣ୍ଡେଇବାର ଗଳଦ୍‌ଘର୍ମ ପ୍ରତିଯୋଗିତା।

ଆଗରୁ ଦୁର୍ନୀତି ଅଭିଯୋଗ ଆସୁଥିଲା କେବଳ ଲୋକ ପ୍ରତିନିଧି ଓ ସରକାରୀ ବାବୁମାନଙ୍କ ବିରୋଧରେ। ଏବେ ପୁଣି ଆଙ୍ଗୁଠି ଉଠିଲାଣି ନ୍ୟାୟପାଳିକା ଆଡ଼କୁ। ଦେଶରୁ ଦୁର୍ନୀତି ହଟାଇବାକୁ ହେଲେ ଦୁର୍ନୀତିଖୋରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦରକାର। ହେଲେ ସେମାନଙ୍କୁ ଧରିବ



କିଏ ? ଧରିବା ଦାୟିତ୍ୱରେ ଥିବା ବାବୁମାନେ ତ ସମାନ ରୋଗରେ ଆକ୍ରାନ୍ତ। ସେଥିପାଇଁ ଦେଶରେ ଦୁର୍ନୀତି ଉପାୟରେ କଳାଧନ ଠୁଳ କରୁଥିବା ହଜାର ହଜାର ସରକାରୀ ବାବୁଙ୍କ ଭିତରୁ ଧରାପଡ଼ନ୍ତି ଜଣେ ଅଧେ ବାବୁ। ଆଶ୍ଚର୍ଯ୍ୟର କଥା ହେଉଛି ଲାଞ୍ଚୁଆ ବାବୁମାନେ ଠାକୁର ଖାଇ ଖଟୁଲି ଖାଇଯିବା ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ବିଭାଗ କରୁଥିଲା କ'ଣ ? ତା'ର ଭିତିରି କାରଣ ଯୋଗୁ ଦୁର୍ନୀତି ଅଭିଯୋଗର ତଦନ୍ତ ପ୍ରକ୍ରିୟା ମଧ୍ୟ ଏଠି ଖୁବ୍ ମନ୍ଥର ଓ ଶିଥିଳ। ବର୍ଷ ବର୍ଷ ଧରି ଦୋଷୀ ସାବ୍ୟସ୍ତ ହୋଇପାରନ୍ତିନି ଚିହ୍ନିତ ଲୁଟେରା। ପ୍ରମାଣ ଅଭାବରୁ ଖସି ଯାଆନ୍ତି ଅନେକ ଲାଞ୍ଚୁଆ ଅଧିକାରୀ। ଦୁର୍ଭାଗ୍ୟର ବିଷୟ ହେଉଛି ଅପରାଧୀ ବିରୋଧରେ ପ୍ରମାଣ ଠୁଳ କରିବା ବଦଳରେ କେତେକ କ୍ଷେତ୍ରରେ ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟାକରେ ତଦନ୍ତକାରୀ ଦଳ। ସେଥିପାଇଁ ନ୍ୟାୟାଳୟରେ ଦୋଷୀ ସାବ୍ୟସ୍ତ ହୋଇପାରନ୍ତିନି ଅଧିକାଂଶ ଅଭିଯୁକ୍ତ। ଭାବିଲେ ଯେଉଁ ଦେଶର ସବୁଠାରୁ ବଡ଼ ତଦନ୍ତକାରୀ ସଂସ୍ଥାର ଶୀର୍ଷ ଅଧିକାରୀଙ୍କ ବିରୋଧରେ ଦୁର୍ନୀତି ଓ ଭ୍ରଷ୍ଟାଚାର ଅଭିଯୋଗ ଆସେ, ସେଠାରେ ତଦନ୍ତ ପ୍ରକ୍ରିୟାରେ ସ୍ୱଚ୍ଛତା ଆସିବ କେମିତି?

ପୂର୍ବତନ ରାଷ୍ଟ୍ରପତି ଡ. ଏ ପି ଜେ ଅବ୍‌ଦୁଲ କଲାମଙ୍କ ମତରେ ଦୁର୍ନୀତିର ବିଲୋପ ପାଇଁ ସ୍ୱଚ୍ଛ ନେତା, ସଚ୍ଚୋଟ ଜନତା ଓ ନିଷ୍ଠାପର ଅଧିକାରୀ ଆବଶ୍ୟକ। ମାତ୍ର ଦେଶର ମଙ୍ଗୁଆଳମାନେ ଯେଉଁଠି ଦୁର୍ନୀତିକୁ ନୀତିରେ ପରିଣତ କରି ଦିଅନ୍ତି, ସେଠାରେ ଶେଷରେ ଏମିତି ଅବସ୍ଥା ହୁଏ ଯେ ସାଧାରଣ ଲୋକଙ୍କ ଶିରା ଶୋଣିତରେ ମିଶିଯାଏ ଦୁର୍ନୀତି ମାନସିକତା। ଏହି କାରଣରୁ ଆମ ଦେଶରେ ଲାଞ୍ଚ ନେଲାବାଲା ଯେତିକି ତତ୍ପର, ଲାଞ୍ଚ ଦେଲାବାଲା ତା' ଠାରୁ ବେଶି ବ୍ୟାକୁଳ। ଯିଏ ଲାଞ୍ଚ ନେଇ କାମ କରି ଦେଇ ପାରିଲା, ସିଏ ଏଠି ଦକ୍ଷ ଓ କରିତ୍‌କର୍ମା। ଅନ୍ୟପକ୍ଷରେ ଯିଏ ଆପଣା ସଚ୍ଚୋଟପଣିଆକୁ ଗଣ୍ଠିଧନ କରି ନୀତି ଆଦର୍ଶରେ ବାଟ ଚାଲିଲା, ଲୋକଙ୍କ ଆଖିରେ ସେ ହେଲା ଅଯୋଗ୍ୟ ଓ ଅପାରଗ।

ସାଧାରଣତଃ ଗ୍ରାମାଞ୍ଚଳ ଅପେକ୍ଷା ବଡ଼ ବଡ଼ ସହରରେ ଅଧିକ ଦୁର୍ନୀତି ହେଉଛି ଏବଂ ଏଥିରେ ଲିପ୍ତ ରହୁଛନ୍ତି ଉଚ୍ଚଶିକ୍ଷିତ ବାବୁମାନେ। କିନ୍ତୁ ସୁଯୋଗ ପାଇଲେ ସେହି ଅବାଟରେ ଯିବାକୁ ପଛାଉ ନାହାନ୍ତି ଗ୍ରାମାଞ୍ଚଳର ଅପାଠୁଆ ଲୋକେ। ଗାଁରେ ବି ଦୁଧ ଦହି ଘିଅ ଓ ପନିପରିବାରେ ଅପମିଶ୍ରଣ ହେଉଛି ଏବଂ ବିଜୁଳି ଚୋରି କରାଯାଉଛି କେତେ ବାଗରେ। ଏଥିରୁ ବୁଝିବାକୁ ହେବ ଯେ ଆମ ମାନସିକତା ସହିତ ଓତପ୍ରୋତ ଭାବରେ ଯୋଡ଼ି ହୋଇଗଲାଣି ଦୁର୍ନୀତି ଓ ଭ୍ରଷ୍ଟାଚାର। ସାଧାରଣତଃ ଗୁଡ଼ଘରେ ଖୁନ୍ଦି ହୋଇଯାଆନ୍ତି ଜନ୍ଦା। ତାଙ୍କୁ ଦରକାର ହୁଏନି ଠିକଣା। ଅଭ୍ୟାସ ଓ ବାସ୍ନା ତାଙ୍କୁ ନେଇ ପହଞ୍ଚାଇ ଦିଏ ବଣାବଣା ଘରେ। ମାନସିକତା ଯେଉଁଠି ବ୍ୟାଧିଗ୍ରସ୍ତ ଓ ମାନବିକତା ଯେଉଁଠି ମୃତ ସେଠାରେ କ'ଣ କରିବ ଆଇନକାନୁନ୍ ଓ କୋର୍ଟ କଚେରି। ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର କହିଥିଲେ, ଦୁର୍ନୀତି ଏକ ମାନସିକ ବ୍ୟାଧି। ମଣିଷର ସ୍ୱଭାବ ଓ ଚରିତ୍ରରେ ପରିବର୍ତ୍ତନ ନ ଆସିଲେ ସେ ବ୍ୟାଧିରୁ ମୁକ୍ତି ମିଳିବନି। ଆଇନକାନୁନ୍ କେବଳ ଏକ ଉପଚାର ହୋଇପାରେ, କିନ୍ତୁ ତା'ର ଅସଲ ନିଦାନ ହେଉଛି ମୂଲ୍ୟବୋଧ ଭିତ୍ତିକ ଶିକ୍ଷା। ତା'ର ଅଭାବ ଯୋଗୁ ସମାଜର ସବୁ ସ୍ତରର ଲୋକଙ୍କୁ ଗ୍ରାସୁଛି ଦୁର୍ନୀତି ମାନସିକତା। ଏ ସମ୍ପର୍କରେ ରୋଚକ କଥାଟିଏ।

ଜଣେ ଯୁବକର ଅନିନ୍ଦ୍ୟ ସୁନ୍ଦରୀ ବାଗଦତ୍ତା କହିଲା–ରାଜାଙ୍କ ବଗିଚାରେ ଯେଉଁ ନୀଳ ପଳାଶ ଫୁଟିଛି, ତାକୁ ମୋ ଲାଗି ଆଣିପାରିବ ? ଏହି ଗୋଟେ ସାମାନ୍ୟ କଥା ବୋଲି କହି ରାଜାଙ୍କ ବଗିଚା ଆଡ଼କୁ ଡିଆଁ ମାରିଲା ଯୁବକ। ନୀଳ ପଳାଶ ଅତ୍ୟନ୍ତ ଦୁର୍ଲଭ ହୋଇଥିବାରୁ ବଗିଚା ଚାରିପଟେ ଖୁବ୍ କଡ଼ାକଡ଼ି ଥିଲା ପହରା ବ୍ୟବସ୍ଥା। ତେଣୁ ବଗିଚାରୁ ଫୁଲ ଚୋରି କରିବା ଏକ ପ୍ରକାର ଅସମ୍ଭବ ଜାଣି ଯୁବକଟି ଜଣେ ଜଗୁଆଳିକୁ ସବୁକଥା କହି ଫୁଲଟିଏ ମାଗିଲା ଅତି ବିନମ୍ରତାର ସହିତ। ଫୁଲ ଦେବା ତ ଦୂରର କଥା ତାକୁ ସେ ଠେଙ୍ଗା ଦେଖାଇ ତଡିଦେଲା ଅତି ନିର୍ଦ୍ଦୟ ଭାବରେ। ନିରାଶ ହୋଇ ଯୁବକ ଫେରିଆସି ନିରୋଳାରେ ଚିନ୍ତାକଲା ଉପାୟ। ନିଶାର୍ଦ୍ଧରେ ଚୁପି ଚୁପି ପ୍ରାଚୀର ପାଖରେ ପହଞ୍ଚିଲା ଏବଂ ସାହସ ଯୁଟେଇ ଜଗୁଆଳିଙ୍କ ହାତରେ ଗୁଞ୍ଜିଦେଲା ପାଞ୍ଚଟି ସ୍ୱର୍ଣ୍ଣମୁଦ୍ରା। ଜଗୁଆଳି ଏଣେତେଣେ ଚାହିଁ ଖୁବ୍ ସନ୍ତର୍ପଣରେ ବଗିଚାରୁ ନୀଳ ପଳାଶଟିଏ ଆଣି ଧରେଇ ଦେଲା ଯୁବକ ହାତରେ। ସେ ଫୁଲଟି ନେଇ ଫୁଲେଇ ପ୍ରେମିକାକୁ ଦିଅନ୍ତେ– ସେ ବିସ୍ମିତ ହୋଇ ପଚାରିଲା ଏ ଫୁଲ ତମେ ରାଜ ଉଦ୍ୟାନରୁ ଆଣିଲ କେମିତି ? ଯୁବକ ସବୁକଥା ପ୍ରକାଶ ସହିତ ଟିପ୍ପଣି ଦେଲା– ଯେଉଁଠି ଜଗୁଆଳି ନୀତିହୀନ, ସେଠାରେ ଅସମ୍ଭବ କ'ଣ ? ଏହା ଶୁଣି ପ୍ରେମିକାଟି ଧୀରେ କହିଲା– ତମେ କେଉଁ ନୀତିବାନ କି?

**ଅବସରପ୍ରାପ୍ତ ଅଧକ୍ଷ, ବିଜୁପଟ୍ଟନାୟକ ନଗର, ଭଦ୍ରକ**
**ମୋ:୬୩୭୧୬୪୨୪୬୪**



# ସୁନ୍ଦର ହସ୍ତାକ୍ଷର, ସ୍ୱତନ୍ତ୍ର ପରିଚୟ

ସୁଧୀର କୁମାର ନାୟକ

ଆମ ପିଲାବେଳେ ବିଦ୍ୟାଳୟରେ ପଢୁଥିବା ବେଳେ ଦୁଇଗୋଟି ହସ୍ତାକ୍ଷର ଖାତା ଲେଖୁଥିଲୁ। ପ୍ରଥମଟି ନିଜ ମାତୃଭାଷା ଏବଂ ଦ୍ୱିତୀୟଟି ଇଂରାଜୀ ଭାଷା ଥିଲା। ପ୍ରତ୍ୟେକ ଶ୍ରେଣୀର ପ୍ରଥମ ପିରିୟଡରେ ଶ୍ରେଣୀ ଶିକ୍ଷକ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ପକାଇବା ପରେ ଟେବୁଲ ଉପରେ ଥାକ ଥାକ ହୋଇ ସୁନ୍ଦର ଭାବେ ରଖାଯାଇଥିବା ହସ୍ତାକ୍ଷର ଖାତାଗୁଡ଼ିକୁ ଦେଖନ୍ତି। ଯେଉଁମାନଙ୍କର ଅକ୍ଷର ସୁନ୍ଦର ନ ଥାଏ କିମ୍ବା ଧାଡ଼ି ବଙ୍କା ଥାଏ ଶବ୍ଦକୁ ଶବ୍ଦ ଠିକ୍ ଦୂରତ୍ୱ ରହି ନ ଥାଏ, ସେମାନଙ୍କୁ ପାଖକୁ ଡାକି ତାଗିଦ୍ କରିବା ସହ ଆବଶ୍ୟକ ପଡ଼ିଲେ ବେତରେ ଦୁଇପାହାର ଦେଇ ବୁଝାଇ କଳାପଟାରେ ଲେଖାଉଥିଲେ। ସବୁଠାରୁ ସୁନ୍ଦର ହସ୍ତାକ୍ଷର ଲେଖାଥିବା ଖାତାଟି ଯେଉଁ ପିଲାମାନଙ୍କର ଥାଏ, ସେମାନଙ୍କୁ ଗୁଡ୍ ଲେଖି ଖାତାରେ ଦସ୍ତଖତ କରୁଥିଲେ। ହସ୍ତାକ୍ଷର ବଡ଼ ଆକର୍ଷଣ ଥିଲା, ପ୍ରଥମ ଧାଡିଟିର ଉପଦେଶମୂଳକ କଥା ପ୍ରଚଳିତ ପୁରାଣ ଶାସ୍ତ୍ରାଦିରୁ ଉଦ୍ଧୃତ ହୋଇଥିବାରୁ କିମ୍ବା ମହାପୁରୁଷମାନଙ୍କ ନିତିବାଣୀରୁ କିଛି ଆମେ ନିତିଦିନ ହସ୍ତାକ୍ଷର ଲେଖି ସ୍ମରଣ କରୁଥିଲୁ। ଇଂଲିଶ ହସ୍ତାକ୍ଷରରେ ବହୁ ପାଶ୍ଚାତ୍ୟ ଦାର୍ଶନିକଙ୍କ ମହତ୍‌ବାଣୀ ଏବଂ ପ୍ରବଚନ ଥିବା ହସ୍ତାକ୍ଷର ଖାତାଗୁଡ଼ିକ ବଜାରରେ ଉପଲବ୍ଧ ଥିଲା। ଛାତ୍ରୀଛାତ୍ରଙ୍କ ସଂସ୍କାର ଓ ଶୃଙ୍ଖଳା ପାଇଁ ଏହି ସବୁ ମହତ୍‌ବାଣୀଗୁଡ଼ିକ ବେଶ୍ ମହତ୍ତ୍ୱ ଥିଲା। କିନ୍ତୁ ଆଜିକାର ପ୍ରାୟ ସରକାରୀ ବେସରକାରୀ ବିଦ୍ୟାଳୟରେ ହସ୍ତାକ୍ଷର ଖାତା ଆଉ ପ୍ରାୟ ପ୍ରଚଳିତ ହେଉ ନାହିଁ। ଏପରି କି ବିଦ୍ୟାଳୟ ଶ୍ରେଣୀ ଶିକ୍ଷକମାନଙ୍କର ଏ ଦିଗରେ ମଧ୍ୟ କୌଣସି ତତ୍ପରତା ନାହିଁ। ପୂର୍ବରୁ ବିଦ୍ୟାଳୟ ଶ୍ରେଣୀ କକ୍ଷ କାନ୍ଥରେ ମହାପୁରୁଷମାନଙ୍କ ନିତିବାଣୀ ଲେଖାଯାଉଥିଲା। ଦୁଃଖର କଥା ଆଜି ପ୍ରାୟ ବିଦ୍ୟାଳୟଗୁଡ଼ିକରେ ଏ ସବୁ ଆଉ ଦୃଶ୍ୟ ହେଉନାହିଁ। ବୌଦ୍ଧିକ ପରିବେଶ ଲୁଚିଯାଉଛି। ଭାରତ ସମ୍ବିଧାନର ଲିଖିତ ମୁଖବନ୍ଧ ଏବଂ ସମସ୍ତ ଧାରା ପ୍ରେମ ବିହାରୀ ନରେନ ରାଇଜଦା (ସାକ୍ସେନା)ଙ୍କ ସ୍ୱ–ହସ୍ତରେ ଲିଖିତ ହୋଇଅଛି। ଏହା ଆଜି ପର୍ଯ୍ୟନ୍ତ ସାମ୍ବିଧାନିକ ପ୍ରକୋଷ୍ଠରେ ରଖାଯାଇଅଛି ।

ଛାତ୍ରୀଛାତ୍ରମାନଙ୍କ ହସ୍ତାକ୍ଷର ଅଭ୍ୟାସ ଆଜିର ଇଣ୍ଟରନେଟ୍ ଯୁଗରେ ପ୍ରାୟ ଆଗ୍ରହ କମିଯାଉଛି। କାର୍ଯ୍ୟାଳୟମାନଙ୍କର ଯେପରି ଚିଠି, ନଥିପତ୍ର, ସେବାପୁସ୍ତିକା ବିବରଣୀ, ଗସ୍ତ ବିବରଣୀ ହାତରେ ଲେଖାଯାଉ ଥିଲା ତାହା ମଧ୍ୟ କମି ଗଲାଣି। ପୂର୍ବରୁ ବିଦ୍ୟାର୍ଥୀମାନେ ପଢୁଥିବା ସମସ୍ତ ବିଷୟର ନିଜ ହସ୍ତଲେଖା ନୋଟ୍ ପ୍ରସ୍ତୁତ କରୁଥିଲେ। ସୁନ୍ଦର ଅକ୍ଷର ସାଙ୍ଗକୁ ବିଭିନ୍ନ ରଙ୍ଗର ବିଜ୍ଞାନ, ଭୂଗୋଳ, ସାମାଜିକ ଜ୍ଞାନର ଚିତ୍ରଗୁଡ଼ିକ ବଡ଼ ଆକର୍ଷଣୀୟ ଥିଲା। ବର୍ତ୍ତମାନର ଇଣ୍ଟରନେଟ୍ ବହୁଳ ବ୍ୟବହାର ଏ ସବୁ ହସ୍ତଲେଖା କାର୍ଯ୍ୟକୁ ଦୂରେଇ ଦେଉଛି।

ସୁନ୍ଦର ହସ୍ତାକ୍ଷରରୁ ଏକ ସ୍ୱତନ୍ତ୍ର ପରିଚୟ ମିଳିଥାଏ। ଏହା ଏକ ସ୍ୱତନ୍ତ୍ର ଦକ୍ଷତା ବୋଲି ଧରାଯାଏ। ଗାନ୍ଧିଜୀଙ୍କ ହସ୍ତାକ୍ଷର ସୁନ୍ଦର ନ ଥିବାରୁ ସେ ଦୁଃଖିତ ଥିଲେ। ବହୁ ବିଦ୍ୟାର୍ଥୀ ଭଲପାଠ ପଢ଼ିଲେ ମଧ୍ୟ ସେମାନଙ୍କ ମଧ୍ୟରୁ କିଛି ସୁନ୍ଦର



ହସ୍ତାକ୍ଷର ନ ଥାଏ। ପରୀକ୍ଷା ମୂଲ୍ୟାଙ୍କନ ସମୟରେ ସୁନ୍ଦର ଅକ୍ଷର ଥିବା ଠିକ୍ ଉତ୍ତର ଖାତାଗୁଡ଼ିକ ଶିକ୍ଷକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ଏଥିପାଇଁ ଭଲ ମୂଲ୍ୟାଙ୍କନ ଦିଗରେ ମଧ୍ୟ ଶିକ୍ଷକଙ୍କର ବିଶେଷ ଆଗ୍ରହ ରୁହେ। ଠିକ୍ ଉତ୍ତର ଲେଖି ମଧ୍ୟ ହସ୍ତାକ୍ଷର ଭଲ ହୋଇ ନ ଥିଲେ କିମ୍ବା ସ୍ପଷ୍ଟ ପଢ଼ି ହୋଇ ନ ଥିଲେ ମୂଲ୍ୟାଙ୍କନରେ କମ୍ ନମ୍ବର ପାଇଥାନ୍ତି। ନେପାଳରେ ରହୁଥିବା ପ୍ରକୃତି ମଲ୍ଲା ନାମକ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ ବିଶ୍ୱରେ ସର୍ବଶ୍ରେଷ୍ଠ ସୁନ୍ଦର ହସ୍ତାକ୍ଷର ଭାବେ ୨୦୧୮ରେ ପୁରସ୍କୃତ ହୋଇଥିଲେ। ପୁନର୍ବାର ୨୦୨୨ରେ ନେପାଳସ୍ଥିତ ସଂଯୁକ୍ତ ଆରବ ରାଷ୍ଟ୍ର ଦୂତାବାସ ଛାତ୍ରୀ ପ୍ରକୃତି ମଲ୍ଲାଙ୍କୁ ସୁନ୍ଦର ହସ୍ତାକ୍ଷର ପାଇଁ 'ସ୍ପିରିଟ୍ ଅଫ୍ ଦି ୟୁନିୟନ' ଅବସରରେ ସମ୍ମାନିତ କରାଇଥିଲା। ସେହିପରି ଅନମାନିଆ ବିଜୁ ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରୀ ଚେମ୍ପରି କନ୍ନରର ନିର୍ମଳ ହାଇୟର ସେକେଣ୍ଡାରୀ ସ୍କୁଲରେ ପାଠ ପଢୁଥିଲେ। ୨୦୨୧ରେ ବିଶ୍ୱର ସର୍ବଶ୍ରେଷ୍ଠ ସୁନ୍ଦର ହସ୍ତାକ୍ଷର ପାଇଁ ତାଙ୍କୁ ପୁରସ୍କୃତ କରାଯାଇଥିଲା। ତେବେ ବାକ୍ୟ ଲେଖିବା ସମୟରେ ସୁନ୍ଦରତା ପାଇଁ କେତେକ ବିଶେଷ କୌଶଳକୁ ଧାନ ଦେବା ଉଚିତ। କେହି କେହି ଅକ୍ଷରଗୁଡ଼ିକୁ ବାମ ଆଡ଼କୁ ଢଳାଇ ଢଳାଇ ଲେଖିବାକୁ ପସନ୍ଦ କରିଥାନ୍ତି। ଅନ୍ୟମାନେ ଡାହାଣ ଆଡ଼କୁ ଢଳାଇ ଢଳାଇ ଲେଖିଥାନ୍ତି। ଏହିପରି ଭିନ୍ନ ଭିନ୍ନ ଆକୃତିରେ ସୁନ୍ଦର ଅକ୍ଷର ଲେଖି ବାକ୍ୟଗୁଡ଼ିକୁ ଆଖି ନ ଫେରିବା ପରି ଆକର୍ଷଣୀୟ କରିଥାନ୍ତି। ପ୍ରାଚୀନ ଶିଳା ଲିପିରେ ବିଭିନ୍ନ ଭାଷାରେ ଶିଳ୍ପୀମାନେ ଲେଖୁଥିଲେ। ଆଜିକାଲି ଇଣ୍ଟରନେଟ୍ ଯୁଗରେ ଚିଠି ହଜିଗଲାଣି। ତହସିଲ କାର୍ଯ୍ୟାଳୟର ଜମିପଟ୍ଟା, ଜମି କ୍ରୟ ବିକ୍ରୟ ଦଲିଲ, କେସ୍ ଫଏସଲା ବିବରଣୀ ଆଦି ସେମାନଙ୍କର କର୍ମଚାରୀମାନେ ଲେଖୁଥିଲେ। ସେ ଲେଖାଗୁଡ଼ିକ ପ୍ରାୟତଃ କମ୍ ବ୍ୟବହାର ହେଉଥିଲା। ବର୍ଷ ବର୍ଷ ଧରି ରହିଲେ ମଧ୍ୟ ଅକ୍ଷର ଲିଭିଯାଉ ନ ଥିଲା। ପୂର୍ବରୁ ଆମମାନଙ୍କ ଜାତକ ତାଳପତ୍ରରେ ଲେଖାଯାଉଥିଲା। ବର୍ତ୍ତମାନ ବ୍ୟବସ୍ଥାର ସମ୍ପୂର୍ଣ୍ଣ ପରିବର୍ତ୍ତନ ଘଟିଛି। ସବୁଠାରୁ ମଜାକଥା ହେଲା। ପୂର୍ବରୁ ଗାଁରେ ସାକ୍ଷରତା ହାର କମ୍ ଥିଲା। ଅଧିକାଂଶ ପରିବାରର ସଦସ୍ୟମାନେ ଲେଖାପଢ଼ା ଜାଣି ନ ଥିଲେ। ଗାଁରେ ଯେଉଁ କେତେଜଣ ପାଠ ପଢୁଆ ପୁଅ, ଝିଅ, ବୋହୂ ଥିଲେ, ସେମାନଙ୍କ ମଧ୍ୟରୁ ଯେଉଁମାନଙ୍କର ସୁନ୍ଦର ହସ୍ତାକ୍ଷର ଥିଲା ସେମାନଙ୍କୁ ଚିଠି ଲେଖିବା ପାଇଁ ବଡ଼ ଡାକରା ଥିଲା। ସୁନ୍ଦର ହାତଲେଖା ଚିଠିଟିର ଯେଉଁ ଆକର୍ଷଣ ଓ ଆତ୍ମୀୟତା ଥିଲା, ଆଜିର ଇ–ଚିଠିରେ ବା ମୋବାଇଲ୍ ମେସେଜରରେ ମିଳିବ କେଉଁଠୁ। ହାତଲେଖା ଚିଠିର କେତେ ମାନ ଅଭିମାନ, ସୁଖଦୁଃଖର ସ୍ମୃତିଗୁଡ଼ିକ କାଳକାଳ ଜୀବନ୍ତ କରି ମହକୁ ଥାଏ।

ଲକ୍ଷ୍ୟ କରାଯାଏ, ପ୍ରାୟ ସତୁରି ପ୍ରତିଶତ ଡାକ୍ତରଙ୍କର ଔଷଧ ଚିଠାରେ ଖରାପ ଅକ୍ଷର ଲେଖନ୍ତି। ଏହା କି ପ୍ରକାର ଅଭ୍ୟାସ ବୁଝିବା କଷ୍ଟକର। ତେବେ ଦୁଃଖର ବିଷୟ ପିଲାମାନଙ୍କର ପଠନ ଲିଖନ ବକ୍ତୃତା ଓ ଧୈର୍ଯ୍ୟ ଶକ୍ତିର ଦକ୍ଷତା କମିଯାଉଛି। ଛାତ୍ରୀଛାତ୍ରମାନଙ୍କୁ ଏ ଦିଗରେ ଉତ୍ସାହିତ କରିବା ସହ ସମସ୍ତ ଶିକ୍ଷାନୁଷ୍ଠାନରେ ପ୍ରତିଯୋଗିତା ଓ କୌଶଳ ଶିକ୍ଷା ଦିଆଯିବା ପାଇଁ ଅଭିଭାବକ ଓ କର୍ତ୍ତୃପକ୍ଷ ଗୁରୁତ୍ୱ ଦିଅନ୍ତୁ।

**ମୋ:୯୯୩୮୦୮୦୨୯୪**

## ଏଇ ଭାରତରେ

ଉତ୍ତରାଖଣ୍ଡ ପୋଲିସ ମହାନିର୍ଦ୍ଦେଶକ ଅଶୋକ କୁମାର ରାଜ୍ୟରେ ଭିକ୍ଷାବୃତ୍ତି କରୁଥିବା ତଥା ବିଭିନ୍ନ ହିଂସାର ଶିକାର ହେଉଥିବା ଗରିବ ପିଲାମାନଙ୍କୁ ଉଦ୍ଧାର କରି ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରୁଛନ୍ତି। ଏବେ ସୁଦ୍ଧା ସେ ୧୭୦୦ ଏଭଳି ଗରିବ ପିଲାଙ୍କୁ ଉଦ୍ଧାର କରିସାରିଲେଣି। ଏଥିରେ ଉତ୍ତରପ୍ରଦେଶ ପୋଲିସ ବିଭାଗ ମଧ୍ୟ ସହଯୋଗ କରୁଛି। 'ଅପରେଶନ ମୁକ୍ତି' କାର୍ଯ୍ୟକ୍ରମ ମାଧ୍ୟମରେ ସେ ଏହି ଅଭିଯାନ ଚଳାଉଛନ୍ତି। ପିଲାମାନଙ୍କୁ ଉଦ୍ଧାର କରିବା ପରେ ସରକାରୀ ସ୍କୁଲରେ ସେମାନଙ୍କ ନାମ ଲେଖାଯିବାର ବ୍ୟବସ୍ଥା କରାଯାଇଛି। ଏବେ ଉତ୍ତରାଖଣ୍ଡର ବିଭିନ୍ନ ଅଞ୍ଚଳରେ ୫–୧୪ ବର୍ଷ ମଧ୍ୟରେ ୪,୦୦୦ରୁ ଊର୍ଦ୍ଧ୍ୱ ବିଲା ଭିକ୍ଷାବୃତ୍ତିରେ ରହିଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ଅଧିକାଂଶଙ୍କୁ ଉଦ୍ଧାର କରାଯାଇସାରିଥିଲେ ବି ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଶିକ୍ଷା ସ୍ରୋତରେ ସାମିଲ କରାଯିବ ବୋଲି ଡିଜିପି କହିଛନ୍ତି। ଶିଶୁମାନଙ୍କୁ ଶ୍ରମିକ ଓ ଭିକ୍ଷାବୃତ୍ତିରୁ ମୁକୁଳାଇବା ଲାଗି ସେ ମାନବ ଚାଲାଣ ନିରୋଧୀ ୟୁନିଟ୍‌ର ୧୦୦ ପୋଲିସ କର୍ମଚାରୀଙ୍କ ସହାୟତାରେ ପଥପ୍ରାନ୍ତ ନାଟକ ମଧ୍ୟ ଆୟୋଜନ କରୁଛନ୍ତି। ଏହି ଅଭିଯାନ ପାଇଁ ଡିଜିପିଙ୍କୁ 'ପୋଲିସ ଅଙ୍କଲ' ବୋଲି ପିଲାମାନେ ସମ୍ବୋଧନ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ନଭେମ୍ବର ୧୯୯୮

- ତିନିଆକିଆ ନିରାପତ୍ତା ପରିଷଦରୁ ସହାୟତା ଯୋଗାଇଦେବା ପାଇଁ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ୨୨ ଜଣିଆ ନିରାପତ୍ତା ପରାମର୍ଶ ବୋର୍ଡ ଗଠନ।
- ଦିଲ୍ଲୀର ମୁଖ୍ୟମନ୍ତ୍ରୀ ସୁଷମା ସ୍ୱରାଜ ଏବଂ ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଭୈରୋଁ ସିଂ ଶେଖାୱତ୍‌ଙ୍କ ନିଜ ନିଜ ରାଜ୍ୟରେ ଦଳର ପରାଜୟ ପାଇଁ ନିଜକୁ ନୈତିକ ଭାବେ ଦାୟୀ କରି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ପ୍ରଦାନ।

## ସୁ–ଡୋ–କୁ

sudoku – Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | 9 | | | | | | 6 |
| | | 6 | | 9 | 4 | | 1 | |
| | | | | | 8 | | | |
| | | | | | 6 | 3 | | |
| 2 | | | | | | | | 9 |
| | 8 | 4 | 5 | | | | | |
| | 6 | | | | | | | 1 |
| 3 | | | 4 | | | | | 2 |
| | 7 | | | | | 4 | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 5 | 1 | 4 | 3 | 7 | 8 | 2 |
| 2 | 3 | 8 | 5 | 7 | 9 | 6 | 4 | 1 |
| 7 | 1 | 4 | 2 | 8 | 6 | 3 | 5 | 9 |
| 6 | 5 | 9 | 8 | 2 | 1 | 4 | 7 | 3 |
| 8 | 7 | 1 | 3 | 6 | 4 | 9 | 2 | 5 |
| 3 | 4 | 2 | 7 | 9 | 5 | 8 | 1 | 6 |
| 4 | 2 | 3 | 9 | 5 | 8 | 1 | 6 | 7 |
| 5 | 9 | 6 | 4 | 1 | 7 | 2 | 3 | 8 |
| 1 | 8 | 7 | 6 | 3 | 2 | 5 | 9 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଝୋଟର ସହାୟକ ମୂଲ୍ୟ ବଢୁ

ମହାଶୟ,

ଦେଶରେ ଦରଦାମ ବୃଦ୍ଧି ହେଉଥିବା ବେଳେ କୃଷିଜାତ ଦ୍ରବ୍ୟ ବୃଦ୍ଧି ନ ହେବା ପରିତାପର ବିଷୟ। ଜନସଂଖ୍ୟାର ୮୦ ଭାଗ ଲୋକ ମାଗଣା ଚାଉଳ ପାଉଥିବାରୁ ଧାନ ଚାଷ କରିବାକୁ ଚାଷୀମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି। ବର୍ଷା ଅଭାବରୁ ଧାନଫସଲ ଆଶାନୁରୂପ ହେଉନାହିଁ। ତେଣୁ ଅର୍ଥକାରୀ ଫସଲ କରିବାକୁ ଚାଷୀ ପନିପାରିବା ଓ ନଳିତା ଚାଷ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ନଳିତା କ୍ୱିଣ୍ଟାଲ ପ୍ରତି ସହାୟକ ମୂଲ୍ୟ ବୃଦ୍ଧି ନ କଲେ ଝୋଟ ଚାଷ କରିବା ସମ୍ଭବ ହେବନାହିଁ। ଶ୍ରମିକ ମଜୁରୀ, ସାର ଓ ବିହନ ଦର ବୃଦ୍ଧି ଫଳରେ ଚାଷୀ ଝୋଟ ଚାଷର ଉପଯୁକ୍ତ ମୂଲ୍ୟ ପାଇପାରୁନାହିଁ। ଯେଉଁମାନେ ଚଳିତବର୍ଷ ନଳିତା ଚାଷ କରିଛନ୍ତି ସେମାନେ କ୍ଷତି ସହି ଆଉ କରିବେ ନାହିଁ। ସରକାର ପଲିଥିନ ବର୍ଜନ ପାଇଁ କଡ଼ା କଡ଼ି ନିୟମ କରୁଥିବାବେଳେ ଝୋଟରେ ତିଆରି ବ୍ୟାଗ ଓ ଅନ୍ୟାନ୍ୟ ଦ୍ରବ୍ୟ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ରାଜ୍ୟ ଓ କେନ୍ଦ୍ର ସରକାର ଝୋଟର ସହାୟକ ମୂଲ୍ୟ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଝୋଟକଳ ସ୍ଥାପନ ପାଇଁ ଗୁରୁତ୍ୱ ଦେବା ଉଚିତ୍। କୋଣାର୍କ ଝୋଟକଳର ପୁନଃଉଦ୍ଧାର କରାଗଲେ ଶ୍ରମିକ ଓ କୃଷକମାନେ ଉପକୃତ ହେବା ସଙ୍ଗେ ସଙ୍ଗେ ଝୋଟ ଅଖା ଓ ବ୍ୟାଗର ଆବଶ୍ୟକତା ପୂରଣ ହୋଇପାରିବ।

**–ଚୌଧୁରୀ ପ୍ରଫୁଲ୍ଲ ସାମଲ, ବିଦ୍ୟାଧରପୁର, ବଡ଼ଚଣା**

## ଚିରନ୍ତନୀ

ରୂପେ ରୂପେ ଆଜି ଫୁଟି ଉଠୁ ତବ ବାଣୀ
ଭୁବନ ବିରାଟ ଭାଷାର ସିନ୍ଧୁ ଛାଣି
ବାଣୀରେ ତୁମର ଫୁଟୁ ଅଭିନବ ରୂପ
ଜାଗ ଯୌବନ ଜାଳି ଜୀବନର ଧୂପ।
ଜାଳି ଦେଇ ଜରା ଜଡ଼ତା ତମସା ରାଜି
ରୂପର ଆଲୋକେ ଜାଗ ଯୌବନ ଆଜି !
ମରଣ ଯନ୍ତ୍ରେ ଦିଅ ହେ ଆଘାତ ହାଣି
ଛନ୍ଦେ ତାହାର ବାଜି ଉଠୁ ତବ ବାଣୀ।
–(ରୂପ ଓ ବାଣୀ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଯୋଗୀସର୍ଡାରେ ଆମବ୍ୟାଙ୍କ ସେବା ଆରମ୍ଭ

ଲୋଇସିଂହା,୨୮।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତରେ ଆମ ବ୍ୟାଙ୍କ ସେବାର ଶୁଭାରମ୍ଭ ହୋଇଛି। ଏଠାରେ ୟୁକୋ ବ୍ୟାଙ୍କ କାର୍ଯ୍ୟକ୍ଷମ ହୋଇଛି। ଉକ୍ତ ବ୍ୟାଙ୍କ କାର୍ଯ୍ୟକ୍ଷମ ପରେ ଯୋଗୀସର୍ଡା ଓ ବାଦିବାହାଲ ପଞ୍ଚାୟତର ଜନସାଧାରଣ ଉପକୃତ ହେବେ। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ବିଡିଓ ଯୁଧିଷ୍ଠିର ମେହେର, ସରପଞ୍ଚ ବିଜୁଳି ପଧାନ, ଜିପିଓ କିଶୋର ମାନସିଂ ଓ ୟୁକୋ ବ୍ୟାଙ୍କ କର୍ମଚାରୀ ଉପସ୍ଥିତ ଥିଲେ।

### ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଲୋଇସିଂହା,୨୮।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଭାଗୃହରେ ଜିଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଏସ୍‌ପି ସୁରେଶ ନାଏକଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ୧୦୬ ଅଭିଯୋଗ ଦାଖଲ ହୋଇଥିଲା। ସେଥିରୁ ୫୦ ସାମୂହିକ ଏବଂ ୫୬ଟି ପ୍ରଧାନମନ୍ତ୍ରୀ ଆବସ ଉପରେ ରହିଥିଲା। ଅଭିଯୋଗ ଉପରେ ତ୍ୱରିତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଜିଲାପାଳ। ବ୍ଲକ ଅଧୀନ ଯୋଗୀସର୍ଡା ପାକ୍ସ ପକ୍ଷରୁ ଭାଲିଆମୁଣ୍ଡାରେ ଚଳିତ ଖରିଫ ଧାନ ମଣ୍ଡି ଖୋଲିବାକୁ ଯୋଜନା କରାଯାଇଛି । ଏହାକୁ ନେଇ ସ୍ଥାନୀୟ ଚାଷୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଧାନ ବ୍ୟବସାୟୀଙ୍କୁ ସୁହାଇବା ପାଇଁ ମଣ୍ଡି ସ୍ଥାନାନ୍ତରଣ କରାଯାଇଥିବା ନେଇ ଅଭିଯୋଗ ଶୁଣାଣି ଶିବିରରେ ଚାଷୀମାନେ ଫେରାଦ ହୋଇଥିଲେ । ଅଭିଯୋଗ ପାଇ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ସମବାୟ ଓ ଯୋଗାଣ ବିଭାଗ ଅଧିକାରୀ କ୍ଷେତ୍ର ପରିଦର୍ଶନ କରିଥିବା ଜଣାଯାଇଛି ।

### ମହିଳାଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ଲାଞ୍ଜିଗଡ଼,୨୮।୧୧(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ନର୍ଲା ଥାନା ସିକେରକୁପା ଫାଣ୍ଡି ଅନ୍ତର୍ଗତ କାଉଗୁଡ଼ାଠାରେ ଜଣେ ବିବାହିତା ମହିଳା ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ମହିଳା ଜଣକ କାଉଗୁଡ଼ାର ବୁଦ୍ଧିମନ୍ତ ଗଉଡ଼ଙ୍କ ସ୍ତ୍ରୀ ସୁଶୀଳା ଗଉଡ଼। କୌଣସି କାରଣକୁ ନେଇ ସେ ନିଜ ଘରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିଲେ। ଖବର ପାଇ ସିକେରକୁପା ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ତଦନ୍ତ ଆରମ୍ଭ କରିଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ (ନଂ.୧୧/୨୩) ରୁଜୁ ହୋଇଛି।

# ଆରମ୍ଭ ହେଲା ଖରିଫ ଧାନକିଣା

ବଲାଙ୍ଗୀର/ଲୋଇସିଂହା, ୨୮।୧୧
(ବୀରେନ୍ଦ୍ର କୁମାର ଝାଙ୍କର/ସୁଶାନ୍ତ ବାରିକ)


କନ୍ଦାଜୁରୀ ପାକ୍ସରେ ଖରିଫ ଧାନକିଣା ଶୁଭାରମ୍ଭ ପୂର୍ବରୁ ଅନୁଷ୍ଠିତ ପୂଜାର୍ଚ୍ଚନାରେ ଜିଲାପାଳ ଚଞ୍ଚଳ ରାଣା ବସିଛନ୍ତି।

- କନ୍ଦାଜୁରୀ ପାକ୍ସରୁ ଆରମ୍ଭ ହେଲା ଧାନକିଣା
- ପୂଜାର୍ଚ୍ଚନା ପରେ ଧାନକିଣା ଶୁଭାରମ୍ଭ କଲେ ଜିଲାପାଳ

ଚଳିତ ଖରିଫ ୨୦୨୩-୨୪ ବର୍ଷ ପାଇଁ ବଲାଙ୍ଗୀର ଜିଲାରେ ମଙ୍ଗଳବାରଠାରୁ ବିଧିବଦ୍ଧଭାବେ ଧାନକିଣା ଆରମ୍ଭ ହୋଇଛି। ଜିଲାର ଲୋଇସିଂହା ବ୍ଲକ୍ ଅନ୍ତର୍ଗତ କନ୍ଦାଜୁରୀ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ରୁ ଏହି ଧାନକ୍ରୟ ଆରମ୍ଭ ହୋଇଛି। ଜିଲାପାଳ ଚଞ୍ଚଳ ରାଣା ଧାନକିଣା ଶୁଭାରମ୍ଭ କରିଥିଲେ। ଗତ ୧୬ ତାରିଖ ଜିଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ ବସିଥିଲା। ଏହି ବୈଠକ ନିଷ୍ପତ୍ତି ଅନୁସାରେ ୨୮ ତାରିଖରୁ ଧାନକିଣା ଆରମ୍ଭ ହୋଇଛି। ଜିଲାର ୧୫୮ଟି ପାକ୍ସ ଓ ୧୭ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଜରିଆରେ ଧାନ କ୍ରୟ କରାଯିବ। ଚଳିତ ଖରିଫ ବିପଣନ ବର୍ଷ ସକାଶେ ସାଧାରଣ ଏଫଏକ୍ୟୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୧୮୩ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ଗ୍ରେଡ ଏ ଏଫଏକ୍ୟୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୨୦୩ ଟଙ୍କା ଧାର୍ଯ୍ୟ କରାଯାଇଛି। ଧାନକିଣା ଶୁଭାରମ୍ଭ ବେଳେ ଜିଲାପାଳ ରାଣା ଜିଲାରେ ଯେପରି ସୁବ୍ୟବସ୍ଥିତ ଢ଼ଙ୍ଗରେ ଧାନକିଣା ହେବ ସେଥିପ୍ରତି ଧାନ ଦେବାକୁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପାକ୍ସଗୁଡ଼ିକରେ ଚାଷୀଙ୍କ ଧାନର ସଅଳ ବିକ୍ରୟ ଏବଂ ଉଚିତ୍ ମୂଲ୍ୟ ପ୍ରଦାନ ଦିଗରେ ଧାନ ଦେବାକୁ ଗୁରୁତ୍ୱାରୋପ କରିଥିଲେ।

କନ୍ଦଜୁରୀ ପାକ୍ସରେ ଧାନକିଣା ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲାପାଳ ରାଣାଙ୍କ ସହ ମୁଖ୍ୟ ଯୋଗାଣ ଅଧିକାରୀ ଜି. ପ୍ରଭାକର ପାତ୍ର, ସମବାୟ ସମିତି ଉପନିବନ୍ଧକ ଦମୟନ୍ତୀ ସିଂଙ୍କ ସମେତ ସମବାୟ, ନିୟନ୍ତ୍ରିତ ବଜାର କମିଟି, ପ୍ରାଥମିକ କୃଷି ସମବାୟ ସମିତି ଅଧିକାରୀ, କର୍ମଚାରୀ ଏବଂ ଚାଷୀ ଉପସ୍ଥିତ ଥିଲେ। ଚଳିତ ଖରିଫ ପାଇଁ ଜିଲାରେ ୮୯,୪୨୩ ଜଣ ଚାଷୀ ପାକ୍ସ ଓ ଏସ୍‌ଏଚ୍‌ଜି ଜରିଆରେ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ ହୋଇଛି। ଧାନକ୍ରୟ କମିଟି ବୈଠକରେ ଧାନ ସଂଗ୍ରହ ନିମନ୍ତେ ଆବଶ୍ୟକ ଉପକରଣ, ଯନ୍ତ୍ରପାତି ଯଥା ଓଜନ ମେଶିନ, ଆଦ୍ରତା ମାପ ମେଶିନ, ମିନି ଗ୍ରେଡର, ତାରପୋଲିନକୁ କାର୍ଯ୍ୟକ୍ଷମ କରି ମଣ୍ଡି ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ସହିତ ଧାନ ସଂଗ୍ରହ ନିମନ୍ତେ ଆବଶ୍ୟକ ଆନୁସାଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀ ଓ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଧାନ ସଂଗ୍ରହ ପ୍ରକ୍ରିୟାକୁ ପାରଦର୍ଶିତା କରିବା ନିମନ୍ତେ ସମସ୍ତ ମଣ୍ଡି ଗୁଡ଼ିକରେ ସିସି ଟିଭି ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଚଳିତ ଧାନ କିଣା ସମୟରେ ଚାଷୀ ଯେଭଳି ଉଚିତ୍ ମୂଲ୍ୟ ପାଇବ, କଟ୍‌ନି ଛଟ୍‌ନି ହେବନାହିଁ ଏବଂ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଠିକଣା ସମୟରେ ଚାଷୀ ଯେଭଳି ତାର ଉପାର୍ଜିତ ଧାନକୁ ବିକ୍ରି କରିପାରିବ ସେନେଇ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଏବଂ ଲୋଇସିଂହା ବିଧାୟକ ଡ, ମୁକେଶ ମହାଲିଙ୍ଗ ଗୁରୁତ୍ୱାରୋପ କରିଥିଲେ। ମିଲର୍ସମାନେ ଯେଭଳି ସିଧାସଳଖ ଚାଷୀଙ୍କଠାରୁ ଧାନ କିଣିବେ ନାହିଁ ସେଦିଗରେ ଧାନ ଦେବାକୁ ବିଧାୟକମାନେ ଗୁରୁତ୍ୱ ଦେଇଥିଲେ।

# ଯୁରିଆରେ ଖୋଲିଲା ଧାନମଣ୍ଡି

ଖପ୍ରାଖୋଲ,୨୮।୧୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ପ୍ରାଥମିକ କୃଷି ସମବାୟ ସମିତି ଯୁରିଆଠାରେ ଖରିଫ ଧାନକିଣା ପାଇଁ ଧାନମଣ୍ଡି ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ପାଟଣାଗଡ ଉପଖଣ୍ଡ ଆସିଷ୍ଟାଣ୍ଟ କଲେକ୍ଟର ପଦ୍ମନାଭ ମହାରଣା, ସମ୍ମାନୀତ ଅତିଥି ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ପାଟଣାଗଡ ତହସିଲଦାର ରୁଦ୍ରମାଧବ ନାଏକ, ପାଟଣାଗଡ ଉପଖଣ୍ଡ ଯୋଗାଣ ଅଧିକାରୀ ମାୟାଧର ସାହୁ, ଆରଏମସି ସମ୍ପାଦକ କ୍ଷମାନିଧି ଗଡ଼ତ୍ୟା, ଜିଲା କୃଷକ ସଂଗଠନ ସଭାପତି ଯତି ପ୍ରଧାନ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ପ୍ରଥମେ ଧାନ ମାପ ଯନ୍ତ୍ରପାତିର ପୂଜା କରାଯାଇଥିଲା। ବ୍ଲକର ସବୁଠୁ ଏଡ଼ି ବଡମଣ୍ଡିରେ ୭୭୭ ଚାଷୀ ଧାନ ବିକ୍ରିପାଇଁ ପଞ୍ଜିକରଣ କରଛନ୍ତି। ଚାଷୀଙ୍କ ଟୋକନ ଆସିଥିଲେ ମଧ୍ୟ ଟାର୍ଗେଟ ଆସି ନ ଥିବାରୁ କ୍ରୟ ଆରମ୍ଭ ହୋଇନାହିଁ। ଡ଼ିସେମ୍ବର ପ୍ରଥମ ସପ୍ତାହରୁ ଧାନ କିଣା ବିକା ଆରମ୍ଭ ହେବ ବୋଲି ଜଣାଯାଇଛି। ସେହିପରି ଚଳିତ ବର୍ଷ ଅନେକ ଚାଷୀଙ୍କ କମ ଧାନ ବିକ୍ରି ପାଇଁ ଟୋକନ ଆସିଛି। ଅପରପକ୍ଷରେ ଧାନ ଅମଳ ସାରିଥିଲେ ମଧ ଜାନୁୟାରୀ, ଫେବୃଆରୀ ମାସରେ ଧାନବିକ୍ରି ପାଇଁ ଅନେକ ଚାଷୀଙ୍କ ଟୋକନ ଆସିଥିବାରୁ ଅସନ୍ତୋଷ ଦେଖାଯାଇଛି। ଉଦଘାଟନୀ ଅବସରରେ ପାକ୍ସ ସଭାପତି କନ୍ଦର୍ପ ସୁଆର, ସମ୍ପାଦକ ଜଗଦୀଶ ରଣା, ଲୁହାସିଂହ ସରପଞ୍ଚ ସୀମାଞ୍ଚଳ ପୁରୋହିତ, ସମିତି ସଭ୍ୟ ରମେଶ ପାଢ଼ି, ରାଜକିଶୋର ମେହେର, ଡିଇଓ ଯଦୁମଣି ରଣା, ଲଳିତ ପଟେଲ, ଲଳିତ ବାଗ, ବଂଶୀଧର ପ୍ରଧାନଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ସେହିପରି ଖପ୍ରାଖୋଲ ଅସ୍ଥାୟୀ ମଣ୍ଡିରେ ପାକ୍ସ ସଭାପତି ଗୁଣମଣି ଭୋଇଙ୍କ ଦ୍ୱାରା ଧାନ ମଣ୍ଡିର ଶୁଭାରମ୍ଭ ହୋଇଛି। ଏହି ଅବସରରେ ସମ୍ପାଦକ ଶ୍ରୀପତି ଭୋଇ, ବାବୁ ସାହୁ, ତରଣୀ ସାହୁ, ନୀଳାମ୍ବର ବିଶ୍ୱାଳ, ମୋହନ ସୁନା ପ୍ରମୁଖ ଉପସ୍ଥିତ ଥିଲେ।


ମଣ୍ଡି ଖୋଲିବା ଅବସରରେ ବିଭାଗୀୟ ଅଧିକାରୀମାନେ।

# ବାଲି ବଦଳରେ ମାଟିଫିଲିଂ


ପ୍ଲିନ୍ଥ ପର୍ଯ୍ୟନ୍ତ ବାଲି ବଦଳରେ ମାଟି ପକାଯାଉଛି।

ସଇଁତଲା,୨୮।୧୧(ରାଖାଲ ପ୍ରସାଦ ଶତପଥି)

- ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ
- ତାଗିଦା କଲେ ବି ଶୁଣୁନି ଠିକାସଂସ୍ଥା: ଯନ୍ତ୍ରୀ

ବଲାଙ୍ଗୀର ଜିଲା ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ କାମ ପ୍ରାୟ ୧୦କୋଟି ଟଙ୍କା ବ୍ୟୟ ଅଟକଳରେ ଚାଲୁଛି। ନିର୍ମାଣ କାମ ଏମବିସିସି ଠିକା ସଂସ୍ଥା କରୁଛି। ତେବେ କାମ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ସ୍ୱାସ୍ଥ୍ୟ ବିଭାଗ ତାଗିଦ୍ ଓ ପତ୍ର ମାଧ୍ୟମରେ ଅବଗତ କଲେ ମଧ୍ୟ ଠିକାସଂସ୍ଥା କର୍ଣ୍ଣପାତ କରୁ ନ ଥିବା ଏବଂ ମନମୁଖୀ କାମ କରୁଥିବା ଯନ୍ତ୍ରୀ ବୀଣା ନାଗ କହିଛନ୍ତି। ଅଭିଯୋଗ ଅନୁଯାୟୀ ନିର୍ମାଣରେ କଳଙ୍କି ଲାଗିଥିବା ଲୁହାରଡ଼ ଏବଂ ନିମ୍ନମାନର ସିମେଣ୍ଟ ବ୍ୟବହାର କରାଯାଉଛି। ଅନ୍ୟପକ୍ଷରେ ନିର୍ମାଣର ପ୍ଲିନ୍ଥ ପର୍ଯ୍ୟନ୍ତ ବାଲି ପକାଇବା ସ୍ଥାନରେ ନିକଟରେ ଥିବା ପାହାଡ଼ରୁ ମାଟି ଓ ମୋରୁମ ଆଣି ଫିଲିଂ କରାଯାଉଥିବାରୁ ନିର୍ମାଣାଧୀନ ଗୃହର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାଲି ସ୍ଥାନରେ ମାଟି ପକାଇବା ଘଟଣାକୁ ନେଇ ବଲାଙ୍ଗୀରରେ ଅବସ୍ଥାପିତ ଜାତୀୟ ସ୍ୱାସ୍ଥ୍ୟ ମିଶନର କନିଷ୍ଠ ଯନ୍ତ୍ରୀ ବୀଣା ନାଗ ଠିକା କମ୍ପାନୀକୁ ଚିଠି ମାଧ୍ୟମରେ ତାଗିଦ୍ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ନିର୍ମାଣ କାମ ଯନ୍ତ୍ରୀଙ୍କ ଉପସ୍ଥିତିରେ ହେବା କଥା। ହେଲେ ଠିକାସଂସ୍ଥା ଜଣେ ସୁପରଭାଇଜରଙ୍କୁ ନିଯୁକ୍ତ କରି କାମ କରୁଥିବା ଦେଖିବାକୁ ମିଳୁଛି। ଅଭିଯୋଗ ସମ୍ପର୍କରେ କମ୍ପାନୀର ଡ଼ିପିଏମଙ୍କୁ ତାଙ୍କ ମୋବାଇଲ ନଂ. ୯୪୦୨୩୩୬୦୮୧ରେ ଯୋଗାଯୋଗ କରାଯାଇଥିଲା। ରିଙ୍ଗ ହେବା ସତ୍ତ୍ୱେ ସେ ରିସିଭ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ୧୫୦ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ

ଲାଠୋର,୨୮।୧୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ଅଧିନ ସମଲେଶ୍ୱରୀ କଲୋନୀଠାରେ ସୋମବାର ପଞ୍ଚାୟତସ୍ତରୀୟ ହରିଜନ ଆଦିବାସୀ ଜନ କଲ୍ୟାଣ ବିକାଶ ଯୁବ ପରିଷଦ ସମ୍ପାଦକ ଭୋଦେବ ବାରିକଙ୍କ ନେତୃତ୍ୱରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଜିଲା ପରିଷଦ ସଦସ୍ୟ ସଂଯୁକ୍ତା ମେହେର, ସରପଞ୍ଚ ସୁନାଫୁଲ ବାଗ, ସମିତି ସଭ୍ୟା ଦେବେନ୍ଦ୍ରି ବିଶ୍ୱାଳ, ମହିଳା ଓ ଶିଶୁ ବିକାଶ ବିଭାଗ ଲାଠୋର କ୍ଷେତ୍ର ପରିଦର୍ଶିକା ଅଞ୍ଜଳି ମିଶ୍ର, ସମାଜସେବୀ ସନ୍ତୋଷିନୀ ମେହେର ଯୋଗ ଦେଇଥିଲେ। ଶୀତୁଋତୁକୁ ଆଖି ଆଗରେ ରଖି ଅନୁଷ୍ଠାନ ପକ୍ଷରୁ ଟଙ୍କପାଣି, ଚୋରମୁଣ୍ଡା, ସମଲେଶ୍ୱରୀ କଲୋନୀ, ଗୋୟଲମୁଣ୍ଡା, ସରେଇବାହାଲ, ଧରନିମାଲ, ପତ୍ରାପାଲି, ନୂଆପଡ଼ା, ସୁନାମୁଦି, ବୁଢାଛାପର ଆଦି ୧୦ ଖଣ୍ଡ ଗ୍ରାମର ୧୫୦ବୃଦ୍ଧାବୃଦ୍ଧ ଏବଂ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯଇଥିଲା। ୱାର୍ଡ଼ସଭ୍ୟ ହର ମାଝି ଏଥିରେ ସହଯୋଗ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଅନୁଷ୍ଠାନ ସହ ସମ୍ପାଦକ ଚନ୍ଦ୍ରମଣି ନାଗ।

# କେଦାର କବାଟଙ୍କୁ ଦେବଗିରି ଯୁବ ସମ୍ମାନ

ଟିଟିଲାଗଡ଼, ୨୮।୧୧(ଶରତ ମିଶ୍ର)

ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କରାଟେ ଖେଳାଳି ଟିଟଲାଗଡର କେଦାର କବାଟ ଦେବଗିରି ଯୁବ ସମ୍ମାନ ଗ୍ରହଣ କରିଛନ୍ତି। କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ୩୧ତମ ବାର୍ଷିକ ଉତ୍ସବ ତଥା ରାଜ୍ୟ ସ୍ତରୀୟ କୁମାରସ୍ୱାମୀ ମହୋତ୍ସବର ଉଦ୍‌ଯାପନୀ ଦିବସ 'ବନାବାଡ଼ି ଦିନ' ଅବସରରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଅତିଥିଭାବେ ନର୍ଲା ବିଧାୟକ ଭୁପିନ୍ଦର ସିଂ, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ନାରୀନେତ୍ରୀ ପ୍ରମିଳା ପଧାନ, ଯୁବ ଉଦ୍ୟୋଗୀ ଧିରେନ୍ଦ୍ର ଖେତାନ, ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିଜୟ କୁମାର ଧଙ୍ଗଡ଼ାମାଝି ଅତିଥିଭାବେ ଯୋଗଦେଇ କବାଟଙ୍କୁ ସମ୍ମାନିତ କରିଥିଲେ। ଅନୁଷ୍ଠାନ ସଭାପତି ସଞ୍ଜୟ ଧଙ୍ଗଡ଼ାମାଝି, ସାଧାରଣ ସମ୍ପାଦକ ସୁନୀଲ ଧଙ୍ଗଡ଼ାମାଝି, କୋଷାଧକ୍ଷ ଜୟଦ୍ରଥ ଜାଲ, ଯୁଗ୍ମ ସମ୍ପାଦକ ସୁଧୀର ଧଙ୍ଗଡ଼ାମାଝି ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ ଯେ, ଟିଟିଲାଗଡ ବାସିନ୍ଦା କବାଟ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ମଞ୍ଚରେ ନିଜର କଳା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ୨୦୧୨ ମସିହାରେ ମାଲେସିଆରେ ଆୟୋଜିତ ଏସିଆନ କରାଟେ ଚାମ୍ପିୟନଶିପ ବିଜେତା ହୋଇଥିଲେ। ଗୁରୁକୃପା ସେବା ଟ୍ରଷ୍ଟ ମାଧ୍ୟମରେ ସେ ନିଜସ୍ୱ ପାଣ୍ଠିରୁ ପ୍ରତିଦିନ ୨୫-୩୦ ଜଣ ଅସହାୟ ବ୍ୟକ୍ତିଙ୍କୁ ନିଃଶୁଳ୍କ ଭୋଜନ ସହ ବସ୍ତ୍ର ବଣ୍ଟନ କରିଆସୁଛନ୍ତି। ସମ୍ମାନ ଗ୍ରହଣ ପରେ କବାଟଙ୍କୁ ରାଜ୍ୟର ବିଭିନ୍ନ ଅନୁଷ୍ଠାନ ଓ ବିଶିଷ୍ଟ ବ୍ୟକ୍ତି ଅଭିନନ୍ଦନ ଜଣାଇଛନ୍ତି।


କେଦାର କବାଟ ଅତିଥିଙ୍କଠାରୁ ଯୁବ ସମ୍ମାନ ଗ୍ରହଣ କରୁଛନ୍ତି।

# ଅହୋରାତ୍ର ନାମଯଜ୍ଞ ସୁବର୍ଣ୍ଣ ଜୟନ୍ତୀ ସମାରୋହ

ବଲାଙ୍ଗୀର,୨୮।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଟିକ୍ରାପଡାଠାରେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ୫୦ତମ ନାମଯଜ୍ଞ ଉଦ୍‌ଯାପିତ ହୋଇଛି। ନାମଯଜ୍ଞରେ ବଲାଙ୍ଗୀର ଜିଲା ସମେତ କଳାହାଣ୍ଡି, ବରଗଡ, ସୁବର୍ଣ୍ଣପୁର ଜିଲାର ବିଭିନ୍ନ କୀର୍ତ୍ତନ୍ୟ ଗୁରୁ ଓ ଦଳ ଯୋଗଦାନ କରିଥିଲେ। ଏହି ଅବସରରେ ଆୟୋଜକ କମିଟି ପକ୍ଷରୁ ବେଦ ଓ ଗୀତା ଉଚ୍ଚାରଣ, ହୁଳହୁଳି, ଶଙ୍ଖ, ରଙ୍ଗୋଲି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା।


୫୦ତମ ନାମଯଜ୍ଞ ଉପଲକ୍ଷେ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞରେ ବସିଥିବା କର୍ତ୍ତାମାନେ ପୂଜାର୍ଚ୍ଚନା କରୁଛନ୍ତି।

ସନ୍ଧ୍ୟା ପ୍ରହର ଭୋଗରେ ପଡାର ମହିଳାମାନଙ୍କ ଦ୍ୱାରା ତିଆରି ହୋଇଥିବା ଛପନ ଭୋଗ ବେଶ ଆକର୍ଷଣୀୟ ହୋଇଥିଲା। ସନ୍ଧ୍ୟା କାର୍ଯ୍ୟକ୍ରମରେ ବିଶିଷ୍ଟ କୀର୍ତ୍ତନ୍ୟ ଗାୟିକା ଦେବକୀ ସାହୁ ମଞ୍ଚରେ କର୍ତ୍ତନ୍ୟ ପରିବେଷଣ କରିଥିଲେ। ସଭାରେ ଅତିଥିଭାବେ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ଯୁବନେତା ଅର୍କେଶ ନାରାୟଣ ସିଂଦେଓ ଏବଂ ଗୋପାଳଜୀ ପାଣିଗ୍ରାହୀ ଯୋଗ ଦେଇଥିଲେ। ପୂର୍ବତନ ନଗରପାଳ ପ୍ରଦୀପ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆୟୋଜନ କମିଟି ସଭାପତି ପ୍ରକାଶ କୁମାର ନେପାକ, ସମ୍ପାଦକ ଅଙ୍କୁଶ ହୋତା, ବରିଷ୍ଠ ଉପଦେଷ୍ଟା ଭଗବାନ ବର୍ଗତ୍ତି, ମହିଳା କମିଟି ସଭାନେତ୍ରୀ ବନେଶ୍ୱରୀ ବେହେରା ଓ ସମ୍ପାଦିକା ଲିନା ମହାନ୍ତି, ସଭ୍ୟ ସୁବାସ ସା ବକ୍ତବ୍ୟ ରଖିଥିଲେ । ଗୁରୁଶ୍ରୀ ଡ. ଘାସିରାମ ମିଶ୍ର ଓ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କୁ କମିଟି ପକ୍ଷରୁ ମାନପତ୍ର ଓ ଉପଢୌକନ ଦେଇ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରତିଷ୍ଠାତା ସଭ୍ୟ ଏବଂ ସଭା ସଂଯୋଜକ ମଧୁସୂଦନ ନାୟକଙ୍କୁ ମଧ ସମ୍ମାନିତ କରାଯାଇଥିଲା। ସଭାପତି ପ୍ରକାଶ ନେପାକ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱଶାନ୍ତି ମହାଯଜ୍ଞର ଉଦ୍‌ଯାପନୀ ଉତ୍ସବ ପରେ ସମସ୍ତ ଯଜ୍ଞ କର୍ତ୍ତା ହୋମ କାର୍ଯ୍ୟ କରିଥିଲେ। ପରେ ପୂର୍ଣ୍ଣାହୂତି ସମ୍ପନ୍ନ ହୋଇଥିଲା। ଅଙ୍କୁଶ ହୋତା ଓ ସାଗରିକାଙ୍କ ଦ୍ୱାରା ହୋମ କାର୍ଯ୍ୟ ସମାପନ ଓ ନାମଯଜ୍ଞ ଉଦ୍‌ଯାପନ ହୋଇଥିଲା। ମହାଯଜ୍ଞ ଓ ନାମଯଜ୍ଞର ନଗର କୀର୍ତ୍ତନରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଯୋଗଦାନ କରିଥିଲେ । ସମସ୍ତ କମିଟି ସଭ୍ୟାସଭ୍ୟ ଓ ପଡାବାସୀ ଏକ ଆକର୍ଷଣୀୟ ଶୋଭାଯାତ୍ରାରେ ସାମିଲ ହୋଇ ନଗର ପରିକ୍ରମା ସହ ରାଧାମାଧବଙ୍କୁ ରାଧାକୃଷ୍ଣ ମନ୍ଦିରରେ ପୁଣି ବିରାଜମାନ କରାଇଥିଲେ । ଏହି ମହାଯଜ୍ଞ ଓ ନାମଯଜ୍ଞର ସୁବର୍ଣ୍ଣ ନେପାକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ବଙ୍ଗୋମୁଣ୍ଡା ଧନୁଯାତ୍ରା ଉଦ୍‌ଯାପିତ

ମୁରିବାହାଲ,୨୮।୧୧(ଶ୍ରୀବତ୍ସ ବେହେରା)



ଧନୁଯାତ୍ରା ମହୋତ୍ସବର ଉଦ୍‌ଯାପନୀ ସମାରୋହରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଖେଳପଡିଆରେ ଚାଲିଥିବା ୩୭ତମ ଧନୁଯାତ୍ରା ମହୋତ୍ସବ ସୋମବାର ବିଳମ୍ବିତ ରାତିରେ କଂସବଧ ସହ ଉଦ୍‌ଯାପିତ ହୋଇଯାଇଛି। ପୌରାଣିକ କଥାବସ୍ତୁ ଉପରେ ଆଧାରିତ ନାଟ୍ୟାଭିନୟରେ କଂସବଧ ପରେ ଉଗ୍ରସେନଙ୍କ ରାଜ୍ୟାଭିଷେକ ପରିବେଷିତ ହୋଇଥିଲା। ଉଦଯାପନୀ ଉତ୍ସବରେ ରାଜ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ଆୟୁବ ଖାଁ, ଯୁବନେତା ଯୁବରାଜ ବାଗ, ବରିଷ୍ଠ ନାଗରିକ ଧ୍ରୁବା ପୁଟେଲ, ପୂର୍ବତନ ଜିଲ ପରିଷଦ ସଦସ୍ୟ ଲାଲଚନ ପୁଟେଲ ଯୋଗଦେଇଥିଲେ। ଧନୁଯାତ୍ରାରେ ଗୋପପୁର ପାଲଟିଥିବା ଗୋହିରାପଦରସ୍ଥିତ ମକୁନ୍ଦ ସାଗରର ଉନ୍ନତୀକରଣ ସହ ମଞ୍ଚ ଏବଂ ଆଖଡାଶାଳା ନିର୍ମାଣ ପାଇଁ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଡ. ନାରାୟଣ ମିଶ୍ର ସଭା ସଂଯୋଜନା କରିଥିଲେ। ଏହି ଅବସରରେ ଉଦ୍‌ଘୋଷକ, ଲେଖକ, କବି, ଆଦର୍ଶ ଶିକ୍ଷକ, ସମାଜସେବୀ ଡ.ନାରାୟଣ ମିଶ୍ର, ଘସିଏନ ସାଉଣ୍ଡ ସେଟର ଖୁଟଲା ବାରିକ, ବିଭିନ୍ନ ବେଶରେ ଅଭିନୟ କରିଥିବା କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସତ୍ୟ ମହିମା ସଂସ୍କୃତ ବିଦ୍ୟାପୀଠ ଖଇରା, ବଜାଶାଳ ବଲାଙ୍ଗୀର, ରଙ୍ଗବତୀ ବଲାଙ୍ଗୀର ଓ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବନାରସର ଅଘୋରୀ ନୃତ୍ୟରେ ଦର୍ଶକ ଝୁମି ଉଠିଥିଲେ ।

କଂସ ଭୂମିକାରେ ରବିନ୍ଦ୍ର ସାହୁ, ସେନାପତି ହଂସଧ୍ୱଜ ଶୁଭମ କୁମାର ସାହୁ, ସେନାପତି ସିଂହଧ୍ୱଜ ହେମନ୍ତ ପ୍ରଧାନ, ମହାମନ୍ତ୍ରୀ ଜଗଦୀଶ ମାହାର, ବସୁଦେବ ପୃଥିରାଜ ବାଗ,ଦୂତ ସରୋଜ ମହାକୁର,ପ୍ରହରୀ ପ୍ରଫୁଲ୍ଲ ଭୋଇ,ମଲ୍ଲ ଧଙ୍ଗର, ଦେବକୀ ସୋନୁ ବାଗ, ଯଶୋଦା ପୂଜା ବାଗ, କୃଷ୍ଣ ଅଙ୍କିତ ଯୋଶୀ, ବଳରାମ ପ୍ରଜ୍ଞାନ ମେହେର ପ୍ରମୁଖ ଚମତ୍କାର ଅଭିନୟ କରିଥିଲେ। ପ୍ରତିଷ୍ଠାତା ମାଧବ ହଂସଙ୍କ ସହ ଧନୁଯାତ୍ରା ମହୋତ୍ସବ କମିଟି ଅଧ୍ୟକ୍ଷ ତୁଳସୀରାମ ହଂସ, ଉପାଧ୍ୟକ୍ଷ ଆନନ୍ଦ ଅଗ୍ରୱାଲ, ସଭାପତି ସୁଦାମ ସିନ୍ଧୁର, କାର୍ଯ୍ୟକାରୀ ସଭାପତି ସନ୍ତୋଷ ତ୍ରିପାଠୀ, ସାଧାରଣ ସମ୍ପାଦକ ରଶ୍ମିରଞ୍ଜନ ପୁଟେଲ, ସମ୍ପାଦକ ଅମିତ ଥନାପତି, କୋଷାଧ୍ୟକ୍ଷ ରୁପେଶ ଜୈନ, ପିଆରଓ ତ୍ରିନାଥ ବାରିକ, ପ୍ରଚାର ପ୍ରସାର ସମ୍ପାଦକ ହୁଲେଶ୍ୱର ହଂସ ଓ ଆୟୋଜକ କମିଟି ସଦସ୍ୟ କାର୍ଯ୍ୟକ୍ରମର ସଫଳ ସମାପନରେ ସହଯୋଗ କରିଥିଲେ।

# ୨୪,୧୮୭ ପ୍ଲଟ୍‌ରେ ମିଛ ଧାନଚାଷ

**ସୁବର୍ଣ୍ଣପୁର ଜିଲା**
■ସାଟେଲାଇଟ୍ ସର୍ଭେ ରିପୋର୍ଟରୁ ସ୍ପଷ୍ଟ ହେଲା
■ଧାନ ବିକ୍ରି ପାଇଁ ପଡ଼ିଆ, କପାକ୍ଷେତ ଓ ଜଳାଶୟ ହୋଇଥିଲା ପଞ୍ଜୀକରଣ

**ସୋନପୁର,୨୮।୧୧(ମୃତ୍ୟୁଞ୍ଜୟ ଶତପଥୀ)**

ଧାନ ଚାଷନାହିଁ, ହେଲେ ଜମିରେ ଖରିଫ ଚାଷ ହୋଇଛି ଦର୍ଶାଇ ବିଭାଗ ପାଖରେ ଶତାଧିକ ଚାଷୀ ପଞ୍ଜୀକରଣ କରିଛନ୍ତି। ସରକାରଙ୍କ ପକ୍ଷରୁ ହୋଇଥିବା ସାଟେଲାଇଟ୍ ସର୍ଭେ (ଉପଗ୍ରହ ସର୍ବେକ୍ଷଣ) କିନ୍ତୁ ଏହି ଜାଲିଆତି ଧରାପକାଇଛି। ପଞ୍ଜୀକରଣ ହୋଇଥିବା ଜମି କେଉଁଠି ଘାସବଣ ତ ଆଉ କେଉଁଠି କପାକ୍ଷେତ, ଆଉ ପୁଣି କେଉଁଠି ଆଟଜମି, ପଡିଆ ଓ ଜଳାଶୟ ରହିଛି। ଗୋଟିଏ କି ଦୁଇଟି ନୁହେଁ, ସୁବର୍ଣ୍ଣପୁର ଜିଲାରେ ୨୭ ହଜାର ୯୩ଟି ପ୍ଲଟରେ ଧାନଚାଷ ହୋଇଛି ବୋଲି ଦର୍ଶାଯାଇଥିଲା। ହେଲେ ସାଟେଲାଇଟ୍ ସର୍ଭେରୁ ଏହି ପ୍ଲଟଗୁଡିକରେ ଧାନଚାଷ ହୋଇ ନ ଥିବା ସନ୍ଦେହ ସୃଷ୍ଟି ହୋଇଥିଲା। ସାଟେଲାଇଟ୍ ସର୍ଭେ ରିପୋର୍ଟ ମିଳିବା ପରେ ଜିଲା ପ୍ରଶାସନ ପକ୍ଷରୁ ସର୍ଭେ ଚାଲିଛି। ଆଉ କ୍ଷେତ୍ରୀୟ ସର୍ଭେ ପରେ ସତ କଥା ସାମ୍ନାକୁ ଆସିଛି।

ଖରିଫ ୨୦୨୩-୨୪ରେ ସୁବର୍ଣ୍ଣପୁର ଜିଲାରେ ପ୍ରାୟ ୭୬ ହଜାର ହେକ୍ଟର ଜମିରେ ଧାନଚାଷ ହୋଇଛି। ଜିଲାର ୬୭ ହଜାର ୫୩ ଚାଷୀ ଧାନ ବିକ୍ରି କରିବାକୁ ଧାନକିଣାରେ ସାମିଲ ହୋଇଥିବା ୬୩ଟି ପାକ୍ସ ଓ ୪୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିକଟରେ ପଞ୍ଜୀକରଣ କରିଥିଲେ। ହେଲେ ପୂର୍ବ ବର୍ଷଗୁଡିକ ଭଳି ବହୁ ଜମିର ଧାନଚାଷ ହୋଇ ନ ଥିବା ଓ ଅସାଧୁ ବ୍ୟକ୍ତି ସରକାରୀ ଦରରେ ଧାନ ବିକ୍ରି କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଥିଲା। ରାଜସ୍ୱ ନିରୀକ୍ଷକ ଗ୍ରାମ କୃଷି କର୍ମଚାରୀ, ପାକ୍ସ ସମ୍ପାଦକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପାଦକ, ଜଳସମ୍ପଦ ବିଭାଗର କର୍ମଚାରୀ କ୍ଷେତ୍ରୀୟ ସର୍ଭେ ପରେ ଧାନଚାଷ ହୋଇ ନ ଥିବା ୧୭୦୦ ଏକର ଜମିର ପଞ୍ଜୀକରଣକୁ ବାତିଲ କରିଥିଲେ। ତେବେ ସ୍ୱଳ୍ପ ସଂଖ୍ୟକ କର୍ମଚାରୀ ହଜାର ହଜାର ହେକ୍ଟର ଚାଷଜମିକୁ ଠିକ୍ ଭାବେ ଅନୁଧ୍ୟାନ କରି ପାରି ନ ଥିଲେ। ସଠିକ୍ ତଥ୍ୟ ପାଇବା ପାଇଁ ସରକାର ପୁଣି ଥରେ ସାଟେଲାଇଟ୍ ସର୍ଭେ ମାଧ୍ୟମରେ ଧାନଚାଷର ସର୍ଭେ କରିଥିଲେ। ଜିଲାର ୬ଟି ତହସିଲର ୮୬୬ଟି ଗ୍ରାମ ସର୍ଭେ ପରେ ୨୭,୦୯୩ ପ୍ଲଟରେ ଧାନଚାଷ ହୋଇ ନ ଥିବା ଜଣା ପଡିଥିଲା। ସାଟେଲାଇଟ୍ ସର୍ଭେକୁ ଆହୁରି ନିର୍ଭୁଲ୍ କରିବା ପାଇଁ ପାକ୍ସ ସମ୍ପାଦକ, ଡିଇଓ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପାଦକ, ଡିଇଓ କ୍ଷେତ୍ର ପରିଦର୍ଶନ କରି ମୋବାଇଲ୍ ଆପ ଜରିଆରେ ସର୍ଭେ କରିବାକୁ ରାଜ୍ୟ ସରକାର ଜିଲାପାଳଙ୍କ ଜରିଆରେ ନିର୍ଦ୍ଦେଶ ଦେଇଥିଲେ। ଏହି କାମରେ ଜିଲାର ୨୯୪ ଜଣ ନିୟୋଜିତ ହୋଇ ସାଟେଲାଇଟ୍ ସର୍ଭେରେ ସନ୍ଦେହ ଥିବା ପ୍ଲଟଗୁଡିକୁ ପୁନଃ ସର୍ଭେ କରିଥିଲେ। ଆଉ ଚାଷ ହୋଇ ନ ଥିବା ତଥା ମିଛ ଧାନଚାଷ ଜମିର ଫଟୋ ଉଠାଇ ବିଭାଗୀୟ ୱେବ୍‌ସାଇଟ୍‌ରେ ଅପଲୋଡ୍ କରିଥିଲେ। ସାଟେଲାଇଟ୍ ସର୍ଭେରେ ସନ୍ଦେହ ଥିବା ମୋଟ ୨୭,୦୯୩ ପ୍ଲଟ୍‌ରୁ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୨୬,୯୪୧ ପ୍ଲଟରେ ସର୍ଭେ ସରିଛି । ସେଥି ମଧ୍ୟରୁ ୨୪,୧୮୭ ପ୍ଲଟ୍‌ରେ ଧାନଚାଷ ହୋଇ ନ ଥିବା ସ୍ପଷ୍ଟ ହୋଇଛି । ସେହିପରି ୨,୭୫୪ ପ୍ଲଟ୍‌ରେ ଧାନଚାଷ ହୋଇଥିବା ଜଣାପଡିଛି। ବାକି ୧୫୨ଟି ପ୍ଲଟର କ୍ଷେତ୍ରୀୟ ସର୍ଭେ ବାକି ଅଛି। ଆସନ୍ତା ୩୦ ତାରିଖ ଗୁରୁବାର ସୁଦ୍ଧା ଏହି ସର୍ଭେ ସରିବ । ସର୍ଭେ ସରି ନ ଥିଲେ ସମ୍ପୃକ୍ତ ପ୍ଲଟ୍‌ଗୁଡିକ ସକାଶେ ଧାନ ବିକ୍ରି ପାଇଁ ଟୋକନ ମିଳିବ ନାହିଁ ବୋଲି ଯୋଗାଣ ବିଭାଗ ସୂତ୍ରରୁ ଜଣାପଡିଛି। ତେବେ ସର୍ଭେ ଅନୁସାରେ ୨୪,୧୮୭ ପ୍ଲଟରେ ଧାନଚାଷ ହୋଇ ନଥିବା ବେଳେ ଧାନ ବିକ୍ରି କରିବା ପାଇଁ ମିଥ୍ୟା ତଥ୍ୟ ନେଇ ପଞ୍ଜୀକରଣ କରାଯାଇଥିବା ସ୍ପଷ୍ଟ ହୋଇଛି। ଜିଲାର କିଛି ଜମି ମାଲିକ ମିଥ୍ୟା ତଥ୍ୟ ଦେଇ ଧାନଚାଷ ହୋଇଥିବା ଦର୍ଶାଇଥିଲେ। କ୍ଷେତ୍ର ସର୍ଭେ ସମୟରେ ସେ ସବୁ ଜମି ଘାସବଣ, କପାଚାଷ ହୋଇଥିବା ଜମି, ପଡ଼ିଆ, ମତ୍ସ୍ୟ ପୋଖରୀ, ଅନାବାଦୀ ଓ ଟାଙ୍ଗରା ଭୂଇଁ ଥିବା କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଫଳରେ ସାଟେଲାଇଟ୍ ସର୍ଭେ ରିପୋର୍ଟ ଯେ ୯୮% ଠିକ୍ ତାହା ପ୍ରମାଣିତ ହୋଇଛି। ଜିଲାର କେତେଜଣ ଅସାଧୁ ଧାନ ବ୍ୟବସାୟୀ ବାହାର ଜିଲାରୁ ଧାନ ଆଣି ଚଞ୍ଚକତା କରି ମଣ୍ଡିରେ ସରକାରୀ ଦରରେ ବିକ୍ରି କରି କୋଟିପତି ହେଉଛନ୍ତି। କିନ୍ତୁ ପ୍ରକୃତ ଚାଷୀ ସରକାରୀ ଦରରେ ଧାନ ବିକ୍ରି କରି ନପାରି କ୍ଷତି ସହୁଛି। ଆସନ୍ତା ଡିସେମ୍ବର ୬ ତାରିଖରୁ ଧାନ କ୍ରୟ ଆରମ୍ଭ କରିବାକୁ ସୁବର୍ଣ୍ଣପୁର ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ତଦନୁଯାୟୀ ଧାର୍ଯ୍ୟ ତାରିଖ ପୂର୍ବରୁ ସନ୍ଦିଗ୍ଧ ପ୍ଲଟ୍‌ଗୁଡିକର କ୍ଷେତ୍ରୀୟ ସର୍ଭେ ସାରିବାକୁ ଚାଷୀ ସଂଗଠନ ଗୁଡିକ ପକ୍ଷରୁ ଦାବି ହେଉଛି।


ତରଭା ବ୍ଲକରେ ଏକ ପଡିଆ ଜମିକୁ ଧାନଚାଷ ହୋଇଥିବା ଦର୍ଶାଇ ପଞ୍ଜୀକରଣ କରାଯାଇଥିଲା।

## ତମାଖୁ ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ


ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

**ଅମରପାଲି,୨୮।୧୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରା ବାପୁଜୀ ଉଚ୍ଚବିଦ୍ୟାଳୟ ପରିସରରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ତମାଖୁ ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭାଗ ତରଫରୁ ସୁବଳୟା ପିଏଚ୍‌ସି ଭାରପ୍ରାପ୍ତ ମେଡିକାଲ ଅଫିସର ବିଶନାଥ ରଥ ଯୋଗଦେଇ ତମାଖୁ ବ୍ୟବହାର ଦ୍ୱାରା ମଣିଷ ଶରୀରରେ ହେଉଥିବା କୁପ୍ରଭାବ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଉପଖଣ୍ଡ ଡ଼ାକ୍ତରଖାନାର ଜନସ୍ୱାସ୍ଥ୍ୟ ଅଧିକାରୀ ସ୍ୱର୍ଣ୍ଣପ୍ରଭା ଜୁଏଡ ଯୋଗଦେଇ ତମାଖୁ ବ୍ୟବହାରର ଅପକରିତା ବିଷୟରେ ମତ ଦେଇଥିଲେ। ବିଦ୍ୟାଳୟରେ ତମାଖୁ ନିୟନ୍ତ୍ରଣ ନେଇ ଏକ କୁଇଜ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଏ ନେଇ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶେଷଦେବ ମିଶ୍ର, ହିନ୍ଦୀ ଶିକ୍ଷକ ସଦାନନ୍ଦ ପଧାନ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଅଚ୍ୟୁତାନନ୍ଦ ସାହୁ ପରିଚାଳନା କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ତମାଖୁ ନିୟନ୍ତ୍ରଣ ପାଇଁ ଏକ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ କମିରା ଆଶାକର୍ମୀ ବନିତା ପଧାନ, କୁନ୍ତୀ ପଧାନ, ସୌଦାମିନୀ ପଧାନ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

## ଜର୍ଜ ହାଇସ୍କୁଲରେ ସମସ୍ୟା, ଜିଲାପାଳଙ୍କୁ ଫେରାଦ


ଅଭିଭାବକମାନେ ଜିଲାପାଳଙ୍କ ଅଫିସକୁ ପ୍ରବେଶ କରୁଛନ୍ତି।

**ବରଗଡ଼,୨୮।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ସର୍ବପୁରାତନ ଜର୍ଜ ହାଇସ୍କୁଲ ବହୁବିଧ ସମସ୍ୟା ଦେଇ ଗତି କରୁଛି। ଜିଲା ସଦର ମହକୁମାରେ ଥିବା ଏହି ହାଇସ୍କୁଲର ଏଭଳି ସମସ୍ୟାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ଉକ୍ତ ହାଇସ୍କୁଲର ଅଭିଭାବକମାନେ ମଙ୍ଗଳବାର ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହାଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ସୂଚନା ଅନୁସାରେ, ଉକ୍ତ ବିଦ୍ୟାଳୟରେ ୪ଜଣ ଶିକ୍ଷକ ଅବସର ଗ୍ରହଣ କରିସାରିଛନ୍ତି। ସେହିପରି ୫ଜଣ ଶିକ୍ଷକଙ୍କୁ ପଦୋନ୍ନତି ମିଳିଛି। ଫଳରେ ବର୍ତ୍ତମାନ ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ ରହିଛି। ଉକ୍ତ ବିଦ୍ୟାଳୟରେ ଏକ ଅଡ଼ିଟୋରିୟମ ନିର୍ମାଣ ପରିକଳ୍ପନା ରହିଥିଲେ ସୁଦ୍ଧା ତାହା ଏପର୍ଯ୍ୟନ୍ତ ପୂରଣ ହୋଇପାରିନାହିଁ। ବିଦ୍ୟାଳୟ ନିକଟରେ ବସୁଥିବା ପରିବା ବଜାର ଯୋଗୁ ଛାତ୍ରୀଛାତ୍ରଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସ୍ଥାନୀୟ ପ୍ରଶାସନିକ ଅଧିକାରୀ କିଛି ପଦକ୍ଷେପ ନିଆଯାଉ ନ ଥିବାରୁ ଅଭିଭାବକ ମହଲରେ ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ, ଧନୁଯାତ୍ରା ସମୟରେ ଜର୍ଜ ହାଇସ୍କୁଲ ପଡ଼ିଆକୁ ବ୍ୟବହାର କରାଯାଉଛି ଏବଂ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ ହେଉଥିବାବେଳେ ପଡ଼ିଆ କିମ୍ବା ହାଇସ୍କୁଲ ଉନ୍ନତୀକରଣ ପାଇଁ କିଛି ପଦକ୍ଷେପ ନିଆଯାଉନାହିଁ। ଧନୁଯାତ୍ରା କମିଟି ଯାହା ଦେଉଛି, ତାହା ଧର୍ମକୁ ଆଖିଠାର ଭଳି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ବିଦ୍ୟାଳୟରେ ଦୀର୍ଘଦିନରୁ ହେଉଥିବା ପ୍ରେକ୍ଷାଳୟ ଅର୍ଦ୍ଧନିର୍ମିତ ଭାବେ ପଡ଼ି ରହିଛି। ବିଦ୍ୟାଳୟର ୬ ଡେସିମିଲ ଜାଗାକୁ ସ୍କାଉଟ୍ ଭବନ ପାଇଁ ଛଡ଼ାଯାଇଥିଲା। କିନ୍ତୁ ତାକୁ ମଧ୍ୟ କିଛି ମୁଷ୍ଟିମେୟ ଲୋକ ଜବରଦଖଲ କରି ରଖିଥିବା ଅଭିଯୋଗ ହୋଇଛି। ଏ ନେଇ ବିହିତ ପଦକ୍ଷେପ ନେବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଅଭିଭାବକମାନେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଅଭିମନ୍ୟୁ ପ୍ରଧାନଙ୍କ ନେତୃତ୍ୱରେ ସ୍ମାରକପତ୍ର ପ୍ରଦାନ ପାଇଁ ଅଭିଭାବକମାନେ ଜିଲାପାଳଙ୍କ ଅଫିସକୁ ଯାଇଥିଲେ।

## ସଂକ୍ଷେପରେ

### ରାମାୟଣ ପାରାୟଣ ଉଦ୍‌ଯାପିତ

**ବିନିକା,୨୮।୧୧(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ୱାର୍ଡ ନଂ ୧୦ଉର୍ଲେଠାରେ ଗତ ୭ଦିନ ଧରି ଚାଲିଥିବା ରାମାୟଣ ପାରାୟଣ ରବିବାର ଉଦ୍‌ଯାପିତ ହୋଇଛି। ପାରାୟଣ ଶ୍ରବଣ କରିବା ପାଇଁ ପ୍ରତ୍ୟହ ଶହଶହ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିଲା। ଗ୍ରାମର ପ୍ରତ୍ୟେକ ଘର ସମ୍ମୁଖରେ ପୂର୍ଣ୍ଣ କୁମ୍ଭ କଳସ ବସାଯାଇଥିଲା। ରଘୁନାଥ କ୍ଲବର ସଦସ୍ୟମାନେ ସୁରଖୁରରେ କାର୍ଯ୍ୟକ୍ରମ ସମ୍ପାଦନରେ ସହଯୋଗ କରିଥିଲେ।

### ବିକାଶ ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ

**ବରଗଡ଼,୨୮।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପୁସ୍ତକ ମେଳାରେ କ୍ରୀଷ୍ଟା ବିକାଶ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉକ୍ତ ଶିକ୍ଷାନୁଷ୍ଠାନର ୨୫ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓଡ଼ିଶୀ, ସମ୍ବଲପୁରୀ, ଲୋକନୃତ୍ୟ, ଏକକ ଅଭିନୟ ପ୍ରଦର୍ଶନ କରିଥିଲେ। କ୍ରୀଷ୍ଟା ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ତାହା ପରିବେଷଣ କରିଥିଲେ। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଟା ଛାତ୍ରୀଛାତ୍ରଙ୍କ ପାରଦର୍ଶିତାଙ୍କୁ ପ୍ରଶଂସା କରିଛନ୍ତି।

### ୫ଦଫା ଦାବି କଲା ଛାତ୍ର କଂଗ୍ରେସ

**ବରଗଡ଼,୨୮।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଛାତ୍ର କଂଗ୍ରେସ ୫ଦଫା ଦାବିରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା ସ୍ମାରକପତ୍ର ଗ୍ରହଣ କରିଥିଲେ। ରାଜ୍ୟରେ ଖାଲି ପଡ଼ିଥିବା ୨ଲକ୍ଷ ୨୬ହଜାର ଖାଲି ପଦବୀ ପୂରଣ, ସମସ୍ତ ଘରୋଇ ଶିଳ୍ପ ଏବଂ ବ୍ୟବସାୟିକ ପ୍ରତିଷ୍ଠାନରେ ରାଜ୍ୟର ୮୦ପ୍ରତିଶତ ଲୋକଙ୍କୁ ନିଯୁକ୍ତି, ଚୁକ୍ତିଭିତ୍ତିକ ଓ ଠିକା ନିଯୁକ୍ତି ବାତିଲ, ପ୍ରବାସୀ ଓଡ଼ିଆଙ୍କୁ ରାଜ୍ୟରେ ଥଇଥାନ ସହିତ ରୋଜଗାର ପ୍ରଦାନ ଏବଂ ୫ହଜାର ଟଙ୍କା ବେକାରୀ ଭତ୍ତା ପ୍ରଦାନ କରିବାକୁ ଦାବି ହୋଇଛି। ସ୍ମାରକପତ୍ର ପ୍ରଦାନ ବେଳେ ଜିଲା ଛାତ୍ର କଂଗ୍ରେସର ଟିକୁମାଝି, ନିତିଶ ସୁନା, ସାହିଲ ବେହେରା, ଆଶିଷ ପଣ୍ଡା, ବାବଲୁ ବାଗ, ଶୋମ୍ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ଡୁଙ୍ଗୁରିପାଲି, ୨୮।୧୧(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ବ୍ଲକ ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିମଳେନ୍ଦୁ ରାୟ, ଏସ୍‌ପି ଅମରେଶ ପଣ୍ଡା ଶିବିରରେ ୬୦ଅଭିଯୋଗର ଶୁଣାଣି କରିଥିଲେ। ସେଥିରୁ ବ୍ୟକ୍ତିଗତ ୫୨ ଓ ୮ଟି ସାମୂହିକ ଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ସମ୍ପର୍କିତ ୨ଭିନ୍ନ ଅଭିଯୋଗ ଆସିଥିଲା। ଅଭିଯୋଗଗୁଡିକର ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଦିଗଶିରା ଗ୍ରାମରେ ଅବାଧରେ କୁଟିଆ ମଦବିକ୍ରି ବନ୍ଦ କରିବା ପାଇଁ ଗ୍ରାମବାସୀ ଓ ଏସ୍‌ଏଚ୍‌ଜି ମହିଳା ଜିଲାପାଳ, ଏସ୍‌ପିଙ୍କ ନିକଟରେ ଫେରାଦ ହୋଇଥିଲେ। ବିଡ଼ିଓ ରୋହିତ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଜିଲା ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ସୁବର୍ଣ୍ଣପୁର ଅଶ୍ୱିନୀ ମେହେର, ଉପଜିଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲା ଅବକାରୀ ଇନ୍ସପେକ୍ଟର ପ୍ରହ୍ଲାଦ ସା, ରାମପୁର ତହସିଲଦାର ରାମକୃଷ୍ଣ ମିଶ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷା ଅହଲ୍ୟା ସାହୁ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲା ଶ୍ରମ ଅଧିକାରୀ ଡୁଲେଶର ଖା ଖା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇ.ଦାମୋଦର କୈବର୍ତ୍ତ, ଏଡିଏମ୍‌ଓ ଡ଼କ୍ଟର ମନୋଜ କୁମାର ଅଦାବର , ଜିଲା ଗ୍ରାମ ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝି, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ,ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ରବୀନ୍ଦ୍ର ନାଥ ପଣ୍ଡା,ବ୍ଲକ କୃଷି ଅଧିକାରୀ ଚଣ୍ଡୀ ପ୍ରସାଦ ମହାଳିକ, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ସିଡିପିଓ ଜୟନ୍ତୀ ଗଡତିଆ, ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ରଞ୍ଜନ ପଟେଲ, ବିଇଓ ଗଣେଶ କିଷାନ, ଏବିଡ଼ିଓ ଆନନ୍ଦ ଚନ୍ଦ୍ର ମିଶ୍ର, ଥାନା ଅଧିକାରୀ ସତ୍ୟନାରାୟଣ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।


ଅଧିକାରୀମାନେ ଅଭିଯୋଗର ଶୁଣାଣି କରୁଛନ୍ତି।

## ପୂର୍ଣ୍ଣାହୁତି ସହ ଅଷ୍ଟପ୍ରହର ନାମଯଜ୍ଞ ସମ୍ପନ୍ନ

**ସୋନପୁର,୨୮।୧୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ଉପକଣ୍ଠ ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ଛନଛାନ ଡୁଙ୍ଗୁରିସ୍ଥିତ ଯୋଗେଶ୍ୱର ମନ୍ଦିର ପରିସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ମୀନା ମହାରଣା ଓ ଗୋରେଖନାଥ ସାହୁଙ୍କ ସଂଯୋଜନାରେ ଏହି ନାମଯଜ୍ଞ ଅୟୋଜିତ ହୋଇଥିଲା। ଏଥିରେ ଗୁରୁ ତାରକ ଆଡଜୁଆଡିଙ୍କ ନେତୃତ୍ୱରେ ସୁବର୍ଣ୍ଣପୁର ଜିଲାର ପୁଲେଶର, କବାଟ ତଲେଇ, ଅରଚଣ୍ଡା, ଗୁରୁପାଲି, ସାନ ଅଁକରିଆ, ଅଁଇଲାପାଲି, ଭୁଦୋବର, ମେଘନାଦ, କୁଡାପରା ଓ ସୋନପୁର ସହରର ୧୧ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ସୁଦାମ ମାହାଣା ଓ ଧର୍ମପତ୍ନୀ ସାନ୍ତାବାଳା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟପୂଜକ ବାସୁଦେବ ଶତପଥିଙ୍କ ନେତୃତ୍ୱରେ ଶିବ ପ୍ରସାଦ ଗୁରୁ, ସୂର୍ଯ୍ୟ ନାରାୟଣ ହୋତା, ସୁକଦେବ ମିଶ୍ର, ସୋମନାଥ ରଥ ଓ ବିଶ୍ୱନାଥ ରଥ ପୂଜାର୍ଚ୍ଚନା କାର୍ଯ୍ୟନିର୍ବାହ କରିଥିଲେ। ପୂର୍ଣ୍ଣଚନ୍ଦ୍ର ପାଢୀଙ୍କ ସଂଯୋଜନାରେ ପାତାଳି ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା, ମିଲି ପଣ୍ଡା ଓ ଜଗଦୀଶ ପରୁଆଙ୍କ ନେତୃତ୍ୱରେ ଯୋଗେଶ୍ୱର ଭଜନ ମଣ୍ଡଳୀ ଚିତ୍ତାକର୍ଷକ ଭଜନ ପରିବେଷଣ କରିଥିଲେ। ଅଷ୍ଟପ୍ରହର ପୂର୍ବଦିନ କଳସ ଯାତ୍ରା ଓ ଅଧିବାସ ତଥା ପରଦିନ ନଗର କୀର୍ତ୍ତନ ଓ ପୂର୍ଣ୍ଣାହୁତି ପଡିଥିଲା ।


ଯୋଗେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ନାମଯଜ୍ଞ।

## ମାହେଶ୍ୱରୀ କ୍ରିକେଟ: ସେମିରେ ତେଲିପାଲି


ଉଦ୍‌ଘାଟନୀ ମ୍ୟାଚରେ ଅତିଥିଙ୍କ ସହିତ ଉଭୟ ଦଳର ଖେଳାଳି।

**ଅମରପାଲି,୨୮।୧୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁତୁରପଙ୍କ ପଞ୍ଚାୟତ ମେଣ୍ଡିଲିପାଲି ଗ୍ରାମରେ ମା ’ ମାହେଶ୍ୱରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ମଙ୍ଗଳବାର ୧୫ତମ ମା’ ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜକ କମିଟି ସଭାପତି ଗୋବିନ୍ଦ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟ ଅତିଥି, ଲୁତୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ, ହିଲୁଙ୍ଗ ସମିତି ସଭ୍ୟ ଶୈଳରଞ୍ଜନ ବାଦୀ, ପିଇଓ ସୁଜିତ ବେହେରା, ବହଳପଦର ସେବା ସମବାୟ ସମିତି ସମ୍ପାଦକ ପ୍ରଫୁଲ୍ଲ ଦନ୍ତା, ଟୁର୍ନାମେଣ୍ଟ ଉପଦେଷ୍ଟା ବବୁନ ନନ୍ଦ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ତେଲିପାଲି ଓ ବହଳପଦର ମଧ୍ୟରେ ହୋଇଥିଲା। ବହଳପଦର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୮୬ ରନ କରିଥିଲା। ଜବାବରେ ତେଲିପାଲି ଦଳ ଆବଶ୍ୟକ ୮୭ ରନକୁ ୬ ଓଭରରେ ୪ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଘିଚାପାଲି ଓ ଷଣ୍ଢା ମଧ୍ୟରେ ହୋଇଥିଲା। ଷଣ୍ଢା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୫ଉଇକେଟ ହରାଇ ୮୨ ରନ କରିଥିଲା। ଜବାବରେ ଘିଚାପାଲି ଦଳ ନିର୍ଦ୍ଧାରିତ ୮ ଓଭରରେ ସମସ୍ତ ଉଇକେଟ ହରାଇ ୭୬ ରନ କରି ପରାସ୍ତ ହୋଇଥିଲା। ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚର ବିଜେତା ତେଲିପାଲି ଓ ଦିତୀୟ ମ୍ୟାଚ ବିଜେତା ଷଣ୍ଢା ମଧ୍ୟରେ ହୋଇଥିଲା। ଷଣ୍ଢା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୭ଓଭରରେ ୪ଉଇକେଟ ହରାଇ ୭୨ ରନ କରିଥିଲା। ଜବାବରେ ତେଲିପାଲି ଦଳ ୩.୫ଓଭରରେ ଗୋଟିଏ ଉଇକେଟ ହରାଇ ୭୩ ରନ କରି ବିଜୟୀ ହୋଇଥିଲା। ଫଳରେ ତେଲିପାଲି ଦଳ ପ୍ରଥମ ଦଳଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚଗୁଡିକରେ ସତ୍ୟ ନନ୍ଦ, କୁନା କର୍ଣ୍ଣ ଓ ଉମେଶ ବିଶାଳ ଖେଳ ପରିଚାଳନା କରିଥିବା ବେଳେ ସଞ୍ଜୀବ ନାଏକ ସ୍କୋରିଂ ଏବଂ ମାନସ ନନ୍ଦ ଧାରାବିବରଣୀ ପ୍ରଦାନ କରିଥିଲେ।

# ଡିସେମ୍ବର ୧ରୁ ଦୁର୍ଘଟଣାଜନିତ ଶୂନ୍ୟ ମୃତ୍ୟୁ ସପ୍ତାହ ପାଳନ

## ଜିଲା ସଡ଼କ ସୁରକ୍ଷା କମିଟି ବୈଠକ

ସୁନ୍ଦରଗଡ଼,୨୮।୧୧(ଜୟ ନାରାୟଣ ମେଣ୍ଢୁଲୀ)

ଆଭାସି ଜରିଆରେ ଜିଲା ସଡ଼କ ସୁରକ୍ଷା କମିଟି ତଥା ଦୁର୍ଘଟଣା ଜନିତ ଶୂନ୍ୟ ମୃତ୍ୟୁ ସପ୍ତାହ ପାଳନ ନିମନ୍ତେ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡା. ପରାଗ ଗଭାଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସୁନ୍ଦରଗଡ ଏବଂ ରାଉରକେଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, ଜିଲା ସଡ଼କ ସୁରକ୍ଷା କମିଟିର ସମସ୍ତ ସଭ୍ୟ ତଥା ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ନିଜ ମତାମତ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲାପାଳ ଗଭାଲି ସଡ଼କ ସୁରକ୍ଷା ନିମନ୍ତେ ଥିବା ମାର୍ଗଦର୍ଶିକାର ଅନୁପାଳନ ତଥା ସଡ଼କ ସୁରକ୍ଷା ଆଇନ୍ ଖିଲାପକାରୀଙ୍କ ପ୍ରତି ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିବା ଉପରେ କହିଥିଲେ। ବିଶେଷ କରି ୧୮ ବୟସ ହୋଇ ନ ଥିବା ବାଳିକା ବାଳକମାନେ ଯେପରି ଗାଡ଼ି ଚାଳନା ନ କରନ୍ତି ତାହା ପ୍ରତି ଗୁରୁତ୍ୱାରୋପ କରିଥିଲେ ଏବଂ ଏଥିପ୍ରତି ପ୍ରତ୍ୟେକ ମା' ବାପା ତଥା ସ୍କୁଲ୍ ଓ କଲେଜ କର୍ତ୍ତୃପକ୍ଷ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ। ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ ସୁକାନ୍ତ ଦାସ ଦୁର୍ଘଟଣା ଜନିତ ଶୂନ୍ୟ ମୃତ୍ୟୁ ସପ୍ତାହ ପାଳନ ନିମନ୍ତେ ନିଆଯିବାକୁ ଥିବା ବିଭିନ୍ନ ପଦକ୍ଷେପ ଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଏହି ସପ୍ତାହ ପାଳନ ନିମନ୍ତେ ଜିଲା ବ୍ୟାପି ଏନଫର୍ସମେଣ୍ଟ ଅଭିଯାନ କରାଯିବ, ଯେଉଁଥିରେ କି ବିନା ହେଲମେଟରେ ଗାଡ଼ି ଚାଳନା, ଗାଡ଼ି ଚାଳନା ସମୟରେ ସିଟ ବେଲ୍ଟ ବ୍ୟବହାର ନ କରିବା, ମଦ୍ୟ ପାନ କରି ଗାଡ଼ି ଚାଳନା କରିବା, ଅତ୍ୟଧିକ ବେଗରେ ଗାଡ଼ି ଚାଳନା, ଗାଡ଼ି ଚାଳନା ସମୟରେ ମୋବାଇଲ ବ୍ୟବହାର କରିବା, ୧୮ ବୟସ ହୋଇ ନ ଥିବା ପିଲାଙ୍କ ଗାଡ଼ି ଚାଳନା, ଇଣ୍ଡିକେଟର ଲାଇଟ୍ ତଥା ଅନ୍ୟାନ୍ୟ କାଗଜ ପତ୍ର ଆଦି ଏବଂ ଗାଡ଼ିର ଫିଟନେସ, ବିପରୀତ ପାର୍ଶ୍ୱରେ ଗାଡ଼ି ଚଳାଇବା, ବିପଦପୂର୍ଣ୍ଣ ପାର୍କିଂ ବା ବେଆଇନ ପାର୍କିଂ ଆଦି ରହିଛି। ଏହି ଏନଫର୍ସମେଣ୍ଟ ଅଭିଯାନ ଉଭୟ ପରିବହନ ବିଭାଗ ତଥା ପୋଲିସ ବିଭାଗ ଦ୍ୱାରା ଯୁଗ୍ମ ଭାବେ କରାଯିବ। ସେହିଭଳି ପୋଲିସ ବିଭାଗ ଦ୍ୱାରା ଜିଲାରେ ଥିବା ବ୍ଲାକ ସ୍ପଟ୍ ତଥା ଦୁର୍ଘଟଣା ପ୍ରବଣ ସ୍ଥାନ ମାନଙ୍କରେ ମଧ ଏନଫର୍ସମେଣ୍ଟ ଅଭିଯାନ କରିବା ସହିତ ରାଜପଥ ମାନଙ୍କରେ ପାଟ୍ରୋଲିଂ ବ୍ୟବସ୍ଥାକୁ ବଢ଼େଇବେ, ଟ୍ରାଫିକ ନିୟମ ଉଲଘଂନ କରିଥିବା ଲୋକଙ୍କୁ ସଚେତନତା ସୃଷ୍ଟି କରିବେ, ଜନସାଧାରଣ ସ୍ଥଳରୁ ପରିତ୍ୟକ୍ତ ଭାବେ ରହିଥିବା ଯାନ ବାହନ ଆଦିକୁ ଉଠେଇବେ, ସେହିପରି ମଦ୍ୟ ପାନ କରି ଗାଡ଼ି ଚଳାଉଥିବା ନିୟମ ଖିଲାପକାରିଙ୍କୁ ଗିରଫ କରିବେ। ସେହିପରି ଦୁର୍ଘଟଣା ପ୍ରବଣ ଅଞ୍ଚଳ କିମ୍ବା ବ୍ଲାକ ସ୍ପଟ ଅଞ୍ଚଳ ପାଖାପାଖି ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଆମ୍ବୁଲାନ୍ସ ବ୍ୟବସ୍ଥା ସୁନିଶ୍ଚିତ କରିବା, ଜିପିଏସ ବ୍ୟବସ୍ଥା ଥିବା ଆମ୍ବୁଲାନ୍ସ ବ୍ୟବସ୍ଥା କରିବା, ଦୁର୍ଘଟଣାରେ ଆହତଙ୍କୁ ପ୍ରତ୍ୟେକ ଟ୍ରୋମା କେୟାର ହସ୍ପିଟାଲ ମାନଙ୍କରେ ପ୍ରଥମ ୪୮ ଘଣ୍ଟା ମାଗଣା ଚିକିତ୍ସା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଏବଂ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ସେହିପରି ଜାତୀୟ ରାଜପଥ ଅଥରିଟି ତଥା ପୂର୍ତ୍ତ ବିଭାଗ ମଧ ଦୁର୍ଘଟଣା ପ୍ରବଣ ଅଞ୍ଚଳ ଆଦି ନିକଟରେ ଆମ୍ବୁଲାନ୍ସ ବ୍ୟବସ୍ଥା ଆଦି ସୁନିଶ୍ଚିତ କରିବା, ରାସ୍ତାରେ ସୃଷ୍ଟି ହୋଇଥିବା ଗର୍ତ୍ତ ଗୁଡ଼ିକ ଠିକ୍ କରିବା, ରାସ୍ତା ମଝିକୁ ଆସୁଥିବା ଗଛକୁ କାଟିବା, ଷ୍ଟ୍ରିଟ ଲାଇଟ୍ ବ୍ୟବସ୍ଥା ଆଦି ସୁନିଶ୍ଚିତ କରିବେ। ଶିକ୍ଷା ବିଭାଗ ପକ୍ଷରୁ ସ୍କୁଲ୍ ତଥା କଲେଜ ଗୁଡିକରେ ଏଥି ନିମନ୍ତେ ସଚେତନତା ଅଭିଯାନ କରିବେ, ସ୍କୁଲ୍ ତଥା କଲେଜ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଡ଼କ ସୁରକ୍ଷା ନିମନ୍ତେ ସଚେତନ କରିବେ। ସଡ଼କ ଦୁର୍ଘଟଣାକୁ ଏଡ଼ାଇବା ନିମନ୍ତେ ସଡ଼କ ସୁରକ୍ଷା ସମ୍ପର୍କିତ ସମସ୍ତ ନିୟମ ମାନି ଗାଡ଼ି ଚଲେଇବା ସହିତ ଅନ୍ୟମାନଙ୍କୁ ମଧ ଏଥିପ୍ରତି ସଚେତନ କରିବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଆନୁରୋଧ କରାଯାଇଛି।

# ସିଏସ୍‌ପି ପ୍ଲସ ଆଉଟଲେଟ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ଉପସ୍ଥିତ ଅତିଥିବୃନ୍ଦ ଓ ଗ୍ରାମବାସୀ।

କୁତ୍ରା,୨୮।୧୧(ଦେବାଶିଷ ସାହୁ)

ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାରମ୍ଭିକ ଅବସ୍ଥାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୭୫୦ଟି ସିଏସପି ପ୍ଲସ ଆଉଟଲେଟ ସେଣ୍ଟର ଗୁଡିକୁ ଆଭାସି ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସୁନ୍ଦରଗଡ ଜିଲା କୁତ୍ରା ବ୍ଲକର୨ଟି ପଞ୍ଚାୟତ ଡୁନମୁରା ଓ ଆମ୍ବଗୋଭାରେ ଏହି ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ଡୁନମୁରା ଠାରେ ବ୍ଲକ ଅଧକ୍ଷା ଶାନ୍ତିଲତା ଲାକ୍ରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ହରମେନ୍ଦ୍ର ଭୋଇ, ଜିଲା ପରିଷଦ ସଭ୍ୟ ଗଙ୍ଗାରାମ ମିଞ୍ଜ, ଜିପିଓ ନଗେନ୍ଦ୍ର ଦାସ,ଡୁନମୁରା ସରପଞ୍ଚ ତରୁଣୀସେନ ବରିହା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋପୀ ସାହୁ ପ୍ରମୁଖ ଏହି ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ, ମହିଳା, ଗର୍ଭବତୀ ତଥା ଭିନ୍ନକ୍ଷମ ଲୋକଙ୍କ ପାଖକୁ ଏହି ବ୍ୟାଙ୍କ ପହଞ୍ଚି ସେବା ଯୋଗାଇବ। ଏହି ବ୍ୟାଙ୍କ ପାଇଁ ରାଜ୍ୟ ସରକାର ସମସ୍ତ ଖର୍ଚ୍ଚ ବହନ କରିବା ସହିତ ପ୍ରଶାସନର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହା କାର୍ଯ୍ୟକାରୀ ହେଉଛି। ଏହା ଯୋଗୁ ଲୋକେ ସୁଲଭ ଓ ଦେୟମୁକ୍ତ ବ୍ୟାଙ୍କିଙ୍ଗ ସୁବିଧା ପାଇ ପାରିବେ।

## ସଂକ୍ଷେପରେ

### ମହିଳାଙ୍କୁ ବଳାତ୍କାର, ଯୁବକ କୋର୍ଟ ଚାଲାଣ

**କୁଆଁରମୁଣ୍ଡା,୨୮।୧୧(ମହେନ୍ଦ୍ର କୁମାର ସାହୁ):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକ ନିଜ ପଡୋଶୀ ଥିବା ବିବାହିତା ମହିଳାଙ୍କୁ ବଳାତ୍କାର କରି ଗିରଫ ହୋଇଛନ୍ତି। ଅଭିଯୁକ୍ତ ହେଲେ ଚୁଲୁ ବାଘୁଆର(୩୫)। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏନେଇ ରାଏବୋଗା ଥାନାରେ ଦଫା ୪୫୦, ୩୭୬(ଡି), ୩୭୯ରେ ଏକ ମାମଲା (୧୪୮/୨୩) ରୁଜୁ ହୋଇଛି। ପୋଲିସ ଉଭୟ ପୀଡିତା ଓ ଅଭିଯୁକ୍ତ ଚୁଲୁଙ୍କ ବୀରମିତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରୀ ମାଇନା କରିଥିଲା। ଥାନା ଅଧିକାରୀ କୃପା ବାଗଙ୍କ ସୂଚନା ଅନୁଯାୟୀ, ରବିବାର କାଦୋବାହାଲ ଗ୍ରାମରେ ଓରକେଷ୍ଟ୍ରା ଚାଲୁଥିବା ବେଳେ ପୀଡିତା ମହିଳାଙ୍କ ଘରେ କେହି ନ ଥିବା ବେଳେ କବାଟ ଖୋଲା ଥିବା ସୁଯୋଗରେ ଅଭିଯୁକ୍ତ ଚୁଲୁ ଘର ଭିତରେ ପଶି ମହିଳାଙ୍କ ହତଗୋଡ ବାନ୍ଧିବା ସହ ମୁହଁ ବନ୍ଦ କରି ବଳାତ୍କାର କରିଥିଲା। ପରେ ଘରେ ଥିବା ଏକ ମୋବାଇଲ ଓ ୭ ହଜାର ଟଙ୍କା ନେଇ ପଳାଇ ଯାଇଥିବା ପୀଡ଼ିତା ସୋମବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ଅଭିଯୁକ୍ତ ଚୁଲୁଙ୍କୁ ଗିରଫ କରିଥିଲା।

### କୁମ୍ଭାରପଡ଼ାରେ ହାସ୍ୟକବି ସମ୍ମିଳନୀ

ବରପାଲି,୨୮।୧୧(ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ସତଲମା ଗ୍ରାମର କୁମ୍ଭାରପଡ଼ାରେ ମଙ୍ଗଳବାର ହାସ୍ୟକବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ହାସ୍ୟ ତଡ଼କା କବି ଶିଶିର ପୁରୋହିତ, ବ୍ୟଙ୍ଗକବି ମୁନିରାମ କୁମ୍ଭାର, ଭରତ ନାଏକ ଏବଂ ହାସ୍ୟକବି ଦେବେନ୍ଦ୍ର ସାହୁ ଯୋଗଦାନ ଦେଇ ବର୍ତ୍ତମାନର ସମାଜ ଓ ସଂସ୍କୃତି ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାନ ଓ ବୈଷୟିକ ବିଭାଗର ଅନୁଶାସନ ସଚିବ ପଙ୍କଜ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ସୁବୋଧ କୁମାର ସାହୁ ପରିଚାଳନା କରିଥିବା ବେଳେ ଜୟନ୍ତ ସେଠ ଧନ୍ୟବାଦ ଅର୍ପଣ କରିଥିଲେ। ଦିବ୍ୟ ସାହୁ ଓ ଟିକେଶ୍ୱର ରଣା ସହଯୋଗ କରିଥିଲେ।

### ଛାତ୍ରୀଛାତ୍ରଙ୍କ ସାଧାରଣଜ୍ଞାନ ପ୍ରତିଯୋଗିତା

ବରଗଡ଼,୨୮।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ ଜନକଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର ବିଦ୍ୟାସାଗର ଏକାଡେମୀରେ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଓଡିଶା ଅଭିଭାବକ ମହାସଂଘ ସଭାପତି ବିମଳ କୁମାର ଦାଶ ମୁଖ୍ୟଅତିଥି, ସମାଜସେବୀ ବିରେନ୍ଦ୍ର ପ୍ରତାପ ସାହୁ, ଶିବାନନ୍ଦ ମଟାରୀ, ସ୍କୁଲ ଅଧ୍ୟକ୍ଷ ବଳରାମ ବିଶି, ଡାଇରେକ୍ଟର ଡ. ଜୟଦେବ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଅଧକ୍ଷା ସୁଷମା ଭୋଇ, ଜନକଲ୍ୟାଣ ସେବା ଟ୍ରଷ୍ଟ ପ୍ରତିଷ୍ଠାତା ତଥା ସଭାପତି ମୁକୁନ୍ଦ ଦାଶ, ସଦସ୍ୟ ନିହାର ରଞ୍ଜନ ପ୍ରଧାନ, ବୃନ୍ଦାବନ ବେହେରା ଉପସ୍ଥିତ ରହି ପ୍ରତିଯୋଗିତା ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା।

# ପ୍ରୋଗ୍ରାମେଟିକ୍ ମ୍ୟାପିଂ,ଜନସଂଖ୍ୟା ଆକଳନ ତାଲିମ

ସୁନ୍ଦରଗଡ,୨୮।୧୧(ଜୟ ନାରାୟଣ ମେଣ୍ଢୁଲି)

ଜାତୀୟ ଏଡ୍ସ ନିୟନ୍ତ୍ରଣ ସଂସ୍ଥା (ନାକୋ) ଓ ଓଡିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତି (ଓସାକ୍ସ) ଦ୍ୱାରା ଯୌନକର୍ମୀଙ୍କ ଗ୍ରାହକ ମାନଙ୍କ ପ୍ରୋଗ୍ରାମେଟିକ୍ ମ୍ୟାପିଂ ଏବଂ ଜନସଂଖ୍ୟା ଆକଳନ ଉପରେ ଏକ ୪ ଦିବସୀୟ ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ସୁନ୍ଦରଗଡର ଏକ ହୋଟେଲଠାରେ ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଧରଣୀ ରଞ୍ଜନ ଶତପଥୀ କାର୍ଯ୍ୟକ୍ରମର ସଫଳତା ଉପରେ ଗୁରୁତ୍ୱାରୋପ କରିଥିଲେ।ସମ୍ମାନିତ ଅତିଥିଭାବେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.କାହ୍ନୁ ଚରଣ ନାଏକ ଯୋଗଦେଇ ଜିଲାର ଏଚଆଇଭି ଏଡ୍ସର ସ୍ଥିତି ଉପରେ ଆଲୋକପାତ କରିଥିଲେ। ଜାତୀୟ ଏଡ୍ସ ନିୟନ୍ତ୍ରଣ ସଂସ୍ଥା ଭାରତ ସରକାରଙ୍କ


ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ତରଫରୁ ଡା. ଅଖିଳେଶ ଶ୍ରୀବାସ୍ତବ ଓ ସୁବ୍ରତ ବିଶ୍ୱାସ ଏବଂ ଆଞ୍ଚଳିକ କେନ୍ଦ୍ର ଏମ୍ସ, ଭୁବନେଶ୍ୱରରୁ ଡା.ଶିବାଙ୍ଗୀ ଦାଶ ଓ ଡା. ହୃଷୀକେଶ ଏହି ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଓଡିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତିର ସହ ନିର୍ଦ୍ଦେଶକ ସୂର୍ଯ୍ୟ କୁମାର ଦାଶ ସ୍ୱାଗତ ଭାଷଣ ଦେବା ସହିତ ପ୍ରୋଗ୍ରାମେଟିକ୍ ମ୍ୟାପିଂ ଏବଂ ଜନସଂଖ୍ୟା ଆକଳନର ହଟସ୍ପଟ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସେବକ, ଆଭା, ଭରସା ଏବଂ ମଦାନୀର କର୍ମକର୍ତ୍ତା ମାନେ ଅଂଶଗ୍ରହଣ କରିଥିଲେ। ଏତଦବ୍ୟତିତ ଦିଶାର କ୍ଲଷ୍ଟର ପ୍ରୋଗ୍ରାମ ମ୍ୟାନେଜର, କ୍ଲଷ୍ଟର ସୋସିଆଲ ଅଫିସର, ଡାଟା ମ୍ୟାନେଜର ଓ ସମନ୍ୱିତ ପରାମର୍ଶ ଓ ପରୀକ୍ଷାକେନ୍ଦ୍ରର ପରାମର୍ଶଦାତା, ସେବକର ସଭାପତି ଅମୀୟ କାନ୍ତ ନାଏକ, ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ ପ୍ରମୁଖ ଯୋଗଦେଇ ଥିଲେ। ଶେଷରେ ସେବକର ସଭାପତି ଅମୀୟକାନ୍ତ ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ୪ ଦିବସୀୟ ତାଲିମ କାର୍ଯ୍ୟକ୍ରମକୁ ଓଡିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ମିଳିତ ଆୟୋଜନରେ ସଫଳତା ସହ ଆୟୋଜନ କରାଯାଉଛି।

# କନ୍ଧମାଳକୁ ସ୍ୱତନ୍ତ୍ର ସବ୍-ଡିଭିଜନ ଘୋଷଣା ଦାବି

ଘଣ୍ଟାପଡ଼ା,୨୮।୧୧(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କନ୍ଧମାଳକୁ ସ୍ୱତନ୍ତ୍ର ସବ୍-ଡିଭିଜନ ଘୋଷଣା କରାଯିବାକୁ ଦାବି କରି ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଏକ ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସଂଗ୍ରାମ ସମିତିର ଡାକରା କ୍ରମେ କଲ୍ୟାଣ ମଣ୍ଡପଠାରେ ବରିଷ୍ଠ ଭାଜପା ନେତା ଓମ୍ ପ୍ରକାଶ ମିଶ୍ରଙ୍କ ଆବାହକତ୍ୱରେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଜିଲା ଗଠନ ହେବା ପରେ ମଧ କନ୍ଧମାଳ ଅଞ୍ଚଳର ଉନ୍ନତି ହୋଇପାରିନାହିଁ। ବିଧାୟକ ଓ ପ୍ରଶାସନ କ୍ରମାଗତ ଭାବେ ଅଞ୍ଚଳର ଉନ୍ନତି ଦିଗରେ ଅବହେଳା ପ୍ରଦର୍ଶନ କରୁଥିବା ସମାବେଶରେ ଅଭିଯୋଗ ହୋଇଥିଲା। ସରକାରଙ୍କ ସମସ୍ତ ମୌଳିକ ଅଧିକାର, ପ୍ରଶାସନିକ ସେବା ତଥା ଜିଲାର ସମସ୍ତ କାର୍ଯ୍ୟକୁ ସୁବିଧାରେ ପାଇବାକୁ ହେଲେ କନ୍ଧମାଳକୁ ସବ୍‌ଡିଭିଜନର ମାନ୍ୟତା ବହୁ ପୂର୍ବରୁ ମିଳିବା କଥା। ହେଲେ ତାହା ଆଜି ପର୍ଯ୍ୟନ୍ତ ହୋଇପାରି ନାହିଁ। କନ୍ଧମାଳକୁ ସ୍ୱତନ୍ତ୍ର ସବ୍-ଡିଭିଜନ ଘୋଷଣା ଦାବି ନେଇ ଆଗାମୀ ଦିନରେ ବ୍ୟାପକ ଜନ ଆନ୍ଦୋଳନ କରାଯିବାକୁ ଚେତାବନୀ ଦିଆଯାଇଛି।

# ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

ରାଜଗାଙ୍ଗପୁର,୨୮।୧୧ (ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସରବତୀ ଦେବୀ ମହିଳା ମହାବିଦ୍ୟାଳୟ, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ମିଳିତ ଆନୁକୂଲ୍ୟରେ ନୂଆ ଓ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ଉଦ୍‌ଘାଟନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ବିପିନ ଚୌଧୁରୀ ଅଧ୍ୟକ୍ଷତା କରି ଅତିଥି ପରିଚୟ ପ୍ରଦାନ କରିଥିଲେ। ନଭେମ୍ବର ୨୮ରୁ ଡିସେମ୍ବର ୯ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ, ସାମାଜିକ ସେବା ମୂଳକ କାର୍ଯ୍ୟକ୍ରମ ଓ କ୍ରୀଡା ପ୍ରତିଯୋଗିତା ବିଭିନ୍ନ ପର୍ଯ୍ୟାୟରେ ଅନୁଷ୍ଠିତ ହେବ ବୋଲି ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ଅଧୀକ୍ଷକ ଇଞ୍ଜିନିୟର ନାରାୟଣ ପଟେଲ୍ ଯୋଗଦେଇ ନିଜ ବକ୍ତବ୍ୟରେ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଯୋଗ ବିକାଶ ପାଇଁ ମ୍ୟାଟ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଏସ୍‌ଡିପିଓ ଡ. ଅଭିଷେକ ପାଣିଗ୍ରାହୀ ଯୋଗଦେଇ ଛାତ୍ରୀଙ୍କ ବ୍ୟକ୍ତିତ୍ୱର ବିକାଶ ପାଇଁ ଆତ୍ମ ବିଶ୍ୱାସ, ଧର୍ଯ୍ୟଶକ୍ତି ନିତ୍ୟାନ୍ତ ଆବଶ୍ୟକ ବୋଲି କହିଥିଲେ। ଯୁକ୍ତ ୨ ନୋଡାଲ ଅଫିସର ଅଧ୍ୟାପିକା ସରୋଜିନୀ ଏକ୍କା କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଅଧ୍ୟାପିକା ସୁଶ୍ରୀ ଆକାଂକ୍ଷା ଲାକ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ ଗଜେନ୍ଦ୍ର ଦେହୁରିଆ, ଅଧ୍ୟାପକ ସପନ କୁମାର ପଣ୍ଡା, ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଏବଂ ଯୁକ୍ତ ୨, ୩ ର ସମସ୍ତ ଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଯୁକ୍ତ ୩ର ନୋଡାଲ ଅଫିସର ଅଧ୍ୟାପିକା ଡା.ସସ୍ମିତା ଲେଙ୍କା ଧନ୍ୟବାଦ୍ ଅର୍ପଣ କରିଥିଲେ।

# କୁନି ବୈଜ୍ଞାନିକଙ୍କ ପ୍ରତିଭା ବିକାଶ ଆବଶ୍ୟକ

ରାଉରକେଲା,୨୮।୧୧(ବିପ୍ଳବ ରଞ୍ଜନ ଦାଶ)

ଆରଏସପି ବରସୁଆଁ ଲୌହଖଣିର ସିଏସଆର ଓ ବ୍ଲକ ଶିକ୍ଷା ବିଭାଗ କୋଇଡା ସହଭାଗିତାରେ ଟେନସାର ହାଇସ୍କୁଲ ଖେଳ ପଡିଆରେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ କୁନି ବୈଜ୍ଞାନିକଙ୍କ ବିଜ୍ଞାନ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ କୋଇଡା ବ୍ଲକର ୧୪୭ଟି ବିଦ୍ୟାଳୟରୁ ଶତାଧିକ କୁନି ବୈଜ୍ଞାନିକଙ୍କ ଦ୍ୱାରା ୨ଶହରୁ ଉର୍ଦ୍ଧ୍ୱ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମେଳାରେ ମୁଖ୍ୟଅତିଥି ଭାବେ କୋଇଡା ବିଡିଓ ରଶ୍ମୀରେଖା ପାତ୍ର ଏବଂ ବରେଣ୍ୟ ଅତିଥି ଭାବେ କୋଇଡା ତହସିଲଦାର ଏ. ଆଚାର୍ଯ୍ୟ, ବିଆଇଏମ ଓ ଟିଆଇଏମ୍‌ର ଜିଏମ୍ ଇନ୍‌ଚାର୍ଜ ତିଲକ ପଟ୍ଟନାୟକ, ଟେନସା ସରପଞ୍ଚ ଅନୀତା ପୂର୍ତ୍ତି ଯୋଗଦେଇ କୁନି ବୈଜ୍ଞାନିକଙ୍କ ପ୍ରଶଂସା କରିଥିଲେ। ଉଦ୍‌ଯାପନୀ


କୁନି ବୈଜ୍ଞାନିକ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

ସମାରୋହରେ ବଣେଇ ଉପଜିଲାପାଳ ସୁରନ ସାହୁ, ତିଳକ ପଟ୍ଟନାୟକ, ବିଆଇଏମ ଖଣି ବିଭାଗର ଜିଏମ ପି.ସି ବରୁଆ, କାର୍ମିକ ଓ ପ୍ରଶାସନ ବିଭାଗ ଜିଏମ୍ ଏନ. ସି ପଣ୍ଡା ଏବଂ କୋଇଡା ବ୍ଲକ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଦେଶରେ ବିଜ୍ଞାନ କ୍ଷେତ୍ରର ଭବିଷ୍ୟତ ଉଜ୍ଜ୍ୱଳ ପାଇଁ କୁନି ବୈଜ୍ଞାନିକମାନଙ୍କ ଅନ୍ତର୍ନିହିତ ବୈଜ୍ଞାନିକ ପ୍ରତିଭା ବିକାଶ ଆବଶ୍ୟକ ବୋଲି କହିଥିଲେ। ଏହାସହ ମେଳାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ମେଧାବୀ ବୈଜ୍ଞାନିକମାନଙ୍କୁ ମଡେଲ ସହ ପୁରସ୍କୃତ କରାଯାଇଥିଲ। କୋଇଡା ବିଇଓ ଅଭିମନ୍ୟୁ ବେହେରା ଏବଂ ଟେନସାର ସିଆରସିସି ପ୍ରଶାନ୍ତ କୁମାର ପରିଡା, ସିଏସ୍‌ଆର ବିଭାଗ ସହକାରୀ ପରିଚାଳକ ଅମିୟ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୪୯ ଅଭିଯୋଗ ଶୁଣିଲେ ଜିଲାପାଳ


କଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଅଧିକାରୀଗଣ।

କୁଆଁରମୁଣ୍ଡା,୨୮।୧୧(ମହେନ୍ଦ୍ର କୁମାର ସାହୁ)

କୁଆଁରମୁଣ୍ଡା ବ୍ଲକ ସଭା ଗୃହରେ ସୁନ୍ଦରଗଡ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଡା. ପରାଗ ହର୍ଷଦ ଗାଭାଲି ଏଥିରେ ଅଧ୍ୟକ୍ଷତା କରିଥିଲେ। ସର୍ବମୋଟ ୪୯ଟି ଅଭିଯୋଗ ବିଷୟରେ ଜିଲାପାଳ ଡା. ଗାଭାଲି ଲୋକଙ୍କ ଠାରୁ ଶୁଣିବା ସହ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ଉକ୍ତ ଅଭିଯୋଗ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗଗୁଡ଼ିକ ମଧ୍ୟରେ କୁଆଁରମୁଣ୍ଡା, କଚାରୁ, ଡୁମେରଯୋରରେ ତୁରନ୍ତ ଧାନ ମଣ୍ଡି ଖୋଲାଯାଇ ଚାଷୀଙ୍କଠାରୁ ଧାନ କିଣାଯିବା,ଏକ ଘରୋଇ କାରଖାନାରେ ପୋଡ଼ିଯାଇ ମୃତ୍ୟୁବରଣ କରିଥିବା ବଳଭଦ୍ର ସାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ, କୁଆଁରମୁଣ୍ଡାର ପୁରୁଣା ଏନଏଚର ଶୀଘ୍ର ମରାମତି ଇତ୍ୟାଦି ସହ ଅନ୍ୟାନ୍ୟ ବିଷୟରେ ମୋଟ ୪୯ଟି ଅଭିଯୋଗ ହୋଇଥିଲା। ଏହି ଜନ ଅଭିଯୋଗ ଶୁଣାଣିରେ ଜିଲାପାଳ ଡା. ଗଭାଲିଙ୍କ ସମେତ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର,ରାଉରକେଲା ଡିଏଫଓ ଯଶୋବନ୍ତ ସେଠୀ, ପାନପୋଷ ଉପଜିଲାପାଳ ବିଜୟ ନାୟକ, କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧକ୍ଷା ଜ୍ୟୋତି କେରକେଟା ପ୍ରମୁଖ ମଞ୍ଚାସୀନ ଥିଲେ। ଏହା ସହ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଶିବିରକୁ କୁଆଁରମୁଣ୍ଡା ବିଡିଓ ଗଙ୍ଗାରାମ ବୁଡେକଙ୍କ ସହ ବ୍ଲକ କର୍ମଚାରୀ ଉପସ୍ଥିତ ରହି ସମସ୍ତ ପ୍ରକାର ସହାୟତା କରିଥିଲେ।

# ଡାଲମିଆ ସିମେଣ୍ଟ ଓଡ଼ିଶା ଆଇଡିଆ ଏକ୍ସଲେନ୍ସ ଆୱାର୍ଡରେ ସମ୍ମାନିତ

ରାଜଗାଙ୍ଗପୁର,୨୮।୧୧ (ଅଶୋକ ପାଣି)

ଭାରତୀୟ ସିମେଣ୍ଟ ଉତ୍ପାଦନକାରୀ ତଥା ଡାଲମିଆ ଭାରତ ଲିମିଟେଡ (ଡିବିଏଲ୍)ର ସହଯୋଗୀ କମ୍ପାନୀ ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ (ଡିସିବିଏଲ୍)କୁ ଏହାର ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନ ପ୍ରୟାସ ସମୂହ ପ୍ରୋଜେକ୍ଟ ହସ୍ତକଳା ଏବଂ ପ୍ରୋଜେକ୍ଟ ଅନ୍ନଦାତା ପାଇଁ ଓଡ଼ିଶା ଆଇଡିଆ ଏକ୍ସଲେନ୍ସ ଆୱାର୍ଡ ୨୦୨୩ରେ ସମ୍ମାନିତ କରାଯାଇଛି। ଡିସିବିଏଲ୍, ରାଜଗାଙ୍ଗପୁରର ପୁନର୍ବାସ ଏବଂ ଥଇଥାନ (ଆର୍ ଆଣ୍ଡ ଆର୍) ଶାଖା ଓଡ଼ିଶାରେ ସେମାନଙ୍କ ପ୍ରକଳ୍ପଗୁଡିକ ସଫଳତାର ସହିତ କାର୍ଯ୍ୟକରି ଉଲ୍ଲେଖନୀୟ ପ୍ରୟାସ ସକାଶେ ଓଡ଼ିଶା ସିଏସ୍‌ଆର ଫୋରମ୍ ପକ୍ଷରୁ ଏହି ସମ୍ମାନ ଗ୍ରହଣ କରିଥିଲା। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ, ସମ୍ମାନନୀତ ଚେୟାରପର୍ସନ, ଓଡ଼ିଶା ମାନବାଧିକାର ଆୟୋଗ, ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ସ୍ୱୀକୃତି ନିମନ୍ତେ କୃତଜ୍ଞତା ଜ୍ଞାପନ କରି ଚେତନ ଶ୍ରୀବାସ୍ତବ, ଏକ୍ଜିକ୍ୟୁଟିଭ ଡାଇରେକ୍ଟର, ଡିସିବିଏଲ୍ ଏବଂ ୟୁନିଟ୍ ହେଡ କହିଥିଲେ, ଓଡ଼ିଶା ଆଇଡିଆ ଏକ୍ସଲେନ୍ସ ଆୱାର୍ଡ ଗ୍ରହଣ କରି ଆମେ ନିଜକୁ ଗୌରବାନ୍ୱିତ ମନେକରୁଛୁ। ଯାହା ଦୀର୍ଘସ୍ଥାୟୀ ବିକାଶ ନିମନ୍ତେ



ସହଯୋଗୀ କମ୍ପାନୀ ଡାଲମିଆ ସିମେଣ୍ଟ ଭାରତ ଲିମିଟେଡର ମୁଖ୍ୟଙ୍କୁ ସମ୍ମାନିତ କରାଯାଉଛି।

ଡାଲମିଆ ସିମେଣ୍ଟର ଦୃଢ ପ୍ରତିବଦ୍ଧତାର ନିଦର୍ଶନ ହୋଇଛି। ଏହି ୨ ଅନନ୍ୟ ପ୍ରକଳ୍ପ କୁଶଳତାର ବିକାଶ ଜରିଆରେ ମହିଳାଙ୍କୁ ସଶକ୍ତ କରିବା ଏବଂ ଏକ ଦୀର୍ଘସ୍ଥାୟୀ ତଥା ସମାବେଶୀ କୃଷି ପରିବ୍ୟବସ୍ଥାକୁ ପ୍ରୋତ୍ସାହିତ କରି ସମାଜ ଉପରେ ଏକ ସକରାତ୍ମକ ପ୍ରଭାବ ପକାଇବା ଦିଗରେ ଆମର ନୀତିକୁ ପ୍ରତିଫଳିତ କରୁଛି । ଏହି ପୁରସ୍କାର ଆମକୁ ନବସୃଜନ ଏବଂ ସାମାଜିକ ଦାୟିତ୍ୱନିର୍ବାହ କରି ଆମ ସମସ୍ତଙ୍କ ନିମନ୍ତେ ଏକ ଉଜ୍ଜ୍ୱଳ ଏବଂ ଅଧିକ ଦୀର୍ଘସ୍ଥାୟୀ ଭବିଷ୍ୟତ ନିର୍ମାଣ ପ୍ରତି ଅବଦାନ ରଖିବାକୁ ଆମର ଯାତ୍ରା ନିରନ୍ତର ରଖିବା ସକାଶେ ପ୍ରେରଣା ଦେଉଛି। ହସ୍ତଶିଳ୍ପ ଉତ୍ପାଦଗୁଡିକ ସଫଳତାର ସହିତ ରାଷ୍ଟ୍ରବ୍ୟାପୀ ବିକ୍ରି ହେଉଛି ଏବଂ ଏହାର ଶୁଭାରମ୍ଭର ମାତ୍ର ସାତ ମାସ ମଧ୍ୟରେ ଏଥିରୁ ବେଶ୍ ଆକର୍ଷଣୀୟ ୨୦ ଲକ୍ଷ ଟଙ୍କାର କାରବାର ହୋଇଛି। ସେହିଭଳି ପ୍ରୋଜେକ୍ଟ ଅନ୍ନଦାତା ଏକ କୃଷକଙ୍କୁ ଆଗେଇନେବାର ପ୍ରୟାସ, ଯାହା ଅଧିକ ଅମଳ ନିମନ୍ତେ କୃଷକଙ୍କୁ ଧାନ ବିହନ ଏବଂ ବିଶେଷ ମାର୍ଗଦର୍ଶନ ପ୍ରଦାନ କରିବା ସହିତ ଚାଷ ବାବଦ ଖର୍ଚ୍ଚ ହ୍ରାସ ଦିଗରେ ସହାୟତା କରୁଛି। କୃଷକ ଉତ୍ପାଦକ ସଂଗଠନ (ଏଫପିଓ) ଜରିଆରେ ଏକ ଶସ୍ୟ ବ୍ୟାଙ୍କ ସ୍ଥାପନ ଦ୍ୱାରା କେବଳ ଦୀର୍ଘସ୍ଥାୟିତ୍ୱକୁ ପ୍ରୋତ୍ସାହିତ କରାଯାଉନାହିଁ। ତାହାସହିତ କୃଷକମାନଙ୍କ ମଧ୍ୟରେ ଏକ ଗୋଷ୍ଠୀଗତ ସୌହାର୍ଦ୍ଦ୍ୟ ସ୍ଥାପନ କରାଯାଉଛି। ଏହି ନବୋନ୍ମେଷୀ ମଡେଲରେ କୃଷକମାନେ ସେମାନଙ୍କ ଉତ୍ପାଦନରୁ ୨୦ କିଲୋଗ୍ରାମ ଧାନ ଅବଦାନ ବାବଦରେ ପ୍ରଦାନ କରୁଛନ୍ତି। ଯାହା ପରକୁ ପର ବର୍ଷଗୁଡିକରେ ଅଧିକରୁ ଅଧିକ କୃଷକଙ୍କୁ ସାମିଲ ହେବା ପଥ ସୁଗମ କରୁଛି।

## ସଂକ୍ଷେପରେ

### ଧାନମଣ୍ଡି ଉଦ୍‌ଘାଟିତ

ନାକଟିଦେଉଳ,୨୮।୧୧(ବୈକୁଣ୍ଠନାଥ ସାହୁ)

ନାକଟିଦେଉଳ ବ୍ଲକ ଡଇଁଚା ପ୍ରାଥମିକ କୃଷି ସମବାୟ ସମିତିର ଡଇଁଚା ପାକ୍ସରେ ମଙ୍ଗଳବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଡଇଁଚା କୃଷି ସମବାୟ ସମିତି ସଭାପତି ପ୍ରହ୍ଲାଦ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମିତି ସମ୍ପାଦକ ଆର୍ତ୍ତତ୍ରାଣ ରାଉଳ, ନିର୍ଦ୍ଦେଶକ ଶଙ୍କର୍ଷଣ ବେହେରା, ବାସୁଦେବ ଦେହୁରି, ତ୍ରିପୁରା ପ୍ରଧାନ, ବ୍ଲକ ବିଜେଡି ସଭାପତି ମୂଳିଆ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡଇଁଚା ପ୍ୟାକ୍ସର କର୍ମଚାରୀ ଜୟନ୍ତ ଗଡ଼ନାୟକ,ସୁଦର୍ଶନ ପ୍ରଧାନ,ଯୋଗେଶ୍ୱର ପ୍ରଧାନ,ସୁମନ୍ତ ଦେହୁରୀ ଏବଂ ରିଙ୍କୁ ସାହୁ ମଧ୍ୟ ଉପସ୍ଥିତ ଥିଲେ । ଚଳିତ ବର୍ଷ ଏହି ପ୍ୟାକ୍ସରେ କିପରି ସ୍ୱଚ୍ଛତାର ସହ ଶାନ୍ତିଶୃଙ୍ଖଳାରେ ଧାନ କ୍ରୟ କରାଯିବ ସେ ନେଇ ପ୍ୟାକ୍ସ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବା ଜଣାପଡ଼ିଛି ।

### ୩ ପଞ୍ଚାୟତରେ ଆମ ବ୍ୟାଙ୍କ ଉଦ୍‌ଘାଟିତ

କୁଚିଣ୍ଡା,୨୮।୧୧(ବିରଞ୍ଚି ଦର୍ଜୀ)

କୁଚିଣ୍ଡା ବ୍ଲକର କୁଲେଇଗଡ, ଟାଇଁସର ଓ କୁ.ଜମନକିରା ପଞ୍ଚାୟତରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମ ବ୍ୟାଙ୍କ ସେବା କେନ୍ଦ୍ରକୁ ଭର୍ଚୁଆଲ ମୋଡ୍‌ରେ ଉଦ୍‌ଘାଟନ କରିଛନ୍ତି। କୁଲେଇଗଡ ପଞ୍ଚାୟତର ସିଏସ୍‌ପି ପ୍ଲସ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପରିଷଦ ସଭ୍ୟ ଅଜିତ ମହାପାତ୍ର, ବିଡିଓ ନିରଞ୍ଜନ ସା, କୁଚିଣ୍ଡା ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ବିଜୟ ତାଣ୍ଡି, ସରପଞ୍ଚ ନଳିନୀ କିଷାନ, ନାଏବ ସରପଞ୍ଚ ଲମ୍ବୋଦର କୁମୁରା,ସମିତିସଭ୍ୟା କୁନି କିଷାନ, ଟାଇଁସର ଉଦ୍‌ଘାଟନୀରେ କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ସରପଞ୍ଚ ରାଜେନ୍ଦ୍ର କିଷାନ, ସମିତିସଭ୍ୟ ଖଗେଶ୍ୱର କିଷାନ ଏବଂ କୁ.ଜମନକିରା ସିଏସ୍‌ପି ପ୍ଲସ ଉଦ୍‌ଘାଟନୀରେ ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ତହସିଲଦାର ପ୍ରସନ୍ନ ଟେଟେ, ସରପଞ୍ଚ ପବିତ୍ର କିଷାନ, ସମିତିସଭ୍ୟା ଭାନୁମତୀ କିଷାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆମ ବ୍ୟାଙ୍କ ସେବା ଦ୍ୱାରା ଅଞ୍ଚଳବାସୀ ସୁବିଧା ପାଇପାରିବେ ବୋଲି ବିଡିଓ ନିରଞ୍ଜନ ସା କହିଛନ୍ତି।

### ପରମାଣପୁରରେ ଭାଗବତ କଥାମୃତ

ସମ୍ବଲପୁର,୨୮।୧୧ (ଭବାନୀ ଶଙ୍କର ଭୋଇ)

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଇସ୍କନ ବୁର୍ଲା ତରଫରୁ ସପ୍ତାହବ୍ୟାପୀ ଭାଗବତ କଥା ପରମାଣପୁରସ୍ଥିତ ଗୋପୀ କିଷନ କଲ୍ୟାଣ ମଣ୍ଡପିଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀପାଦ ସନ୍ଦିପନି ମୁନି ଦାସ ଜୀ ଶ୍ରୀ ରାମକୃଷ୍ଣଙ୍କ ବାଲ୍ୟଲୀଳା ପ୍ରସଙ୍ଗରେ ପ୍ରବଚନ ପ୍ରଦାନ କରିଥିଲେ। ପରମାଣପୁର, ଭିକମପୁର, ନୂଆମୁଣ୍ଡା, ସାଲେପାଲି, ତବଲା, ଗମ୍ଭାରୀପଙ୍କ, ପଣ୍ଡରୀ ଆଦି ଅଞ୍ଚଳର ପ୍ରାୟ ୮୦୦ରୁ ଊର୍ଦ୍ଧ୍ୱ ଭକ୍ତ ଯୋଗଦେଇଥିଲେ। ପ୍ରତ୍ୟହ ଭାଗବତ ଗୀତା ଓ ଅନ୍ୟାନ୍ୟ ଧର୍ମୀୟ ଶାସ୍ତ୍ର ଗ୍ରନ୍ଥ ବିତରଣ କରାଯାଇଥିଲା। ଇସ୍କନ ବୁର୍ଲାର ଅଧ୍ୟକ୍ଷ ଶ୍ରୀପାଦ ଅମାୟୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଇସ୍କନ ବୁର୍ଲାର ଶ୍ରୀମାନ ଅସିତ କୃଷ୍ଣ ଦାସ ଓ ବିଜୟ ସଖା ଦାସ ଓ ମନ୍ଦିରର ଅନ୍ୟ ଭକ୍ତବୃନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବହୁମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କ ଦାବିକୁ ସରକାରଙ୍କ ସ୍ୱୀକୃତି

ସମ୍ବଲପୁର,୨୮।୧୧(ବି.ଶଙ୍କର)

ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟ ପରିଦର୍ଶକଙ୍କ ଦୀର୍ଘ ଦିନର ଦାବିକୁ ରାଜ୍ୟ ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହାକୁ ନେଇ ମିଳିତ ମହାସଂଘ ପକ୍ଷରୁ ମଙ୍ଗଳବାର ସମ୍ବଲପୁର ସମଲେଶ୍ୱରୀ ମନ୍ଦିରରେ ସମୂହ ଦୀପ ପ୍ରଜ୍ୱଳନ କରାଯାଇଛି। ବହୁମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କ ବେତନ ଢାଞ୍ଚା ସଂଶୋଧନ କରାଯାଇଛି। ସରକାରୀ ଡାକ୍ତରଖାନାରେ ରୋଗୀ ବୃଦ୍ଧି ପାଉଥିବାରୁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି।

୧୯୭୪ ମସିହାରୁ ଗୋଟିଏ ମାତ୍ର ପଦୋନ୍ନତି (ସୁପରଭାଇଜର) ବ୍ୟବସ୍ଥା ଥିଲା। ଏହାକୁ ନେଇ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ସରକାରଙ୍କୁ ଅବଗତ କରାଇବା ସହ କ୍ୟାଡର ପୁନର୍ଗଠନ ପାଇଁ ଦାବି କରିଆସୁଥିଲେ। ସ୍ୱାସ୍ଥ୍ୟସେବାକୁ ଅଧିକ କ୍ରିୟାଶୀଳ କରିବାକୁ ସରକାର ନୂତନ ଭାବେ ୮୨୮୦ ସ୍ୱାସ୍ଥ୍ୟକର୍ମୀ

### ସମଲେଇ ମନ୍ଦିରରେ ମହାସଂଘର ଦୀପ ପ୍ରଜ୍ୱଳନ



ମହାସଂଘ କର୍ମକର୍ତ୍ତା ସମଲେଶ୍ୱରୀ ମନ୍ଦିରଠାରେ ଦୀପ ପ୍ରଜ୍ୱଳନ କରୁଛନ୍ତି।

ପଦବୀ ସୃଷ୍ଟି କରିଛନ୍ତି। ତେଣୁ ସମ୍ବଲପୁର ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ମହାସଂଘ ପକ୍ଷରୁ ସମୂହ ଦୀପ ପ୍ରଜ୍ୱଳନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ମହାସଂଘର ସମସ୍ତ ସଦସ୍ୟ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ୫-ଟି ଅଧ୍ୟକ୍ଷ ଭି.କେ. ପଣ୍ଡିଆନ, ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି । ରାଜ୍ୟ ସରକାରଙ୍କ ଏଭଳି ପଦକ୍ଷେପକୁ ମହାସଂଘ ସ୍ୱାଗତ କରିବା ସହ ନୂଆବର୍ଷ ପୂର୍ବରୁ ଗେଜେଟ ବିଜ୍ଞପ୍ତି ପ୍ରକାଶ କରିବାକୁ ଦାବି କରିଛି । ରାଜ୍ୟ ମହାସଂଘ ଉପଦେଷ୍ଟା ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ଜିଲା ସଭାପତି ସତ୍ୟନାରାୟଣ ସାହୁ, ଜିଲା ମହାସଂଘ ଅଧ୍ୟକ୍ଷ ଗୁରୁବାରୀ ମିଶ୍ର, ସମ୍ପାଦକ ଆଶିଷ ପତି, ସାବା ମାଝି, ରୁଦ୍ରଚରଣ ପାତ୍ର, ପ୍ରଦୀପ ମହାପାତ୍ର, ତେଜରାଜ ପଣ୍ଡା, ନିରୁପମା ନାୟକ, ମେନକା ନାୟକ, ସାଗରିକା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ରାଜ୍ୟ ମହାସଂଘ ସଙ୍ଗଠନ ସମ୍ପାଦକ ସରୋଜ ଧଳଙ୍କ ପରିଚାଳନାରେ ନିରାଡମ୍ବର ସେବା ଯୋଗାଇବା ଓ ସ୍ୱାସ୍ଥ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ଶପଥ ପାଠ କରାଇଥିଲେ ।

# ମୃତ ଜିଆର୍‌ଏସ୍‌ଙ୍କ ପରିବାରକୁ ଭେଟିଲେ ରୋହିତ ପୂଜାରୀ



ମୃତ ଜିଆର୍‌ଏସ୍‌ଙ୍କ ପରିବାରକୁ ଭେଟିବା ଅବସରରେ ବିଧାୟକ ଓ ଅନ୍ୟମାନେ।

ନାକଟିଦେଉଳ,୨୮।୧୧(ବୈକୁଣ୍ଠନାଥ ସାହୁ)

ନାକଟିଦେଉଳ ବ୍ଲକ ଘୋଷରାମାଳ ପଞ୍ଚାୟତର ଗ୍ରାମରୋଜଗାର ସେବକ ପ୍ରଦ୍ୟୁମ୍ନ କୁମାର ଦାଶଙ୍କ ମୃତଦେହ ଗତ ୨୨ତାରିଖରେ ଜବତ ହୋଇଥିଲା। ଏହା ଏକ ହତ୍ୟାକାଣ୍ଡ ବୋଲି ସେତେବେଳେ ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ରେଢାଖୋଲ ବିଧାୟକ ରୋହିତ ପୂଜାରୀ ତାଙ୍କ ବାସଭବନରେ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଘଟଣାର ଉପଯୁକ୍ତ ତଦନ୍ତକରି ପଦକ୍ଷେପ ନେବାକୁ ସମ୍ବଲପୁର ଏସ୍‌ପି ଓ ରେଢ଼ାଖୋଲ ଏସ୍‌ଡିପିଓଙ୍କ ସହ ଟେଲିଫୋନ ଯୋଗେ ଆଲୋଚନା କରିଥିଲେ। ପ୍ରଦ୍ୟୁମ୍ନ ଏକମାତ୍ର ରୋଜଗାରିଆ ଥିବାବେଳେ ତାଙ୍କ ମୃତ୍ୟୁରେ ପରିବାର ଅସହାୟ ହୋଇପଡ଼ିଛନ୍ତି। ତେଣୁ ମୃତକଙ୍କ ସ୍ତ୍ରୀ ଶିବାନୀ ଦାସ ଓ ତାଙ୍କର ୪ବର୍ଷର ଝିଅର ଭରଣପୋଷଣ ପାଇଁ ବିଧାୟକ ଜିଲାପାଳଙ୍କ ସହ ଆଲୋଚନାକରି ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ବିଧାୟକ ଶିବାନୀଙ୍କୁ ଅନୁକମ୍ପାମୂଳକ ୧୨ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ। ବିଧାୟକ ପୂଜାରୀଙ୍କ ସହ ଜିଲା ପରିଷଦ ସଭ୍ୟା ଟିକେଶ୍ୱରୀ ମେହେର, ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ବ୍ଲକ ଉପାଧକ୍ଷା ଜିତେନ୍ଦ୍ରିୟ ପ୍ରଧାନ, ବ୍ଲକ ଯୁବ ବିଜେଡି ସଭାପତି ଧୀରେନ କୁମାର ସାହୁ, ପିଣ୍ଟୁ ଧଳଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ସୋମବାର ଭାଜପା ନେତା ଗୋବିନ୍ଦ ଅଗ୍ରୱାଲା ମଧ୍ୟ ମୃତକଙ୍କ ଘରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀଙ୍କୁ ଗିରଫ କରିବାକୁ ଦାବି କରିଥିଲେ।

# ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କୁଚିଣ୍ଡା,୨୮।୧୧(ବିରଞ୍ଚି ଦର୍ଜୀ)

କୁଚିଣ୍ଡା କଲେଜ ପଡିଆରେ ମଙ୍ଗଳବାର ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଯାଇଛି। କୁଚିଣ୍ଡା ଉପଜିଲାପାଳ ବିଭୁତିଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ସମ୍ବଲପୁର ଜିଲାପରିଷଦ ସଭାପତି କୁମୁଦିନୀ ନାୟକ, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ଅଜିତ ମହାପାତ୍ର, ଜିଲା ମୁଖ୍ୟ କୃଷି ଅଧିକାରୀ ଗୌରୀ ଶଙ୍କର ସିଂ, କୃଷି ବିଭାଗ ସହକାରୀ ଜିଲାଯୋଜନା ଅଧିକାରୀ ଟଙ୍କଧର ନାଗ, କୁଚିଣ୍ଡା କୃଷି ଜିଲା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଯନ୍ତ୍ରପାତିର ବ୍ୟବହାର କରି ଚାଷୀ କିଭଳି ଅଧିକ ଲାଭବାନ ହୋଇ ପାରିବେ ସେ ଉପରେ ଅତିଥିଗଣ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କୃଷି ବିଭାଗର ସଫଳ ଚାଷୀ ଡିଲେଶ୍ୱର କଉଡି ଓ ଉମେଶ ମହାକୁଳ, ଉଦ୍ୟାନ କୃଷିରେ ସଫଳ ଚାଷୀ ସୌଭାଗ୍ୟ ନାୟକ, ମତ୍ସ୍ୟ ବିଭାଗରେ ସଫଳ ଚାଷୀ ତପନ କୁମାର ନାୟକ, ମୃତ୍ତିକା ସଂରକ୍ଷଣ ବିଭାଗରେ ସଫଳ ଚାଷୀ ସୁରଜ ପୃଷେଠଙ୍କୁ ସମ୍ମାନିତ କରାଯାଇଥିଲା।ଏହାଛଡା ରିହାତି ମୂଲ୍ୟରେ ବାମରା ବ୍ଲକ ନୁନିଆମୁଣ୍ଡାର ଗାୟତ୍ରୀ ଏସ୍‌ଏଚ୍‌ଜି ଓ ଗୋବିନ୍ଦପୁର ମା' କଲ୍ୟାଣି ଏସ୍‌ଏଚ୍‌ଜି ଓ କୁଚିଣ୍ଡା ବ୍ଲକ କୁନ୍ତରା ଉଗ୍ରସେନ ସେଠୀଙ୍କୁ ୱିଡର୍ ମେଶିନ ଏବଂ କୁଚିଣ୍ଡା ବ୍ଲକ କେଲଡାର ସନ୍ତୋଷ କୁମାର ଦେବଙ୍କୁ ନୂତନ ଟ୍ରାକ୍ଟର ଋଣ ସୂତ୍ରରେ ପ୍ରଦାନ କରାଯାଇଥିଲା। ଏହି ମେଳାରେ ବିଭିନ୍ନ କମ୍ପାନୀ ପକ୍ଷରୁ ଟ୍ରାକ୍ଟର, ପାୱାରଟିଲର ଆଦି ୪୦ଗୋଟି ଷ୍ଟଲ ପ୍ରଦର୍ଶିତ ହୋଇଛି। ଏହି ମେଳା ୩୦ ତାରିଖରେ ଉଦ୍‌ଯାପିତ ହେବ।

# ସମନ୍ୱିତ ବିକାଶ କାର୍ଯ୍ୟକ୍ରମ ଆରମ୍ଭ

ପଡିଆବାହାଲ, ୨୮।୧୧ (ରାଧାମୋହନ ଷଡ଼ଙ୍ଗୀ)

ଝୁଝୁମୁରା ବ୍ଲକ ପଡିଆବାହାଲ ଜୟଦୁର୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ମଙ୍ଗଳବାର ସମନ୍ୱିତ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଝୁଝୁମୁରା ବ୍ଲକ ଜୋନ ୧ ଜିଲା ପରିଷଦ ସଭ୍ୟା କବିତା ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ନୋଡାଲ ଅଫିସର ପି.କେ. ନାୟକ, ଅଧ୍ୟକ୍ଷ ଅକ୍ଷୟ କୁମାର ମହାପାତ୍ର, ବିଜୁ ଛାତ୍ର ଜନତା ଦଳ ଜିଲା ସାଧାରଣ ସମ୍ପାଦକ ପ୍ରବୀଣ କୁମାର ସୁପକାରଙ୍କ ଉପସ୍ଥିତିରେ କ୍ରୀଡ଼ା, ସାଂସ୍କୃତିକ, ସାମାଜିକ ସଚେତନତା, ପରିବେଶ ସ୍ୱଚ୍ଛତା ଆଦି ଉପରେ ଆଧାରିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ପ୍ଲାଷ୍ଟିକ ମୁକ୍ତ ସମାଜ ପାଇଁ ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକାଙ୍କ ପରିଚାଳନାରେ ସାପ୍ତାହିକ ହାଟ ଅଞ୍ଚଳରେ ସଚେତନ କରାଇଥିଲେ।

# ଜିଏମ୍‌ୟୁ ଇତିହାସ ବିଭାଗ ସମ୍ପ୍ରସାରଣ କାର୍ଯ୍ୟକ୍ରମ




ପାଟଣା ରାଜପ୍ରାସାଦ ପରିଦର୍ଶନ କରିବା ଅବସରରେ ଛାତ୍ରୀଛାତ୍ର।

ସମ୍ବଲପୁର,୨୮।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗକୁ ସମ୍ପ୍ରସାରଣକରି ସମାଜ ସହ ଯୋଡ଼ିବା ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଇତିହାସ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଫଳରେ ଉକ୍ତ ବିଭାଗର ଛାତ୍ରୀଛାତ୍ର କେବଳ ଶ୍ରେଣୀକକ୍ଷର ଚାରିକାନ୍ଥ ମଧ୍ୟରେ ସୀମିତ ନ ରହି ସମାଜ ତଥା ସାଧାରଣ ଜନତାଙ୍କ ସହ ଯେଭଳି ଯୋଡ଼ିହୋଇପାରିବେ ସେ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଇତିହାସ ବିଭାଗ ଛାତ୍ରୀଛାତ୍ର ଏଠାରେ ଅବସ୍ଥିତ ପାଟଣା ରାଜପ୍ରାସାଦ ପରିଦର୍ଶନକରି ଏହାର ଐତିହାସିକ ପୃଷ୍ଠଭୂମିଠାରୁ ଆରମ୍ଭ କରି ଏହା ବହନ କରୁଥିବା ଆମ ସଂସ୍କୃତିର ଉପାଦାନକୁ ନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଏହି ଐତିହ୍ୟର ଗୁରୁତ୍ୱ ସମ୍ପର୍କରେ ଲୋକଙ୍କୁ ସୂଚନା ଦେବା ସହ ସେମାନଙ୍କଠାରୁ ଏ ସମ୍ପର୍କିତ ଲୋକକଥା ଆଧାରିତ ତଥ୍ୟ ସଂଗ୍ରହ କରିଥିଲେ। ଇତିହାସ ବିଭାଗ ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନଙ୍କ ମାର୍ଗଦର୍ଶନରେ ଆୟୋଜିତ କାର୍ଯ୍ୟକ୍ରମରେ ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ଲୋକଙ୍କୁ ଏ ସମ୍ପର୍କରେ ଅବଗତ କରିଥିଲେ। ସମ୍ବଲପୁରସ୍ଥିତ ପାଟଣା ରାଜପ୍ରାସାଦ ବଲାଙ୍ଗୀର ରାଜାଙ୍କ ଦ୍ୱାରା ନିର୍ମିତ ହୋଇଥିବାବେଳେ ଏହା ଅନେକ ଐତିହାସିକ ଘଟଣାବଳୀର ମୂକସାକ୍ଷୀ । ମାତ୍ର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ଏହି ଐତିହ୍ୟଟି ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଛାତ୍ରୀଛାତ୍ର ଶେଷରେ ଏକ ରାଲି ଜରିଆରେ ଜନସାଧାରଣଙ୍କୁ ଏହି ଐତିହ୍ୟ ସମ୍ପର୍କରେ ଅବଗତକରି ଏହାର ରକ୍ଷଣାବେକ୍ଷଣ ପାଇଁ ସହଯୋଗ କାମନା କରିଥିଲେ।

# ଧନୁପାଲି-ଗୁଣ୍ଡେରପୁର ରାସ୍ତାରେ ଭାରିଯାନ ଚଳାଚଳ କଟକଣା

ସମ୍ବଲପୁର,୨୮।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଧନୁପାଲିରୁ ରାଜ୍ୟ ରାଜପଥ-୧୫କୁ ସଂଯୋଗୀକରଣ ରାସ୍ତାରେ ଭାରିଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ସମ୍ବଲପୁର ସହରର ସିଧାସଳଖ ରାଜ୍ୟ ରାଜପଥ-୧୫କୁ ସଂଯୋଗ କରୁଥିବା ଧନୁପାଲି-ଗୁଣ୍ଡେରପୁର ରାସ୍ତା ଦୀର୍ଘ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସ୍ୱେରେଜ ପ୍ରକଳ୍ପ ପାଇଁ ପ୍ରଭାବିତ ହୋଇଥିଲା। ବର୍ତ୍ତମାନ ଏହି ରାସ୍ତାରେ ସ୍ୱେରେଜ ପ୍ରକଳ୍ପ କାର୍ଯ୍ୟ ସମ୍ପନ୍ନ ହୋଇସାରିଛି। ହେଲେ ଏହି ରାସ୍ତା ଏପର୍ଯ୍ୟନ୍ତ କଂକ୍ରିଟକରଣ ହୋଇ ନାହିଁ। ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇ ରହିଛି। ଏହାସତ୍ତ୍ୱେ ଏହି ରାସ୍ତାରେ ଯାତ୍ରୀବାହୀ ବସ୍‌ଠାରୁ ଆରମ୍ଭ କରି ଭାରିଯାନଗୁଡ଼ିକ ଅତ୍ୟନ୍ତ ବେପରୁଆ ଢ଼ଙ୍ଗରେ ଯାତାୟାତ କରୁଛି। କିଛିଦିନ




ଧନୁପାଲି ଗୁଣ୍ଡେରପୁର ରାସ୍ତାରେ ଭାରିଯାନ ନିଷେଧ ପାଇଁ ବ୍ୟାରିକେଡ୍ କରାଯାଇଛି।

ତଳେ ଭାରିଯାନ ଧକ୍କାରେ ଏକ ପରିବା ବୋଝେଇ ଅଟୋ ଭାଙ୍ଗି ଚୁରମାର ହୋଇଯାଇଥିଲା। ମାତ୍ର ଏଥିରେ ବସିଥିବା ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହି ସମସ୍ୟାକୁ ନେଇ ବରିଷ୍ଠ ନାଗରିକ ସୁବାସ ପାଣିଗ୍ରାହୀ ମଙ୍ଗଳବାର ଧମା ଥାନା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଏହି ରାସ୍ତାରେ କଟକଣା ଠିକ ଭାବେ କାର୍ଯ୍ୟକାରୀ ହେଉ ନ ଥିବାବେଳେ ଭାରିଯାନ ଚଳାଚଳ ବନ୍ଦ କରିବାକୁ ଦାବି କରିଥିଲେ। ଫଳରେ ଥାନା ପକ୍ଷରୁ ଉକ୍ତ ରାସ୍ତାରେ ଗୁଣ୍ଡେରପୁରରୁ ଭାରିଯାନ ପ୍ରବେଶକୁ ନିଷିଦ୍ଧ କରାଯିବା ସହ ଏଠାରେ ବ୍ୟାରିକେଡ୍ ଲଗାଇ ରାସ୍ତା ଅବରୋଧ ମଧ୍ୟ କରାଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ଧମା ଆଇଆଇସି ଶିବରାଜ ଧରୁଆ କହିଛନ୍ତି, ଲୋକଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଏଠାରେ ଗୁଣ୍ଡେରପୁର ଥାନା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଭୋର ୪ଟାରୁ ପୋଲିସ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଉଛି। ସୋନପୁର ପଟୁ ରାଜ୍ୟ ରାଜପଥ-୧୫ରେ ଆସୁଥିବା ବସ୍‌ଠାରୁ ଆରମ୍ଭ କରି ସମସ୍ତ ଭାରିଯାନର ଗତିପଥକୁ ମାନେଶ୍ୱର ପଟେ ପରିବର୍ତ୍ତନ କରାଯାଇଛି ବୋଲି କହିଥିଲେ।

# ଏସ୍‌ଏମ୍‌ସି କମିଶନର ହେଲେ ନୋଡାଲ ଅଫିସର



ବୈଠକରେ ମଞ୍ଚାସୀନ ଅତିଥିମାନେ।

ସମ୍ବଲପୁର,୨୮।୧୧(ବି.ଶଙ୍କର)

### ଲୋକ ମହୋତ୍ସବର ସାଧାରଣ ପରିଷଦ ବୈଠକ

ସମ୍ବଲପୁର ଲୋକ ମହୋତ୍ସବ- ୨୦୨୪ର ସାଧାରଣ ପରିଷଦ ବୈଠକ ମଙ୍ଗଳବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୦୨୪ ଜାନୁୟାରୀ ୪ରୁ ୬ ତାରିଖ ତିନିଦିନ ଧରି ଲୋକ ମହୋତ୍ସବ ଅଇଁଠାପାଲି ପିଏଚ୍‌ଡି ପଡିଆଠାରେ ହେବ। ବୈଠକରେ ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ସମ୍ବଲପୁର, ବୁର୍ଲା ଓ ହୀରାକୁଦ ଅଞ୍ଚଳର କଳାକାର, ସାମାଜିକ କର୍ମୀ, କଳାସଂଗଠକ, ବିଭିନ୍ନ ସଂଗଠନର ପ୍ରତିନିଧି ସାମିଲ ହୋଇଥିଲେ। ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଅନନ୍ୟା ଦାସ ବୈଠକରେ ଅଧ୍ୟକ୍ଷତା କରିଥିଲେ। ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) କମିଶନର ବେଦ ଭୂଷଣଙ୍କୁ ଲୋକମହୋତ୍ସବ ପାଇଁ ନୋଡାଲ ଅଫିସର ଭାବେ ନିଯୁକ୍ତ କରାଯାଇଛି । ଏଥିସହ ସମନ୍ୱୟ, ମଞ୍ଚ ଓ ପ୍ରେକ୍ଷାଳୟ, ସାଂସ୍କୃତିକ, ଷ୍ଟଲ, ପ୍ରଦର୍ଶନୀ, ଖାଦ୍ୟ, ପ୍ରଚାର ଓ ଶୋଭାଯାତ୍ରା, ଗଣମାଧ୍ୟମ, ସମ୍ବର୍ଦ୍ଧନା, ସେମିନାର, ସ୍ମାରଣିକା, ପରିମଳ ଓ ପରିବହନ ପ୍ରଭୃତି ଉପସମିତି ଆବାହକଙ୍କ ନାମ ପ୍ରସ୍ତାବ ଆଗତ ହୋଇଥିଲା । ପରବର୍ତ୍ତି ସମୟରେ ଜିଲା ପ୍ରଶାସନ ପକ୍ଷରୁ ଚୟନ ହୋଇଥିବା ନାମଗୁଡିକ ଘୋଷଣା କରାଯିବାକୁ ସ୍ଥିର ହୋଇଥିଲା ଅପରପକ୍ଷେ ଏହାକୁ ସରକାରୀ ମହୋତ୍ସବ ଭାବେ ଆୟୋଜନ କରା ନ ଯିବାକୁ କଳାକାରମାନେ ମତ ଉପସ୍ଥାପନ କରିଥିଲେ। ସେହିପରି ମହିଳାମାନଙ୍କୁ ସାମିଲ କରିବାକୁ ମଧ୍ୟ ବୈଠକରେ ଦାବି ହୋଇଥିଲା। ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ ଓ ଏସ୍‌ଏମ୍‌ସି କମିଶନର ବେଦଭୂଷଣ ଆଲୋଚନାରେ ଭାଗ ନେଇଥିଲେ । ଅତିରିକ୍ତ ଜିଲାପାଳ (ରାଜସ୍ୱ) ପ୍ରଦୀପ କୁମାର ସାହୁ ସଭା ସଂଯୋଜନା ଓ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଅସହାୟ ସୁଶୀଳା: ସରକାରୀ ଯୋଜନାରେ ମିଳୁନି ଚାଉଳ

ସମ୍ବଲପୁର,୨୮।୧୧ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମର ୪୧ ନମ୍ବର ୱାର୍ଡ ଗୁଣ୍ଡେରପୁରରେ ରହିଛି ୬୫ବର୍ଷ ବୟସ୍କ ସୁଶିଳା ବାଗଙ୍କର ଝାଟିମାଟିର ଘର। ନିଜର ଝିଅପୁଅ କେହି ନ ଥିବାବେଳେ ସ୍ୱାମୀ ଦୁଆନ ବାଗଙ୍କର ୫ବର୍ଷ ପୂର୍ବରୁ ମୃତ୍ୟୁ ହୋଇସାରିଛି। ସରକାରଙ୍କ ତରଫରୁ ତାଙ୍କୁ କେବଳ ୫୦୦ ଟଙ୍କା ଭତ୍ତା ମିଳୁଛି। ଏଥିରେ ଗୋଟିଏ ମାସ ଚଳିବା କଷ୍ଟକର ହେଉଛି। ଅନ୍ୟପକ୍ଷେ ସରକାରୀ ଯୋଜନାରେ ଚାଉଳ ତାଙ୍କ ପାଇଁ ସ୍ୱପ୍ନ ହୋଇଛି। ତେଣୁ ସେ ସହରରେ ଭିକ୍ଷାବୃତ୍ତି କରି ପେଟ ପୋଷୁଛନ୍ତି। ସକାଳୁ ବିଭିନ୍ନ ଦୋକାନ ବଜାର ବୁଲି ଯାହା ଦି ପଇସା ସଂଗ୍ରହ କରନ୍ତି ସେଥିରେ ଚଳନ୍ତି। ସୁଶିଳାଙ୍କ କାନକୁ ଶୁଭୁ ନ ଥିବାରୁ ରାସ୍ତାଘାଟରେ ଯା'ଆସ କରିବା ସମୟରେ ସବୁବେଳେ ଦୁର୍ଘଟଣା ଆଶଙ୍କା ରହିଥାଏ। ଚାଉଳ



ସମ୍ବଲପୁର ସହରରେ ସୁଶୀଳା ବାଗ।

୫କେଜି ପାଇବା ପାଇଁ ସେ ନିଜ ଘର ପାଖରେ ଥିବା ମାନେଶ୍ୱର ବ୍ଲକ କାର୍ଯ୍ୟାଳୟକୁ ଯାଇ ଗୁହାରି କରିଥିଲେ ମଧ୍ୟ ସୁଫଳ ପାଇନ ଥିବା କହିଛନ୍ତି। ଏ ସମ୍ପର୍କରେ ବିଡିଓ ପ୍ରଣବ କୁମାର ଚାନ୍ଦ କହନ୍ତି, ଗୁଣ୍ଡେରପୁର ଅଞ୍ଚଳ ମହାନଗର ନିଗମ ଭିତରେ ରହିଥିବାରୁ ବ୍ଲକରେ ତାଙ୍କ ପାଇଁ ସରକାରୀ ଯୋଜନାରେ ଚାଉଳ ବ୍ୟବସ୍ଥା କରାଯାଇପାରୁନାହିଁ। ତାଙ୍କୁ ମହାନଗର ନିଗମ କାର୍ଯ୍ୟାଳୟକୁ ଯାଇ ଆବେଦନ କରିବାକୁ ପରାମର୍ଶ ଦିଆଯାଇଥିବା ଚାନ୍ଦ କହିଛନ୍ତି। ଏହାଛଡା ଅନ୍‌ଲାଇନରେ ମଧ୍ୟ ଅନ୍ତ୍ୟୋଦୟ ଯୋଜନାରେ ଚାଉଳ ପାଇବା ପାଇଁ ଆବେଦନ କରିବା ବ୍ୟବସ୍ଥା ରହିଛି। ହେଲେ ସୁଶିଳା ପାଠ ପଢି ନ ଥିବାରୁ ଆବେଦନ କରିପାରୁନାହାନ୍ତି। ବାର୍ଷିକ ଆୟ ପ୍ରମାଣପତ୍ର ଆଦି ଯୋଗାଡ କରିବା ତାଙ୍କ ପକ୍ଷରେ ସମ୍ଭବ ହୋଇପାରୁନାହିଁ। ଏହାସହ ସେ କିଛି ଶୁଣିପାରୁ ନ ଥିବାରୁ କେହି କିଛି ବୁଝାଇଲେ ମଧ୍ୟ ବୁଝି ନ ପାରି ହଇରାଣ ହେଉଛନ୍ତି। ଏ ନେଇ ଜିଲା ଭିନ୍ନକ୍ଷମ ଥଇଥାନ ଓ ପୁର୍ନବାସ ଅଧିକାରୀ ରବି ଶତପଥୀଙ୍କୁ ପଚାରିବାରୁ ସେ ସରକାରୀ ଯୋଜନାରେ ସୁଶିଳାଙ୍କୁ ସାମିଲ କରିବା ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି।

# ଖଡ଼ିଆଳଠାରେ ନୀତି ଆୟୋଗ ସର୍ଭେ କାର୍ଯ୍ୟକ୍ରମ

**ଖଡ଼ିଆଳ,୨୮।୧୧(ସୁଜିତ୍ କୁମାର ପ୍ରଧାନ)**

ଭାରତ ସରକାରଙ୍କ ନୀତି ଆୟୋଗ ଦ୍ୱାରା ଓଡ଼ିଶାର ଏକ ମାତ୍ର କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପକ୍ଷରୁ ସହର ଓ ଗ୍ରାମାଞ୍ଚଳରେ ହିତାଧିକାରୀ ପାଉଥିବା ବିଭିନ୍ନ ଯୋଜନାର ଏକ ସର୍ଭେ ଆରମ୍ଭ ହୋଇଛି। ପ୍ରଥମେ ଖଡ଼ିଆଳ ସହରସ୍ଥିତ ଲୋକଦୃଷ୍ଟି କଲେଜରେ ଏକ ପ୍ରାକ ତାଲିମ ପରେ ଏକ ନମ୍ବର ୱାର୍ଡ ମୁକ୍ତାପୁରରେ ୩୦ଟି ଘର ଓ ତୁକୁଲାରେ ୩୦ଟି ଘର ସର୍ଭେ କରିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ୧୨ଜଣ ଛାତ୍ର ଛାତ୍ରୀ, ମେଜର ଡ. ଜୟଦେବ ସାହୁ, ପ୍ରଫେସର୍ ରଜ କିଶୋର ମହାରଣା, ପ୍ରଫେସର ଚିତ୍ରସେନ ଭୁଏ, ମେଜର ଡ. ରାମଚନ୍ଦ୍ର ମିଶ୍ରଙ୍କ ସହିତ ଲୋକଦୃଷ୍ଟିର ଭୂତେଶ ମେହେର, ଭୁବନେଶ୍ୱର ରାଉତ, ନବୀନ ମିଶ୍ର, ତାପସ ପାଣିଗ୍ରାହୀ, ଡ. ଶୋଭିତ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ମୁଖ୍ୟତଃ ପାଇଖାନା, ଜଳ ଯୋଗାଣ, ପିଏମ କିଷାନ୍, ସ୍ୱାସ୍ଥ୍ୟ, ଉଜାଳାସ୍ ଆଦି ଉପରେ ବୁଝି ତାର ଏକ ସର୍ଭେ ଛାତ୍ରୀଛାତ୍ର କରିଥିଲେ।

# ତରବୋଡ଼ ଆଞ୍ଚଳିକ ଧନୁଯାତ୍ରା ଉଦ୍‌ଘାଟିତ


ତରବୋଡ଼ ଆଞ୍ଚଳିକ ଧନୁଯାତ୍ରା ଉଦ୍‌ଘାଟନୀରେ ମଞ୍ଚାସୀନ ଅତିଥିବୃନ୍ଦ।

**ନୂଆପଡ଼ା,୨୮।୧୧(ମକାରୁ ବେମାଲ)**

ନୂଆପଡା ଜିଲା ତରବୋଡ ଖେଳ ପଡିଆରେ ମଙ୍ଗଳବାର ଦ୍ୱିତୀୟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଉଦଘାଟିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ମକାରୁ ବେମାଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଖଡ଼ିଆଳ ରାଜା ଦେବଦେବ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଦେବଦତ୍ତ ଯୋଶୀ, ଶୁକ୍ରୁ ବାଗ, ଦେବେନ୍ଦ୍ର ଖମାରୀ, ଗାଁ ଝାଙ୍କର ଯୋଗେନ୍ଦ୍ର ନାୟକ, ସମିତି ସଭ୍ୟ ଯୁଗଳ ସାହୁ, ଦୁଃଖ ଭଜନ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଖୋଲା ରଙ୍ଗମଞ୍ଚରେ ମଞ୍ଚସ୍ଥ ନାଟକ ଇନ୍ଦୁମତି ହରଣ ଓ ଦୂର୍ମିଳା ବଧ ମଞ୍ଚସ୍ଥ ହୋଇଥିଲା। ବଲାଙ୍ଗୀର ଜିଲା ଲାଠୋର ଗାଁର କଳାକାରମାନେ ନାଟକ ମଞ୍ଚସ୍ଥ କରୁଛନ୍ତି। ଦର୍ଶକଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବିଶେଷ ଆକର୍ଷଣ ମୀନା ବଜାର ରହିଛି। ଉପସଭାପତି ଶ୍ରୀକାନ୍ତ ପ୍ରଧାନ, ସମ୍ପାଦକ ଚନ୍ଦ୍ର ଶେଖର ଅହୀର, ସହ ସମ୍ପାଦକ ସୁମିତ ଶେଖର ଦୂରିଆ, କୋଷାଧ୍ୟକ୍ଷ ସତ୍ୟବ୍ରତ ସାମଲ, ସହ ସମ୍ପାଦକ ଅର୍ଜୁନ ସୁନାନି ପ୍ରମୁଖ ଆୟୋଜନ କରୁଥିବା ବେଳେ ସୁବାଷ ଚନ୍ଦ୍ର ଆଡବଙ୍ଗ ମଞ୍ଚ ପରିଚାଳନା କରିଛନ୍ତି। ଉମାକାନ୍ତ ବନଛୋର, ମୁରଲୀ ଦୀପ, ବାଞ୍ଛାନିଧି ଗହିର, ଗୋପାଳ ବନ ଛୋର, ଗୋପୀ ଅହୀର୍, ଅନନ୍ତ ସିନ୍ଦୂର, ଚୈତରାମ ତାଣ୍ଡି, ଖଗେଶ୍ୱର ଚିରାଙ୍ଗୁଲ, ଶେଖର ଗହିର, ବିକାଶ ବାଗ, ପପୁ ମହରା, ମେମିଛନ ଶବର, କିସନ ମହରା, ପଦ୍ମନ ବନଛୋର ପ୍ରମୁଖ ସହଯୋଗ କରୁଛନ୍ତି।

# ଶ୍ରୀକୃଷ୍ଣ ରାସଲୀଳା, କଂସ ଦହନ ଉଦ୍‌ଯାପିତ


ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିମାନେ ପୁସ୍ତକ 'ମୋ ଗା ଆଁ' ଉନ୍ମୋଚନ କରୁଛନ୍ତି।

**ଖଡ଼ିଆଳ,୨୮।୧୧(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ନେହେନା ଗ୍ରାମର ଶ୍ରୀ ଶ୍ରୀ କୃଷ୍ଣ କଳା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ୭ ଦିନ ଧରି ଚାଲିଥିବା ବେଳେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଦିନ କଂସ ଦହନ ସହିତ ଉଦଯାପିତ ହୋଇଯାଇଛି। ଏଥିରେ ଦିନରେ ପୁରାଣ ପାଠ ଓ ସତସଂଘ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ରାତିରେ ଗ୍ରାମର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରାଣ କର୍ତ୍ତା ଭାବେ ସୋମନାଥ ନାଏକ ଓ ସମ୍ପୁତା ନାଏକ ଥିବା ବେଳେ ପୂଜକ ଭାବେ ନାନୁ ମିଶ୍ର ଓ କ୍ଷୀରଧର ଦାସ ଦାୟିତ୍ୱ ତୁଲାଇଥିଲେ। ସଭାପତି ସୁଶାନ୍ତ ବିଶି, ଉପସଭାପତି କମଳ ଚରଣ ଦାସ, ସମ୍ପାଦକ ରାଜଦେବ ନାଗ, ସହ ସମ୍ପାଦକ ତରୁଜ ରାମ ବାଗ, କୋଷାଧ୍ୟକ୍ଷ ଦୁଃଶାସନ ଥନାପତି, ରୁଦ୍ରମାଧବ ରାଉତରାୟ ଓ ବାଞ୍ଛାନିଧି ରାଉତରାୟ, ପୁରାଣ ଗାୟକ ଜୟରାମ ଥନାପତି ଓ ବ୍ୟୋମକେଶ ଦଣ୍ଡସେନା ଥିବାବେଳେ ବାଦ୍ୟ ଯନ୍ତ୍ରରେ ପୁରନ୍ଦର ନାଗ ଓ ନାଭିଦତ୍ୟ ବାଗ କାର୍ଯ୍ୟ ସମ୍ପାଦନ କରିଥିଲେ। ଅତୁଳ ଦଣ୍ଡସେନା, ନରେଶ ଦଣ୍ଡସେନା, ଅନିରୁଦ୍ଧ ତାହାଣୀ, ଅଭିରାମ ଚିନ୍ଦା, ଜୟପ୍ରକାଶ ଦଣ୍ଡସେନାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଅବସର ଶିକ୍ଷକ ଯୋଗେଶ୍ୱର ରାଉତରାୟଙ୍କ ଲିଖିତ ପୁସ୍ତକ 'ମୋ ଗା ଆଁ' ପୁସ୍ତକ ଉନ୍ମୋଚନ ହୋଇଥିଲା। ଏଥିରେ ସଭାପିତ୍ୱର କରିଥିଲେ ସୁଶାନ୍ତ ବିଶି, ମୁଖ୍ୟଅତିଥି ଭାବରେ ସାମାଜିକ କର୍ମୀ ବିନୋଦ ଅଗ୍ରୱାଲ, ଗ୍ରାମର ବିଦ୍ୟାଧର ବିଶି, ରୋମାଞ୍ଚ ରାଉତରାୟ, ଅନୀଲ ଦଣ୍ଡସେନା, ଫଗୁଣ ବାରିକ, ପୁରନ୍ଦର ନାଗ, ବ୍ୟୋମକେଶ ଦଣ୍ଡସେନା, ଦୁଃଶାସନ ଥନାପତି, ନିତାଇ ବିଶିଙ୍କ ସମେତ ବହୁ ଭଦ୍ରବ୍ୟକ୍ତି ଯୋଗଦାନ କରିଥିଲେ। ଏହି ପୁସ୍ତକରେ ନେହେନା ଗ୍ରାମର ସଂସ୍କୃତି ଉପରେ ଲିଖିତ ବୋଲି ରାଉତରାୟ ପ୍ରକାଶ କରିଥିଲେ।

# ପୂର୍ବତନ ବ୍ଲକ ଅଧ୍ୟକ୍ଷା ଜ୍ୟୋସ୍ନାମୟୀ ମିଶ୍ରଙ୍କ ପରଲୋକ

**ବଲାଙ୍ଗୀର,୨୮।୧୧(ବୀରେନ୍ଦ୍ର କୁମାର ଝାଙ୍କର)**


ସ୍ୱର୍ଗତା ଜ୍ୟୋସ୍ନାମୟୀ ମିଶ୍ର

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକର ପୂର୍ବତନ ଅଧ୍ୟକ୍ଷା ଜ୍ୟୋସ୍ନାମୟୀ ମିଶ୍ର (୬୭)ଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି। ଅସୁସ୍ଥତା ଅନୁଭବ କରିବା ପରେ ତାଙ୍କୁ ଉନ୍ନତର ଚିକିତ୍ସା ପାଇଁ ବରଗଡର ଏକ ଘରୋଇ ହସ୍ପିଟାଲ ନିଆଯାଉଥିବା ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମରଶରୀରକୁ କ୍ଲବ୍‌ପଡା ସ୍ଥିତ ବାସଭବନ ଅଣାଯାଇଥିଲା। ତାଙ୍କ ସ୍ୱାମୀ ବଲାଙ୍ଗୀର ଜିଲା ଓକିଲ ସଂଘ ପୂର୍ବତନ ସଭାପତି ଆଡଭୋକେଟ ବିନାୟକ ମିଶ୍ର, ଦେଢସୁର ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ବଡପୁଅ ଆଇନଜୀବୀ ସିଦ୍ଧାର୍ଥ ମିଶ୍ର, ସାନପୁଅ ହେମନ୍ତ ମିଶ୍ର, ବୋହୂ ମନୀଷା, ଲଭଲି, ନାତିନାତୁଣୀ ସମେତ ପରିବାରର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ମଙ୍ଗଳବାର ପୁଇଁତଲା ବ୍ଲକ ଅନ୍ତର୍ଗତ ତାଙ୍କ ପୈତୃକ ଗ୍ରାମ ଛତାମଖନାରେ ଦାହସଂସ୍କାର ସମ୍ପନ୍ନ ହୋଇଥିଲା। ବଡପୁଅ ସିଦ୍ଧାର୍ଥ ମୁଖାଗ୍ନି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖରିଆର ବିଧାୟକ ଅଧିରାଜ ପାଣିଗ୍ରାହୀ, ପରିବାର ସଦସ୍ୟ ବୀରେନ ମିଶ୍ର, ଆଇନଜୀବୀ ବାବୁଲୁ ମିଶ୍ର, ଜିଲା ସମବାୟ ବ୍ୟାଙ୍କ ସଭାପତି ସ୍ମାରକ ରଞ୍ଜନ ମିଶ୍ର, ରାହୁଲ ମିଶ୍ରଙ୍କ ସମେତ ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ହରିନାରାୟଣ ପୂଝାରୀ, ଆଇନଜୀବୀ ସୁବାସ ନନ୍ଦ, ମନୋଜ ସାହୁ, ସୁଦ୍ଧାର୍ଥୀ ପଟେଲ, ସମୀର ରଥ, ମନୀଷ ମିଶ୍ର ଉପସ୍ଥିତ ଥିଲେ। ଜଣେ ମିଷ୍ଟଭାଷୀ, ପରୋପକାରୀ ଏବଂ ଧର୍ମ ପରାୟଣ ମହିଳା ଭାବେ ସ୍ୱର୍ଗତା ମିଶ୍ର ପରିଚିତ ଥିଲେ।

# ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ହିମାଂଶୁ


@ ମୁକ୍ତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜଙ୍ଗଲ, ସହର ଜଳାଶୟରେ ପକ୍ଷୀ ସୁରକ୍ଷା ଦାବି


ପକ୍ଷୀ ଶିକାର ରୋକିବାକୁ ଡିଏଫ୍‌ଓଙ୍କୁ ଦାବିପତ୍ର ଦିଆଯାଉଛି।

**ବଲାଙ୍ଗୀର, ୨୮।୧୧ (ବୀରେନ୍ଦ୍ର କୁମାର ଝାଙ୍କର)**

ଜଙ୍ଗଲ ଓ ସହରର ଜଳାଶୟଗୁଡିକରେ ପକ୍ଷୀ ସୁରକ୍ଷା ପାଇଁ ବଲାଙ୍ଗୀର ବନଖଣ୍ଡ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବଲାଙ୍ଗୀର ସହରର ୧୭ଟି ଜଳାଶୟକୁ ଶୀତଦିନେ ଅନେକ ପକ୍ଷୀଙ୍କ ଆଗମନ ହୋଇଥାଏ। ଏହି ପକ୍ଷୀମାନେ ଜଳାଶୟଗୁଡିକର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାନ୍ତି। ତେବେ ପକ୍ଷୀଙ୍କ ଆଗମନରେ ଶିକାରୀମାନେ ସକ୍ରିୟ ହୋଇପଡିଥାନ୍ତି। ଶିକାରୀଙ୍କଠାରୁ ବିରଳ ପକ୍ଷୀମାନଙ୍କ ସୁରକ୍ଷା ଦେବା ପାଇଁ ପକ୍ଷୀ ସୁରକ୍ଷା କମିଟି ପକ୍ଷରୁ ସ୍ଥାନୀୟ ଡିଏଫ୍‌ଓ ନୀତିଶ କୁମାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପକ୍ଷୀ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିବାକୁ ଦାବି କରାଯାଇଛି। ବର୍ଷାଋତୁ ପରେ ଏବେ ବଲାଙ୍ଗୀରରେ ପକ୍ଷୀ ଶିକାରୀ ମାତିଛନ୍ତି। ବଲାଙ୍ଗୀର ସହର ନିକଟ କଦଳୀମୁଣ୍ଡା ନର୍ସରୀ ରାସ୍ତାର ବ୍ରଜଧାମରୁ ୭ କିମି ଗଲାପରେ ଜଙ୍ଗଲ ଭିତର ଛୋଟ ହରିଶଙ୍କର ଝରଣା କୂଳରେ ଅସାମାଜିକ ଲୋକଙ୍କ ଆର୍ଡା ପାଲଟିଛି। ବିଭିନ୍ନ ପ୍ରଜାତିର ପକ୍ଷୀଙ୍କୁ ଶିକାର କରାଯାଉଛି। ସହରଠାରୁ ୧୨ କିମି ଦୂରରେ ଥିବା ତାଲଝରନ ଖରସେଲ ଜଙ୍ଗଲ ମଧ୍ୟରେ ଥିବା ରାଜା ରାଜୁଡା ସମଲରୁ ଶିକାରସ୍ଥଳକୁ ବିଭିନ୍ନ ହିଂସ୍ର ଜୀବଜନ୍ତୁ ଏବଂ ପକ୍ଷୀ ରହୁଥିବା ବେଳେ ଆଖପାଖ ଗାଁ ଲୋକ ଜଙ୍ଗଲ କାଟି ନଷ୍ଟ କରି ଦେଉଥିବାରୁ ଏହାର ସୁରକ୍ଷା ହେତୁ ନିଷେଧାଞ୍ଚଳ ଘୋଷଣା କରାଯାଉ ବୋଲି କମିଟିର ଶମ୍ଭୁ ପ୍ରସାଦ ଶତପଥି, ପ୍ରଶାନ୍ତ ମହାକୁର, ସୁଦର୍ଶନ ସାହୁ, ଅମର କର ଦାବି ପ୍ରଦାନ କରିଛନ୍ତି। ଏଦିଗରେ ବିଚାର କରାଯିବ ବୋଲି ଡିଏଫ୍‌ଓ କୁମାର କହିଛନ୍ତି।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

**କଣ୍ଟାବାଞ୍ଜି, ୨୮।୧୧(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିସ୍ଥିତ ମୁକୁନ୍ଦିଲାଲ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସପ୍ତାହବ୍ୟାପୀ ହେବାକୁ ଥିବା ଯୁବ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ରିତା ଗୁରୁ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ୪୦୦ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ଶ୍ରୀରାମ ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରା ଅଣାଯାଇ ବିଦ୍ୟାଳୟରେ ସ୍ଥାପନ କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର ନୋଡାଲ ଅଫିସର ଅଧ୍ୟାପକ ଭାସ୍କର ମେହେର, ଅଧ୍ୟାପକ ବଳରାଜ ସିଂଦେଓ, ଅଧ୍ୟାପିକା ସଞ୍ଜୀବନିସୁଧା ରଥ, ଅଧ୍ୟାପକ ରମେଶ ଚନ୍ଦ୍ର ପୂଜାହାରି, ଅଧ୍ୟାପକ ଦେବେନ୍ଦ୍ର କୁମାର ପଣ୍ଡା, ଅଧ୍ୟାପିକା ଡ. ସସ୍ମିତା ପଟ୍ଟନାୟକ, ଅଧ୍ୟାପିକା ଡ. ମିଲି କର, ଅଧ୍ୟାପିକା ଅନିତା ମହାନ୍ତି, ଅଧ୍ୟାପକ ଦେବଦତ ସୁନାନି, କିରାଣି ପିଙ୍କି ନାଗ ଉପସ୍ଥିତ ଥିଲେ।


ଯୁବ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥି।

# ଭାଲୁ ଆକ୍ରମଣରେ ମୃତକ ପରିବାରବର୍ଗଙ୍କୁ କ୍ଷତିପୂରଣ ପ୍ରଦାନ



ବିଧାୟକ ଚେକ୍ ପ୍ରଦାନ କରୁଛନ୍ତି।

**କୋକସରା,୨୮।୧୧(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଫରେଷ୍ଟ ସେକ୍ସନ ଅଧୀନ ବରାଡଙ୍ଗା ପଞ୍ଚାୟତ ତେତେଲପଡା ଗାଁରେ ଭାଲୁ ଆକ୍ରମଣରେ ମୃତ କମଳ ହରିଜନ (୪୬)ଙ୍କ ପରିବାରକୁ ବିଭାଗ ପକ୍ଷରୁ କ୍ଷତିପୂରଣ ସହାୟତ ପ୍ରଦାନ କରାଯାଇଛି। ଜଙ୍ଗଲ ବିଭାଗ ପକ୍ଷରୁ ବରାଡୋଙ୍ଗା ପଞ୍ଚାୟତରେ ମୃତକଙ୍କ ସ୍ତ୍ରୀ ପଦ୍ମା ହରିଜନଙ୍କୁ ସ୍ଥାନୀୟ ବିଧାୟକ ମୋଷଧି ବାଗ କ୍ଷତିପୂରଣ ରାଶି ବାବଦରେ ୬ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଧର୍ମଗଡ଼ ରେଞ୍ଜ ଅଧିକାରୀ ଭବାନୀ ଶଙ୍କର କାଉର, ଆମପାଣି ଫରେଷ୍ଟର ମନୀଷା ପଟ୍ଟନାୟକ, ଫରେଷ୍ଟ ଗାର୍ଡ ଗାୟତ୍ରୀ ନାଏକ, ମହେଶ କୁମାର ମହାପାତ୍ର, ନାରାୟଣ ନାଗ, ସମାଜସେବୀ ଟିକଚନ ସେଠି, ପ୍ରସନ୍ନ ବାରିକଙ୍କ ସମେତ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନା ଯେ, କମଳଙ୍କୁ ଗତ ଅଗଷ୍ଟ ୧୬ ତାରିଖ ସନ୍ଧ୍ୟାରେ ୨ ଟି ଭାଲୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କୋକସରା ସ୍ୱାସ୍ଥ୍ୟ କେନ୍ଦ୍ର, ଭବାନୀପାଟଣା ଓ ପରେ ବୁର୍ଲା ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସମସ୍ତ ରିପୋର୍ଟ ପରେ ଜଙ୍ଗଲ ବିଭାଗ ପକ୍ଷରୁ ମଙ୍ଗଳବାର ବରାଡୋଙ୍ଗା ପଞ୍ଚାୟତ ପରିସରରେ ମୃତକଙ୍କ ସ୍ତ୍ରୀ ପଦ୍ମାଙ୍କୁ ସ୍ଥାନୀୟ ବିଧାୟକ ମୋଷଧି ବାଗ କ୍ଷତିପୂରଣ ରାଶି ବାବଦରେ ୬ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି।

# ଟି୧୦ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ମୁଖ୍ୟଅତିଥି ଉଦଘାଟନ କରୁଛନ୍ତି।

**କର୍ଲାମୁଣ୍ଡା,୨୮।୧୧(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ପଞ୍ଚାୟତ ରେଙ୍ଗାଲି ଖେଳପଡିଆଠାରେ ଟକାରୁମାଲ କ୍ରିକେଟ କ୍ଲବ ଦ୍ୱାରା ଏକ ଟି୧୦ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗାଲ୍ପିକ ତଥା ବିଜ୍ଞାନ ଶିକ୍ଷକ ସଞ୍ଜୀବ କୁମାର ନାଗ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଲ କୁମାର ସାହୁ ତଥା ଅନ୍ୟମାନେ ମଞ୍ଚାସୀନ ହୋଇଥିଲେ। କେନ୍ଦୁବନ୍ଧ ଏବଂ ଭଟାପଲା କ୍ରିକେଟ ଦଳ ମଧ୍ୟରେ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କେନ୍ଦୁବନ୍ଧ ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮୦ରନ ସଂଗ୍ରହ କରିଥିଲା। ଭଟାପଲା ୮୧ ରନର ବିଜୟ ଲକ୍ଷ୍ୟ ନେଇ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୭୮ରନ ସଂଗ୍ରହ କରି ପରାଜୟ ହୋଇଥିଲା। ଫଳରେ କେନ୍ଦୁବନ୍ଧ ଦଳ ବିଜୟ ହୋଇଥିଲେ। ଟୁର୍ନାମେଣ୍ଟ ସମ୍ପାଦକ ସୂର୍ଯ୍ୟକାନ୍ତ ସାହୁ, ବିକାଶ ସାହୁ, ଗୋପାଳ ସାହୁ, ସନନ୍ଦ ସାହୁ, ସୁରେଶ ହାତୀ, ମୋନୋଜ ହରପାଲ, ଦୁଃଖ ବାଗ ତଥା ଘନ ସାହୁ ଉଦଘାଟନୀ ଉତ୍ସବ ପରିଚାଳନା କରିଥିଲେ।


इंडियन बैंक Indian Bank इलाहाबाद ALLAHABAD

**ଇଣ୍ଡିଆନ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭**

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

**ଇଣ୍ଡିଆନ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତା/ସହ-ଋଣଗ୍ରହୀତାମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।
***ଏତଦ୍ୱାରା ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।***

| ଜଗତସିଂହପୁର ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|
| ଋଣଗ୍ରହୀତା: ଶ୍ରୀ ରବିନ୍ଦ୍ର କୁମାର ବିଶ୍ୱାଳ, ସହ-ଋଣଗ୍ରହୀତା: ଶ୍ରୀମତୀ ରୋଜାଲିନ୍ ବିଶ୍ୱାଳ, ଉଭୟଙ୍କ ଠିକଣା: ସା-ବଡଗାଁ, ପୋ.: ତରତଙ୍ଗ, ଜିଲ୍ଲା: ଜଗତସିଂହପୁର, ପିନ୍- ୭୫୪୧୦୮। | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୩୨୩ (ହାଲ ପ୍ଲଟ ନଂ.୧୦୫୪), ଖାତା ନଂ.୧୭୧(ହାଲ ଖାତା ନଂ.୧୦୬), ଏରିଆ: ଏ୦.୦୧ ଡିସିମିଲି, ମୌଜା: ଇଶ୍ୱରପୁର, ବାଲିକୁଦା, ଜିଲ୍ଲା: ଜଗତସିଂହପୁର, ଓଡିଶା, ଚାରିପାର୍ଶ୍ୱରେ: ପୂର୍ବ- ରାସ୍ତା, ପଶ୍ଚିମ- ବିକେଇ ଲେଙ୍କା, ଉତ୍ତର- ସତ୍ୟାନନ୍ଦ ଲେଙ୍କା, ଦକ୍ଷିଣ- ଯୋଗେନ୍ଦ୍ର ବିଶ୍ୱାଳ। | ୧୩.୧୧.୨୦୨୨ | ୨୪.୧୧.୨୦୨୩ | ତା.୦୯.୦୯.୨୦୨୨ରିଖ ସୁଦ୍ଧା ଟ.୧୯,୨୭,୨୧୪.୪୬ + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |
| ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ନଜିବ୍ ଇଶ୍ତିଆକ୍ ଆଲାମ୍ ଖାନ୍, ପିତା: ଇକ୍‌ରାର ଖାନ୍, ସହ-ଋଣଗ୍ରହୀତା: ଶ୍ରୀମତୀ ଘଜାଲା ତାନ୍‌ଜିନ୍, ଉଭୟଙ୍କ ଠିକଣା: ସା- ଦେଉଳିଗ୍ରାମେଶ୍ୱର (ଅଖୁଣସାହି), ଜିଲ୍ଲା: ଜଗତସିଂହପୁର, ପିନ୍- ୭୫୪୧୦୩। | ଶ୍ରୀ ନଜିବ୍ ଇଶ୍ତିଆକ୍ ଆଲାମ୍ ଖାନ୍‌ଙ୍କ ନାମରେ ଥିବା ସମ୍ପତ୍ତି (ଜମି) ଯାହାର ଖାତା ନଂ.୪୮/୧୦୮, ପ୍ଲଟ ନଂ.୨୧୪/୭୬୯, ଏରିଆ: ଏ୦.୧୩ ଡିସିମିଲି, ମୌଜା: ଯଯବଡ, ଥାନା: ଜଗତସିଂହପୁର, ଜିଲ୍ଲା: ଜଗତସିଂହପୁର, ଓଡିଶା, ଚାରିପାର୍ଶ୍ୱରେ: ପୂର୍ବ- ଦିଲ୍‌ଦାର ଇଫ୍‌ତିୟାକ୍ ଆଲାମ ଖାନ୍, ପଶ୍ଚିମ- ଆଲ୍ଲାହ ବକ୍ସ ଏବଂ ଇକରାର୍ ବକ୍ସ, ଉତ୍ତର- ରାସ୍ତା, ଦକ୍ଷିଣ- ଅମିକ୍ ଇମ୍‌ତିଆକ୍ ଆଲାମ୍ ଖାନ୍। | ୦୧.୦୯.୨୦୨୩ | ୨୪.୧୧.୨୦୨୩ | ତା.୦୨.୦୯.୨୦୨୩ରିଖ ସୁଦ୍ଧା ଟ.୧୮,୧୩,୧୪୧/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |

ସ୍ଥାନ-ଭୁବନେଶ୍ୱର, ତାରିଖ-୨୮.୧୧.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ

## ସଂକ୍ଷେପରେ

### ଲକ୍ଷ୍ମୀ ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ



ଭବାନୀପାଟଣା,୨୮।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ନିକଟସ୍ଥ ମୂଷିଗୁଡା ନିକଟରେ ମଙ୍ଗଳବାର ଅପରାହ୍ନରେ ଲକ୍ଷ୍ମୀ ବସ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ର୍ସିଲିଗୁଡାର ରୋହନ ନାଗ (୧୯)। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନରେ ରୋହନ ଓ ତାଙ୍କ ସାଙ୍ଗ ବାଦଲ ନାଏକ ଏକ ବାଇକ (ନଂ.ଓଆର୦୮ଏଫ-୦୧୫୯)ରେ ଆସୁଥିଲେ। ମୂଷିଗୁଡା ନିକଟରେ ଅନ୍ୟପଟେ ଆସୁଥିବା ଏକ ଲକ୍ଷ୍ମୀ ବସ (ନଂ. ଓଡି୦୮ଏକ୍ସ-୩୨୮୯) ସହିତ ଧକ୍କା ହୋଇଥିଲା। ରୋହନ ଓ ବାଦଲ ଉଭୟେ ରାସ୍ତାରେ ଛିଟିକି ପଡିଥିବାବେଳେ ବାଇକ ବସ ତଳକୁ ପଶିଯାଇଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରୋହନଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଖବର ପାଇ ଘଟଣାସ୍ଥଳରେ ଭବାନୀପାଟଣା ସଦର ଥାନା ପୋଲିସ ପହଞ୍ଚି ତଦନ୍ତ କରିବା ସହ ଦୁର୍ଘଟଣା ଘଟାଇଥିବା ଲକ୍ଷ୍ମୀ ବସ ଥାନାରେ ଅଟକ ରଖିଛି।

### ଗଛ କାଟିବା ବେଳେ ପାଚେରି ପଡ଼ି ଯୁବକ ମୃତ

କେସିଙ୍ଗା,୨୮।୧୧(ତୁମେଶ୍ୱର ସାହୁ)



କଳାହାଣ୍ଡି ଜିଲା କେସିଙ୍ଗା-ବଲାଙ୍ଗିର ଛକସ୍ଥିତ ଜଣେ ବ୍ୟବସାୟୀଙ୍କ ଘର ପାଚେରି ଭିତରେ ଥିବା ଏକ ଗଛ କାଟିବା ବେଳେ ମଙ୍ଗଳବାର ପାଚେରି ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କେସିଙ୍ଗା ବଗାଡ ୱାର୍ଡ ନମ୍ବର ୧ର ଭୋଜରାଜ ସାହୁ (୩୦)। ସୂଚନା ଅନୁଯାୟୀ କେସିଙ୍ଗା ବଗାଡ ୱାର୍ଡନମ୍ବର ୧ର ଭୋଜରାଜ ବଲାଙ୍ଗୀରଛକସ୍ଥିତ ମୋହନ ଲାଲ ଜୈନ ବ୍ୟବସାୟୀଙ୍କ ଘର ପାଚେରି ଭିତରେ ଥିବା ଗଛ ମେଶିନ ସାହାଯ୍ୟରେ କାଟିବା ପାଇଁ ଯାଇଥିଲେ। ଗଛ କାଟିବା ବେଳେ ଗଛ ପାଖରେ ଥିବା ପାଚେରି ହଠାତ ଭାଙ୍ଗି ଭୋଜରାଜଙ୍କ ଉପରେ ପଡ଼ିଯାଇଥିଲା। ଖବର ପାଇ ପୋଲିସ ପହଞ୍ଚି ଭୋଜରାଜଙ୍କୁ ପାଚେରି ତଳୁ ଉଦ୍ଧାର କରି ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନେଇ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭୋଜରାଜଙ୍କ ସ୍ତ୍ରୀ, ଗୋଟିଏ ପୁଅ ଓ ଗୋଟିଏ ଝିଅ ଥିବା ଜଣାପଡ଼ିଛି। ମୃତ ପରିବାର ଲୋକଙ୍କ ଭରଣ ପୋଷଣ ପାଇଁ କେସିଙ୍ଗା ଥାନାକୁ ଯାଇ ସମାଧାନ କରାଯାଇଥିଲା। ପୋଲିସ ବୁଝାଶୁଝା କରିବା ପରେ ଅପରାହ୍ନ ୪ଟାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

# ଜଳସେଚନ ଦାବିରେ ଏନ୍‌ଏଚ୍ ଅବରୋଧ

କୋକସରା,୨୮।୧୧(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଦଣ୍ଡପାଟ କୃଷକ ସଂଘ ପକ୍ଷରୁ ରବି ଚାଷ ପାଇଁ ଜଳସେଚନ ଦାବି କରି ମଙ୍ଗଳବାର କୋକସରା ଓ ଧର୍ମଗଡ଼ ବ୍ଲକର ୪ ପଞ୍ଚାୟତ ଚାଷୀ ଇନ୍ଦ୍ରାବତୀ ମେଗାଲିଫ୍ଟ କେନାଲ କୁସୁମଖୁଣ୍ଟି ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ଜାତୀୟ ରାଜପଥ ୨୬ ଅବରୋଧ ସହ ଧାରଣା ଦିଆଯାଇଛି। କୋକସରା ବ୍ଲକର ୩ ପଞ୍ଚାୟତ ଡାଲଗୁମା, ମୂଷାପାଲି, ଡ଼ହଗାଁ ଓ ଧର୍ମଗଡ଼ ବ୍ଲକ ତରାପୁର ପଞ୍ଚାୟତକୁ ରବି ଚାଷ ପାଇଁ ଜଳସେଚନ ପାଇଁ ଗତ ୨୧ ତାରିଖରେ ଚାଷୀମାନେ କୁସୁମଖୁଣ୍ଟି ସହକାରୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ୨୭ ତାରିଖ ସୁଦ୍ଧା କୌଣସି ପ୍ରତିଶ୍ରୁତି ନ ମିଳିଲେ ୨୮ରେ ରାସ୍ତା ଅବରୋଧ ସହ ଧାରଣା ଦେବାକୁ ଚେତାବନୀ ଦେଇଥିଲେ। ତେବେ ମେଗାଲିଫ୍ଟ ବିଭାଗ ପକ୍ଷରୁ କୌଣସି ପ୍ରତିଶ୍ରୁତି ନ ମିଳିବାରୁ ମଙ୍ଗଳବାର ପୂର୍ବାହ୍ନ ୧୧ଟାରୁ ୪ ପଞ୍ଚାୟତ ଚାଷୀ ଦଣ୍ଡପାଟ କୃଷକ ସଂଘ ଆବାହକ ଦିଗାମ୍ବର ଦୁରିଆ, ଭାଜପା ବରିଷ୍ଠ ନେତା ଜନାର୍ଦ୍ଦନ ପଣ୍ଡା, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ବ୍ଲକ କଂଗ୍ରେସ ସଭାପତି ଲିଙ୍ଗରାଜ ବେହେରା, ମୂଷାପାଲି ସରପଞ୍ଚ ଅକ୍ଷୟ ନାଏକ, ଡାଲଗୁମା ସରପଞ୍ଚ ଯୋଗୀନ୍ଦ୍ର ପଟ୍ଟନାୟକ, ଡହଗାଁ



ଜଳସେଚନ ଦାବିରେ ଚାଷୀମାନେ ରାଜପଥ ଅବରୋଧ କରିଛନ୍ତି।

**ପ୍ରତିଶ୍ରୁତି ପରେ ହଟିଲା ଅବରୋଧ**

କୃଷି ସମବାୟ ସଭାପତି ବ୍ରଜରାଜ ନାଏକ, ତରାପୁର ସରପଞ୍ଚ ସନ୍ଦୀପ ସାହୁ, କଂଗ୍ରେସ ଯୁବନେତା ଡାକେଶ୍ୱର ଲହଜଳ, କଂଗ୍ରେସ ଯୁବ ରାଜ୍ୟ ସମ୍ପାଦକ ବେଣୁପାଣି ଦୁର୍ଗା, ଭାଜପା ନେତା ତ୍ରିନାଥ ଶବର, ଚାଷୀ ନେତା ଘନଶ୍ୟାମ ନାଏକ, ପୂର୍ବତନ ସରପଞ୍ଚ ଦୀପକ ପଣ୍ଡା, ମହେନ୍ଦ୍ର ଧରୁଆ, ଘନଶ୍ୟାମ ଜାଲ ପ୍ରମୁଖଙ୍କ ନେତୃତ୍ୱରେ କୁସୁମଖୁଣ୍ଟି ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟାଳୟ ସମ୍ମୁଖରେ ଜାତୀୟ ରାଜପଥ ୨୬ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଘଟଣାସ୍ଥଳରେ କୋକସରା ପୋଲିସ ଆଇଆଇସି ରନିତା ପ୍ରଧାନ ଓ ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା ପହଞ୍ଚି ଚାଷୀ ନେତାଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ନ ଥିଲା। ଚାଷୀମାନେ ନିଜ ଜିଦରେ ଅଡ଼ି ବସି ରହିଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଗାଡି ମୋଟର ସହ ଯାତ୍ରୀମାନେ ଅଟକି ରହିଥିଲେ। ଦୀର୍ଘ ୩ ଘଣ୍ଟା ପରେ ଧର୍ମଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ଧିରଜ କୁମାର ଚୋପଦାର ପହଞ୍ଚି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ୪ ପଞ୍ଚାୟତ ପାଖାପାଖି ୩ ହଜାର ହେକ୍ଟର ଚାଷ ଜମିକୁ ଜଳସେଚନ ପାଇଁ ମୁଖୀଗୁଡା ନିର୍ମାଣ ଯନ୍ତ୍ରୀ ଫୋନରେ ପ୍ରତିଶ୍ରୁତି ଦେଇଥିଲେ। କୁସୁମଖୁଣ୍ଟି ସହକାରୀ ଯନ୍ତ୍ରୀ ପ୍ରଣୟ ପ୍ରଧାନ ଆନ୍ଦୋଳନରେ ଥିବା ଚାଷୀଙ୍କୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

# ଗୁରୁ ନାନକ ଜୟନ୍ତୀ ପାଳିତ

ଖଡ଼ିଆଳ,୨୮।୧୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ଶିଖ ସମ୍ପ୍ରଦାୟ ପକ୍ଷରୁ ଗୁରୁ ନାନକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଗୁରୁ ନାନକ ଜୟନ୍ତୀ ଅବସରରେ ୯ ଦିନ ଧରି ସକାଳେ ଖଡ଼ିଆଳ ସହରରେ ପ୍ରଭାତ ଫେରି ହୋଇଥିବା ବେଳେ ଖଡିଆଳ ଗୁରୁଦ୍ୱରଠାରେ ସ୍ୱତନ୍ତ୍ର ପୂଜା ବ୍ୟବସ୍ଥା ଓ ଲଙ୍ଗର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଖଡ଼ିଆଳ ସହରର ବହୁ ବ୍ୟକ୍ତି ଯୋଗଦେଇ ଲଙ୍ଗର ଗ୍ରହଣ କରିଥିଲେ। ଦିନ ତମାମ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିବା ବେଳେ ଅପରାହ୍ନରେ ଗୁରୁ ଗ୍ରନ୍ଥ ସାହେବକୁ ଏକ ସୁସଜ୍ଜି ରଥରେ ନଗର ପରିକ୍ରମା କରିଥିଲେ। ନଗର ପରିକ୍ରମା ବେଳେ ମହିଳା ଏବଂ ପୁରୁଷମାନେ ମିଳିତ ରୂପେ ପବିତ୍ର ଜଳରେ ରାସ୍ତାକୁ ଧୋଇ ଶୋଭାଯାତ୍ରାରେ ଗ୍ରନ୍ଥ ସାହେବାକୁ ନେଇ ପରିକ୍ରମା କରିଥିଲେ। ଶିଖା ସମ୍ପ୍ରଦାୟର ସଭାପତି ସତପାଳ ସିଂ ଛାବଡା, ସମ୍ପାଦକ ଅମୃତ ସିଂ ଖଣ୍ଡୁଜା, କୂଳଦୀପ ସିଂ ଖଣ୍ଡୁଜା, ରବୀନ୍ଦ୍ର ସିଂ ଖଣ୍ଡୁଜା, ସିମ୍ପଲ ସିଂ ଖଣ୍ଡୁଜା, ବିଶାଳ ଖଣ୍ଡୁଜାଙ୍କ ସମେତ ଶତାଧିକ ଶିଖ ସମ୍ପ୍ରଦାୟର ମହିଳା ଓ ପୁରୁଷମାନେ ସାମିଲ ହୋଇଥିଲେ।



ଶିଖ ସମ୍ପ୍ରଦାୟମାନେ ଶୋଭଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

# ଭୀମ ଭୋଇ ସାମର୍ଥ୍ୟ ଶିବିର

କେସିଙ୍ଗା,୨୮।୧୧(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି ପକ୍ଷରୁ ଭୀମ ଭୋଇ ସାମର୍ଥ୍ୟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିର ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ଉଦଘାଟନ କରିଥିଲେ। କେସିଙ୍ଗା ବିଡିଓ ପଦ୍ମନାଭ ପୁରୋହିତଙ୍କ ନେତୃତ୍ୱରେ ଏହି ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ ଆଖପାଖ ଅଞ୍ଚଳରୁ ୧୦୮ଜଣ ଯୋଗଦାନ କରିଥିଲେ। ଏଥି ମଧ୍ୟରୁ ୭୯ଜଣ ଦିବ୍ୟାଙ୍ଗଙ୍କୁ ବିଭିନ୍ନ ପ୍ରକାର ସାର୍ଟିଫିକେଟ ପ୍ରଦାନ କରାଯାଇଥିବା ବେଳେ ୨୯ଜଣଙ୍କୁ ବସ ପାସ, ୧୬ଜଣଙ୍କୁ ଟ୍ରେନ ପାସ, ୩ଜଣଙ୍କୁ ହ୍ୱିଲ ଚେୟାର, ୭ଜଣଙ୍କୁ ଟ୍ରାଏ ସାଇକେଲ ପ୍ରଦାନ କରାଯାଇଥିଲା।



ବ୍ଲକ ଅଧ୍ୟକ୍ଷ ଜଣେ ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର ପ୍ରଦନ କରୁଛନ୍ତି।

# ରାଜ୍ୟସ୍ତରୀୟ ଡଙ୍ଗରଗଡ଼ ମହୋତ୍ସବ



ଡ଼ ଭବାନୀ ନିଆଲଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭବାନୀପାଟଣା,୨୮।୧୧(ଉତ୍ତମ କୁମାର ଦାଶ)

- ପର୍ଯ୍ୟଟନସ୍ଥଳୀର ବିକାଶ, ପର୍ଯ୍ୟଟନ ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ଆହ୍ୱାନ
- ପ୍ରଥମ ପୁରସ୍କାରରେ ଡ଼.ଭବାନୀ ଶଙ୍କର ନିଆଲ ସମ୍ବର୍ଦ୍ଧିତ

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ କଲମଠାରେ ରାଜ୍ୟସ୍ତରୀୟ ଡଙ୍ଗରଗଡ଼ ମହୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରାକୃତିକ ସଂପଦର ସୁରକ୍ଷା ଓ ସଂରକ୍ଷଣ, ପ୍ରକୃତିର ନୈସର୍ଗିକ ସୁଷମାରାଜିର ବିକାଶ ସହିତ ପର୍ଯ୍ୟଟନଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଦ୍ୱାରା କଳାହାଣ୍ଡି ଜିଲାରେ ସମ୍ବନ୍ୱିତ ବିକାଶ ଓ ରୋଜଗାରର ବାଟ ଫିଟିବ। ଜିଲାର ବିଭିନ୍ନ ଅଞ୍ଚଳରେ ପ୍ରବାହିତ ଜଳପ୍ରପାତ, ବିଭିନ୍ନ ଐତିହ୍ୟ ସମ୍ପନ୍ନ ଦର୍ଶନୀୟ ସ୍ଥାନଗୁଡ଼ିକର ଉନ୍ନୟନ ଓ ଜିଲା ପାଇଁ ସ୍ୱତନ୍ତ୍ର ପର୍ଯ୍ୟଟନ ନୀତି ପ୍ରଣୟନ, ଜିଲାର ୧୩ଟି ବ୍ଲକ ସମେତ ରାଜ୍ୟର ଅନ୍ୟ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ଗୋଟିଏ ରେଖାରେ ଯୋଡ଼ିବା ସହିତ ସ୍ୱତନ୍ତ୍ର ପର୍ଯ୍ୟଟନ କରିଡର ନିର୍ମାଣ, ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ମାନ୍ୟତା ପ୍ରଦାନ ସହିତ ଜିଲାରେ ଥିବା ପର୍ଯ୍ୟଟନ ସ୍ଥଳୀଗୁଡିକର ଉପଯୋଗ କରି ଏକ ବହତ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଆଜିର ଆହ୍ୱାନ ବୋଲି ଅତିଥିମାନେ କହିଛନ୍ତି। ଡଙ୍ଗରଗଡ଼ ମହୋତ୍ସବ ମୁଖ୍ୟ ଉପଦେଷ୍ଟା ଡ. ଭବାନୀଶଙ୍କର ନିଆଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ରାଜ୍ୟସ୍ତରୀୟ ମହୋତ୍ସବରେ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଦୟାନିଧି ନାଏକ, ଅସିତ କୁମାର ପଣ୍ଡା କର୍ଲାପଡ଼ା ଫାଣ୍ଡି ଅଧିକାରୀ, ଜୟମଣି ନାଏକ ସରପଞ୍ଚ କଲମ, ସୁରେନ୍ଦ୍ର ପ୍ରଧାନ ପୂର୍ବତନ ସରପଞ୍ଚ ଛେଲିଆମାଳ, ଦୀପକ ବୁଦ୍ଧିଆ ପୂର୍ବତନ ସରପଞ୍ଚ ପାଲସି ଝରଣ, ପ୍ରିୟାଙ୍ଗିନୀ ନାଏକ ସରପଞ୍ଚ ପାଲସି ଝରଣ, ସୁଷମା ସେନାପତି ସରପଞ୍ଚ କର୍ଲାପଡ଼ା, ଅଞ୍ଜନ କୁମାର ବାଗ, ଉମାକାନ୍ତ ଯାନୀ ସରପଞ୍ଚ ଦେପୁର ପ୍ରମୁଖ ଯୋଗଦେଇଥିଲେ। କଲମସ୍ଥିତ ସମେତ କଳାହାଣ୍ଡି ଜିଲାରେ ଥିବା ପର୍ଯ୍ୟଟନ ସ୍ଥଳୀ ଓ ଜଳପ୍ରପାତକୁ ପର୍ଯ୍ୟଟନ ଶିଳ୍ପ ଭାବେ ରାଜ୍ୟ ସରକାର ସ୍ୱୀକୃତି ପ୍ରଦାନ କରିବା ପାଇଁ ମହୋତ୍ସବରେ ସମସ୍ତ ବକ୍ତା ମନ୍ତବ୍ୟ ଦେଇଥିଲେ। ସୁରକ୍ଷା ପରିଷଦ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବରେ ରାଧାକାନ୍ତ ସାହୁ, ନୀଳକଣ୍ଠ ବାଗ, ଜନ୍ମେଜୟ ମାଝିଙ୍କୁ ନାଗରିକ ପୁରସ୍କାର ଓ ପ୍ରଥମ ପୁରସ୍କାରରେ ଡ଼.ଭବାନୀ ଶଙ୍କର ନିଆଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚନ୍ଦ୍ରସେନ ବାଗ, କୀର୍ତ୍ତନ ମାଝି, ଶଶୀଦେବ ମାଝି, ପାର୍ବତୀ ମାଝି, ନୀଲେ ମାଝି, ମଞ୍ଜୁସୁତା ମାଝି, କ୍ଷୀର ମାଝିଙ୍କ ସମେତ କଲମ ଗ୍ରାମବାସୀ ସହଯୋଗ କରିଥିଲେ। ଶେଷରେ ସମ୍ପାଦକ ମହେନ୍ଦ୍ର ବାଗ ଧନ୍ୟବାଦ ଦେଇଥିଲେ।

### ଦଣ୍ଡପାଟ ଯୁବ ସେବା ସଙ୍ଗଠନକୁ ଦେବଗିରି ସମାଜ ସେବା ସମ୍ମାନ

ବେହେରା,୨୮।୧୧(ଭୂପେଶ ତିୱାରୀ)

ଦଣ୍ଡପାଟ ଯୁବ ସେବା ସଙ୍ଗଠନକୁ ଚଳିତବର୍ଷର ଦେବଗିରି ସମାଜ ସେବା ସମ୍ମାନ ପ୍ରଦାନ କରାଯାଇଛି। କଳାହାଣ୍ଡି ଜିଲା ନର୍ଲା ବ୍ଲକ ବୁଢୀପଦରସ୍ଥିତ ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ୩୧ତମ ବାର୍ଷିକ ଉତ୍ସବ ତଥା କୁମାରସ୍ୱାମୀ ମହୋତ୍ସବର ବନାବାଡି ଦିନ ତଥା ଉଦଯାପନୀରେ ଅତିଥି ଭାବେ ନର୍ଲା ବିଧାୟକ ଭୁପିନ୍ଦର ସିଂ, ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ନାରୀନେତ୍ରୀ ପ୍ରମିଳା ପଧାନ, ଯୁବ ଉଦ୍ୟୋଗୀ ଧିରେନ୍ଦ୍ର ଖେତାନ, ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିଜୟ କୁମାର ଧଙ୍ଗଡ଼ାମାଝି ପ୍ରମୁଖ ଯୋଗଦେଇ ଦଣ୍ଡପାଟ ଯୁବ ସେବା ସଙ୍ଗଠନକୁ ସମ୍ମାନିତ କରିଥିଲେ। ଏଥିରେ ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ସଭାପତି ସଞ୍ଜୟ କୁମାର ଧଙ୍ଗଡ଼ାମାଝି, ସାଧାରଣ ସମ୍ପାଦକ ସୁନୀଲ କୁମାର ଧଙ୍ଗଡ଼ାମାଝି, କୋଷାଧ୍ୟକ୍ଷ ଜୟଦ୍ରଥ ଜାଲ, ଯୁଗ୍ମ ସମ୍ପାଦକ ସୁଧୀର କୁମାର ଧଙ୍ଗଡ଼ାମାଝି, ସାଂସ୍କୃତିକ ସମ୍ପାଦକ ସଲିଲ କୁମାର ଧଙ୍ଗଡାମାଝି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯୋଗ୍ୟ ଯେ, ଦଣ୍ଡପାଟ ଯୁବ ସେବା ସଙ୍ଗଠନ ମହିଳାମାନଙ୍କୁ ଆତ୍ମ ନିର୍ଭରଶୀଳ କରାଇବା, ବେକାର ଯୁବତୀଯୁବକଙ୍କୁ ସଙ୍ଗଠିତ ଓ ରୋଜଗାରକ୍ଷମ କରାଇବା, ମେଧାବୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ପାଇଁ ସହଯୋଗ, ଲୁକ୍କାୟିତ ପ୍ରତିଭାମାନଙ୍କୁ ଉପଯୁକ୍ତ ମଞ୍ଚ ପ୍ରଦାନ, ଅସହାୟଙ୍କୁ ଆମ୍ବୁଲାନ୍ସ ସେବା ଯୋଗାଣ ଆଦି ସେବାମୂଳକ କାର୍ଯ୍ୟ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏହି ସମ୍ମାନ ଗ୍ରହଣ କରିଥିବାରୁ ଦଣ୍ଡପାଟ ଯୁବ ସେବା ସଙ୍ଗଠନକୁ ରାଜ୍ୟର ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ଅଭିନନ୍ଦନ ଜଣାଇଛନ୍ତି।

### ଟକର୍ଲା ପଞ୍ଚାୟତରେ ଆମ ବ୍ୟାଙ୍କ ସେବା ଉଦ୍‌ଘାଟିତ

ପଲମ,୨୮।୧୧(ଭିକାରି ଗଉଡ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଟକର୍ଲା ପଞ୍ଚାୟତସ୍ଥିତ ରାଜୀବଗାନ୍ଧୀ ସେବାକେନ୍ଦ୍ରରେ ଆମ ବ୍ୟାଙ୍କ ସେବା ଉଦ୍‌ଘାଟିତ ହୋଇଯାଇଛି। ଟକର୍ଲା ସରପଞ୍ଚ ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ନର୍ଲା ନିର୍ବାଚନ ମଣ୍ଡଳୀର ବିଧାୟକ ଭୁପିନ୍ଦର ସିଂ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନର୍ଲା ବିଡିଓ ଏନ ଜଗଜିବନ ଚୌଧୁରୀ, ରୁପ୍ରା ଟେଷ୍ଟଟ ବ୍ୟାଙ୍କ ଶାଖା ପରିଚାଳକ ଦିନେଶ ପଧାନ, ବ୍ଲକ ଅଧ୍ୟକ୍ଷା ମନୋରମା ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ବ୍ଲକ ଜିଲା ପରିଷଦ ସଭ୍ୟା ନମ୍ରତା ସାହୁ, ବ୍ଲକ ଏଇଇଓ ସୁଧାଂଶୁ ମାହାଲ, ମୁସ୍କୁଟି ସମିତି ସଭ୍ୟ ବୀର ପାତ୍ର, ପଲମ ସରପଞ୍ଚ ହେମକିଶୋର ନାଗ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବ୍ଲକ କନିଷ୍ଠ ଯନ୍ତ୍ରୀ ବିଚିତ୍ରାନନ୍ଦ ନାଏକ, ପଲମ ପିଇଓ ମଧୁସୁଦନ ନାଏକ, ଗିଗିନା ପିଇଓ କୃଷ୍ଣଚନ୍ଦ୍ର ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଟକର୍ଲା ସମିତି ସଭ୍ୟା ବୁଇରାଣୀ ରାଉତଙ୍କ ସହ ଏସଏଚଜି ଗୃପର ମହିଳା, ମିଶନ ଶକ୍ତି ତଥା ବିଭାଗୀୟ କର୍ମଚାରୀ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଖୋ ଖୋ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଭବାନୀପାଟଣା,୨୮।୧୧(ଉତ୍ତମ କୁମାର ଦାଶ)

**ଅଂଶ ଗ୍ରହଣ କଲେ ୧୧ ଡିଗ୍ରୀ କଲେଜର ଛାତ୍ରୀଛାତ୍ର**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବିକାଶ ୱାଇସଡମ ପାର୍କରେ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଖୋ ଖୋ ଟୁର୍ନାମେଣ୍ଟ ମଙ୍ଗଳବାର ଉଦଘାଟିତ ହୋଇଯାଇଛି। କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସଞ୍ଜୟ କୁମାର ଶତପଥୀ ଉଦଘାଟନ କରିଥିଲେ। ଉଦ୍‌ଘାଟନୀରେ ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନ ନିର୍ଦ୍ଦେଶକ ଡି.ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି ରାମ କୁମାର, ଏକାଡେମିକ ଇନ ଚାର୍ଜ ଡି.ବିଜୟା, ପରିଚାଳନା କମିଟିର ସଦସ୍ୟା ଡି. ପଦ୍ମିନୀ, ବିବିଏ, ବିସିଏ ବିଭାଗ ଅଧ୍ୟକ୍ଷ ଡ.ସୁଦୀପ୍ତ କୁମାର ଜେନା, ବି.ଏସ.ସି ବିଭାଗ ଅଧ୍ୟକ୍ଷ ଡ.ଆଦିତ୍ୟ କୁମାର ପଟ୍ଟନାୟକ, ବିକାଶ ନର୍ସିଂ ମହାବିଦ୍ୟାଳୟ ଅଧ୍ୟକ୍ଷା କେ. ଜୟଶ୍ରୀ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଯୁବରାଜ ନାୟକ ଓ ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀ ଆରତୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିଗଣ କ୍ରୀଡାର ଆବଶ୍ୟକ ଗୁରୁତ୍ୱ ଓ କ୍ରୀଡା କ୍ଷେତ୍ରରେ ଉତ୍କର୍ଷ ଲାଭ କରିବା ଦିଗରେ ଅଭିଭାଷଣରେ ନିଜ ମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପିଇଟି ପ୍ରବୀଣ ପି.କୁମାର ଓ ଅଧ୍ୟାପକ ଜ୍ଞାନରଞ୍ଜନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ଟୁର୍ନାମେଣ୍ଟରେ କଳାହାଣ୍ଡି ଓ ନୂଆପଡା ଜିଲାର ୧୧ଟି ଡିଗ୍ରୀ କଲେଜର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଛନ୍ତି।




ଅତିଥିଙ୍କ ସହ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ର।

# କଳାହାଣ୍ଡି ଜିଲାରେ ଖୋଲିଲା ୨୩ ଆମ ବ୍ୟାଙ୍କ

ଭବାନୀପାଟଣା,୨୮।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡିଜିଲାରେ ଏଣିକିହାତପାଆନ୍ତାରେ ମିଳିବ ବ୍ୟାଙ୍କ ସେବା। ପ୍ରଥମ ପର୍ଯ୍ୟାୟରେ ଜିଲାରେ ୧୩ଟି ବ୍ଲକରୁ ୯ଟି ବ୍ଲକର ୨୩ଟି ପଞ୍ଚାୟତରେ ଖୋଲିଛି ଆମ ବ୍ୟାଙ୍କ (ସିଏସପି ପ୍ଲସ)। ଏଥିରେ ୧୫ଟି ବ୍ୟାଙ୍କିଂ ସେବା ମିଳିପାରିବ। ଏଥିପାଇଁ ରାଜ୍ୟ ସରକାର ୫ ବର୍ଷ ପର୍ଯ୍ୟନ୍ତ ବିନା ମୂଲ୍ୟରେ ବ୍ୟାଙ୍କଗୁଡ଼ିକୁ ଘର ଯୋଗାଇ ଦେବେ। ଏକକାଳୀନ ସ୍ଥାୟୀ ଖର୍ଚ୍ଚ ଓ ୩ ବର୍ଷ ପାଇଁ ଆବର୍ତ୍ତୀ ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର। ଏହାଦ୍ୱାରା ଗ୍ରାମାଞ୍ଚଳର ଲୋକମାନେ ବିଶେଷ ଉପକୃତ ହେବେ। ବରିଷ୍ଠ ନାଗରିକ, ଭିନ୍ନକ୍ଷମ ବ୍ୟକ୍ତି ଓ ଗର୍ଭବତୀ ଦୁଆର ମୁହଁରେ ସେବା ପାଇ ପାରିବେ। ପ୍ରତି ପଞ୍ଚାୟତର ବ୍ୟାଙ୍କିଂ ସେବା ଯୋଗାଇ ଦେବାକୁ ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଲୋକସଭା ଭବନରେ ଆମ ବ୍ୟାଙ୍କ ସେବାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏପରି ସ୍ଥଳେ କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ କଲେଇ ଗାଁ ପଞ୍ଚାୟତରେ ଆମ ବ୍ୟାଙ୍କ (ସିଏସପି ପ୍ଲସ)କୁ ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଛନ୍ତି। ଜିଲାସ୍ତରୀୟ ଉଦଘାଟନୀ ସମାରୋହରେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ, ଜୁନାଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପାୱାର ସଚିନ ପ୍ରକାଶ, ଉପାଧ୍ୟକ୍ଷା ସୁଧିରା ମେହେର, ବିଡ଼ିଓ ଦେବାଶିଷ କର, କଲେଇ ଗାଁ ସରପଞ୍ଚ ମଳୟ ରଞ୍ଜନ ଆଚାର୍ଯ୍ୟ, ଏସବିଆଇ ଆରଏମ କେ. ବାଲାଜି, ଏଲଡିଏମ ଡିପି ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାରେ ମଙ୍ଗଳବାର ୨୩ଟି ଆମ ବ୍ୟାଙ୍କ ଉଦଘାଟିତ ହୋଇଛି। ଏଥିରେ ଜିଲାର ଭବାନୀପାଟଣା ବ୍ଲକରେ ସର୍ବାଧିକ ୬ଟି ରହିଥିବାବେଳେ ଜୁନାଗଡ଼ ବ୍ଲକ୪, କେସିଙ୍ଗା ୪, ଧର୍ମଗଡ ୧, ଲାଞ୍ଜିଗଡ଼ ୨, କୋକସରା ୧, ଏମ୍. ରାମପୁର ୧, ନର୍ଲା ୨ ଓ ଥୁଆମୂଳ ରାମପୁର ବ୍ଲକରେ ୨ ରହିଛି।




କଲେଇ ଗାଁ ପଞ୍ଚାୟତରେ ଅନୁଷ୍ଠିତ ଜିଲାସ୍ତରୀୟ ଉଦ୍‌ଘାଟନୀ ସମାରୋହ।

- ହାତପାହାନ୍ତାରେ ମିଳିବ ବ୍ୟାଙ୍କ ସେବା
- କଲେଇଗାଁ ପଞ୍ଚାୟତରେ ଭର୍ଚୁଆଲରେ କଲେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ

## ସଂକ୍ଷେପରେ

### ପଞ୍ଚକରେ ବାଲିଯାତ୍ରା, ରାସଲୀଳା

ବରପାଲି,୨୮।୧୧(ଚିତ୍ତରଞ୍ଜନ ସାହୁ)

ବରପାଲି ଅଞ୍ଚଳରେ କାର୍ତ୍ତିକ ପୂର୍ଣ୍ଣିମା ଓ ରାସଲୀଳା ମହୋତ୍ସବ ପାଳନ କରାଯାଇଛି। ଏହି କ୍ରମରେ ବରପାଲି ବ୍ଲକ କୁମ୍ଭାରୀର ଶଗଡିଆ ଘାଟରେ ବାଲିଯାତ୍ରା ସାଙ୍ଗକୁ କାଳେଶ୍ୱର ମନ୍ଦିର ସମ୍ମୁଖରେ ପାଞ୍ଚ ଦିନବ୍ୟାପୀ ବିପ୍ର ସଦାଶିବଙ୍କ ରଚିତ ଓ ତାଳପତ୍ର ପୋଥିରୁ ସଂଗୃହୀତ ୪୮ ଅଧ୍ୟାୟ ବିଶିଷ୍ଟ କୃଷ୍ଣଲୀଳାର ପୂର୍ଣ୍ଣରାସ ସମାପନ ହୋଇଛି। ବିଘ୍ନରାଜ ଓରଫ ସାହେବ ଦାଶ ଏହାକୁ ଗାନ କରିଥବା ବେଳେ କେଚା, ଝଗଡୁ, ରମଣୀ, ଧର୍ମ ଓ ପ୍ରଶାନ୍ତ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ସେହିପରି କୁମ୍ଭାରୀ, ବନ୍ଧପାଲି, ଖେମେସରା, ଭାଟିଗାଁ, ବରମକେଲା, ପିପିଲିପାଲି ଗ୍ରାମଗୁଡ଼ିକରେ ନାଟକ, ପାଲା, ଦଶକାଠିଆ, ସମ୍ପ୍ରଦା, କସତାଳ, ଷୋଳସୁଆଙ୍ଗ, ଜଳନ୍ଧର ଦରବାର ଓ ସମ୍ବର୍ଦ୍ଧନା ସଭା ଆଦି କାର୍ଯ୍ୟକ୍ରମ ଦେଖିବାକୁ ମିଳିଛି।

### ଲଖମରାରେ ଅଁଏଲାତଳ

ପଦ୍ମପୁର,୨୮।୧୧ (ପ୍ରଦୀପ୍ତ ଦାଶ)

ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ଲଖମରା ହାଇସ୍କୁଲ ପଡିଆରେ ପରମ୍ପରା ଅନୁସାରେ ଅଁଏଲାତଳ ପାଳନ କରାଯାଇଥିଲା। ଏହି କ୍ରମରେ ମଙ୍ଗଳବାର ଗ୍ରାମର ମହିଳା ପୁରୁଷ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ଉତ୍ସବ ପାଳନ କରିଥିଲେ। ଗୀତା ସାହୁ, ଆସମତୀ ମିଶ୍ର, ପଦ୍ମତୋଳା ଝଗରା, ଉମା ସାହୁ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଏଥିରେ ସାମିଲ ହୋଇଥିଲେ।

### କୁମ୍ଭାରପଡାରେ ହାସ୍ୟକବି ସମ୍ମିଳନୀ

ବରପାଲି,୨୮।୧୧(ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ସତଲମା ଗ୍ରାମର କୁମ୍ଭାରପଡ଼ାରେ ମଙ୍ଗଳବାର ହାସ୍ୟକବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ହାସ୍ୟ ତଡ଼କା କବି ଶିଶିର ପୁରୋହିତ, ବ୍ୟଙ୍ଗକବି ମୁନିରାମ କୁମ୍ଭାର, ଭରତ ନାଏକ ଏବଂ ହାସ୍ୟକବି ଦେବେନ୍ଦ୍ର ସାହୁ ଯୋଗଦାନ ଦେଇ ବର୍ତ୍ତମାନର ସମାଜ ଓ ସଂସ୍କୃତି ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାନ ଓ ବୈଷୟିକ ବିଭାଗର ଅନୁଶାସନ ସଚିବ ପଙ୍କଜ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ସୁବୋଧ କୁମାର ସାହୁ ପରିଚାଳନା କରିଥିବା ବେଳେ ଜୟନ୍ତ ସେଠ ଧନ୍ୟବାଦ ଅର୍ପଣ କରିଥିଲେ। ଦିବ୍ୟ ସାହୁ ଓ ଟିକେଶ୍ୱର ରଣା ସହଯୋଗ କରିଥିଲେ।

### ନାମଯଜ୍ଞ ଉଦ୍‌ଯାପିତ

ଘଣ୍ଟାପଡ଼ା,୨୮।୧୧(ପ୍ରଭାତ କୁମାର ସାହୁ): ଘଣ୍ଟାପଡ଼ା ଥାନା ଅଧୀନ ଉମା ପଞ୍ଚାୟତ ବରହାକାଲୁ ଗ୍ରାମରେ କାର୍ତ୍ତିକ ମାସର ପଞ୍ଚକ ମହୋତ୍ସବ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ଷୋହଳ ପ୍ରହର ନାମଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଛି। ପଣ୍ଡିତ ଲବ ଷଡ଼ଙ୍ଗୀ ପୂଜା କାର୍ଯ୍ୟ ଏବଂ ପ୍ରକାଶ ରଣା, ରବିଶ୍ୱର ରଣା, ପଦ୍ମନ ରଣା, ଗୌର ରଣା, ହର ରଣା, ସନ୍ତୋଷ ରଣା ଓ ସୁନାର୍ଜ୍ଜନ ରଣା ସପତ୍ନୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ନିର୍ମଳ ରଣା, ଭୁବନ ରଣା, ଶ୍ରୀମନ୍ତ ରଣା ପ୍ରମୁଖ ସହଯୋଗ କରିଥିଲେ।

# ସତୀଘାଟ ନୁହେଁ ଗମ୍ଭିରାଦରହରେ ଡ୍ୟାମ ନିର୍ମାଣ ଦାବି

ବୌଦ୍ଧ,୨୮।୧୧(ଅଜିତ କୁମାର ବାରିକ)



ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଓ ଅନ୍ୟମାନେ।

ବୌଦ୍ଧ ଜିଲା ଭାଜପା ପକ୍ଷରୁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଜିଲା କାର୍ଯ୍ୟାଳୟଠାରେ ସଭାପତି ବିପ୍ରଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଏକ କୃଷି ଭିତ୍ତିକ ଜିଲା ହୋଇଥିବା ବେଳେ ଏଠାକାର ମୁଖ୍ୟ ଫସଲ ହେଉଛି ଧାନ ଚାଷ। ତେଣୁ ଚାଷ ପାଇଁ ଜଳସେଚନର ସୁବିଧା ଯୋଗାଇ ଦେବାକୁ ବହୁବାର ଆନ୍ଦୋଳନ ହେଉଛି। ଜିଲାର କିସାନ ସଂଘ ଓ ଭାଜପା ପକ୍ଷରୁ ଜଳସେଚନର ସୁବିଧା ପାଇ ଆନ୍ଦୋଳନ କରିଆସୁଥିବା ଜିଲା ସଭାପତି ମହାନ୍ତି କହିଥିଲେ। ଜିଲାରେ ଚିରସ୍ରୋତା ମହାନଦୀ ପ୍ରବାହିତ ହେଉଥିବା ବେଳେ ସରକାର ମହନଦୀରୁ କୌଣସି ଜଳସେଚନର ସୁବିଧା କରିପାରୁ ନ ଥିବା ବେଳେ ସାଲୁଙ୍କି ଓ ବାଘ ଭଳି ଜଳସେଚନ ପ୍ରକଳ୍ପ ରହିଥିଲେ ମଧ୍ୟ ଜଳ ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ଉପର ଜିଲାର ଚାଷୀ ବର୍ଷା ଜଳକୁ ଅପେକ୍ଷା କରିଥାନ୍ତି। ଦୀର୍ଘଦିନରୁ ଚାଷୀ ସଂଗଠନ ଗୁଡିକ ଗମ୍ଭିରାଦରହ ଠାରେ ଏକ ହାଇଡ୍ରୋ ପାୱାର ପ୍ରୋଜେକ୍ଟ ନିର୍ମାଣ ପାଇଁ ଦାବି କରିଆସୁଛନ୍ତି। ଏହି ପ୍ରକଳ୍ପ ନିର୍ମାଣ ହେଲେ ଚିର ମରୁଡି ପ୍ରପୀଡିତ ହରଭଙ୍ଗା ବ୍ଲକର ସିଂହ ଭାଗ ଚାଷୀଙ୍କ ଚାଷ ଜମିକୁ ଜଳସେଚନର ସୁବିଧା ମିଳିବା ସହିତ ବୌଦ୍ଧ ବ୍ଲକର ସାଲୁଙ୍କି ଜଳସେଚନ ପ୍ରକଳ୍ପ ଜରିଆରେ ମଧ୍ୟ ବର୍ଷ ତମାମ ଜମିକୁ ଜଳସେଚନ ହୋଇପାରିବ ବୋଲି କୃଷି ସଂଗଠନମାନେ ଦାବି କରିଛନ୍ତି। କିଛିଦିନ ପୂର୍ବରୁ ରାଜ୍ୟ ସରକାର ଗମ୍ଭିରାଦରହ ଠାରୁ ମାତ୍ର ତିନିକିଲୋମିଟର ତଳକୁ ସତୀଘାଟଠାରେ ବ୍ୟାରେଜ ନିର୍ମାଣ ପାଇଁ ଅନୁଦାନ ଘୋଷଣା କରିବାପରେ ଏହାକୁ ନେଇ ଜିଲାର ଅନେକ ଚାଷୀ ସଂଗଠନ ଅସନ୍ତୋଷ ପ୍ରକାଶ କରିଛନ୍ତି। ସତୀଘାଟଠାରେ ବ୍ୟାରେଜ ନିର୍ମାଣ କଲେ ଏହା ଅଳ୍ପ ଚାଷୀଙ୍କ କାର୍ଯ୍ୟରେ ଲାଗିବ ତେଣୁ ଏହି ପ୍ରକଳ୍ପର ପୁନର୍ବିଚାର କରିବାକୁ ଜିଲା ଭାଜପା ପକ୍ଷରୁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସତୀଘାଟ ନୁହେଁ ଗମ୍ଭିରାଦରହ ଠାରେ ପ୍ରକଳ୍ପ ନିର୍ମାଣ କରିବାକୁ ଭାଜପା ପକ୍ଷରୁ ଦାବି ହୋଇଛି। ଏହା ସହ ରାଜ୍ୟ ସରକାର ବୌଦ୍ଧ ଜିଲାରେ ଜଳସେଚନର ସୁବିଧା ଯୋଗାଇ ଦେବାରେ ବିଫଳ ହୋଇଥିବା ଅଭିଯୋଗ ହୋଇଥିଲା । ଗମ୍ଭିରାଦରହ ଠାରେ ହାଇଡ୍ରୋ ପାୱାର ପ୍ରକଳ୍ପ ନିର୍ମାଣ ଦ୍ୱାରା ଜିଲାରେ କେବଳ ଜଳସେଚନର ବିକାଶ ହେବ ତାହା ନୁହେଁ ବିଦ୍ୟୁତ ଉତ୍ପାଦନରେ ମଧ୍ୟ ଜିଲା ଆତ୍ମନିର୍ଭରଶୀଳ ହୋଇପାରିବ ବୋଲି କୁହାଯାଇଛି। ଏହା ବ୍ୟତୀତ କେନ୍ଦ୍ର ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ସଂପର୍କରେ ପ୍ରତ୍ୟେକ ଗ୍ରାମର ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ଆରମ୍ଭ ହୋଇଥିବା ବିକଶିତ ଭାରତ ସଂକଳ୍ପ ଯାତ୍ରା ପାଇଁ କେନ୍ଦ୍ର ସରକାର ଅନୁଦାନ ଯୋଗାଇ ଦେଇଥିଲେ ମଧ୍ୟ ଜିଲାସ୍ତରରେ ଏହି ଯାତ୍ରାକୁ ଯେଉଁଭଳି ଭାବେ ଆୟୋଜନ କରାଯିବା କଥା ତାହା କରାଯାଉ ନ ଥିବା ଭାଜପା ଅଭିଯୋଗ କରିଛି। ଏହାସହ ବୌଦ୍ଧ ଏନଏସି ଅଧିନରେ ମୁକ୍ତା ଯୋଜନାରେ ଅନିୟମିତା ହୋଇଥିବା ନେଇ ଜିଲା ସଭାପତି କହିଥିଲେ। ଜିଲାରେ ଶାସକ ଦଳର ଦୁର୍ନୀତି ବିରୋଧରେ ଆଗାମୀ ଦିନରେ ଭାଜପା ଆନ୍ଦୋଳନକୁ ଓହ୍ଲାଇବ ବୋଲି ମହାନ୍ତି କହିଥିଲେ। ଏହି ଖବରଦାତା ସମ୍ମଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ଉପସଭାପତି ଶ୍ୟାମସୁନ୍ଦର ପୁରୋହିତ, ସାଧାରଣ ସଂପାଦକ ତାପସ ପଟ୍ଟନାୟକ ଓ ମୁଖ୍ୟପ୍ରବକ୍ତା କୃଷ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କନ୍ଧମାଳକୁ ସ୍ୱତନ୍ତ୍ର ସବ୍-ଡିଭିଜନ ଘୋଷଣା ଦାବି

ଘଣ୍ଟାପଡ଼ା,୨୮।୧୧(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କନ୍ଧମାଳକୁ ସ୍ୱତନ୍ତ୍ର ସବ୍-ଡିଭିଜନ ଘୋଷଣା କରାଯିବାକୁ ଦାବି କରି ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଏକ ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସଂଗ୍ରାମ ସମିତିର ଡାକରା କ୍ରମେ କଲ୍ୟାଣ ମଣ୍ଡପଠାରେ ବରିଷ୍ଠ ଭାଜପା ନେତା ଓମ୍ ପ୍ରକାଶ ମିଶ୍ରଙ୍କ ଆବାହକତ୍ୱରେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଜିଲା ଗଠନ ହେବା ପରେ ମଧ୍ୟ କନ୍ଧମାଳ ଅଞ୍ଚଳର ଉନ୍ନତି ହୋଇପାରିନାହିଁ। ବିଧାୟକ ଓ ପ୍ରଶାସନ କ୍ରମାଗତ ଭାବେ ଅଞ୍ଚଳର ଉନ୍ନତି ଦିଗରେ ଅବହେଳା ପ୍ରଦର୍ଶନ କରୁଥିବା ସମାବେଶରେ ଅଭିଯୋଗ ହୋଇଥିଲା। ପ୍ରାୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ କନ୍ଧମାଳ ବ୍ଲକ ଜିଲାର ସବୁଠୁ ବଡ଼ ଅଞ୍ଚଳ। ସରକାରଙ୍କ ସମସ୍ତ ମୌଳିକ ଅଧିକାର, ପ୍ରଶାସନିକ ସେବା ତଥା ଜିଲାର ସମସ୍ତ କାର୍ଯ୍ୟକୁ ସୁବିଧାରେ ପାଇବାକୁ ହେଲେ କନ୍ଧମାଳକୁ ସବ୍‌ଡିଭିଜନର ମାନ୍ୟତା ବହୁ ପୂର୍ବରୁ ମିଳିବା କଥା। ହେଲେ ତାହା ଆଜି ପର୍ଯ୍ୟନ୍ତ ହୋଇପାରି ନାହିଁ। କନ୍ଧମାଳକୁ ସ୍ୱତନ୍ତ୍ର ସବ୍-ଡିଭିଜନ ଘୋଷଣା ଦାବି ନେଇ ଆଗାମୀ ଦିନରେ ବ୍ୟାପକ ଜନ ଆନ୍ଦୋଳନ କରାଯିବାକୁ ଚେତାବନୀ ଦିଆଯାଇଛି। ଉକ୍ତ ସମାବେଶରେ କେଦାର ସାହୁ, ନାରାୟଣ କର୍ମୀ, ଯଦୁବିହାରୀ ବାଘ, ଅଜିତ କୁମାର ସାହୁ, ରାମଚନ୍ଦ୍ର ତାଣ୍ଡି, ଶଙ୍କର୍ଷଣ ସାହୁଙ୍କ ସମେତ ଅନେକ ବ୍ୟକ୍ତି ସାମିଲ ହୋଇଥିଲେ।

## ବରଗଡ଼ରେ ଆମ ବ୍ୟାଙ୍କ ସେବା ଶୁଭାରମ୍ଭ



ବନ୍ଦା ଗ୍ରାମରେ ବିଧାୟକ ଆମ ବ୍ୟାଙ୍କ ସେବା ଶୁଭାରମ୍ଭ କରୁଛନ୍ତି ।

ବରଗଡ଼ ୨୮।୧୧(ପ୍ରେମାନନ୍ଦ ଖମାରୀ)

ଓଡ଼ିଶା ସରକାରଙ୍କ ପ୍ରତି ଗ୍ରାମପଞ୍ଚାୟତରେ ବ୍ୟାଙ୍କିଙ୍ଗ ସେବା ପାଇଁ ଏକ ଐତିହାସିକ ଓ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ଆମ ବ୍ୟାଙ୍କକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଏହି ବ୍ୟାଙ୍କ ଜରିଆରେ ପ୍ରତି ଗ୍ରାମପଞ୍ଚାୟତର ଜନସାଧାରଣ ତଥା ବୃଦ୍ଧ, ଗର୍ଭବତୀ ମହିଳା ଏବଂ ଭିନ୍ନକ୍ଷମ ଲୋକଙ୍କ ପାଇଁ ଡୋରଷ୍ଟେପ ସେବା ସହିତ ୧୫ଟି ବ୍ୟାଙ୍କିଙ୍ଗ ସେବା ମିଳିପାରିବ। ଏହି ପରିପ୍ରେକ୍ଷୀରେ ବରଗଡ଼ ବ୍ଲକ ଅନ୍ତର୍ଗତ ବନ୍ଦା ଗ୍ରାମରେ ମଙ୍ଗଳବାର ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ଉପସ୍ଥିତ ରହି ବ୍ୟାଙ୍କିଙ୍ଗ ସେବାକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର ସମସ୍ତ ଅଧିକାରୀଙ୍କ ସମେତ ବନ୍ଦା ସରପଞ୍ଚ କିରଣ ପ୍ରଧାନ, ଜମୁର୍ଡ଼ା ସରପଞ୍ଚ ପଦ୍ମଲୋଚନ ପ୍ରଧାନ, ଏନ୍. ଜାମପାଲି ସରପଞ୍ଚ ପ୍ରତିନିଧି ଯକ୍ଷ ରାୟ, ସମିତି ସଭ୍ୟ ପ୍ରମୋଦ ପ୍ରଧାନ ପ୍ରମୁଖଙ୍କ ସମେତ ପଞ୍ଚାୟତ ଜନପ୍ରତିନିଧି ଉପସ୍ଥିତ ରହିଥିଲେ।

## ମହାନଦୀ କୁଳିପଡା ଘାଟର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ଉଦ୍‌ଘାଟନ



ବୌଦ୍ଧ ସହର ମହାନଦୀର କୁଲିଘାଟର ସୌନ୍ଦର୍ଯ୍ୟକରଣକୁ ଲୋକାର୍ପଣ କରୁଛନ୍ତି ମନ୍ତ୍ରୀ ପ୍ରଦୀପ କୁମାର ଅମାତ।

ବୌଦ୍ଧ,୨୮।୧୧(ଅଜିତ କୁମାର ବାରିକ)

ବୌଦ୍ଧଗଡ ଏନଏସିର ଅଧ୍ୟକ୍ଷ ଭାବେ ମୃତ୍ୟୁଞ୍ଜୟ ମିଶ୍ର ଦାୟିତ୍ୱ ଗ୍ରହଣ କରିବାପରେ ଐତିହାସିକ ବୌଦ୍ଧ ସହରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ପ୍ରାଥମିକତା ଦେବା ସହିତ ବିଭିନ୍ନ ୱାର୍ଡରେ ପାର୍କ ନିର୍ମାଣ ଓ ନଦୀଘାଟ ଗୁଡିକର ଉନ୍ନତିକରଣ କାର୍ଯ୍ୟ ହାତକୁ ନେଇଛନ୍ତି। ଏହାରି ପଛରେ ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ପ୍ରୋତ୍ସାହନ ସହରର ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ପ୍ରକଳ୍ପକୁ ଅନୁମୋଦନ କରାଇବାରେ ପ୍ରମୁଖ ଭୂମିକା ରହିଛି। ବୌଦ୍ଧ ଜଳସଂପଦ ବିଭାଗ ଓ ବୌଦ୍ଧଗଡ ଏନଏସି ମିଳିତ ଭାବେ ଚନ୍ଦ୍ରଚୂଡ ମହାନଦୀ ଆଳତୀ ଘାଟର ଉନ୍ନତିକରଣ କାର୍ଯ୍ୟ ସଫଳତାର ସହିତ କରିବାପରେ ଏହି ମନ୍ଦିରର ଉନ୍ନତି ପାଇଁ ୫-ଟି ଯୋଜନା ଜରିଆରେ ସ୍ୱତନ୍ତ୍ର ଅନୁଦାନ ରାଜ୍ୟ ସରକାର ଯୋଗାଇଦେଇଛନ୍ତି। ଚନ୍ଦ୍ରଚୂଡ ଘାଟ ପରେ ସହରର ସର୍ବପୁରାତନ କୁଲିପଡା ଘାଟର ଉନ୍ନତିକରଣ କାର୍ଯ୍ୟ ଏନଏସି ପକ୍ଷରୁ ହାତକୁ ନିଆଯାଇ ମଙ୍ଗଳବାର ଦିନ ଏହାକୁ ଲୋକାର୍ପିତ କରାଯାଇଛି। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଘାଟ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଉପାଧ୍ୟକ୍ଷା ସୁଭାଷିନୀ ସେଠୀ, ନିର୍ବାହୀ ଅଧିକାରୀ ଅଶୋକ କୁମାର ସେଠୀ, ବରିଷ୍ଠ ଆଇନଜିବୀ ଧୂରୀଣ କୁମାର ଦେହୁରୀଙ୍କ ସମେତ ସହରର ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ।

## ଛାତ୍ରୀଛାତ୍ରଙ୍କ ସାଧାରଣଜ୍ଞାନ ପ୍ରତିଯୋଗିତା

ବରଗଡ଼,୨୮।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ ଜନକଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର ବିଦ୍ୟାସାଗର ଏକାଡେମୀରେ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଓଡିଶା ଅଭିଭାବକ ମହାସଂଘ ସଭାପତି ବିମଳ କୁମାର ଦାଶ ମୁଖ୍ୟଅତିଥି, ସମାଜସେବୀ ବିରେନ୍ଦ୍ର ପ୍ରତାପ ସାହୁ, ଶିବାନନ୍ଦ ମଟାରୀ, ସ୍କୁଲ ଅଧ୍ୟକ୍ଷ ବଳରାମ ବିଶି, ଡାଇରେକ୍ଟର ଡ. ଜୟଦେବ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସୁଷମା ଭୋଇ, ଜନକଲ୍ୟାଣ ସେବା ଟ୍ରଷ୍ଟ ପ୍ରତିଷ୍ଠାତା ତଥା ସଭାପତି ମୁକୁନ୍ଦ ଦାଶ, ସଦସ୍ୟ ନିହାର ରଞ୍ଜନ ପ୍ରଧାନ, ବୃନ୍ଦାବନ ବେହେରା ଉପସ୍ଥିତ ରହି ପ୍ରତିଯୋଗିତା ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ଅର୍ଚ୍ଚିତା ସାହୁ ପ୍ରଥମ, ପ୍ରତିଭା ସାହୁ ଦ୍ୱିତୀୟ, ସତିଶ୍ରୀ ସତପଥି ତୃତୀୟ ଓ ଆରିଏନ ଶତପଥି ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ପରେ ବିଦ୍ୟାଳୟର ଅଧ୍ୟକ୍ଷା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## କୋଶଳ ସ୍କୁଲରେ ପ୍ରକଳ୍ପ ପ୍ରଦର୍ଶନୀ ସମାରୋହ



କୋଶଳ ସ୍କୁଲରେ ପ୍ରଦର୍ଶନୀ ସମାରୋହକୁ ଅତିଥିମାନେ ବୁଲି ଦେଖୁଛନ୍ତି।

ସରଣ୍ଡା,୨୮।୧୧(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ ନୂଆଁଖଇରପାଲି ସ୍ଥିତ କୋଶଳ ଇଂରାଜୀ ମାଧ୍ୟମିକ ଆବାସିକ ବିଦ୍ୟାଳୟରେ ମଙ୍ଗଳବାର ବହୁମୁଖୀ ପ୍ରକଳ୍ପ ପ୍ରଦର୍ଶନୀ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଜ୍ଞାନ ବିଭାଗର ୨୦ଟି, ସାମାଜିକ ବିଜ୍ଞାନର ୧୮ଟି ପ୍ରକଳ୍ପ ଏବଂ ୭୦୦ରୁ ଅଧିକ ଚିତ୍ରକଳା ଓ ହସ୍ତଶିଳ୍ପ କାରିଗରୀ ପ୍ରକଳ୍ପ ପ୍ରଦର୍ଶନ ହୋଇଥିଲା। ଏହି ଅବସରରେ ଲରମ୍ଭା ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ରସାୟନ ବିଜ୍ଞାନ ବିଭାଗର ରିଡର ଡ. ପ୍ରମୋଦ କୁମାର ଭୋଇ ମୁଖ୍ୟ ଅତିଥି ଏବଂ ପ୍ରାଣୀବିଜ୍ଞାନ ଅଧ୍ୟାପିକା କାଦମ୍ବିନୀ ଗୁରୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପଗୁଡିକ ବୁଲି ଦେଖିବା ସହ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶିକା ନଳିନୀ ପଟ୍ଟନାୟକ, ଅତିରିକ୍ତ ନିର୍ଦ୍ଦେଶିକା ମଧୁ ପଟ୍ଟନାୟକ, ଅଧ୍ୟକ୍ଷ ରବିନ୍ଦ୍ର ନାଥ ବେହେରା ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ ।

## ଦହିତା କଲେଜରେ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ପଦ୍ମପୁର,୨୮।୧୧(ପ୍ରଦୀପ୍ତ ଦାଶ)



ବିଧାୟିକା ବର୍ଷା ସିଂ ବରିହା ଯୁବବିକାଶ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ବରଗଡ଼ ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ଦହିତା ବୁଦ୍ଧଦେବ ମେହେର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜେଶ ସାହୁଙ୍କ ସଭାପତିତ୍ୱ ଏବଂ ନୋଡାଲ ଅଫିସର ଅଧ୍ୟାପକ ସୁଶାନ୍ତ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି, ଜିଲା ପରିଷଦ ସଦସ୍ୟ ମକରଧ୍ୱଜ ବଗାର ସମ୍ମାନିତ ଅତିଥି ଓ ପ୍ରତିଷ୍ଠାତା ସଦସ୍ୟ ବୁଦ୍ଧଦେବ ମେହେର ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଫୁଟବଲ, ଦୌଡ଼ ସମେତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଶତ୍ରୁଘ୍ନ ପଧାନ, ଅଧ୍ୟାପିକା ଶୋଭାମୟୀ ପଧାନ, ଅଧ୍ୟାପକ ପ୍ରିୟବ୍ରତ ସାହୁ, ଖେଳ ଶିକ୍ଷକ ରାଜେଶ ଥାନାପତି, ନାରାୟଣ ହୋତା, ରତିକାନ୍ତ ସୁଆର, ସୁବଳ ସାହୁ, ମାନଭଞ୍ଜନ ହୋତା, ଦେବରାଜ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ଲମ୍ବୋଦର ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

## ବିକଶିତ ଭାରତ ସଂକଳ୍ପ ଯାତ୍ରା ଉଦ୍‌ଘାଟିତ

ବୌଦ୍ଧ,୨୮।୧୧ (ଅଜିତ କୁମାର ବାରିକ)



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିକଶିତ ଭାରତ ସଂକଳ୍ପ ଯାତ୍ରାକୁ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ମଙ୍ଗଳବାର ବିକଶିତ ଭାରତ ସଂକଳ୍ପ ଯାତ୍ରା ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଯାତ୍ରାକୁ ଉଦ୍‌ଘାଟିତ କରିଥିଲେ। ମୁରୁଷୁଣ୍ଡି ପଞ୍ଚାୟତଠାରେ ବିକଶିତ ଭାରତ ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାପାଳ, ଜିଲାସ୍ତରୀୟ ଅଧିକାରୀ, ନିର୍ବାଚିତ ପ୍ରତିନିଧି, ଆଶାକର୍ମୀ, ମହିଳା ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ ବିକଶିତ ସଂକଳ୍ପ ରଥକୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ ଯୋଜନା ଉପରେ ଅବଗତ କରାଯାଇଥିଲା। ପରେ ବଢିଙ୍ଗା ପଞ୍ଚାୟତଠାରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟର ଡେପୁଟି ସେକ୍ରେଟାରୀ ବିକ୍ରମ କୁମାର ପ୍ରଧାନ, ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ, ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ, ବୌଦ୍ଧ ବିଡିଓ ଅକ୍ଷୟ ପାଣି ଉଡୁ , ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତୀ କଳିଆରସିଂ ପ୍ରମୁଖ ଯୋଗ ଦେଇଥିଲେ।

## ଯୁବ ଓଡ଼ିଶା ନବୀନ ଓଡ଼ିଶା ଖେଳ ମହୋତ୍ସବ ଉଦ୍‌ଘାଟିତ

ବୌଦ୍ଧ,୨୮।୧୧(ଅଜିତ କୁମାର ବାରିକ)




କ୍ରୀଡା ମହୋତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ।

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ମଙ୍ଗଳବାର ଯୁବ ଓଡିଶା ନବୀନ ଓଡିଶା କ୍ରିଡା ମହୋତ୍ସବ ଷ୍ଟାଡିୟମଠାରେ ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବୌଦ୍ଧଗଡ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କ୍ରିଡା ମହୋତ୍ସବକୁ ଉଦ୍‌ଘାଟନ କରିବା ସହିତ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଗ୍ରହଣ ସହିତ କ୍ରିଡାରେ ନିଜର ପାରଦର୍ଶିତା ଦେଖାଇବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥିଭାବେ ସାଂସଦ ପ୍ରତିନିଧି ତଥା ବରିଷ୍ଠ ଆଇନଜୀବୀ ତାରେଣି କୁମାର ମହାପାତ୍ର, ଅତିରିକ୍ତ ଜିଲାପାଳ ତଥା କଲେଜ ପରିଚାଳନା କମିଟି ଅଧ୍ୟକ୍ଷ ଦାରିଦ୍ର୍ୟଭଜନ ମଦନ ମୋହନ ପାତ୍ର ଏବଂ ଜିଲା ସାମ୍ବାଦିକ ସଂଘ ସଭାପତି ଶଶାଙ୍କ ଶେଖର ମିଶ୍ର, ଏନଏସିର ୱାର୍ଡ ମେମ୍ବର ସନ୍ତୋଷିନୀ ନେପାକ ଓ ସୋନି ଦଳେଇ ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପକ ଡ.ଅମରେଶ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରତାପ ଚନ୍ଦ୍ର ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡିସେମ୍ବର ୪ ପର୍ଯ୍ୟନ୍ତ ହେବାକୁଥିବା ଏହି କ୍ରିଡା ମହୋତ୍ସବରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହେବ। ଶିକ୍ଷା ସହିତ କ୍ରୀଡାକୁ ସରକାର ଗୁରୁତ୍ୱ ଦେବା ସହିତ କ୍ରିଡାବିତ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହନ ଯୋଗାଇଦେବା ଏହି ମହୋତ୍ସବର ମୂଳ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର କ୍ରିଡା ଶିକ୍ଷକ ଲମ୍ବୋଦର ପୁରୋହିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖେଳ ଶିକ୍ଷକ ରଞ୍ଜିତକୁମାର ରାଉତ, ଅମ୍ବରୀଶ ପ୍ରଧାନ ଓ ରିତ ଚାନ୍ଦ ପ୍ରମୁଖ କ୍ରିଡା ପରିଚାଳନାରେ ସହଯୋଗ କରିଥିଲେ। ସମନ୍ୱିତ ଯୁବ ଉନ୍ନୟନ କାର୍ଯ୍ୟକ୍ରମର ମୁଖ୍ୟ ନୋଡାଲ ଅଧିକାରୀ ଅଧ୍ୟାପିକା ଡା. ସୁଜାତା ସାହୁ, ଜିଲା ନୋଡାଲ ଅଧିକାରୀ ଅଧ୍ୟାପିକା ଗୀତାଳୀ ମହାପାତ୍ର, କ୍ରିଡା କ୍ଲବର ନୋଡାଲ ଅଧିକାରୀ ଅଧ୍ୟାପକ ସଦାନନ୍ଦ ମାହାରଙ୍କ ସମେତ ପ୍ରଦୀପ କୁମାର ପ୍ରଧାନ, ସନ୍ତୋଷ କୁମାର ସାହୁ, ମମତା ମଲ୍ଲିକ, ମୁକ୍ତି ସାହୁ, ସୁରଜ କୁମାର ନାଏକ, କରିଷ୍ମା ସେଠୀ, ତ୍ରିନାଥ ରଣା, ରିତୁ ଭାମି ଓ ଅନ୍ୟ ସମସ୍ତ କର୍ମଚାରୀ ଏହି କ୍ରିଡା ମହୋତ୍ସବ ଅବସରରେ ଉପସ୍ଥିତ ରହି କ୍ରିଡା ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

**ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ରାଉରକେଲା ଗସ୍ତ**

ରାଉରକେଲା,(ସଙ୍ଗୀତା ଜେନା): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ରାଉରକେଲା ଗସ୍ତରେ ଆସୁଛନ୍ତି। ସେ ୩୦ ତାରିଖରେ ଏନଆଇଟିର ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ କରିବା ସହିତ ଏହା ପରିସରରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ଉଦ୍‌ଘାଟନ କରିବେ। ଏହାପରେ ସେ ଦିବା ୧୨ଟାରେ ବଣାଇ ଅଭିମୁଖେ ଯାତ୍ରା କରିବେ। ସେଠାରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଝାରସୁଗୁଡ଼ା ଏୟାରପୋର୍ଟରୁ କଲିକତା ଅଭିମୁଖେ ଯାତ୍ରା କରିବେ ବୋଲି ଜିଲା ଭାଜପା ମୁଖପାତ୍ର ଗଙ୍ଗାଧର ଦାଶ ଜଣାଇଛନ୍ତି।

## ଡିଏଭି ସରୋବର
# ବିନା ସୁବିଧାରେ ଶୋଷଣ


ବାସନ୍ତୀ କଲୋନିରେ ଥିବା ଡିଏଭି ସରୋବର।


ବନ୍ଦ ପଡିଥିବା ଫୁଡ୍‌କୋର୍ଟ।

ରାଉରକେଲା,୨୮।୯(ଦିନେଶ ମିଶ୍ର)

ରାଉରକେଲା ସହରବାସୀଙ୍କ ଆମୋଦପ୍ରମୋଦ ପାଇଁ ବିଭିନ୍ନ ସ୍ଥାନରେ ବହୁ ଉନ୍ନତିମୂଳକ କାର୍ଯ୍ୟ ଚାଲିଛି। ଖାଲି ପଡିଥିବା ସ୍ଥାନରେ କେଉଁଠି ପାର୍କ ତ ଆଉ କେଉଁଠି ପୁଷ୍କରିଣୀ ପୁନରୁଦ୍ଧାର କରି ମନୋରଞ୍ଜନ ଉପଯୋଗୀ କରାଯାଉଛି। ତେବେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ଏହିସବୁ ପ୍ରକଳ୍ପ କରାଯାଉଥିଲେ ମଧ ସେଥିରେ ସମ୍ପୂର୍ଣ୍ଣ ସୁବିଧା ମିଳୁନାହିଁ। ବାସନ୍ତୀ କଲୋନୀ ସ୍ଥିତ ଡିଏଭି ସରୋବରରେ ଏଭଳି ଦେଖିବାକୁ ମିଳିଛି।

ଡିଏଭି ସରୋବର ଅଳିଆ ଆବର୍ଜନା ହୋଇ ପଡିରହିଥିଲା। ସେଠାରେ ସହରର ପଶୁପାଳକ ମଇଁଷି, ଗାଈଗୋରୁଙ୍କୁ ଗାଧୋଇ ଦେଉଥିଲେ। ଗତ ହକି ବିଶ୍ୱକପ୍ ବେଳେ ଏହି ପୁଷ୍କରିଣୀଙ୍କୁ ସହରବାସୀଙ୍କ ଆମୋଦପ୍ରମୋଦ ପାଇଁ ରାଉରକେଲା ସ୍ମାର୍ଟସିଟି ଲିମିଟେଡ ପକ୍ଷରୁ ପୁନରୁଦ୍ଧାର ଯୋଜନା କରାଯାଇଥିଲା। ଏଥିପାଇଁ ୮.୯୭ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଏଥିରେ ଫୁଡ୍‌କୋଟ, ବିଭିନ୍ନ ଷ୍ଟଲ, ବୋଟିଂ ସୁବିଧା ସାଙ୍ଗକୁ ଭାସମାନ କାଣ୍ଡ, ପିକ୍‌ନିକ୍ ସ୍ପଟ୍, ଶିଶୁମାନଙ୍କ ଖେଳିବା ପାଇଁ ମିନି ପାର୍କ, ଖୋଲା ମଞ୍ଚ, ଗାଲିଚା ସୁବିଧା ସହ ଏଲ୍‌ଇଡି ବ୍ୟବସ୍ଥା ରହିବ ବୋଲି ସୂଚିତ କରାଯାଇଥିଲା। ଗତ ଜାନୁଆରୀ ୫ତାରିଖରେ ଏହି ସରୋବରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବା ପରେ ୯ ତାରିଖରେ ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଥିଲା। ତେବେ ୧୦ ମାସ ବିତିଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇପାରିନାହିଁ। ସରୋବର ଭିତରେ ଯାହାସବୁ ଯୋଜନା କରାଯାଇଥିଲା, ସେଥିମଧ୍ୟରୁ ଅଧାରୁ ଅଧିକ କାର୍ଯ୍ୟକାରୀ ହୋଇନାହିଁ। ସେହିପରି ଏହି ସରୋବରର ପରିଚାଳନା ଦାୟିତ୍ୱ ଆଉଟ୍‌ସୋର୍ସିଂ ଠିକା ସଂସ୍ଥା ନେଇଥିବାରୁ ସହରବାସୀଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଛି।

- ଯାହା ଯୋଜନାରେ ଥିଲା ତାହା ପ୍ରକଳ୍ପରେ ନାହିଁ
- ୫ ମିନିଟ୍ ବୋଟିଂକୁ ୧୨୦ ଓ ପ୍ରବେଶ କଲେ ୧୫ ଟଙ୍କା

ଇନ୍ଦିରାଗାନ୍ଧୀ ପାର୍କରେ ବିଭିନ୍ନ ପ୍ରକାର ପଶୁପକ୍ଷୀ ଓ ଗୋଲାପ ବଗିଚାଠାରୁ ଆରମ୍ଭ କରି ବୋଟିଂ, କଣ୍ଢେଇ ଘର ବୁଲିବା ପର୍ଯ୍ୟନ୍ତ ପାଇଁ ମାତ୍ର ୧୦ ଟଙ୍କା ଶୁଳ୍କ ନିଆଯାଉଛି। କିନ୍ତୁ ଡିଏଭି ସରୋବରରେ ବିଶେଷ କୌଣସି ଆମୋଦପ୍ରମୋଦ ପାଇଁ ବ୍ୟବସ୍ଥା କରା ନ ଯାଇ କେବଳ ପ୍ରବେଶ କରିବା ପାଇଁ ହେଲେ ଜଣଙ୍କ ପିଛା ୧୫ଟଙ୍କା ଓ ୬ରୁ ୧୨ ବର୍ଷର ଶିଶୁଙ୍କ ପାଇଁ ୧୦ ଟଙ୍କା ନିଆଯାଉଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ସରୋବର ଭିତରେ ଦୁଇଟି ଯନ୍ତ୍ରଚାଳିତ ବୋଟ୍ ଓ ଗୋଟିଏ ପେଡାଲ ବୋଟ୍ ରହିଛି। ଯନ୍ତ୍ରଚାଳିତ ବୋଟ୍ ପାଇଁ ୫ ମିନିଟ୍‌କୁ ଜଣ ପିଛା ୧୨୦ ଟଙ୍କା ଓ ପେଡାଲ ବୋଟିଂ ପାଇଁ ଜଣ ପିଛା ୫୦ ଟଙ୍କା ନିଆଯାଉଛି। ଏଥିସହ ଏହା ପରିସରରେ ଥିବା ଏକାଧିକ ଫୁଡକୋଟ୍ ବନ୍ଦ ରହିଛି। ଶିଶୁପାର୍କ ଭିତରେ ୨ଟି ଦୋଳି ଓ ଅଳ୍ପ କିଛି ଖେଳ ସାମଗ୍ରୀ ପଡିରହିଛି। ସରୋବର ଭିତରେ ପର୍ଯ୍ୟଟକଙ୍କ ପାଇଁ କୌଣସି ପାନୀୟ ଜଳ ବ୍ୟବସ୍ଥା ନ ଥିବାବେଳେ କୌଣସି ପିକ୍‌ନିକ୍ ସ୍ପଟ ବ୍ୟବସ୍ଥା କରାଯାଇନାହିଁ। ହଠାତ ବିଦ୍ୟୁତ ଚାଲିଗଲେ କୌଣସି ଡିଜି କିମ୍ବା ଅନ୍ୟ ବ୍ୟବସ୍ଥା ହୋଇନାହିଁ। ପୁଷ୍କରଣୀ ଭିତରେ ଲାଗିଥିବା ଘାସ ଗାଲିଚାଗୁଡିକ ଶୁଖିଯାଇଥିବା ବେଳେ ନାନା ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏଥିସହ ସରୋବର ଭିତରେ ୱାଟର ଫାଉଣ୍ଟେନ ଅଧିକାଂଶ ସମୟ କାମ କରୁ ନ ଥିବା ଅଭିଯୋଗ ହେଉଛି। ଲୋକଙ୍କଠାରୁ ନିର୍ଦ୍ଧାରିତ ଫି ନିଆଯାଉଥିବା ବେଳେ ସେହି ଅନୁସାରେ ସେବା ଯୋଗାଇ ଦିଆଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଆରଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କୁ ପଚାରିବାରୁ ସେ କହିଥିଲେ, ଡିଏଭି ସରୋବରରେ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ପର୍ଯ୍ୟଟକଙ୍କୁ ଯୋଗାଇ ଦେବା ପାଇଁ ଆମେ ଠିକା ସଂସ୍ଥାକୁ ଅବଗତ କରିଥିଲୁ। ସରୋବରରେ ଯଦି ଏଭଳି ଅବ୍ୟବସ୍ଥା ହେଉଛି ତେବେ ଯାଞ୍ଚ କରି ଆସନ୍ତା ଦୁଇସପ୍ତାହ ମଧ୍ୟରେ ଏହାର ସମାଧାନ କରିବୁ ବୋଲି ସେ କହିଥିଲେ।

## ନିଶାରୁ ଦୂରେଇ ରହିଲେ ଫୁସ୍‌ଫୁସ୍ କର୍କଟରୁ ମୁକ୍ତି ମିଳିବ

ରାଉରକେଲା,୨୮।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୨୧ ସ୍ଥିତ ରାଉରକେଲା ସାମ୍ବାଦିକ ସଂଘର ଏକ ସମାରୋହରେ ଭୁବନେଶ୍ୱର ଏମ୍ସ ରେଡିଏଶନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ସନ୍ଦୀପ କୁମାର ବାରିକ ଯୋଗଦେଇ ଫୁସଫୁସ କର୍କଟ ରୋଗର ନିରାକରଣ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରିଛନ୍ତି। ସେ କହିଥିଲେ, ଭାରତରେ ପ୍ରତିବର୍ଷ ପ୍ରାୟ ୬୮ ହଜାର ନୂତନ ଫୁସଫୁସ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି। ଲଗାତର କାଶ ହେବା, କଫ ସୃଷ୍ଟି ହେବା ଏବଂ ଶ୍ୱାସକ୍ରିୟାରେ କଷ୍ଟ ହେବା ଫୁସଫୁସ ଜନିତ କର୍କଟ ରୋଗ ମୂଳ ଲକ୍ଷଣ। ଏହାଛଡା କଫରେ ରକ୍ତ ପଡିବା, ପ୍ରବଳ ମୁଣ୍ଡବିନ୍ଧା ଓ ଓଜନ ହ୍ରାସ ହେବା ସହ ଭୋକ ନ ହେବା ଏହି ରୋଗର ଲକ୍ଷଣ ବୋଲି ସେ କହିଥିଲେ। ରୋଗ ପ୍ରାଥମିକ ସ୍ତରରେ ଚିହ୍ନଟ ହେଲେ ଠିକ ଚିକିତ୍ସା ମାଧ୍ୟମରେ ଆକ୍ରାନ୍ତଙ୍କୁ ବିପଦମୁକ୍ତ କରାଯାଇପାରିବ। ବିଶେଷତଃ କେମୋଥେରାପି ଓ ରେଡିଏଶନ ଥେରାପି ମାଧ୍ୟମରେ ଏହି ରୋଗ ଉପଶମ ହୁଏ। ଆବଶ୍ୟକସ୍ଥଳେ ସର୍ଜରୀ ମଧ କରାଯାଏ। ଏହି ରୋଗ ଆକ୍ରାନ୍ତ ହେବାର କୌଣସି ନିର୍ଦ୍ଦିଷ୍ଟ ବୟସ ସୀମା ନାହିଁ। ଏ ନେଇ ଅଧିକରୁ ଅଧିକ ସଚେତନ ହେବା ସହ ନିଶାଦ୍ରବ୍ୟଠାରୁ ଦୂରେଇ ରହିଲେ ଏହି ରୋଗ ମାତ୍ରା ହ୍ରାସ ପାଇବ ବୋଲି ଡାକ୍ତର ବାରିକ କହିଥିଲେ।

## ଶହେରୁ ଊର୍ଦ୍ଧ୍ୱଙ୍କ ହେଲା ଚକ୍ଷୁ ପରୀକ୍ଷା


କାର୍ଯ୍ୟକ୍ରମରେ ମୁନମୁନ ମିତ୍ରାଙ୍କୁ ସମ୍ମାନୀତ କରାଯାଉଛି।

ରାଉରକେଲା,୨୮।୧୧(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଆନୁକୂଲ୍ୟରେ ସେଞ୍ଚୁରୀଆନ ବିଶ୍ୱବିଦ୍ୟାଳୟ ତରଫରୁ ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇ ଯାଇଛି। ଶିବିରରେ ଚକ୍ଷୁ ରୋଗୀମାନଙ୍କ ଦର୍ଶନ, ବାହ୍ୟ ଚକ୍ଷୁ, ରଙ୍ଗ ଦର୍ଶନ, ଚକ୍ଷୁ ଜନିତ ଅନ୍ତର୍ନିହିତ ତ୍ରୁଟି ପରୀକ୍ଷା ହୋଇଥିଲା। ଶିବିରରେ ୧ଶହରୁ ଊର୍ଦ୍ଧ୍ୱ ଚକ୍ଷୁ ରୋଗୀ ନିଜ ଚକ୍ଷୁ ପରୀକ୍ଷା କରାଇଥିଲେ। ଆର୍‌ଏସ୍‌ପି ସିଏସ୍‌ଆର ବିଭାଗର ସୁଶ୍ରୀ ମୁନମୁନ ମିତ୍ରା ଶିବିର ଆରମ୍ଭ କରିଥିଲେ। ଶିବିରରେ ତାଙ୍କୁ ସମ୍ମାନିତ କରାଯାଇଥିବା ବେଳେ ଆର୍‌ଏସ୍‌ପିର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ସରପଞ୍ଚ ଅରୁଣା କିଷାନ ଧନ୍ୟବାଦ ଅର୍ପଣ କରିଥିଲେ। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁନୀଲ ଝା, ଅରୁନ୍ଧତୀ ବିଶ୍ୱାଳ, ସୁଶ୍ରୀ ସ୍ୱାଗତିକା, ସାଲୋନୀ ପଟ୍ଟନାୟକ ଏବଂ ଭରତ ସେଠୀ ପ୍ରମୁଖ ଶିବିର ଆୟୋଜନର ମୁଖ୍ୟ ସହଯୋଗୀ ରହିଥିଲେ।

## ସଂକ୍ଷେପରେ

### ବସ୍ତି ପରିଦର୍ଶନ କଲେ ସମାଜସେବୀ

ରାଉରକେଲା,୨୮।୧୧(ସଙ୍ଗୀତା ଜେନା) : ରଘୁନାଥପାଲି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦକ୍ଷିଣ ରାଉରକେଲା ପୂର୍ଣ୍ଣାନନ୍ଦ ବସ୍ତି କୁ ମଙ୍ଗଳବାର ପରିଦର୍ଶନ କରିଛନ୍ତି ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ। ସେଠୀ ଅଞ୍ଚଳର ମହିଳାମାନଙ୍କ ସହ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ମହିଳା ଓ ଭିନ୍ନକ୍ଷମଙ୍କ ଭତ୍ତା ପାଇଁ ଆନୁଷଙ୍ଗିକ କାଗଜପତ୍ର ଯାଞ୍ଚ କରିଥିଲେ। ଏହାସହ ସେ ସରକାରୀ ଯୋଜନା କାର୍ଯ୍ୟକାରୀ ସହ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ।

### ୩ ଜାତୀୟ କରାଟେକା, ଅନ୍ତର୍ଜାତୀୟ ଜଜ୍ ସମ୍ବର୍ଦ୍ଧିତ

ରାଉରକେଲା,୨୮।୧୧(ଦିନେଶ ମିଶ୍ର)

ଉଦିତନଗର ସ୍ଥିତ ଫିଟନେସ୍ ପାର୍କ ପରିସରରେ ଉଦିତନଗର ସାଂସ୍କୃତିକ ପରିଷଦ ପକ୍ଷରୁ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବରେ ଉତ୍କଳ କରାଟେ ସ୍କୁଲର ୩ଜଣ ଜାତୀୟ କରାଟେକା ଓ ଅନ୍ତର୍ଜାତୀୟ ଜଜ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉତ୍ସବରେ ଆରଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇ, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ମନୋଜ କୁମାର ମହାନନ୍ଦ, ଡାକ୍ତର ଏମ୍‌ଡି ଖାନ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସହରରେ ବିଭିନ୍ନ କ୍ଷେତ୍ରରେ ଗୌରବ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଉତ୍କଳ କରାଟେ ସ୍କୁଲ ରାଉରକେଲା ଶାଖା ପକ୍ଷରୁ ଆର୍ଯ୍ୟା ବଂଶିକା, ଆର୍ଯ୍ୟବ୍ରତ ବିଶ୍ୱାଳ ଓ ସୂର୍ଯ୍ୟପ୍ରକାଶ ଘଡେଇଙ୍କୁ ୨୦୨୩ରେ ଜାତୀୟ କରାଟେ ଚାମ୍ପିୟନଶିପ୍‌ରେ ପଦକ ହାସଲକାରୀ ଓ ଏସୀୟ କରାଟେ ରାଜୀବ ସିଂଙ୍କୁ ଆୟୋଜକ କମିଟି ସମ୍ପାଦକ ସୁଶାନ୍ତ ରାଉତ ଓ ଅତିଥି ଉତ୍ତରୀୟ, ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ବସ୍‌ଷ୍ଟାଣ୍ଡରୁ ଅଜଣା ବୃଦ୍ଧଙ୍କ ମୃତଦେହ ଜବତ

ରାଉରକେଲା,୨୮।୧୧(ଦିନେଶ ମିଶ୍ର)

ରାଉରକେଲା ବସ୍‌ଷ୍ଟାଣ୍ଡରୁ ଜଣେ ଅଜଣା ବୃଦ୍ଧଙ୍କ ମୃତଦେହକୁ ପ୍ଲାଣ୍ଟସାଇଟ ପୋଲିସ ଜବତ କରିଛି। ରିପୋର୍ଟ ଲେଖିବା ସୁଦ୍ଧା (ସନ୍ଧ୍ୟା ସାଢେ ୭ଟା) ମୃତ ବୃଦ୍ଧଙ୍କ ପରିଚୟ ମିଳିନାହିଁ। ମୃତକଙ୍କ ବୟସ ପାଖାପାଖି ୬୨ ବର୍ଷ ହେବ ବୋଲି ପୋଲିସ ଅନୁମାନ କରୁଛି। ସୂଚନାଯୋଗ୍ୟ, ରାଉରକେଲା ବସ୍‌ଷ୍ଟାଣ୍ଡ ପ୍ରବେଶ ପଥ ନିକଟରେ ଜଣେ ଅଜଣା ବୃଦ୍ଧଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ଆରଜିଏଚ ମର୍ଗରେ ରଖିଛି। ଏ ନେଇ ପ୍ଲାଣ୍ଟସାଇଟ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪୪।୨୩) ରୁଜୁ କରିଛି।

## ୮.୫୨ଲକ୍ଷ ଲୋକଙ୍କୁ ମିଳିବ ପାନୀୟ ଜଳ


ପ୍ରକଳ୍ପର କଟ୍ ଅଫ୍ ଫାଉଣ୍ଡେଶନ କାମ ଚାଲିଛି।

### ହମିରପୁର ବ୍ରିଜ୍ ଓ ବ୍ୟାରେଜ ପ୍ରକଳ୍ପ

ରାଉରକେଲା,୨୮।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଜଳସେଚନ ବିଭାଗ ତତ୍ତ୍ୱାବଧାନରେ ହମିରପୁରରେ ମେଗା ବ୍ୟାରେଜ କମ୍ ବ୍ରିଜ ନିର୍ମାଣ କାର୍ଯ୍ୟ ଜୋର୍‌ସୋରରେ ଚାଲିଛି। ରାଜ୍ୟ ସରକାର ଏହି ପ୍ରକଳ୍ପ ପାଇଁ ୩୦୯କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ମେଗା ପ୍ରକଳ୍ପକୁ ୨ଭାଗରେ ବିଭକ୍ତ କରାଯାଇଛି। ଗୋଟିଏ କୋଏଲ ନଦୀ ଉପରେ ବ୍ରିଜ୍ ଏବଂ ଦ୍ୱିତୀୟଟି ହେଉଛି ବ୍ୟାରେଜ। କୁଆଁରମୁଣ୍ଡା ବ୍ଲକର କଚାରୁ ଗ୍ରାମପଞ୍ଚାୟତ ଅଧୀନ ପସରା ଗ୍ରାମରୁ-ହମିରପୁରକୁ କୋଏଲ ନଦୀ ଉପରେ ଲୋକଙ୍କ ଯାତାୟାତ ପାଇଁ ବ୍ରିଜ କରାଯାଉଛି। ସେହିପରି ବ୍ୟାରେଜ ମାଧ୍ୟମରେ କୋଏଲ ନଦୀର ଉପର ମୁଣ୍ଡରେ ଜଳ ସଂରକ୍ଷଣ କରି ମୋଟ ୮ଲକ୍ଷ ୫୨ହଜାର ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାକୁ ଲକ୍ଷ୍ୟ ରହିଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଉରକେଲା ଟାଉନଶିପ୍, କୋଏଲ ନଗର, ଶକ୍ତି ନଗର, ଜବଦା, ଧୀରପାଣି ଓ ଏନ୍‌ଆଇଟି କ୍ୟାମ୍ପସରେ ରହୁଥିବା ୫ଲକ୍ଷ ଏବଂ ବିଶ୍ରା, ନୂଆଗାଁ ଓ କୁଆଁରମୁଣ୍ଡା ବ୍ଲକର ୩ଲକ୍ଷ ୫୨ହଜାର ଲୋକଙ୍କ ପାନୀୟ ଜଳ ସମସ୍ୟାକୁ ଦୂର କରାଯାଇପାରିବ। ୨୦୨୨ ସେପ୍ଟେମ୍ବର ୨୧ରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ପ୍ରକଳ୍ପ ଶେଷ ଅବଧି ଆସନ୍ତା ୨୦୨୫ ମେ ୨୦ ତାରିଖ ରହିଛି। ଇତିମଧ୍ୟରେ ନଦୀର ଉପର ମୁଣ୍ଡରେ କଟ୍‌ଅଫ୍ ବା ପ୍ଲିନ୍ଥ କାମ କରାଯାଇଛି। ଏହାପରେ ୨୯ ଲୁହାଗେଟ, ୮ଟି ସ୍ଲୁଇସ ଗେଟ ସହ ଅନ୍ୟାନ୍ୟ କାର୍ଯ୍ୟ ଆରମ୍ଭ ହେବ। ବ୍ୟାରେଜ ମଧ୍ୟରେ ୪ମିଟର ପର୍ଯ୍ୟନ୍ତ ଜଳ ସଂରକ୍ଷିତ ରହିବ। ୪୫୨ମିଟର ବିଶିଷ୍ଟ ଡ୍ରେନ କାମ ମଧ୍ୟରୁ ୧୭୩ ମିଟର ଇତିମଧ୍ୟରେ ସମ୍ପୂର୍ଣ୍ଣ ହୋଇଛି। ଏ ନେଇ ରାଉରକେଲା ଜଳ ବିଭାଜନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ. ଧନଞ୍ଜୟ କଳାଙ୍କୁ ପଚାରିବାରୁ ସେ କହିଥିଲେ, ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଚାଲିଛି। ବର୍ତ୍ତମାନ ପ୍ରକଳ୍ପର କଟ୍ ଅଫ୍ ତଥା ଫାଉଣ୍ଡେଶନ କାମ ଚାଲିଛି। ନିର୍ମାଣ କାର୍ଯ୍ୟ ଅବଧି ପୂର୍ବରୁ କିଭଳି ସମ୍ପୂର୍ଣ୍ଣ ହେବ ଓ ଜନସାଧାରଣ ଉପକୃତ ହେବେ ସେ ଦିଗରେ ବିଶେଷ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଥିଲେ।

## ଆର୍‌ଏସ୍‌ପିକୁ ଗ୍ରୀନ୍‌ଟେକ ପୁରସ୍କାର

ରାଉରକେଲା,୨୮।୧୧(ବିପ୍ଳବ ରଞ୍ଜନ ଦାଶ)

ଆରଏସପିକୁ ପରିବେଶ ଉନ୍ନତି ସହ ଦୀର୍ଘସ୍ଥାୟୀ ପରିବର୍ତ୍ତନ କ୍ଷେତ୍ରରେ ଦାୟିତ୍ୱପୂର୍ଣ୍ଣ ଅଭିନବ ପଦକ୍ଷେପ ଏବଂ ଉନ୍ନତତର ଅଭ୍ୟାସର ସ୍ୱୀକୃତି ସ୍ୱରୂପ ସମ୍ମାନଜନକ ଗ୍ରୀନ୍‌ଟେକ ପୁରସ୍କାର-୨୦୨୩ରେ ସମ୍ମାନୀତ କରାଯାଇଛି। ଜମ୍ମୁ କଶ୍ମୀରର ସୋନମାର୍ଗଠାରେ ଅନୁଷ୍ଠିତ ୨୩ତମ ବାର୍ଷିକ ଗ୍ରୀନଟେକ ପୁରସ୍କାର ସମାରୋହ ଅବସରରେଆରଏସପିର ନୂତନ ପ୍ଲେଟ ମିଲ ଏବଂ ଏସପିପି ବିଭାଗ ସିଜିଏମ କାର୍ତ୍ତିକେୟ ବେହେରା ଏବଂ ପ୍ରକଳ୍ପ ବିଭାଗର ଏଜିଏମ୍ ଭି. କେ. ଯାଦବ ଯୋଗ ଦେଇଥିଲେ। ସୋନମାର୍ଗ ଡେଭଲମେଣ୍ଟ ଅଥରିଟିର ମୁଖ୍ୟନିର୍ବାହୀ ଅଧିକାରୀ ଇଲିୟାସ ହୁସେନ, ଗ୍ରୀନଟେକ ପୁରସ୍କାରର କାର୍ଯ୍ୟନିର୍ବାହୀ ଅଧିକାରୀ ଏନ୍. ଶ୍ରୀଧର ଏବଂ ଗ୍ରୀନଟେକ ଫାଉଣ୍ଡେଶନର ସିଇଓ ତଥା ଅଧକ୍ଷ କେ. ଶରଣ ଏହି ପୁରସ୍କାର ପ୍ରଦାନ କରିଥିଲେ।

## ଇସ୍କନର ନଗର ସଂକୀର୍ତ୍ତନ ଉଦ୍‌ଯାପିତ


ଛେଣ୍ଡଠାରେ ଶୋଭାଯାତ୍ରା କରାଯାଉଛି ।

ରାଉରକେଲା, ୨୮।୧୧(ସଙ୍ଗୀତା ଜେନା)

କାର୍ତ୍ତିକ ମାସରେ ଛେଣ୍ଡ କଲୋନୀ ସ୍ଥିତ ଇସ୍କନ ପକ୍ଷରୁ ଆୟୋଜିତ ନଗର ସଂକୀର୍ତ୍ତନ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଭବ୍ୟ ଶୋଭାଯାତ୍ରାରେ ରାଉରକେଲାର ବିଭିନ୍ନ ଅଞ୍ଚଳରୁ ଶହ ଶହ ଶ୍ରଦ୍ଧାଳୁ ଭାଗ ନେଇ ହରିନାମ ସଂକୀର୍ତ୍ତନ କରିଥିଲେ। ପ୍ରାୟ ଏକ ମାସ ତଳେ ଛେଣ୍ଡ କଲ୍ୟାଣୀ ନଗରସ୍ଥିତ ଇସ୍କନ ମନ୍ଦିରରୁ ନଗର ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ପ୍ରତିଦିନ ସକାଳ ୬ଟାରୁ ୭ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ହରିନାମ ଜପ କରିଥିଲେ। ଛେଣ୍ଡ କଲୋନୀ, କଳିଙ୍ଗ ବିହାର, ଆଇଟିଆଇ, ସିଭିଲ ଟାଉନଶିପ୍, ସାରନଗରୀ, ଦେଓଗାଁ, ବନ୍ଧମୁଣ୍ଡା, ଉଦିତନଗର, ଓରାମପଡ଼ା, କୋଏଲନଗର ସହିତ ବିଭିନ୍ନ ସେକ୍ଟର ଅଞ୍ଚଳରେ ନଗର ସଂକୀର୍ତ୍ତନ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଇସ୍କନ ମନ୍ଦିରରୁ ଏକ ଭବ୍ୟ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଶୋଭାଯାତ୍ରା ଛେଣ୍ଡ କଲୋନୀର ପ୍ରଥମ ଫେଜ୍ ଅନ୍ତର୍ଗତ ଇ ବ୍ଲକ, ଇ ପ୍ଲଟ, ଏଲ୍ ପ୍ଲଟ, ଜଗତ ଜନନୀ ମାର୍କେଟ, ପତଳି ଛକ, ବେହେରା ଛକ, ଚିନ୍ମୟ ବିଦ୍ୟାଳୟ ଛକ, ମେନ୍ ରୋଡ଼, ଛେଣ୍ଡ ରିଂ ରୋଡ଼, ପେଟ୍ରୋଲ ପମ୍ପ ଛକ, ଥାନା ଛକ ରାସ୍ତା ପରିକ୍ରମା କରି ମନ୍ଦିର ନିକଟରେ ଉଦ୍‌ଯାପିତ ହୋଇଥିଲା। ଶୋଭାଯାତ୍ରାରେ ସହରର ଶହ ଶହ ଶ୍ରଦ୍ଧାଳୁ ଯୋଗଦେଇ ସଂକୀର୍ତ୍ତନ କରିଥିଲେ। ଶୋଭାଯାତ୍ରାରେ ରାଧାକୃଷ୍ଣଙ୍କ ପାଲିଙ୍କି ଯାତ୍ରା ବେଶ୍ ଆର୍କଷଣୀୟ ହୋଇଥିଲା। କଲୋନୀର ବିଭିନ୍ନ ବ୍ଲକ ଓ ଛକରେ ଭକ୍ତମାନେ ରାଧାକୃଷ୍ଣଙ୍କୁ ପୂଜାର୍ଚ୍ଚନା କରିଥିଲେ। ହନୁମାନ ଭୂମିକାରେ ଧର୍ମଦତ୍ତ ଷଡ଼ଙ୍ଗୀ, ରାମ ଅଭିଳାଷ ପଣ୍ଡା, ଲକ୍ଷ୍ମଣ ସାଇକ୍ରିଷ୍ଣ ଷଡ଼ଙ୍ଗୀ, ନନ୍ଦ ପ୍ରଭାତ ସାମଲ, ଯଶୋଦା ନିବେଦିତା ସାମଲ, ବଳରାମ ଚନ୍ଦନ, ଜଗନ୍ନାଥ ବ୍ରହ୍ମାନନ୍ଦ, ସୁଭଦ୍ରା ବିଜୁ, ଦ୍ୱାରପାଳ ଶ୍ରୀକାନ୍ତ, କୃଷ୍ଣ ସଞ୍ଜୟ, ରାଧା ସୋନାଲି, ଗୌରାଙ୍ଗ ଜ୍ୟୋତି ଓ ନିତ୍ୟାନନ୍ଦ ଭୂମିକାରେ ପ୍ରତ୍ୟୁଷ ଉଚ୍ଚକୋଟୀର ଅଭିନୟ କରିଥିଲେ। ରାଉରକେଲା ଇସ୍କନ ମୁଖ୍ୟ ଶ୍ରୀପାଦ ଶ୍ରୀଧାମ ଗୋବିନ୍ଦ ଦାସ ଓ ପ୍ରେମ ମାଧବ ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅନ୍ୟ ଭକ୍ତମାନେ ପରିଚାଳନା କରିଥିଲେ।

## ଟ୍ରେନ ଧକ୍କାରେ ଅଜଣା ଯୁବକ ମୃତ

ରାଉରକେଲା, ୨୮।୧୧(ସଙ୍ଗୀତା ଜେନା)

ଏକ ମାଲବାହୀ ଟ୍ରେନ ଧକ୍କାରେ ମଙ୍ଗଳବାର ଅପରାହ୍ଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ବୟସ ପ୍ରାୟ ୨୫ ବର୍ଷ ହେବ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏପର୍ଯ୍ୟନ୍ତ ତାଙ୍କର ପରିଚୟ ମିଳିନାହିଁ। ଘଟଣାସ୍ଥଳରେ ରାଉରକେଲା ଜିଆର୍‌ପି ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ଆର୍‌ଜିଏଚ୍ ମର୍ଗରେ ରଖିଛି। ଏ ନେଇ ଏକ ମାମଲା (ନଂ.୭୯/୨୩) ରୁଜୁ ହୋଇଛି। ରାଉରକେଲା ଷ୍ଟେଶନର ପ୍ରାୟ ୧ଶହ ମିଟର ଦୂର ବନ୍ଧମୁଣ୍ଡାରେ ଏକ ମାଲବାହୀ ଟ୍ରେନ ଅତିକ୍ରମ କରୁଥିବା ବେଳେ ଜଣେ ଯୁବକଙ୍କୁ ଧକ୍କା ଦେଇଥିଲା।

## ବୈଦିକ ଶାସ୍ତ୍ର ଶିକ୍ଷା ପ୍ରତିଯୋଗିତା

ରାଉରକେଲା/ବେଦବ୍ୟାସ,୨୮।୧୧ (ବିପ୍ଳବ ରଞ୍ଜନ ଦାଶ/ଆଲୋକ ସ୍ୱାଇଁ)

ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉପଲକ୍ଷେ ବେଦବ୍ୟାସ ଗୁରୁକୁଳ ସଂସ୍କୃତ କଲେଜରେ ଉପଶାସ୍ତ୍ରୀ ଓ ଶାସ୍ତ୍ରୀ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବୈଦିକ ଶାସ୍ତ୍ର ଶିକ୍ଷା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶ୍ଳୋକ, ଶ୍ଳୋକ ଆବୃତ୍ତି ଓ ସଂସ୍କୃତ ଭାଷଣ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମକୁ ସ୍ୱାମୀ ଅଗ୍ନିବାବା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଏହାସହ ମହିଳା ସଶକ୍ତୀକରଣ ଉପରେ ପ୍ରତିଯୋଗିତା ମଧ ହୋଇଥିଲା। ପ୍ରତିଯୋଗିତାରେ ଉପଶାସ୍ତ୍ରୀ ଦ୍ୱିତୀୟ ବର୍ଷର ଛାତ୍ର ଓମ୍‌ରାଜ ସିଂ ପ୍ରଥମ, ନିକିତା ବରୁଆ ଦ୍ୱିତୀୟ ଏବଂ ସୁଷମା ଲାକ୍ରା ତୃତୀୟ ହୋଇଥିଲେ। ସେହିପରି ଶାସ୍ତ୍ରୀ ବର୍ଗ ପ୍ରତିଯୋଗିତାରେ ଶାସ୍ତ୍ରୀ ତୃତୀୟ ବର୍ଷର ଛାତ୍ରୀ ସ୍ନିଗ୍ଧା ପୁହାଣ ପ୍ରଥମ, ମିତାଲି ଦାସ ଦ୍ୱିତୀୟ ଓ ପ୍ରଜ୍ଞାମିତା ପ୍ରଧାନ ତୃତୀୟ ହୋଇଥିଲେ। କଲେଜର ଅଧକ୍ଷ ଡାକ୍ତର ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ବେଳେ ନୋଡାଲ ଅଧିକାରୀ ଚନ୍ଦ୍ରଧ୍ୱଜ ମାଝୀ, ଡକ୍ଟର ପରମେଶ୍ୱର ଶତପଥୀ, ଜ୍ୟୋସ୍ନାରାଣୀ ଦାସ, ଶ୍ୟାମବଳ ଦାସ, ଶିବ ପ୍ରସାଦ ପାଠୀ, ଉଦ୍ଧବ ପ୍ରଧାନ, ସନ୍ତୋଷ ଲେଙ୍କା ଏବଂ ରବିନ୍ଦ କୁମାର ପୃଷ୍ଟି ସହଯୋଗ କରିଥିଲେ।

## ସୁନା ଚୋରି କରି ମହିଳା ଗିରଫ

ପଦ୍ମପୁର,୨୮।୧୧ (ପ୍ରଦୀପ୍ତ ଦାଶ): ବରଗଡ଼ ଜିଲା ମେଲଛାମୁଣ୍ଡା ଥାନା ବେହେରାପାଲି ଗ୍ରାମର ସୁଧାଂଶୁ ବାରିକଙ୍କ ଘରୁ ସୁନା ଚୋରି ଅଭିଯୋଗରେ ପୋଲିସ ୨ଜଣ ମହିଳାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ସୋହେଲା ଥାନା ବାରୁପାଲି ଓ ମାଷ୍ଟରପଡା ଗ୍ରାମର ବୋଲି ଜଣାପଡିଛି। ଜଣେ ସୁନା ଚୋରି କରିଥିବା ସ୍ୱୀକାର କରି ମାଷ୍ଟରପଡାର ଉକ୍ତ ମହିଳାଙ୍କୁ ବିକ୍ରି କରିଥିବା ପ୍ରକାଶ କରିଥିଲେ। ସେମାନଙ୍କଠାରୁ ବେକମାଳି, କାନଫୁଲ, ନଗଦ ୧୦ ହଜାର ଟଙ୍କା ଜବତ କରାଯାଇଛି। ଏ ନେଇ ମେଲଛାମୁଣ୍ଡାରେ ଏକ ମାମଲା (ନଂ.୨୧୪/୨୩) ରୁଜୁ କରି ଉଭୟଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି।

## ଜେଟିସିକୁ ହରାଇ ଜିମ୍‌ଖାନା ଚାମ୍ପିୟନ


ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

ରାଉରକେଲା,୨୮।୧୧(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୧୩ ସ୍ଥିତ ଦୁର୍ଗାପୂଜା ପଡିଆରେ ଜୟ ତାରିଣୀ କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ୨୬ତମ ଅଲ ଇଣ୍ଡିଆ ନକ୍‌ଆଉଟ କ୍ରିକେଟ ଟି-୨୦ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ରାଉରକେଲା ସମେତ ପାଟନା, ଜାମସେଦପୁର, ଟାଟା, ରାଞ୍ଚି ଆଦି ଅଞ୍ଚଳରୁ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଏମ୍‌ଏସ୍‌ର ବରିଷ୍ଠ ନେତା ହିମାଂଶୁ ବଳ ମୁଖ୍ୟ ଅତିଥି, ସମାଜସେବୀ ରିଙ୍କୁ ସାମଲ, ଇସ୍ରାଦ ଖାନ, ମୋସର ଆଲାମ, ଅଜିତ ତିର୍କୀ, ନୀଳକଣ୍ଠ ଦାସ, ମହେନ୍ଦ୍ର କୁମାର ମହାନ୍ତି, ବିଭୁ ରଞ୍ଜନ ପ୍ରଧାନ, ବରୋଦା ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ୍ ଜୟ ତାରିଣୀ କ୍ଲବ ଓ ରାଉରକେଲା ଜିମ୍‌ଖାନ ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଜିମ୍‌ଖାନା ଦଳ ପ୍ରଥମେ ଟସ୍ ଜିତି ବୋଲିଂ କରିଥିଲା। ଜେଟିସି ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଭକ୍ତ ସାହୁ ସର୍ବାଧିକ ୪୮ ରନ କରିଥିଲେ। ଏହି ରନର ଲକ୍ଷ୍ୟକୁ ନେଇ ଜିମ୍‌ଖାନା ଦଳ ମାତ୍ର ୧୭ ଓଭରରେ ୫ ଉଇକେଟ ହରାଇ ବିଜୟୀ ହୋଇଥିଲା। ଜିମ୍‌ଖାନା ଦଳ ପକ୍ଷରୁ ସ୍ୱସ୍ତିକ ସାମଲ ସର୍ବାଧିକ ୫୪ ରନ କରିଥିବାବେଳେ ୫ ଉଇକେଟ ହାସଲ କରିଥିଲେ। ଜିମ୍‌ଖାନାର ଖେଳାଳି ସ୍ୱସ୍ତିକ ସାମଲଙ୍କୁ ଟୁର୍ନାମେଣ୍ଟରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଦଳକୁ ୨୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ମ୍ୟାଚକୁ ଅମ୍ପାୟାର ବିଶ୍ୱଜିତ ମହାପାତ୍ର ଓ ଭକ୍ତବନ୍ଧୁ ରାଉତ ପରିଚାଳନା କରିଥିଲେ। କାହ୍ନୁ ଚରଣ ନାୟକ ରନ୍ ତଦାରଖ କରିଥିଲେ। କ୍ଲବର ସଭାପତି ମହେନ୍ଦ୍ର ମହାନ୍ତି, ଅନ୍ତ ଖଣ୍ଡୁଆଳ, ନୀଳକଣ୍ଠ ଦାସ, ମୁଷାବର ଆଲାମଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ୨୪,୧୮୭ ପ୍ଲଟ୍‌ରେ ମିଛ ଧାନଚାଷ

**ସୁବର୍ଣ୍ଣପୁର ଜିଲା**
- ସାଟେଲାଇଟ୍ ସର୍ଭେ ରିପୋର୍ଟରୁ ସ୍ପଷ୍ଟ ହେଲା
- ଧାନ ବିକ୍ରି ପାଇଁ ପଡ଼ିଆ, କପାକ୍ଷେତ ଓ ଜଳାଶୟ ହୋଇଥିଲା ପଞ୍ଜୀକରଣ

ସୋନପୁର,୨୮।୧୧(ମୃତ୍ୟୁଞ୍ଜୟ ଶତପଥୀ)

ଧାନ ଚାଷନାହିଁ, ହେଲେ ଜମିରେ ଖରିଫ ଚାଷ ହୋଇଛି ଦର୍ଶାଇ ବିଭାଗ ପାଖରେ ଶତାଧିକ ଚାଷୀ ପଞ୍ଜୀକରଣ କରିଛନ୍ତି। ସରକାରଙ୍କ ପକ୍ଷରୁ ହୋଇଥିବା ସାଟେଲାଇଟ୍ ସର୍ଭେ (ଉପଗ୍ରହ ସର୍ବେକ୍ଷଣ) କିନ୍ତୁ ଏହି ଜାଲିଆତି ଧରାପକାଇଛି। ପଞ୍ଜୀକରଣ ହୋଇଥିବା ଜମି କେଉଁଠି ଘାସବଣ ତ ଆଉ କେଉଁଠି କପାକ୍ଷେତ, ଆଉ ପୁଣି କେଉଁଠି ଆଟଜମି, ପଡିଆ ଓ ଜଳାଶୟ ରହିଛି। ଗୋଟିଏ କି ଦୁଇଟି ନୁହେଁ, ସୁବର୍ଣ୍ଣପୁର ଜିଲାରେ ୨୭ ହଜାର ୯୩ଟି ପ୍ଲଟରେ ଧାନଚାଷ ହୋଇଛି ବୋଲି ଦର୍ଶାଯାଇଥିଲା। ହେଲେ ସାଟେଲାଇଟ୍ ସର୍ଭେରୁ ଏହି ପ୍ଲଟଗୁଡିକରେ ଧାନଚାଷ ହୋଇ ନ ଥିବା ସନ୍ଦେହ ସୃଷ୍ଟି ହୋଇଥିଲା। ସାଟେଲାଇଟ୍ ସର୍ଭେ ରିପୋର୍ଟ ମିଳିବା ପରେ ଜିଲା ପ୍ରଶାସନ ପକ୍ଷରୁ ସର୍ଭେ ଚାଲିଛି। ଆଉ କ୍ଷେତ୍ରୀୟ ସର୍ଭେ ପରେ ସତ କଥା ସାମ୍ନାକୁ ଆସିଛି।

ଖରିଫ ୨୦୨୩-୨୪ରେ ସୁବର୍ଣ୍ଣପୁର ଜିଲାରେ ପ୍ରାୟ ୭୬ ହଜାର ହେକ୍ଟର ଜମିରେ ଧାନଚାଷ ହୋଇଛି। ଜିଲାର ୬୭ ହଜାର ୫୩ ଚାଷୀ ଧାନ ବିକ୍ରି କରିବାକୁ ଧାନକିଣାରେ ସାମିଲ ହୋଇଥିବା ୬୩ଟି ପାକ୍ସ ଓ ୪୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିକଟରେ ପଞ୍ଜୀକରଣ କରିଥିଲେ। ହେଲେ ପୂର୍ବ ବର୍ଷଗୁଡିକ ଭଳି ବହୁ ଜମିର ଧାନଚାଷ ହୋଇ ନ ଥିବା ଓ ଅସାଧୁ ବ୍ୟକ୍ତି ସରକାରୀ ଦରରେ ଧାନ ବିକ୍ରି କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଥିଲା। ରାଜସ୍ୱ ନିରୀକ୍ଷକ ଗ୍ରାମ କୃଷି କର୍ମଚାରୀ, ପାକ୍ସ ସମ୍ପାଦକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପାଦକ, ଜଳସମ୍ପଦ ବିଭାଗର କର୍ମଚାରୀ କ୍ଷେତ୍ରୀୟ ସର୍ଭେ ପରେ ଧାନଚାଷ ହୋଇ ନ ଥିବା ୧୭୦୦ ଏକର ଜମିର ପଞ୍ଜୀକରଣକୁ ବାତିଲ କରିଥିଲେ। ତେବେ ସ୍ୱଳ୍ପ ସଂଖ୍ୟକ କର୍ମଚାରୀ ହଜାର ହଜାର ହେକ୍ଟର ଚାଷଜମିକୁ ଠିକ୍ ଭାବେ ଅନୁଧ୍ୟାନ କରି ପାରି ନ ଥିଲେ। ସଠିକ୍ ତଥ୍ୟ ପାଇବା ପାଇଁ ସରକାର ପୁଣି ଥରେ ସାଟେଲାଇଟ୍ ସର୍ଭେ ମାଧ୍ୟମରେ ଧାନଚାଷର ସର୍ଭେ କରିଥିଲେ। ଜିଲାର ୬ଟି ତହସିଲର ୮୬୬ଟି ଗ୍ରାମ ସର୍ଭେ ପରେ ୨୭,୦୯୩ ପ୍ଲଟରେ ଧାନଚାଷ ହୋଇ ନ ଥିବା ଜଣା ପଡିଥିଲା। ସାଟେଲାଇଟ୍ ସର୍ଭେକୁ ଆହୁରି ନିର୍ଭୁଲ୍ କରିବା ପାଇଁ ପାକ୍ସ ସମ୍ପାଦକ, ଡିଇଓ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପାଦକ, ଡିଇଓ କ୍ଷେତ୍ର ପରିଦର୍ଶନ କରି ମୋବାଇଲ୍ ଆପ ଜରିଆରେ ସର୍ଭେ କରିବାକୁ ରାଜ୍ୟ ସରକାର ଜିଲାପାଳଙ୍କ ଜରିଆରେ ନିର୍ଦ୍ଦେଶ ଦେଇଥିଲେ। ଏହି କାମରେ ଜିଲାର ୨୯୪ ଜଣ ନିୟୋଜିତ ହୋଇ ସାଟେଲାଇଟ୍ ସର୍ଭେରେ ସନ୍ଦେହ ଥିବା ପ୍ଲଟଗୁଡିକୁ ପୁନଃ ସର୍ଭେ କରିଥିଲେ। ଆଉ ଚାଷ ହୋଇ ନ ଥିବା ତଥା ମିଛ ଧାନଚାଷ ଜମିର ଫଟୋ ଉଠାଇ ବିଭାଗୀୟ ୱେବ୍‌ସାଇଟ୍‌ରେ ଅପଲୋଡ୍ କରିଥିଲେ। ସାଟେଲାଇଟ୍ ସର୍ଭେରେ ସନ୍ଦେହ ଥିବା ମୋଟ ୨୭,୦୯୩ ପ୍ଲଟ୍‌ରୁ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୨୬,୯୪୧ ପ୍ଲଟରେ ସର୍ଭେ ସରିଛି । ସେଥି ମଧ୍ୟରୁ ୨୪,୧୮୭ ପ୍ଲଟ୍‌ରେ ଧାନଚାଷ ହୋଇ ନ ଥିବା ସ୍ପଷ୍ଟ ହୋଇଛି । ସେହିପରି ୨,୭୫୪ ପ୍ଲଟ୍‌ରେ ଧାନଚାଷ ହୋଇଥିବା ଜଣାପଡିଛି। ବାକି ୧୫୨ଟି ପ୍ଲଟର କ୍ଷେତ୍ରୀୟ ସର୍ଭେ ବାକି ଅଛି। ଆସନ୍ତା ୩୦ ତାରିଖ ଗୁରୁବାର ସୁଦ୍ଧା ଏହି ସର୍ଭେ ସରିବ । ସର୍ଭେ ସରି ନ ଥିଲେ ସମ୍ପୃକ୍ତ ପ୍ଲଟ୍‌ଗୁଡିକ ସକାଶେ ଧାନ ବିକ୍ରି ପାଇଁ ଟୋକନ ମିଳିବ ନାହିଁ ବୋଲି ଯୋଗାଣ ବିଭାଗ ସୂତ୍ରରୁ ଜଣାପଡିଛି। ତେବେ ସର୍ଭେ ଅନୁସାରେ ୨୪,୧୮୭ ପ୍ଲଟରେ ଧାନଚାଷ ହୋଇ ନଥିବା ବେଳେ ଧାନ ବିକ୍ରି କରିବା ପାଇଁ ମିଥ୍ୟା ତଥ୍ୟ ନେଇ ପଞ୍ଜୀକରଣ କରାଯାଇଥିବା ସ୍ପଷ୍ଟ ହୋଇଛି। ଜିଲାର କିଛି ଜମି ମାଲିକ ମିଥ୍ୟା ତଥ୍ୟ ଦେଇ ଧାନଚାଷ ହୋଇଥିବା ଦର୍ଶାଇଥିଲେ। କ୍ଷେତ୍ର ସର୍ଭେ ସମୟରେ ସେ ସବୁ ଜମି ଘାସବଣ, କପାଚାଷ ହୋଇଥିବା ଜମି, ପଡ଼ିଆ, ମତ୍ସ୍ୟ ପୋଖରୀ, ଅନାବାଦୀ ଓ ଟାଙ୍ଗରା ଭୂଇଁ ଥିବା କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଫଳରେ ସାଟେଲାଇଟ୍ ସର୍ଭେ ରିପୋର୍ଟ ଯେ ୯୮% ଠିକ୍ ତାହା ପ୍ରମାଣିତ ହୋଇଛି। ଜିଲାର କେତେଜଣ ଅସାଧୁ ଧାନ ବ୍ୟବସାୟୀ ବାହାର ଜିଲାରୁ ଧାନ ଆଣି ଚଞ୍ଚକତା କରି ମଣ୍ଡିରେ ସରକାରୀ ଦରରେ ବିକ୍ରି କରି କୋଟିପତି ହେଉଛନ୍ତି। କିନ୍ତୁ ପ୍ରକୃତ ଚାଷୀ ସରକାରୀ ଦରରେ ଧାନ ବିକ୍ରି କରି ନପାରି କ୍ଷତି ସହୁଛି। ଆସନ୍ତା ଡିସେମ୍ବର ୬ ତାରିଖରୁ ଧାନ କ୍ରୟ ଆରମ୍ଭ କରିବାକୁ ସୁବର୍ଣ୍ଣପୁର ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ତଦନୁଯାୟୀ ଧାର୍ଯ୍ୟ ତାରିଖ ପୂର୍ବରୁ ସନ୍ଦିଗ୍ଧ ପ୍ଲଟ୍‌ଗୁଡିକର କ୍ଷେତ୍ରୀୟ ସର୍ଭେ ସାରିବାକୁ ଚାଷୀ ସଂଗଠନ ଗୁଡିକ ପକ୍ଷରୁ ଦାବି ହେଉଛି।


ତରଭା ବ୍ଲକରେ ଏକ ପଡିଆ ଜମିକୁ ଧାନଚାଷ ହୋଇଥିବା ଦର୍ଶାଇ ପଞ୍ଜୀକରଣ କରାଯାଇଥିଲା।

## ଝିଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି

**କୁଚିଣ୍ଡା ଥାନାରେ ହତ୍ୟା ମାମଲା ରୁଜୁ**

କୁଚିଣ୍ଡା,୨୮।୧୧(ବିରଞ୍ଚି ଦର୍ଜୀ)

କୁଚିଣ୍ଡା ଥାନା ଅନ୍ତର୍ଗତ କିରାଶାସନ ଗ୍ରାମର ବିଧାନ ମହାପାତ୍ରଙ୍କ ବୋହୂ ଯୁକ୍ତା ମୁଖୀଙ୍କ ମୃତ୍ୟୁକୁ ନେଇ ଅପମୃତ୍ୟୁ ଓ ହତ୍ୟା ଏଭଳି ଦୁଇଗୋଟି ମାମଲା ରୁଜୁ ହୋଇଛି। ଏ ନେଇ ମୃତ ମହିଳାଙ୍କ ସ୍ୱାମୀ ପ୍ରଦୀପ୍ତ ମହାପାତ୍ର ସୋମବାର ଯୁକ୍ତା ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା କୁଚିଣ୍ଡା ଥାନାରେ ରିପୋର୍ଟ କରିଥିବା ବେଳେ ମଙ୍ଗଳବାର ମୃତକଙ୍କ ବାପା କରୁଣାକର ଦାଶ ଝିଅକୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ପ୍ରଦୀପ୍ତଙ୍କ ରିପୋର୍ଟ ଆଧାରରେ ଏକ ଅପମୃତ୍ୟୁ ମାମଲା (ନଂ.୬୧/୨୩) ରୁଜୁ ହୋଇଥିବା ବେଳେ କରୁଣାକରଙ୍କ ରିପୋର୍ଟକୁ ଭିତ୍ତି କରି ପୋଲିସ ଆଇପିସି ଧାରା ୩୦୨/୩୪ରେ ମାମଲା (ନଂ.୨୭୩/୨୩) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ ଝାରସୁଗୁଡା ଜିଲା ବଡମାଲ ଥାନା କୁକୁରଜଙ୍ଘା ଗ୍ରାମର କରୁଣାକରଙ୍କ ଝିଅଙ୍କୁ କୁଚିଣ୍ଡା ଥାନା କୁଟୁରାଚୁଆଁ ପଞ୍ଚାୟତ କିରାଶାସନ ଗ୍ରାମର ବିଧାନ ମହାପାତ୍ରଙ୍କ ପୁତ୍ର ପ୍ରଦୀପ୍ତ ୨୦୨୧ ଜୁନରେ ବୈଦିକ ରୀତିରେ ବିବାହ କରିଥିଲେ। ସେମାନଙ୍କର ତିନି ମାସର ଏକ ଶିଶୁକନ୍ୟା ଅଛି। କୌଣସି କାରଣରୁ ଯୁକ୍ତା ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ତାଙ୍କ ସ୍ୱାମୀ ଥାନାରେ ରିପୋର୍ଟ କରିଥିଲେ। କୁଚିଣ୍ଡା ପୋଲିସ ମାଜିଷ୍ଟ୍ରେଟ ଭାସ୍କର ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ମାତ୍ର କରୁଣାକର ମଙ୍ଗଳବାର ଝିଅକୁ ଯୌତୁକ ପାଇଁ ପରିବାର ମିଶି ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଥିବା ଥାନାରେ ଲିଖିତ ରିପୋର୍ଟ କରିଛନ୍ତି। କରୁଣାକରଙ୍କ ରିପୋର୍ଟ ଆଧାରରେ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା କୁଚିଣ୍ଡା ଥାନା ଆଇଆଇସି ଦିଲିପ କୁମାର ସ୍ୱାଇଁ କହିଛନ୍ତି।

## ସବୁଜ ପଶ୍ଚିମ ଓଡିଶା ବାର୍ତ୍ତା ନେଇ ମହେନ୍ଦ୍ରଙ୍କ ସାଇକେଲ ଯାତ୍ରା

**ଦେବଗଡ଼, ୨୮।୧୧(ଶଶାଙ୍କ ଶେଖର ଝାଙ୍କର):** ସ୍ୱଚ୍ଛ ତଥା ସବୁଜ ପଶ୍ଚିମ ଓଡ଼ିଶା ବାର୍ତ୍ତା ନେଇ ସମ୍ବଲପୁର 'ପ୍ରୟାସ' ପରିବାରର ସଦସ୍ୟ ମହେନ୍ଦ୍ର ବଗର୍ତ୍ତୀ ଗତ ୨୦ ତାରିଖରେ ସାଇକେଲ ଯୋଗେ ପଶ୍ଚିମ ଓଡିଶା ପରିକ୍ରମା ଆରମ୍ଭ କରିଥିବା ବେଳେ ମଙ୍ଗଳବାର ଏହା ଦେବଗଡରେ ଶେଷ ହୋଇଛି। ବଗର୍ତ୍ତୀ ଦେବଗଡ ସହରରେ ପହଞ୍ଚିବା ପରେ ସହରର ବହୁ ଜନସାଧାରଣ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିସହ ପରିବେଶ ସୁରକ୍ଷା ନେଇ ତାଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ସୂଚନାଯୋଗ୍ୟ, ବଗର୍ତ୍ତୀ ସମ୍ବଲପୁର ମା' ସମଲେଶ୍ୱରୀଙ୍କ ମନ୍ଦିରରୁ ଏହି ସାଇକେଲ ଯାତ୍ରା ଆରମ୍ଭ କରି ପଶ୍ଚିମ ଓଡିଶାର ବୌଦ୍ଧ, ସୋନପୁର, ବଲାଙ୍ଗୀର, କଳାହାଣ୍ଡି, ନୂଆପଡା, ବରଗଡ, ଝାରସୁଗୁଡା ଓ ସୁନ୍ଦରଗଡ ଜିଲାର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବା ସହ ପ୍ଲାଷ୍ଟିକ ବ୍ୟବହାର ନ କରିବା, ବୃକ୍ଷଚ୍ଛେଦନ ନ କରିବା ଓ ପରିବେଶକୁ ସ୍ୱଚ୍ଛ ରଖିବା ନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଯାତ୍ରାର ଶେଷ ଦିନରେ ଦେବଗଡ ସହରରେ ମଧ୍ୟ ସେ ଲୋକମାନଙ୍କୁ ସଚେତନ କରିଥିଲେ।


ଦେବଗଡ଼ ସହରରେ ପହଞ୍ଚିଥିବା ମହେନ୍ଦ୍ରଙ୍କ ସାଇକେଲ ଯାତ୍ରା।

## ଜିଲାସ୍ତରୀୟ ଫୁଟ୍‌ବଲ: ପୋଲିସ କ୍ଲବ ବିଜୟୀ


ଫୁଟବଲ ଟୁର୍ନାମେଣ୍ଟରେ ଅତିଥି ଓ ଖେଳାଳିମାନେ।

**ସମ୍ବଲପୁର,୨୮।୧୧(ବି.ଶଙ୍କର):** ସମ୍ବଲପୁର ଜିଲା କ୍ରୀଡା ସଂଘ ଆୟୋଜିତ ଜିଲାସ୍ତରୀୟ ଡାକ୍ତର ସନାତନ ବେହେରା ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟର ମଙ୍ଗଳବାର ମ୍ୟାଚରେ ପୋଲିସ କ୍ଲବ ବିଜୟୀ ହୋଇ ପରବର୍ତ୍ତି ପର୍ଯ୍ୟାୟକୁ ଉନ୍ନିତ ହୋଇଛି । ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ପୋଲିସ କ୍ଲବ ବନାମ ଆଦିବାସୀ କ୍ଲବ ମଧ୍ୟରେ ମ୍ୟାଚ ହୋଇଥିଲା। ପୋଲିସ କ୍ଲବ ୧-୦ ଗୋଲରେ ବିଜୟୀ ହୋଇଥିଲା। କର୍ଣ୍ଣ ବେହେରା, ବଳରାମ ମଟାରି, ଏସ୍.କେ. ଇନସାନ, ସୁବାସ ରାଉତ, ରାଜାରାମ ଓରାମ ମ୍ୟାଚ ପରିଚାଳନା କରିଥିଲେ। ଜିଲା କ୍ରୀଡା ସଂଘ ଫୁଟ୍‌ବଲ ସମ୍ପାଦକ ଅବଦୁଲ ଗଫାରଙ୍କ ପରିଚାଳନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା । ପୁରୁଖା ଫୁଟବଲ ଖେଳାଳି ନିର୍ମଳ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପି.କେ. ସିଂଦେଓ, ମନୋଜ ବନଛୋର, ସମ୍ବଲପୁର ଜିଲା ହାବିଲଦାର କନଷ୍ଟେବଲ ସଂଘ ସଭାପତି ରାମଦାସ ପଣ୍ଡା, ରାମରାଲ ଓରାମ, ପଙ୍କଜ ନାଏକ, ମନୋଜ ଭୋଇ, ସାହେବ ଖମାରୀ ସମ୍ମାନିତ ଅତିଥି ଥିଲେ।

## ସଂକ୍ଷେପରେ

### ରାମାୟଣ ପାରାୟଣ ଉଦ୍‌ଯାପିତ

ବିନିକା,୨୮।୧୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ୱାର୍ଡ ନଂ ୧୦ଉର୍ଲେଠାରେ ଗତ ୭ଦିନ ଧରି ଚାଲିଥିବା ରାମାୟଣ ପାରାୟଣ ରବିବାର ଉଦ୍‌ଯାପିତ ହୋଇଛି। ପାରାୟଣ ଶ୍ରବଣ କରିବା ପାଇଁ ପ୍ରତ୍ୟହ ଶହଶହ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିଲା। ଗ୍ରାମର ପ୍ରତ୍ୟେକ ଘର ସମ୍ମୁଖରେ ପୂର୍ଣ୍ଣ କୁମ୍ଭ କଳସ ବସାଯାଇଥିଲା।

### ଟନେଲରେ ଫସିରହିଥିବା ଶ୍ରମିକଙ୍କ ପାଇଁ ପୂଜାର୍ଚ୍ଚନା

**ସମ୍ବଲପୁର,୨୮।୧୧(ପ୍ରମୋଦ ବହିଦାର):** ଉତ୍ତରପ୍ରଦେଶ ଉତ୍ତରକାଶୀ ଟନେଲ୍‌ରେ ଫସିରହିଥିବା ଶ୍ରମିକଙ୍କ ମଙ୍ଗଳ କାମନା କରି ଜାଗରଣ ଅନୁଷ୍ଠାନ ପକ୍ଷରୁ ପ୍ରଭୁ ହନୁମାନଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଜାଗରଣ' ସଭାପିତ ସୁଧୀର ରଞ୍ଜନ ବହିଦାରଙ୍କ ନେତୃତ୍ୱରେ ବହୁ ସଦସ୍ୟ ବୁଢ଼ାରାଜାହିଲ୍‌ସ୍ଥିତ ରାମମନ୍ଦିର ପରିସରରେ ଥିବା ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। କାର୍ଯ୍ୟକ୍ରମରେ ଆଦିତ୍ୟ ପୁରୋହିତ, ଜୟନ୍ତ ମହାପାତ୍ର, ବିଶ୍ୱଜିତ ବାରିକ, ରାଜେଶ ପଟ୍ଟନାୟକ, ଶିବ ନାୟକ, ସୁଶୀଳ ମହାରଣା, ଦୀପକ ଦହାରେ, ରାଜା ଦାସ, ଚିରାଗ ଅଗ୍ରୱାଲ, ପ୍ରକାଶ ବାରିକ, ଚନ୍ଦନ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।

### ଭବିଷ୍ୟନିଧି ସଂଗଠନ ପକ୍ଷରୁ 'ନିଧି ଆପ୍‌କେ ନିକଟ' ଶିବିର

ଦେବଗଡ଼, ୨୮।୧୧(ଶଶାଙ୍କ ଶେଖର ଝାଙ୍କର)

ରାଉରକେଲା ଭବିଷ୍ୟନିଧି ସଂଗଠନ ପକ୍ଷରୁ ବାରକୋଟ ବ୍ଲକ ଡଁରା ସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନିଧି ଆପ୍‌କେ ନିକଟ' ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଯାତ୍ରାକର ପ୍ରଧାନଙ୍କ ଅଧ୍ୟକ୍ଷତା ଓ ଅଧ୍ୟାପକ ସୁଶୀଳ କୁମାର ବେହେରାଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ବିଭାଗୀୟ ଏନଫୋର୍ସମେଣ୍ଟ ଅଧିକାରୀ ଉତ୍ତମ କୁମାର ବେହେରାଙ୍କ ସମେତ ଭବିଷ୍ୟନିଧି (ଇପିଏଫ୍) ଓ ଇଏସ୍ଆଇ ଅଧିକାରୀ ଯୋଗଦେଇ ଶିବିର ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ଉପଭୋକ୍ତାମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ଉପଭୋକ୍ତାମାନେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ନିଜର ସମସ୍ୟାର ସମାଧାନ କରାଇଥିଲେ। ଫଟୋ: ଶିବିରରେ ଯୋଗଦେଇଥିବା ଅଧିକାରୀ।

## ହୀରାକୁଦ ମହାବିଦ୍ୟାଳୟରେ ଜନସଚେତନତା ଶୋଭାଯାତ୍ରା


ହୀରାକୁଦ ମହାବିଦ୍ୟାଳୟରେ ଜନ ସଚେତନତା ଶୋଭାଯାତ୍ରା।

ସମ୍ବଲପୁର,୨୮।୧୧(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦ ମହାବିଦ୍ୟାଳୟରେ ମଙ୍ଗଳବାର ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ସାରା ଓଡ଼ିଶାରେ ଆୟୋଜିତ ହେଉଥିବା ନୂଆ-ଓ ଯୁବ ଓଡିଶା-ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଚାଲିଛି। ଏହିକ୍ରମରେ ଡ୍ରଗ୍ସ ବ୍ୟବହାର ବିରୋଧରେ ସଚେତନତା ଶୋଭାଯାତ୍ରା ହୀରାକୁଦ ମହାବିଦ୍ୟାଳୟରୁ ଲରପଙ୍କ ଦୁର୍ଗାପୂଜା ମଣ୍ଡପ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡ. ସିଦ୍ଧାନ୍ତ ମହାନ୍ତିଙ୍କ ସଂଯୋଜନାରେ ଏହା ଆୟୋଜିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ରଙ୍କ ସହ ମହାବିଦ୍ୟାଳୟ ଅଧ୍ୟକ୍ଷା ସୁମିତ୍ରା ପଣ୍ଡା, ଡ. ଏ.କେ. ସୁତାର, ସୌଦାମିନୀ ପ୍ରଧାନ, ସ୍ମିତି ଶିଖା ଗୁରୁ, ଗୁରୁଦେବ ବାରିକ ପ୍ରମୁଖ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଆଲୁମ୍ନି ଆସୋସିଏଶନ ସଭାନେତ୍ରୀ ସିପ୍ରା ମହାନ୍ତି, ବିଜେଡି ସମ୍ବଲପୁର ଜିଲା ଯୁବ ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ଶୁଭ୍ରାଂଶୁ ପାଢ଼ୀ, ଉତ୍ତମ ବାଗ, ବୁଲୁ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ ।

## ୮ ଫୁଟ୍ ଲମ୍ବର ଅଜଗର ଉଦ୍ଧାର



**ଦେବଗଡ଼,୨୮।୧୧(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ ପୌରାଞ୍ଚଳ ରଜାମୁଣ୍ଡା ନୂଆସାହିରୁ ୮ଫୁଟ୍ ଲମ୍ବର ଏକ ଅଜଗର ସାପ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ ନୂଆସାହି ରାସ୍ତା କଡରେ ଅଜଗର ଥିବା ଦେଖି ସ୍ଥାନୀୟ ଲୋକେ ଦେବଗଡ ବନ ବିଭାଗକୁ ସୂଚନା ଦେବାସହ ସାପ ଧରାଳୀଙ୍କୁ ମଧ୍ୟ ଡକାଇଥିଲେ। ଦେବଗଡ ସହରର ସାପ ଧରାଳୀ ପୃଥୀରାଜ ମେହେର ଘଟଣାସ୍ଥଳରେ ପହଞ୍ଚି ଉକ୍ତ ସାପଟିକୁ ଧରିଥିଲେ। କିଛି ସମୟ ପରେ ଦେବଗଡ ଫରେଷ୍ଟର ଭୀମସେନ ଶତପଥି ବିଭାଗୀୟ କର୍ମଚାରୀଙ୍କ ସହିତ ପହଞ୍ଚିବା ପରେ ସାପ ଧରାଳୀ ମେହେର ତାଙ୍କୁ ସାପ ହସ୍ତାନ୍ତର କରିଥିଲେ। ଏହାପରେ ଅଜଗରଟିକୁ ସହରଠାରୁ ଦୂରରେ ଥିବା ଘଞ୍ଚ ଜଙ୍ଗଲ ମଧ୍ୟରେ ଛାଡିଦିଆଯାଇଥିଲା।

## ମୁକ୍ତେଶ୍ୱର ମନ୍ଦିରରେ ଜଳିଲା ୩୧ ହଜାର ଦୀପ

ଜମନକିରା,୨୮।୧୧ (ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକ ସଦର ମହକୁମାସ୍ଥିତ ପଶ୍ଚିମାମୁଖୀ ପ୍ରସିଦ୍ଧ ଶୈବପୀଠ ବାବା ମୁକ୍ତେଶର ମନ୍ଦିରରେ ସୋମବାର ଶ୍ରଦ୍ଧାଳୁମାନେ ୩୧ ହଜାର ଦୀପ ଜାଳିଛନ୍ତି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମକୁ ସଭ୍ୟମାନେ ପରିଚାଳନା କରିଥିଲେ। ସନ୍ଧ୍ୟା ସାଢ଼େ ୬ଟା ସମୟରେ ମହାଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ଅବସରରେ ଦେବଗଡ ରାଣୀ ଅରୁନ୍ଧତୀ ଦେବୀ ଏବଂ ତାଙ୍କ ସୁପୁତ୍ର ଉପସ୍ଥିତ ଥିଲେ। କମିଟି ପକ୍ଷରୁ ଦୀପ ଓ ତେଲ ଯୋଗାଇ ଦିଆଯାଇଥିବା ବେଳେ ଭକ୍ତମାନେ ଦୀପ ପ୍ରଜ୍ୱଳନ କରିଥିଲେ। ୩୧ ହଜାର ଦୀପ ପ୍ରଜ୍ୱଳନ ପରେ ମନ୍ଦିର ପରିସର ବେଶ ଆଲୋକମୟ ହୋଇଉଠିଥିଲା।

## ଡଙ୍ଗାପାଲରେ ନାବକେଳି ଉତ୍ସବ ଉଦ୍‌ଯାପିତ


ନାବକେଳି ଉତ୍ସବରେ ଅତିଥିବୃନ୍ଦ।

ସମ୍ବଲପୁର,୨୮।୧୧ (ଭବାନୀ ଶଙ୍କର ଭୋଇ)

ଯୁଯୁମୁରା ବ୍ଲକ ଡଙ୍ଗାପାଲରେ ଆୟୋଜିତ ହେଉଥିବା ତିନିଦିନିଆ ନାବକେଳି ଉତ୍ସବ ସୋମବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ରାଧାକୃଷ୍ଣଙ୍କୁ ପୂଜାର୍ଚ୍ଚନା କରାଯିବା ସହ ତିନିଦିନ ଧରି ଦଣ୍ଡନୃତ୍ୟ, କଂସଙ୍କ ନଗର ପରିକ୍ରମା, କିନ୍ନର ଫ୍ୟାଶନ ଶୋ ସହ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ସାଂସ୍କୃତିକ ଦଳ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ପୂର୍ବତନ ବିଜେଡି ସଭାପତି ଡ. ପ୍ରମୋଦ ରଥ, ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ ଓ ଦେବେନ୍ଦ୍ର ମହାପାତ୍ର, ରେଢାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ରେଢାଖୋଲ ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଶାନ୍ତ ମେହେର, ସାଂସଦ ପ୍ରତିନିଧି ସୁସ୍ମିତା ଦେହୁରି, ସମିତି ସଭ୍ୟ ଜୟନ୍ତ ପ୍ରଧାନ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ରକ୍ତଦାନ ପାଇଁ ରାମଦାସ ପଣ୍ଡା, ସମ୍ବଲପୁରୀ ଭାଷା ସଂସ୍କୃତିରେ ପ୍ରଚାର ପାଇଁ ଭବାନୀଶ ଭୋଇ, ଶିକ୍ଷା ପାଇଁ ମୌସମ ପ୍ରଧାନ, ମେଧାବୀ ଛାତ୍ରୀ ରିତିକା ପ୍ରଧାନ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବ ଆୟୋଜନରେ ସଭାପତି ଦିବ୍ୟକିଶୋର ପ୍ରଧାନ, ସମ୍ପାଦକ ଜିତେନ୍ଦ୍ର ପ୍ରଧାନ,ସମିତି ସଭ୍ୟ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶ୍ୱିନୀ କୁମୁରା, ଉପସଭାପତି ଟଙ୍କଧର ପ୍ରଧାନ, ଅରବିନ୍ଦ ପ୍ରଧାନ, ସୁଶୀଲ ବିଶ୍ୱାଳ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ସାଂସ୍କୃତିକ ଆଦାନପ୍ରଦାନକୁ ସୁଗମ କରିବ

**ଆଇଆଇଏମ୍ ସମ୍ବଲପୁରରେ ଶିକ୍ଷା ମନ୍ତ୍ରଣାଳୟର ଯୁବ ସଙ୍ଗମ କାର୍ଯ୍ୟକ୍ରମ**

ସମ୍ବଲପୁର,୨୮।୧୧(ବି.ଶଙ୍କର)



ଆଇଆଇଏମରେ ଯୁବ ସଂଗମ କାର୍ଯ୍ୟକ୍ରମ।

ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ (ଏମ୍‌ଓଇ) ପକ୍ଷରୁ ଯୁବ ସଙ୍ଗମ କାର୍ଯ୍ୟକ୍ରମ ଆଇଆଇଏମ୍ ସମ୍ବଲପୁରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅତିଥିମାନଙ୍କୁ ସ୍ୱାଗତ କରି ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ କହିଥିଲେ, ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସଂସ୍କୃତି ଦୃଷ୍ଟିରୁ ଓଡ଼ିଶା ସହ ଉଲ୍ଲେଖନୀୟ ସାମଞ୍ଜସ୍ୟ ରହିଛି। ଉଭୟ ରାଜ୍ୟ ଓଡ଼ିଶା ଓ କେରଳରେ ସମୃଦ୍ଧ ଖଣିଜ ସମ୍ପଦ ଏବଂ ଏକ ଜୀବନ୍ତ କଳା ସଂସ୍କୃତି ରହିଛି, ଯେଉଁଥିରେ ପରମ୍ପରାକୁ ନବସୃଜନ ସହିତ ମିଶ୍ରଣ କରାଯାଇଛି। ଆମ ଶିକ୍ଷାଗତ ଆଭିମୁଖ୍ୟରେ ଅଭିନବତା, ଅଖଣ୍ଡତା ଏବଂ ସାମଗ୍ରିକତାକୁ ପ୍ରାଥମିକତା ଦେଉଛୁ । ଆମ ଦେଶର ବିବିଧତା ମଧ୍ୟରେ ଥିବା ଶକ୍ତିକୁ ଆମେ ସ୍ୱୀକାର କରୁଛୁ । ଯୁବ ସଙ୍ଗମ ମାଧ୍ୟମରେ ଆମେ ଅଂଶ ଗ୍ରହଣକାରୀମାନଙ୍କୁ ୫ଟି ବ୍ୟାପକ କ୍ଷେତ୍ରରେ ବହୁମୁଖୀ ପ୍ରଦର୍ଶନ ପ୍ରଦାନ କରିବୁ। ଯେଉଁଥିରେ ରହିଛି ପର୍ଯ୍ୟଟନ, ପରମ୍ପରା - କଳା ଏବଂ ସଂସ୍କୃତି, ପ୍ରଗତି - ଭିତିଭୂମି ବିକାଶ, ଶିଳ୍ପ ବିକାଶ, ପାରସ୍ପରିକ ସମ୍ପର୍କ, ବିଶିଷ୍ଟ କଳାକାର ଏବଂ ବୁଦ୍ଧିଜୀବୀଙ୍କ ସହ ବାର୍ତ୍ତାଳାପ । ସମ୍ପୂର୍ଣ୍ଣ ଭିନ୍ନ ଭୌଗୋଳିକ ଓ ସାଂସ୍କୃତିକ ପରିପ୍ରେକ୍ଷୀରେ ଜୀବନ ଜିଇଁବାର ପ୍ରତ୍ୟକ୍ଷ ଅଭିଜ୍ଞତା ଦ୍ୱାରା ଅଂଶ ଗ୍ରହଣକାରୀଙ୍କୁ ଏହି ଅଭିଯାନ ସଶକ୍ତ କରିବ। ମୁଖ୍ୟ ଅତିଥି ରେଙ୍ଗାଲି ବିଧାୟକ ନାଉରୀ ନାୟକ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ଯୁବ ସଙ୍ଗମର ଉଦ୍ଦେଶ୍ୟ ହେଉଛି ବିଭିନ୍ନ ରାଜ୍ୟର ଯୁବତୀଯୁବକଙ୍କ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ ଏବଂ ସାଂସ୍କୃତିକ ଆଦାନପ୍ରଦାନକୁ ସୁଗମ କରିବା। ଏଥିସହ ଯୁବକମାନଙ୍କୁ ନିଯୁକ୍ତି ସୁଯୋଗ ସୃଷ୍ଟିକୁ ପ୍ରାଥମିକତା ଦେବା ପାଇଁ ଉତ୍ସାହିତ କରିବା। ଅମୃତ କାଳରେ ଏକ ଅଖଣ୍ଡ ରାଷ୍ଟ୍ର ହୋଇଥିଲେ ମଧ୍ୟ ଯୁବପିଢ଼ିଙ୍କ ମଧ୍ୟରେ ଏକତା ବଢ଼ାଇବାର ସୁଯୋଗ ରହିଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ପଦ୍ମଶ୍ରୀ ହଳଧର ନାଗ ତାଙ୍କ କବିତା ମାଧ୍ୟମରେ କେରଳ ପ୍ରତିନିଧି ଦଳକୁ ପ୍ରେରଣା ଦେଇଥିଲେ। କୌଣସି କ୍ଷେତ୍ରରେ ସଫଳତା ଆଣିବା ପାଇଁ ସୂଚନା ଓ ଦକ୍ଷତା ହାସଲ କରିବା ହିଁ ସଫଳତାର ଚାବିକାଠି ବୋଲି ସେ କହିଥିଲେ । ଏହା ପରେ ପ୍ରତିନିଧି ଦଳ କ୍ୟାମ୍ପସ ଭ୍ରମଣ ଓ ଲପଙ୍ଗାସ୍ଥିତ ହିଣ୍ଡାଲକୋ କାରଖାନା ପରିଦର୍ଶନ କରିଥିଲେ। ଏଥିରେ ୫୦ଜଣ ଛାତ୍ରୀଛାତ୍ରଙ୍କୁ ନେଇ କେରଳ ପ୍ରତିନିଧି ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଯୁବ ସଙ୍ଗମର ପ୍ରଥମ ପର୍ଯ୍ୟାୟରେ ଉତ୍ତର- ପୂର୍ବାଞ୍ଚଳକୁ ପ୍ରାଥମିକତା ଦେଇ ଭାରତର ୨୨ଟି ରାଜ୍ୟ ଭ୍ରମଣ କରିଥିବା ପ୍ରାୟ ୧୨୦୦ ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ । ସେହିପରି ୨୦୨୩ ଏପ୍ରିଲ ଓ ମେ ମାସରେ ଯୁବ ସଙ୍ଗମର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୦୦୦ ଯୁବକ ଅଂଶଗ୍ରହଣ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଅନିକେତ
ପରିବାରବର୍ଗ


ପି. ପ୍ରିୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାଷ୍ଟ୍ରପତିଙ୍କ ଅଭିଭାଷଣରେ ବିଜୁ ବାବୁଙ୍କ ନାଁ ଉଠିଲାନି: ସମ୍ବିତ

## ପାରାଦୀପ ପୋର୍ଟ ରାସ୍ତା କାମ ବାରମ୍ବାର କହିବା ପରେ ବି ରାଜ୍ୟ ସରକାର କରୁନାହାନ୍ତି: କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୨୮।୧୧ (ସୁନିତ୍ ମିଶ୍ର)

ନିକଟରେ ପାରାଦୀପଠାରେ ଅନୁଷ୍ଠିତ ବୋଇତ ବନ୍ଦାଣ କାର୍ଯ୍ୟକ୍ରମରେ ନିଜ ଅଭିଭାଷଣରେ ବିଜୁ ପଟ୍ଟନାୟକଙ୍କ ନାଁ କାହିଁକି ନେଲେ ନାହିଁ ବୋଲି ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ପ୍ରଶ୍ନ କରିଛନ୍ତି। ସମ୍ବିତ କହିଛନ୍ତି, ରାଷ୍ଟ୍ରପତି ନିଜ ଅଭିଭାଷଣରେ ବିଜୁ ପଟ୍ଟନାୟକଙ୍କ ବାବଦରେ ପଦୁଟିଏ କହିଲେ ନାହିଁ। ଆଜି ଯଦି ସେହି ପୋର୍ଟ ହୋଇଛି ତାହା ବିଜୁବାବୁଙ୍କ ଯୋଗୁ ସମ୍ଭବ ହୋଇପାରିଛି। ରାଷ୍ଟ୍ରପତିଙ୍କ ଅଭିଭାଷଣ ରାଜନୈତିକ। ସେ ଯେଉଁ ଭାଷଣ ପଢ଼ିଥିଲେ ତାହା ଲେଖାଯାଇ ଦିଆଯାଇଥିଲା, ସେଥିରେ ଏହା ଲେଖିକି ନ ଦେବା ଲାଗି କୁହାଯାଇଥିଲା ବୋଲି ସମ୍ବିତ କହିଛନ୍ତି। ସମ୍ବିତଙ୍କ ଏଭଳି ବକ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ଭାଜପା ନେତା ବିଭୁପ୍ରସାଦ ତରାଇ କହିଛନ୍ତି, ରାଷ୍ଟ୍ରପତି କୌଣସି ନିର୍ଦ୍ଦିଷ୍ଟ ଦଳର ଲୋକ ନୁହନ୍ତି। ପାରାଦୀପ ବିଧାୟକ ଯେଉଁଭଳି ଭାବେ ବକ୍ତବ୍ୟ ଦେଲେ ସେ କେବଳ ରାଷ୍ଟ୍ରପତିଙ୍କୁ ଅପମାନିତ କଲେ ନାହିଁ ବରଂ ସମଗ୍ର ଭାରତବର୍ଷକୁ ଅପମାନିତ କଲେ। ସମ୍ବିଧାନ ଆଧାରିତ ଜ୍ଞାନ ତାଙ୍କ ପାଖରେ ନାହିଁ। ଏଥିନେଇ ସେ ତୁରନ୍ତ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ବିଭୁ କହିଛନ୍ତି।

ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ଶ୍ରୀପଦ ନାୟକ ରାଜ୍ୟ ସରକାରଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ପାରାଦୀପ ପୋର୍ଟ ୧ ନମ୍ବର ନ ହେବା ଲାଗି ଅଣଓସାରିଆ ରାସ୍ତା ବାଧକ ସାଜିଛି। ଯେଉଁଥିଲାଗି ପୋର୍ଟରେ ବ୍ୟବସାୟ ବୃଦ୍ଧି ଘଟୁନାହିଁ। ପୋର୍ଟର ବିକାଶ ଲାଗି ରାଜ୍ୟ ସରକାର ସହାୟତା କରୁନାହାନ୍ତି। ରାସ୍ତାକୁ ଚଉଡା କରିବା ଲାଗି ବାରମ୍ବାର କୁହାଯାଉଥିଲେ ମଧ୍ୟ ରାଜ୍ୟ ସରକାର ଶୁଣୁନାହାନ୍ତି। ୧ ବର୍ଷ ମଧ୍ୟରେ ପାରାଦୀପ ପୋର୍ଟ ଦେଶରେ ୧ ନମ୍ବର ହେବ। ଏହା ଆଗରୁ ହୋଇସାରନ୍ତାଣି, ହେଲେ ଏଥିରେ ମୁଖ୍ୟ ରାସ୍ତା ବାଧକ ସାଜିଛି। ଅଣଓସାରିଆ ରାସ୍ତା ସକାଶେ ହିଁ ବ୍ୟବସାୟ ବଢୁନାହିଁ। ପୋର୍ଟକୁ ରାସ୍ତା ନିର୍ମାଣ କରିବା ରାଜ୍ୟ ସରକାରଙ୍କ କାମ। ଯଦି ଭଲ ରାସ୍ତା ହୋଇଯାଏ ଆସନ୍ତା ବର୍ଷ ପାରାଦୀପ ପୋର୍ଟ ୧ ନମ୍ବର ହୋଇଯିବ ବୋଲି ସେ କହିଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ବିଧାୟକ ସମ୍ବିତ୍ ରାଉତରାୟ କହିଛନ୍ତି , ରାଜ୍ୟ ସରକାର କେବେ ହେଲେ ପୋର୍ଟର ବିକାଶ ଲାଗି ବାଧକ ସାଜିନାହାନ୍ତି। ସରକାର ସବୁବେଳେ ସାହାଯ୍ୟ କରିଚାଲିଛନ୍ତି। ବିନା କାରଣରେ ଏଭଳି ଅଭିଯୋଗ ଅଣା ନ ଯାଉ। ନଚେତ୍ ପ୍ରତିବାଦକୁ ଓହ୍ଲାଇବୁ। ବିନା କାରଣରେ ଅଭିଯୋଗ କଲେ ପୋର୍ଟ ଅଚଳ କରିବାକୁ ୨ ଘଣ୍ଟା ବି ଲାଗିବନି ବୋଲି ସମ୍ବିତ କହିଛନ୍ତି।


ସମ୍ବିତ ରାଉତରାୟ

# ୨ ଲକ୍ଷ ୨୬ ହଜାର ପଦବୀ ଖାଲି ପଡ଼ିଛି: ନୱାଜ

## ଛାତ୍ର କଂଗ୍ରେସର 'ନିଯୁକ୍ତିକ୍ରାନ୍ତି' କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୮।୧୧ (ସୁନିତ୍ ମିଶ୍ର)

ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଓଡ଼ିଶାର ବିଭିନ୍ନ ଜିଲାରେ ଛାତ୍ର କଂଗ୍ରେସର 'ନିଯୁକ୍ତିକ୍ରାନ୍ତି' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଭୁବନେଶ୍ୱର ସାଙ୍ଗଠନିକ ଜିଲା ପକ୍ଷରୁ ସ୍ଥାନୀୟ ଏଡିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ 'ନିଯୁକ୍ତିକ୍ରାନ୍ତି' କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି, ରାଜ୍ୟ ସରକାର ଓଡ଼ିଶାର ବେକାର ଯୁବତୀଯୁବକଙ୍କୁ ପ୍ରତାରିତ କରିଛନ୍ତି। ଗତ ୨୪ ବର୍ଷ ହେଲା ରାଜ୍ୟ ସରକାର ଦେଇଥିବା ବର୍ଷକୁ ୨ ଲକ୍ଷ ନିଯୁକ୍ତି ପ୍ରତିଶ୍ରୁତି ପୂରଣ କରିପାରିଲେ ନାହିଁ। ଏବେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଧାନସଭାରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ ରାଜ୍ୟ ସରକାରଙ୍କ ୨ ଲକ୍ଷ ୨୬ ହଜାର ପଦବୀ ଖାଲି ପଡ଼ିଥିବା ବେଳେ ଓଡ଼ିଶାରେ ୯ ଲକ୍ଷ ପଞ୍ଜୀକୃତ ବେକାର ଯୁବତୀଯୁବକ ଚାକିରି ଅନ୍ୱେଷଣରେ ଘୂରି ବୁଲୁଛନ୍ତି। ଓଡ଼ିଶାର ଶିଳ୍ପାଞ୍ଚଳ ଲୋକେ ଧୂଳି ଧୂଆଁ ଖାଇ ରୋଗଗ୍ରସ୍ତ ହେଉଛନ୍ତି। ସେଠାକାର ଜଳବାୟୁ ଓ ବିଶେଷକରି ପରିବେଶ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଉଛି। ମାତ୍ର ସେଠାକାର ବେକାର ଯୁବତୀଯୁବକଙ୍କ ସ୍ୱାର୍ଥକୁ ଦୃଷ୍ଟି ଦିଆଯାଉ ନାହିଁ। ଓଡ଼ିଶାରେ ବେସରକାରୀ ଶିଳ୍ପ-ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଓ ରାଜ୍ୟ ସରକାରଙ୍କ ମଧୁଚନ୍ଦ୍ରିକାରେ ଓଡ଼ିଶାର ବେକାର ଯୁବତୀଯୁବକଙ୍କ ଭାଗ୍ୟ ଧୂଳିସାତ ହୋଇଯାଉଛି ବୋଲି ନୱାଜ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱର ଏଡିଏମ୍‌ଙ୍କୁ ୬ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି।

# ଆମ ବ୍ୟାଙ୍କ ସେବା ସରକାରଙ୍କ ଆଉ ଏକ ସୁଆଙ୍ଗ: ଭାଜପା

ଭୁବନେଶ୍ୱର, ୨୮।୧୧ (ସୁନିତ୍ ମିଶ୍ର)

୨୦୧୪, ୨୦୧୬, ୨୦୧୮ରେ ରାଜ୍ୟ ସରକାର ନିଜସ୍ୱ ଯୋଜନାରେ ବ୍ୟାଙ୍କ ସେବା ପ୍ରତି ପଞ୍ଚାୟତରେ ପହଞ୍ଚାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହି ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ଭାଜପା ବିଧାୟକ ସୂର୍ଯ୍ୟବଂଶୀ ସୂରଜ ପ୍ରଶ୍ନ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟକରି ସୂରଜ ପଚାରିଛନ୍ତି, ଏବେ ପୁଣି ନିର୍ବାଚନ ଆସିବାରୁ ନୂଆ ସୁଆଙ୍ଗ କାହିଁକି ଆରମ୍ଭ ହେଲା। ସମସ୍ତ ଅଣସେବା ପ୍ରାପ୍ତ ଗ୍ରାମପଞ୍ଚାୟତଗୁଡ଼ିକରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ବ୍ୟାଙ୍କ ଓ ଆର୍ଥିକ ସେବା ପହଞ୍ଚାଇବା ପାଇଁ ମାର୍ଚ୍ଚ ୨୦୧୭ରେ ନବୀନ ଓଡ଼ିଶା ଜୀବିକା ମିଶନ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହ ବୁଝାମଣା କରିଥିଲେ। ସେ ବୁଝାମଣାର ସ୍ଥିତାବସ୍ଥା ବର୍ତ୍ତମାନ କେଉଁ ଅବସ୍ଥାରେ ଅଛି ସେକଥା ରାଜ୍ୟବାସୀଙ୍କୁ ସରକାର ପ୍ରଥମେ ଜଣାନ୍ତୁ। ରାଜ୍ୟରେ ପ୍ରଚାର ସର୍ବସ୍ୱ ସରକାର, ଲୋକଙ୍କୁ ଆର୍ଥିକ ସେବା ପ୍ରଦାନ କରିବା ଲାଗି କୌଣସି ଦୂରଦୃଷ୍ଟି, ରୋଡ୍‌ମ୍ୟାପ୍ କିମ୍ବା ରଣନୀତି ନ କରି, କେବଳ ନିର୍ବାଚନ ପ୍ରଚାର ଉଦ୍ଦେଶ୍ୟରେ ଏହି ସୁଆଙ୍ଗ ରଚୁଛନ୍ତି ବୋଲି ସେ କହିଛନ୍ତି।


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତା ମାନସୀ ଲକ୍ଷ୍ମୀ ଜେନା**

ମଧୁସୂଦନ ନଗର, ଖୋର୍ଦ୍ଧା
ତିରୋଧାନ: ମାର୍ଗଶିର କୃଷ୍ଣପକ୍ଷ ୨ୟ ତିଥି
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ:
ପୁଅ– ବିଶ୍ୱରଞ୍ଜନ, ସୌମ୍ୟରଞ୍ଜନ,
ନାତୁଣୀ– ଖୁସି ବୋହୂ– ଲୋପିତା, ସୁନିତା
ଧ–୧୮୯୭

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**୰ବିଶ୍ୱନାଥ ସିଂହ**

ବାସିପିଠା (ବାରିପଦା)
ଆବିର୍ଭାବ: ୨୮। ୦୭। ୧୯୬୩
ତିରୋଧାନ: ୧୯। ୧୧। ୨୦୨୩
ତୁମର ନିଷ୍ପାପ ହୃଦୟ, ସରଳତା, ନିର୍ଭୀକ ଜନହିତୈଷୀ, ବନ୍ଧୁବତ୍ସଳ, ଗୁଣାନୁରାଗି, ପରୋପକାରୀ, ବ୍ୟକ୍ତିତ୍ୱର ଆକସ୍ମିକ ଅବସାନରେ ଆମେ ସମସ୍ତେ ମର୍ମାହତ । ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ– ମାଆ: ଶାରଦା ସିଂ, ସ୍ତ୍ରୀ: ଶାନ୍ତିଲତା ସିଂ, ଝିଅ: ବିପାସା ସିଂ ଏବଂ ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ।
ଧ–୧୯୦୦

### ଦ୍ୱାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ: ୧୯୨୭
ତିରୋଧାନ: ୧୯।୧୧।୨୦୨୩

**ସ୍ୱର୍ଗତ ଶଶିଭୂଷଣ ସରାଫ**

ସୁନାରୀପଡ଼ା, ସୁନ୍ଦରଗଡ଼
ତୁମର ଅବର୍ତ୍ତମାନରେ ପ୍ରତି ମୁହୂର୍ତ୍ତରେ ଆଶୀର୍ବାଦ ସବୁବେଳେ ଆମ ଉପରେ ରହିଥାଉ । ତୁମ ଆତ୍ମା ଅମରତ୍ୱ ପ୍ରାପ୍ତ ହେଉ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ।
ଶୋକସନ୍ତପ୍ତ: ହତଭାଗ୍ୟ ପୁଅ ପୁତ୍ରବଧୂ: ଦେବନାରାୟଣ-ମିନତି, ମୁକ୍ତିନାରାୟଣ-ଭାରତୀ, ସତ୍ୟନାରାୟଣ-ତନୁଜା, ପଞ୍ଚନାରାୟଣ-ପ୍ରତିମା ।
ଝିଅ-ଜ୍ୱାଇଁ: ତ୍ରିବିକ୍ରମ-ହୀରାକାନ୍ତି, ରାଜକୁମାର -ଶାନ୍ତି, ଯୋଗେଶ୍ୱର-ଗାନ୍ଧର୍ବିନି


# ୧୮ ଲକ୍ଷ କୋଟିର ହିସାବ ଦିଅ: ମନମୋହନ

ଖଇରା, ୨୮।୧୧ (ଉତ୍କଳବନ୍ଧୁ ପଣ୍ଡା)

ବିଜେଡି ସରକାରଙ୍କ ୨୩ବର୍ଷ ଶାସନକାଳରେ ସବୁକ୍ଷେତ୍ରରେ ଦୁର୍ନୀତି ହେଉଥିବା ପ୍ରତିବାଦରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଖଇରାରେ ବିକ୍ଷୋଭ ପ୍ରଦର୍ଶନ ସହ ବ୍ଲକ ଘେରାଉ କରାଯାଇଛି । ଏଥିଲାଗି ମଙ୍ଗଳବାର ଏକ ଶୋଭାଯାତ୍ରା ଖଇରା ଦୁର୍ଗାମଣ୍ଡପରୁ ବାହାରି ବ୍ଲକ ଗେଟ୍ ସମ୍ମୁଖରେ ପହଞ୍ଚିଥିଲା । ବରିଷ୍ଠ ଭାଜପା ନେତା ପଦ୍ମଲୋଚନ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରତିବାଦ ସଭାରେ ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ କେନ୍ଦ୍ର ସରକାର ୧୮ ଲକ୍ଷ ୮୩ ହଜାର କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିବା ବେଳେ ସରକାର କେଉଁ ଯୋଜନାରେ କେତେ ଖର୍ଚ୍ଚ କରିଛନ୍ତି ତାର ହିସାବ ଓଡିଶାବାସୀଙ୍କୁ ଦେବାକୁ ଦାବି କରିଥିଲେ । ଦୁର୍ନୀତି, ଆଇନଶୃଙ୍ଖଳା ପରିସ୍ଥିତି ଓ ନାରୀ ନିର୍ଯାତନା ସବୁ ସୀମା ଲଙ୍ଘିଛି ବୋଲି ମନମୋହନ କହିଥିଲେ। ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ ତାଙ୍କ ବକ୍ତବ୍ୟରେ ପ୍ରଧାନମନ୍ତ୍ରୀ ଆବାସ, ପିଏମ କିଷାନ, କାଳିଆ ଭତ୍ତା ଆଦି ପ୍ରତ୍ୟେକ ଯୋଜନାରେ ଦୁର୍ନୀତି ଚାଲିଥିବା ବେଳେ ଆକ୍ରୋଶର ପ୍ରତିଫଳନ ଆଗାମୀ ନିର୍ବାଚନରେ ରାଜ୍ୟ ସରକାରଙ୍କୁ ମିଳିବ ବୋଲି କହିଥିଲେ। ଭାଜପା ରାଜ୍ୟ ମୁଖପାତ୍ର ଠାକୁର ରଞ୍ଜିତ ଦାସ, ଜିଲା ସମ୍ପାଦକ ଈଶ୍ୱର ବେହେରା, ଯୁବମୋର୍ଚ୍ଚା ରାଜ୍ୟ କୋଷାଧ୍ୟକ୍ଷ ଇଂ. ରାଜେଶ କୁମାର ମହାକୁଡ, ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ, ରାଜ୍ୟ ଉପଦେଷ୍ଟା ବିରଞ୍ଚି ନାରାୟଣ ତ୍ରିପାଠୀ, ବିଧାନସଭା ସଂଯୋଜକ ନିରାକାର ପଣ୍ଡା, ମଣ୍ଡଳ ସଭାପତି ରାଜେଶ ରାଉତ, ମହେଶ୍ୱର ନାଥ, ପତିତପାବନ କର, ବୁଲୁ ଲେଙ୍କା ଓ କୈଳାସ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ରାଜ୍ୟ ଓ ଜିଲାସ୍ତରୀୟ ନେତୃବୃନ୍ଦଙ୍କୁ କହିବାକୁ ସୁଯୋଗ ଦିଆଯାଇଥିବା ବେଳେ ରାଜ୍ୟସ୍ତରରେ ସଙ୍ଗଠନ ଦାୟିତ୍ୱରେ ଥିବା ଖଇରାର ଯୁବନେତା ତଥା ଭାଜପା ମୁଖପାତ୍ର ଠାକୁର ଦାସ ଓ କୋଷାଧ୍ୟକ୍ଷ ଇଂ. ମହାକୁଡଙ୍କୁ ସୁଯୋଗ ପ୍ରଦାନ କରା ନ ଯିବାରୁ ଖଇରା ବ୍ଲକର ଭାଜପା କର୍ମୀମାନେ ନିରାଶା ବ୍ୟକ୍ତ କରିଛନ୍ତି । ସେହିଭଳି ପୂର୍ବାହ୍ନ ୧୧ଟା ବେଳେ କାର୍ଯ୍ୟକ୍ରମ ଆରମ୍ଭ ହେବାର ଥିବା ବେଳେ ଦେଢଟା ପର୍ଯ୍ୟନ୍ତ ଆରମ୍ଭ ହୋଇ ନ ପାରିବାରୁ ବହୁ କର୍ମୀ ଅସନ୍ତୋଷ ପ୍ରକାଶ କରି ଫେରିଯାଉଥିବା ଦେଖିବାକୁ ମିଳିଥିଲା।

# ବିଜେଡିରେ ଭାଜପା, କଂଗ୍ରେସ କର୍ମୀ


ମିଶ୍ରଣ ପର୍ବରେ ବିଧାୟକ ବ୍ୟୋମକେଶ ରାୟଙ୍କ ସହ ନୂତନ କର୍ମୀ।

ତିହିଡ଼ି, ୨୮।୧୧ (ସଞ୍ଜିତ ବଳ)

ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକ ବାରସର ପଞ୍ଚାୟତ କେଳାସାହି ଗ୍ରାମରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। କେଳାସାହି, ତଳଦପା, ଚକରାସାହି ଆଦି ଗ୍ରାମର ଶତାଧିକ ପରିବାର ଭାଜପା ଓ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ଏହି ଅବସରରେ ପଞ୍ଚାୟତ ସଭାପତି ବିପିନ ରାଉତଙ୍କ ପୌରୋହିତ୍ୟ ଓ ଯୁବ ସଭାପତି ନୀଳମଣି ମାଝୀଙ୍କ ସଂଯୋଜନାରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ ଯୋଗଦେଇ କେଳାସାହି ଗ୍ରାମରେ କୀର୍ତ୍ତନ ମଣ୍ଡପ ସମେତ ପାନୀୟ ଜଳ ବ୍ୟବସ୍ଥା ଦିଗରେ ପଦକ୍ଷେପ ନେବା ସହ ପଞ୍ଚାୟତର ବିକାଶରେ ସେ ସହଭାଗୀ ହେବେ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ଚାନ୍ଦବାଲି ବ୍ଲକ ପୂର୍ବତନ ଅଧକ୍ଷ ନରେଶ ମାଝୀ, ଜିଲା ପରିଷଦ ସଭ୍ୟ ଅମୂଲ୍ୟ ମାଝୀ ଓ ପ୍ରିନ୍ସ ରାକେଶ ନାୟକ, ସମବାୟ ସମିତି ସଭାପତି ମାନସ ରଞ୍ଜନ ନାୟକ, ପୂର୍ବତନ ସରପଞ୍ଚ ମାନସ କୁମାର ସାହୁ, ଯୁବନେତା ହିମାଦ୍ରୀ ମିଶ୍ର, ପ୍ରଦୀପ ମିଶ୍ର, ନୃସିଂହ ମହାକୁଡ଼, ପ୍ରଫୁଲ୍ଲ ଦାସ, ଜିତେନ୍ଦ୍ର ପାଣି ପ୍ରମୁଖ ଯୋଗ ଦେଇଥିଲେ।

ଦୀନବନ୍ଧୁ ମହାକୁଡ଼, ଦେବେନ୍ଦ୍ର ମହାକୁଡ଼, ନୀଳକଣ୍ଠ ନାୟକ, ପ୍ରତାପ ଦାସ, ବିଶ୍ୱଜିତ ବାରିକ, ଗଣେଶ ବାରିକ, ସୁରେନ୍ଦ୍ର ବଳ, ସଦାନନ୍ଦ ବଳ, ନିରାକାର ମଳିକ ପ୍ରମୁଖ ଉପସ୍ଥିତ ଥିଲେ। କେଳାସାହି ଗ୍ରାମର ପ୍ରଶାନ୍ତ ଦାସଙ୍କ ନେତୃତ୍ୱରେ ସର୍ବେଶ୍ୱର ଦାସ, ଅଜୟ ଦାସ, ରାଜେନ୍ଦ୍ର ଦାସ, ମଧୁସୂଦନ ଦାସ, ତଳଦପାର ହରିହର ମଲିକ, କାର୍ତ୍ତିକ ମଲିକ, ଗୌରାଙ୍ଗ ମଲିକ, ବିକାଶ ଦାସ, ଚକରାସାହିର ମିଥୁନ ନାୟକ, ମୁକ୍ତିକାନ୍ତ ନାୟକ, କାଳନ୍ଦୀ ନାୟକ ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି।


# Classified Everyday 0674-2580101, 2549949




## GROOM WANTED

ବୟସ 35 RI ଚାକିରି Divorce ଏକୁଟିଆ ରହୁଥିବା ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 6370559357. D-75308

28 ବୟସ, ଅବିବାହିତା ଖଣ୍ଡାୟତ Govt. ଚାକିରି କରୁଥିବା କନ୍ୟାଙ୍କ ପାଇଁ Married / Unmarried Divorce ବରପାତ୍ର ଆବଶ୍ୟକ। 9040185433. D-1879

Searching Kaibarta Groom for very fair Kaibarta Bride. Contact Brother (IAS Faculty in Delhi), Mob-9990161440. D-1876

Wanted groom B.Tech 35-38yrs, Govt./Pvt. Job for a beautiful girl by Caste Khajuria (Syala), 35yr., M.Tech, Caste no bar- 8917585202. D-74311

Wanted Brahmin Groom for a beautiful divorce woman, 29yr., B.tech, 5.5" fair, 8637218124. D-74313




## SALE

ଭୁବନେଶ୍ୱର ଏୟାରପୋର୍ଟରୁ ୧୪କିମି, ଜଟଣୀ-ପିପିଲି ମେନ୍‌ରୋଡ଼ ପାଖରେ ୩୦ ଫୁଟ ରୋଡଥାଇ ଘରବାଡି ପ୍ଲଟ୍ ବର୍ଗଫୁଟକୁ- 850/-,1100/- କିଣି ଘର କରନ୍ତୁ। 9853150290. D-75274

Duplex sale and plot sale near AIIMS Hospital Bhubaneswar. 9777433701. D-75273

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75268

ଭୁବନେଶ୍ୱର KIIT University ଜଗନ୍ନାଥମନ୍ଦିର ପାଖରେ Boundary, ଇଲେକ୍ଟ୍ରିସିଟିଥାଇ ପ୍ଲଟ୍‌ବିକ୍ରିହେବ–9437205314, 9937513595. D-75265

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788.** D-1735

**Residential plot for sale gharabari + compound wall + 30 feet road + electricity 7 KM from Nakhara near Pettal English Medium School, 5% Bank interest on 50% cost of land for 5 year's, 12 KM only from BBSR pay 50% & go for registration & take Patta for home construction. Few plots are available cost @ 650per sft. Personal plots no builders. 7809525454.** D-75065




**Construct your Dream home @460/-, 850/-, 1325/- with Branded material along with 3 years AMC & 50 years structural guarantee. We provide plan approval, Boring, Bank estimate. Contact the Engineering Pvt. Ltd. 9439856856.** D-1789

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75066

**Relax, Refresh your body, Mind at Saikrupa Spa with best therapies. 8984068077.** D-1873

Newly healthcare benefited SPA experience therapist in Bhubaneswar. Contact: 9938843929. D-75170

## LOST

ଆମ୍ଭେ ବିଶ୍ୱଜିତ ହୋତା ଏବଂ ବିଶ୍ୱରଞ୍ଜନ ହୋତା, ପି- ବିଶ୍ୱନାଥ ହୋତା, ଗ୍ରାମ- ତ୍ରିଲୋଚନପୁର, ପୁରୀ, ଓଡ଼ିଶା, ଆମ୍ଭେ ବିଜ୍ଞାପନ ଦେବାର କାରଣ ଏହିକିଯେ ମୋର ଓରିଜିନାଲ କବଲା ନମ୍ବର ୧୧୧୯, ଖାତା- ନଂ ୨୨୩, ପ୍ଲଟ୍ ନଂ ୧୧୪୦, ମୁଁ ତା ୨୦।୧୧।୨୦୨୩ ଅପରାହ୍ନ ୨ ଘଟିକା ସମୟରେ ତହସିଲ ଯିବା ରାସ୍ତାରେ କବଲାଟି ହଜି ଯାଇଥିଲା। ଏଣୁ ଆପଣମାନଙ୍କ ବିନୀତ ଅନୁରୋଧ କରୁଅଛିକି ଯଦି କେହି ସହୃଦୟ ବ୍ୟକ୍ତି କବଲାକୁ ପାଇବେ ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବେ କିମ୍ବା ନିମ୍ନମତେ ମୋ ଓକିଲଙ୍କୁ ଯୋଗାଯୋଗ କରିବେ। ଆଡଭୋକେଟ ଦୀପକ କୁମାର ସାହୁ, ମୋ: 9937058785, D22864. D-73551

## AFFIDAVIT

By virtue of an Affidavit sworn before the Notary Public, Paralakhemundi, Gajapati, Odisha I Vysyaraju Sankar Kumar Raju, S/o: Vysyaraju Subramanyam Raju, Vill- Paralakhemundi, PO- Paralakhemundi Dist- Gajapati, Odisha that in the ICSE(Class-X) year 2022 Examination Admission Card, Vide Unique Id (Roll No- 7727667) of my son Jigyash the surname has wrongly spell out as Vysya Raju instead of Vysyaraju, i.e.,Vysyaraju Jigyash Kumar Raju. Hence I am swearing this affidavit in order to file before the appropriate authority concerned declaring that our surname Vysyaraju i.e., Vysyaraju Jigyash Kumar Raju, S/o- Vysyaraju Sankar Kumar Raju & Vysyaraju Eswari for all records. D-1893

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LOST

ମୁଁ ଯୁଧିଷ୍ଠିରପରିଡ଼ା, ୨୯।୧୦।୨୨ତାରିଖ ଦିନ ଘରୁ ମାର୍କୋଣା ବଜାରକୁ ମୋଟର ସାଇକେଲ ଯୋଗେ ଯିବା ରାସ୍ତାରେ ମୋର ୧୦ମ ଶ୍ରେଣୀ, ଡିପ୍ଲୋମା ଏବଂ ବି.ଟେକ୍ ସାର୍ଟିଫିକେଟ ହଜିଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ଏହାକୁ ପାଇଥାନ୍ତି ତେବେ ଦଧିବାମନପୁର, କନ୍ଷେଇବିନ୍ଧା, ବାଲେଶ୍ୱର- ୭୫୬୧୬୮, ମୋବାଇଲ ନମ୍ବର- ୯୦୪୦୫୩୨୩୫୩ରେ ଜଣାଇବାକୁ ଅନୁରୋଧ। ସାର୍ଟିଫିକେଟ ପାଇଥିବା ବ୍ୟକ୍ତି ଫେରାଇ ଦେଲେ ୫୦ ହଜାର ଟଙ୍କା ପୁରସ୍କାର ଦିଆଯିବ। ଧ–୧୯୦୨

### Electrical Engineeringରେ Ph.D.



ଲାଭ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ୍ କୁରାଳ ଗ୍ରାମପଞ୍ଚାୟତ ଦଣ୍ଡୋର ଗ୍ରାମ ନିବାସୀ ଶ୍ରୀ ସ୍ୱସ୍ତିବାଚନ ପଣ୍ଡା ତାଙ୍କର ଗବେଷଣାତ୍ମକ ସନ୍ଦର୍ଭ "Power System Reliability Assessment and Enhancement of Different Contingency Conditions" ପାଇଁ Electrical Engineeringରେ Ph.D. ଡିଗ୍ରୀ ଲାଭ କରିଛନ୍ତି। ସେ ରାଉରକେଲାସ୍ଥିତ National Institute of Technology(NIT)ର Prof. Sanjeeb Mohantyଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କର ସନ୍ଦର୍ଭଟି University of Alberta, Edmonton, AB, Canadaର Prof. Yanwei(Ryan) Li ଓ IIT(BHU), Varanasiର Prof. Soumya Ranjan Mohantyଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। Dr. Swastibachan Panda ବର୍ତ୍ତମାନ ବଣିଆଟାଙ୍ଗି, ଖୋର୍ଦ୍ଧାସ୍ଥିତ Gandhi Institute for Education & Technologyରେ Asst. Prof. ଭାବେ କାର୍ଯ୍ୟରତ । ସେ ତାଙ୍କର ଏ ସଫଳତାର ସମସ୍ତ ଶ୍ରେୟ ସର୍ବଶକ୍ତିମାନ ସର୍ବନିୟନ୍ତାଙ୍କୁ ଅର୍ପଣ କରିଛନ୍ତି। ଏଥିରେ ତାଙ୍କୁ ସହଯୋଗ କରିଥିବା ତାଙ୍କର ବିଭାଗୀୟ ମୁଖ୍ୟ, ସମସ୍ତ ଅଧ୍ୟାପକ ଓ ଗୁରୁଜନ, ସହପାଠୀ ବନ୍ଧୁ, ପରିବାରର ସଦସ୍ୟ ତଥା ପତ୍ନୀ ସୋନାଲି ପ୍ରିୟଦର୍ଶିନୀ ଓ କନ୍ୟା ତନ୍ମୟସିଙ୍କୁ ସେ କୃତଜ୍ଞତା ଜ୍ଞାପନ କରୁଛନ୍ତି। ଧ–୧୮୯୫

### CLASSIFIED DISPLAY

MORE SPACE • SAME PRICE
TARIFF · GST 5%

**Admission Open**
**JOIN AFTER +2 ANY STREAM**
**OT TECHNOLOGY** ଅପରେସନ୍ ଥିଏଟର୍ ଟେକ୍ନିସିଆନ
**MEDICAL IMAGING TECHNOLOGY** ଏକ୍ସରେ+ସିଟି ସ୍କାନ୍+ଏମ୍.ଆର୍.ଆଇ.
**MEDICAL LAB TECHNOLOGY** ମେଡ଼ିକାଲ ଲ୍ୟାବ୍ ଟେକ୍ନିସିଆନ୍
**C.S.S.D TECHNIQUES / HOSPITAL STERILIZATION** ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍
**DIALYSIS TECHNOLOGY** ଡାୟାଲସିସ୍ ଟେକ୍ନିସିଆନ
**CARDIAC CARE TECHNOLOGY** କାର୍ଡ଼ିଆକ୍ କେୟାର ଟେକ୍ନିସିଆନ
**ANM** ମହିଳା ସ୍ୱାସ୍ଥ୍ୟକର୍ମୀ
ANGUL CENTRE : Ph : 91140 12123
CCS, Church Lane, Similipada, Angul
BHUBANESWAR CENTRE : Ph : 9937440788
RMTI, Palasuni, Bhubaneswar-25

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସୋରିଷ: ପୋକ ଦମନ ପ୍ରଣାଳୀ



ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍ଜାମ୍ ୨୫ ଏସ୍.ଜି. – ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ । ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମି.ଲି. ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

## ଗେଣ୍ଡୁ ଫୁଲ: ପଟାଳି ପ୍ରସ୍ତୁତି



**ଗେ**ଣ୍ଡୁଚାଷ ପାଇଁ ପଟାଳି ପ୍ରସ୍ତୁତକରି ସିରାକୋଲ୍ ବି.ଏମ୍.–୨ ଏବଂ ବି.ଏମ୍.–୩ କିସମର ଗେଣ୍ଡୁଚାରା ଲଗାନ୍ତୁ । ଡେଙ୍ଗା କିସମଗୁଡ଼ିକ ଧାଡ଼ିକୁ ଧାଡ଼ି ୩୦ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଏବଂ ବାମନ କିସମଗୁଡ଼ିକ ଧାଡ଼ିକୁ ଧାଡ଼ି ୨୦–୩୦ ସେ.ମି. ଓ ଗଛକୁ ଗଛ ୨୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ଗୋଲାପ ଗଛକୁ କାଟଛାଣ୍ଟ ପରେ ଉକୁଣିଆ ଓ ଜଉପୋକ ଦମନ ପାଇଁ ୨ ମି.ଲି. ଡାଇମିଥଏଟ୍ ବା ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଗେଣ୍ଡୁଫୁଲ ଗଛରେ ପତ୍ରପୋଡ଼ା, କଢ଼ଶଢ଼ା, ଫୁଲଶଢ଼ା ରୋଗ ପାଇଁ କାର୍ବେଣ୍ଡାଜିମ୍ ୧ ଗ୍ରାମ୍ / ମାଙ୍କୋଜେବ୍ ୨.୫ ଗ୍ରାମ୍ /୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ନୂଆ ଗେଣ୍ଡୁର କିସମ ମଧ୍ୟରେ ରହିଛି ସିରାକୋଲ୍, ଜାଏଣ୍ଟ ଡବଲ ଆଫ୍ରିକାନ୍ ୟେଲୋ, ଜାଏଣ୍ଟ ଡବଲ ଆଫ୍ରିକାନ୍ ଅରେଞ୍ଜ୍, ବିଏମ୍–୨ ଏବଂ ବିଏମ୍–୩ । ଗେଣ୍ଡୁ ଚାରା ମାସକର ବା ୪୦ ଦିନ ହୋଇଥିଲେ ଅଗ୍ରମୁକୁଳ ଭାଙ୍ଗି ଦିଅନ୍ତୁ । ମୂଳସାର ଦେବାର ୧ ମାସ ପରେ କୋଡ଼ାଖୁସା କରି ହେକ୍ଟର ପ୍ରତି ୧୦୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।

# ଡାଲୁଅ ଧାନଚାଷ



**ଡା**ଲୁଅ ଧାନ ବିହନକୁ ୨୪ ଘଣ୍ଟା ପାଣିରେ ଭିଜାଇ, ଗଜାକରି ଗାଲି ଫିଟିବା ପରେ କାଦୁଅ ତଳିପଟିରେ ବୁଣନ୍ତୁ । ତଳିପଟିର ଓସାର ୩–୪ ଫୁଟ ରଖନ୍ତୁ। ପ୍ରତି ପଟି ପରେ ୧ଫୁଟ ନାଳି ରଖନ୍ତୁ। ତଳିଘରା ପାଇଁ ୧୦ ଡେସିମିଲି ତଳିପଟିରେ ୪୦ ଝୁଡ଼ି ଶଢ଼ା ଗୋବରଖତ, ୧୨ କି.ଗ୍ରା. ସିଙ୍ଗିଲ ସୁପର ଫସ୍‌ଫେଟ୍ ଓ ୨ କି.ଗ୍ରା. ମ୍ୟୁରେଟ ଅଫ୍ ପଟାସ ସାର ଶେଷଓଡ଼ ଚାଷ ସମୟରେ ମାଟିରେ ମିଶାଇ ଦିଅନ୍ତୁ । ବିହନରୁ କଣ୍ଢା ଓ ଅଗାଡ଼ି ବାହାରକରିବା ପାଇଁ ଲୁଣପାଣି ଉପଚାର କରନ୍ତୁ । ଡାଲୁଅ ଧାନର ସହଳ କିସମ ମଧ୍ୟରେ ରହିଛିଡ ପାରିଜାତ, ଖଣ୍ଡଗିରି, ଯୋଗେଶ, ସିଦ୍ଧାନ୍ତ, ମନ୍ଦାକିନୀ, ପଥରା, ଜ୍ୟୋତିର୍ମୟୀ। ମଧ୍ୟମ କିସମଗୁଡିକ ହେଲା ଲଲାଟ, ତପସ୍ୱିନୀ, ତେଜସ୍ୱିନୀ, ମନସ୍ୱିନୀ, ନବୀନ, ଏସ୍‌ଟିୟୁ–୧୦୦୧। ଏହି ମାସ ଶେଷସୁଦ୍ଧା ଡାଲୁଆ ଧାନ ପାଇଁ ତଳି ପକାଇବା କାମ ଶେଷ କରନ୍ତୁ। ତଳି ପକାଇବା ପାଇଁ ସଅଳ ଓ ମଧ୍ୟମ କିସମ ବିହନ ବ୍ୟବହାର କରନ୍ତୁ । ବିହନ ବିଶୋଧନ ପାଇଁ ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ୧ କି.ଗ୍ରା. ବିହନ ପ୍ରତି ବ୍ୟବହାର କରନ୍ତୁ। ଅନ୍ୟପକ୍ଷରେ ଧାନ କାଟିବାର ୧ ସପ୍ତାହ ପୂର୍ବରୁ କିଆରିରୁ ଜଳ ନିଷ୍କାସନ କରିଦିଅନ୍ତୁ। ଧାନରେ କେଣ୍ଡାକଟା ପୋକ ଦେଖାଦେଲେ ଅପରାହ୍ନରେ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫% ଏସ୍.ସି. କିମ୍ବା ୧ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଭାଗ ସେଚଗୁଣ୍ଡ ସିଞ୍ଚନ କରନ୍ତୁ ଓ ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ସନ୍ଧ୍ୟାରେ ହୁଡ଼ା ଉପରେ ସିଞ୍ଚନ କରନ୍ତୁ ।

**ଗହମ:** ଗହମ ବୁଣିବାର ୨୧ ଦିନ ପରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ । ଗହମ ଫସଲରେ ମୁକୁଟ ବା ଶିଖା ଚେର ବାହାରିବା ସମୟ ହେଉଛି ଫସଲର ଜଳ ଆବଶ୍ୟକତାର ସଙ୍କଟ କାଳ । ତେଣୁ ମାଟିର ବତରକୁ ଚାହିଁ ଜଳସେଚନ ବ୍ୟବସ୍ଥା କରନ୍ତୁ । ମଞ୍ଜି ଗଜାହେବାର ୨୧ ଦିନ ପରେ ହେକ୍ଟର ପ୍ରତି ୨୫–୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ସଅଳ ବୁଣା ହୋଇଥିବା ଗହମ ୩୫ ଦିନର ହୋଇଥିଲେ ହେକ୍ଟର ପ୍ରତି ୨୫–୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।

### ଡିସେମ୍ବର ମାସର କୃଷି ସୂଚନା

**ଆଖୁ :** ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ରୁ ଅଧିକ ହେଲେ ଆଖୁ କାଟିବା ଉଚିତ । ଆଖୁ ଗଛକୁ ଏକ ଧାରୁଆ କଟୁରିରେ ଭୂମି ପତନ ସହ ସମାନକରି କାଟି ଦିଅନ୍ତୁ । ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ। ଜମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ । ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗିଦିଅନ୍ତୁ। ଏହା ଫଳରେ ପୁରୁଣା ଚେର ନଷ୍ଟହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖି ଯାଇଥିଲେ ଜଳସେଚନକରି ହୁଡ଼ା ଭାଙ୍ଗନ୍ତୁ । ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବରଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ । ଏଥିପାଇଁ ଆଖୁ କାଟିବା ବେଳେ ଆଖୁ ଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ । ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୭୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ୍ (୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଡାଲିଜାତୀୟ ଫସଲ ଓ ଚିନାବାଦାମରେ ୨୫ କି.ଗ୍ରା. ବିହନ ପ୍ରତି ୧୦ ଗ୍ରାମ୍ ସୋଡିୟମ୍ ମଲିବ୍‌ଡେଟ୍ ଏବଂ ୧ ଗ୍ରାମ୍ କୋବାଲ୍‌ଟସ୍ କ୍ଲୋରାଇଡ୍ ପାଣିରେ ଦ୍ରବୀଭୂତ କରି ଏହା ସହ ରାଇଜୋବିୟମ୍ କଲ୍‌ଚର ୫୦୦ ଗ୍ରାମ୍‌ରୁ ୧ କି.ଗ୍ରା. ମିଶାଇ ମଞ୍ଜି ଉପଚାର କରି ଛାଇରେ ଶୁଖାଇ ୧ ଘଣ୍ଟା ପରେ ଉପରବେଳା ମଞ୍ଜି ବୁଣିଲେ ଭଲ ।

**କପା :** ବକରା ଫାଟିବାର ୪୦ଦିନ ମଧ୍ୟରେ ୪ରୁ ୫ ଥର ଅମଳ କରନ୍ତୁ । କାକର ପଡୁଥିଲେ ଦିନ ୧୦ଟା ପରେ ଅମଳ କରନ୍ତୁ । ଅମଳ କରି ପ୍ରଥମ ତୋଳା, ପରବର୍ତ୍ତୀ ତୋଳା ଗୁଡ଼ିକୁ ଅଲଗା ଅଲଗା ଶୁଖାଇ ବସ୍ତାରେ ରଖନ୍ତୁ ।

**ପିଆଜ:** ପିଆଜ ତଳିଗୁଡ଼ିକ ୧୨–୧୫ ସେ.ମି. ଉଚ୍ଚ ହୋଇଗଲେ ସେଗୁଡ଼ିକ ଉପରବେଳା ଉପାଡ଼ି ଲଗାନ୍ତୁ । ତଳି ରୋଇବାର ୨ଦିନ ଆଗରୁ ହେକ୍ଟର ପ୍ରତି ୬୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ଫସ୍‌ଫରସ୍ ଓ ୧୦୦ କି.ଗ୍ରା. ପଟାସ୍ ମୂଳସାର ଭାବେ ପ୍ରୟୋଗକରି ପଟାଳି ପ୍ରସ୍ତୁତ କରନ୍ତୁ । ଉକୁଣି ପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍‌ପି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଫଳଚାଷ:** ଆମ୍ବବଉଳର ସୁରକ୍ଷା ପାଇଁ ବଉଳ ଆସିବାର ୭ରୁ ୧୫ଦିନ ପୂର୍ବରୁ ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍‌କୁ ୧ ଲିଟର ପାଣିରେ ଗୋଳାଇ ପତ୍ର ଓ ଡାଳରେ ଭଲଭାବେ ସିଞ୍ଚନ କରନ୍ତୁ । ବଉଳ ହେବାର ୭ ଦିନ ପରେ ଓ ଆମ୍ବଚଣା କଷି ଅବସ୍ଥାରେ ଏହାକୁ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ଆଉ ଥରେ ସିଞ୍ଚନ କରନ୍ତୁ । ଅଷ୍ଟପଦୀରୁ ରକ୍ଷା ପାଇବା ପାଇଁ ୧ ମି.ଲି. ସ୍ପିରୋମେସିଫେନ୍ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

–କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର

## ମାଛ ପାଇଁ ଖାଦ୍ୟ



ଏକ ହେକ୍ଟର ବିଶିଷ୍ଟ ମାଛପୋଖରୀରେ ୧୨,୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆକୁଣ୍ଡା ସହ ୩ କି.ଗ୍ରା ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ଖାଇବାକୁ ଦିଅନ୍ତୁ । ପୋଖରୀରେ ଜୈବିକ ସାର ପ୍ରୟୋଗର ୭ ଦିନ ପୂର୍ବରୁ ଅମ୍ଳତା ୭.୫ ରୁ କମ୍ ଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୧୦୦ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳୀ ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ, ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ ।

### ଅଳ୍ପରେ...

## ଆଳୁରେ କୋଡାଖୁସା



**ଆ**ଳୁ ଫସଲ ୨–୩ ସପ୍ତାହର ହୋଇଯାଇଥିଲେ ପ୍ରଥମ କୋଡ଼ାଖୁସା କରି ହୁଡ଼ା ଟେକିଦିଅନ୍ତୁ। ଏହି ସମୟରେ ୫୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ପଟାସ୍ ଆଳୁ ଗଛରେ ଧାଡ଼ିରେ ୨ପାଖରେ ୭–୧୦ ସେ.ମି. ଦୂରତାରେ ୨–୩ ସେ.ମି. ଗଭୀରରେ ପ୍ରୟୋଗ କରନ୍ତୁ। ଆଳୁ ଫସଲରେ ସଅଳ ପତ୍ରପୋଡ଼ା ରୋଗରୁ ରକ୍ଷା ପାଇବା ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଆଗତୁରା ଆଳୁଗଛରେ ଭଲଭାବରେ ସିଞ୍ଚନ କରନ୍ତୁ । ସିଞ୍ଚନ ବେଳେ ଏହାର ପତ୍ରର ଉପର ଓ ତଳପାଖରେ ପଡ଼ିବା ଉଚିତ। ପିଆଜ ଫସଲରେ ଗଛ ରୋଇବାର ୩ ଦିନ ପୂର୍ବରୁ ହେକ୍ଟର ପ୍ରତି ୧୦୦୦ ମି.ଲି. ବାସାଲିନ୍‌କୁ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା ତଳି ରୋଇବାର ୩ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ ବା ୧୫୦୦ ମି.ଲି. ଟ୍ରିବୁଲିନ୍ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ଏହାଦ୍ୱାରା ଅନାବନା ଘାସ ଦାଉରୁ ରକ୍ଷା ମିଳିଥାଏ । କୋବି ଜାତୀୟ ଫସଲରେ ବନ୍ଧାକୋବିର ବିନ୍ଧାପୋକ, ଠିକିରିପିଠିଆ ପୋକ, କରତିଆ ମାଛି ଆଦି କୀଟର ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ଲିଟର ଫିପ୍ରୋନିଲ୍ କିମ୍ବା ୨୦୦ ଗ୍ରାମ୍ ଇମାମେକ୍ଟିନ୍ ବେନ୍‌ଜଏଟ୍ ବା ୫୦୦ ଗ୍ରାମ୍ ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଶୀତଦିନରେ ଭଲଭାବରେ ବଢୁଥିବା ପୋଦିନା, ଧନିଆ, ମେଥି, କୋଶଳା, ପାଳଙ୍ଗ ଆଦି ଶାଗ ଚାଷ କରନ୍ତୁ । ମଝିଆଳି କିସମ ଫୁଲକୋବିରେ ଲିଟର ପ୍ରତି ୩ ଗ୍ରାମ୍ ହିସାବରେ ବୋରନ୍ ସିଞ୍ଚନ କରନ୍ତୁ ।

## ରବି ଚିନାବାଦାମ



**ର**ବି ଚିନାବାଦାମ ଚାଷ ପାଇଁ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୪୦ କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ। ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨.୫ ଗ୍ରାମ୍ କ୍ୟାପ୍‌ଟାନ୍ କିମ୍ବା ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ବିହନ ବିଶୋଧନ କରନ୍ତୁ। ଖରାଦିନିଆ ଚିନାବାଦାମ ଚାଷ ପାଇଁ ଜଳସେଚନର ସୁବିଧା ଥିବା ନିଗିଡ଼ା ବାଲିଆ ଜମି ଚୟନ କରନ୍ତୁ।

## ପ୍ରାଣୀଙ୍କୁ ଫାଟୁଆ ରୋଗ ହେଲେ...

**ଶୀ**ତଦିନରେ ଗାଈମାନଙ୍କଠାରେ ଭୂତାଣୁଜନିତ ଫାଟୁଆ ରୋଗ ଅଧିକ ଦେଖାଯାଇଥାଏ । ତେଣୁ ଫାଟୁଆ ରୋଗର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଏହି ମାସରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶକରି ଟିକା ଦିଅନ୍ତୁ । ଗାଈ, ଛେଳି, ମେଣ୍ଢା, କୁକୁଡ଼ା ଥିବା ଘରର ଜାଳି କିମ୍ବା ଝରକାରେ ବସ୍ତା ଝୁଲାଇଲେ ରାତିରେ ସେମାନଙ୍କୁ ଅଧିକ ଶୀତ ହେବନାହିଁ ଓ ସେମାନେ ନିମୋନିଆ ଆଦି ରୋଗରୁ ରକ୍ଷା ପାଇବେ । ଛେଳି ଥିବା ଘରେ ତଳେ ଭାଡ଼ି ବା ବାଉଁଶ ଚାଞ୍ଚଡ଼ାର ବନ୍ଦୋବସ୍ତ କଲେ ଛେଳିମାନଙ୍କୁ ଥଣ୍ଡା ଓ ନିମୋନିଆରୁ ରକ୍ଷା ମିଳିପାରିବ ।

## ଡାଲିଜାତୀୟ ଫସଲରେ ବିହନ ବିଶୋଧନ

**ଏ**କ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍‌ବୋକ୍ସିନ୍ + ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ। କଲ୍‌ଚର ପ୍ରୟୋଗର ୧ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ । ବିହନ ବିଶୋଧିତ ହୋଇ ଶୁଖିଲା ପରେ ଜମିରେ ଧାଡ଼ିବୁଣା କରନ୍ତୁ । ଜମିକୁ ଭଲଭାବରେ ଚାଷକରି ହେକ୍ଟର ପ୍ରତି ୧୦ ଶଗଡ଼ ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ମୁଗ, ବିରି ଓ ବୁଟ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗା. ପଟାସ୍ ଏବଂ ମଟର ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗା. ପଟାସ୍ ଖାଦ୍ୟ ସାର ପ୍ରୟୋଗ କରନ୍ତୁ । ଡାଲିଜାତୀୟ ଫସଲ ବୁଣିବା ସମୟରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଗନ୍ଧକ ସାର ପ୍ରୟୋଗକଲେ ଅମଳ ବୃଦ୍ଧି ହୋଇଥାଏ । ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ୧ମାସ ହୋଇଯାଇଥିଲେ ୨% ଡିଏପି କିମ୍ବା ୨% ଏନ୍–ପି–କେ (୧୯–୧୯–୧୯) ସାର ସିଞ୍ଚନ କରନ୍ତୁ । ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବା ସମ୍ଭାବନା ଅଛି। ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. କିମ୍ବା ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ମଟର ଓ ବୁଟର ଝାଉଁଳା ରୋଗର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ପାଣି ପ୍ରତି ୩ ଗ୍ରାମ୍ ସଲ୍‌ଫର ସେଟିତଗୁଣ୍ଡ କିମ୍ବା ୧ ମି.ଲି. ପ୍ରୋପିକୋନାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ ।



## ସୂର୍ଯ୍ୟମୁଖୀରେ ରୋଗପୋକ ନିୟନ୍ତ୍ରଣ



**ସୂ**ର୍ଯ୍ୟମୁଖୀ ଫସଲରେ କର୍ତ୍ତକ କୀଟ, ଶଁବାଳୁଆ, ଧଳାମାଛି, ଥ୍ରୀପ୍ସ, ଜଉପୋକ, ସବୁଜ ଘୋଡ଼ାପୋକ, ଧୂଆଁପତ୍ର ଗୋଟିପୋକ, ଫୁଲବିନ୍ଧା ପୋକ, ପତ୍ରଦାଗ ରୋଗ, ମୂଳଶଢ଼ା ରୋଗ, ଝାଉଁଳା ରୋଗ, କଳଙ୍କି ରୋଗ, ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଓ ଫୁଲଶଢ଼ା ରୋଗ ଇତ୍ୟାଦି ଦେଖାଯାଏ । ଏହାର ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ସୂର୍ଯ୍ୟମୁଖୀ ଫସଲର ଚାରିପାଖରେ ମକା, ଗାଜର, ବାଜରା ଆଦି ଫସଲ ଚାଷକରି ଥ୍ରୀପ୍ସ ଆକ୍ରମଣ କମାନ୍ତୁ । ସର୍ବଦା ପ୍ରମାଣିତ ବିହନ ବ୍ୟବହାର କରନ୍ତୁ । ଭଲ ଅମଳ ପାଇଁ ଖତ ଓ ମୂଳସାରକୁ ବିହନ ବୁଣିବାର ୧ ସପ୍ତାହ ପୂର୍ବରୁ ମାଟିରେ ମିଶାନ୍ତୁ । ପ୍ରଥମ ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ । ସକାଳ ସମୟରେ କୌଣସି କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ପାଇଁ କ୍ଷତିକାରକ । ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ । ଶୋଷକ ପୋକ ଯଥା– ଧଳାମାଛି, ଜଉପୋକ ପାଇଁ ଏକର ପ୍ରତି ଡାଇମିଥୋଏଟ୍ ୪୦୦ ମି.ଲି.କୁ ୨୦୦ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସବୁଜ ଘୋଡ଼ାପୋକ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ବା ପ୍ରୋଫେନୋଫସ୍ ୪୦୦ ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଫୁଲ ଫୁଟିବା ସମୟରେ ବିଷାକ୍ତ ଦ୍ରବ୍ୟ ପ୍ରୟୋଗ କରନ୍ତୁ ନାହିଁ । ନିମଜାତୀୟ କୀଟନାଶକ ଯଥା ଆଜାଡିରାକ୍ଟିନ୍ ୦.୧୫% ୩ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ୨୫ରୁ ୩୦ ଦିନ ହୋଇଥିବା ସୂର୍ଯ୍ୟମୁଖୀରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।



## ଅଭିନୟରୁ ବିରତି ନେବାକୁ ଚାହୁଁଛନ୍ତି ରଣବୀର

**ମୁମ୍ବାଇ:** ବଲିଉଡ୍ ଅଭିନେତା ରଣବୀର କପୁର ତାଙ୍କ ଫିଲ୍ମ 'ଆନିମଲ'କୁ ନେଇ ବହୁତ ଉତ୍ସାହିତ ଅଛନ୍ତି। ତାଙ୍କର ଏହି ଫିଲ୍ମ ରିଲିଜ୍ ପୂର୍ବରୁ ସେ ତାଙ୍କ କ୍ୟାରିୟର ବିଷୟରେ ବଡ଼ ବୟାନ ଦେଇଛନ୍ତି। ଫିଲ୍ମ ପ୍ରମୋଶନର ବ୍ୟସ୍ତତା ମଧ୍ୟରେ ସେ ତାଙ୍କ ଝିଅ ରାହାଙ୍କ ସହ ମୂଲ୍ୟବାନ ମୁହୂର୍ତ୍ତ ବିତାଇବାକୁ ଇଚ୍ଛା ପ୍ରକାଶ କରିଥିଲେ। ହାଇଦ୍ରାବାଦରେ ଏକ ଖବରଦାତା ସମ୍ମିଳନୀରେ ରଣବୀର ତାଙ୍କ ଝିଅଙ୍କ ଉପସ୍ଥିତିକୁ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି। ସେ ତାଙ୍କ ସମସ୍ତ କ୍ୟାରିୟରକୁ ଝିଅକୁ ଉତ୍ସର୍ଗ କରିବାକୁ ଇଚ୍ଛା କରିଥିଲେ। ରାହା ତାଙ୍କ ଜୀବନର ସବୁଠୁ ଖୁସିର ଅଧ୍ୟାୟ ବୋଲି କହିଥିଲେ। ସେ ଏହା ମଧ୍ୟ କହିଥିଲେ, ସେ ଝିଅ ପାଇଁ ଅଭିନୟରୁ ବିରତି ନେବାକୁ ଚାହୁଁଥିବା ପ୍ରକାଶ କରିଛନ୍ତି।

## ୨୪ ଥରରେ ଏମ୍‌ଏସ୍‌ସି ପାସ୍

ଭୋପାଳ

ଜଣେ ମଣିଷ କିଛି ହାସଲ କରିବାକୁ ଚାହିଁଲେ, ସେଥିପାଇଁ ତାଙ୍କୁ ବହୁତ ବାଧାବିଘ୍ନ ଦେଇ ଗତି କରିବାକୁ ପଡ଼ିଥାଏ। ଏହାପରେ ସେ ସଫଳତା ପାଇପାରେ। ସେପରି ଜଣେ ବ୍ୟକ୍ତି ହେଉଛନ୍ତି ମଧ୍ୟପ୍ରଦେଶର ରାଜକରଣ ବରୁଆ। ସେ ୫୬ ବର୍ଷ ବୟସରେ ବେସରକାରୀ ଜଗୁଆଳି ଏବଂ ଚାକର କାମ କରି ମଧ୍ୟ ଏମ୍‌ଏସ୍‌ସି ପାସ୍ କରିଛନ୍ତି। ରାଜକରଣ ତାଙ୍କ ବୟସର ପ୍ରାୟ ଅଧା ସମୟ ଏମ୍‌ଏସ୍‌ସି ପାଇବାକୁ ନଷ୍ଟ କରି ଦେଇଛନ୍ତି। ହେଲେ ସେ କେବେ ତାଙ୍କର ଇଚ୍ଛାଶକ୍ତି ହରାଇ ନ ଥିଲେ। ତାଙ୍କ ଜୀବନରେ ଯେମିତି ବି ପରିସ୍ଥିତି ଆସିଲେ ମଧ୍ୟ ସେ ଲକ୍ଷ୍ୟଚ୍ୟୁତ ହୋଇ ନ ଥିଲେ। ସେ ନିରନ୍ତର ଭାବେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ଚେଷ୍ଟା ଚଳାଇଥିଲେ। ୨୫ ବର୍ଷରେ ରାଜକିରଣ ୨୩ ଥର ଫେଲ୍ ହେବା ପରେ ଏବେ ତାଙ୍କୁ ସଫଳତା ମିଳିଛି। ପରୀକ୍ଷାରୁ ରାଜକିରଣ ପ୍ରୟାସ ଏବଂ ଧୈର୍ଯ୍ୟ ୨ଟି ଜିନିଷ ଶିଖିଥିବା କହିଛନ୍ତି। ୧୯୯୬ରେ ରାଜକିରଣ ଗଣିତରେ ସ୍ନାତକ ହାସଲ ପାଇଁ ରାଣୀ ଦୁର୍ଗାବତୀ ବିଶ୍ୱବିଦ୍ୟାଳୟରେ ଏମ୍‌ଏସ୍‌ସିରେ ନାମ ଲେଖାଇଲେ। ଏହାପରେ ୧୯୯୭ରେ ସେ ପ୍ରଥମ ଥର ଏମ୍‌ଏସ୍‌ସି ପରୀକ୍ଷା ଦେଇଥିଲେ। ହେଲେ ସେଥିରେ ସେ ଫେଲ୍ ହୋଇଥିଲେ। ଆଗାମୀ ୧୦ ବର୍ଷରେ ସେ ୫ଟି ବିଷୟରୁ କେବଳ ୨ଟି ବିଷୟରେ ପାସ୍ କରିଥିଲେ। ଶେଷରେ ସେ ୨୦୨୧ରେ ଏମ୍‌ଏସ୍‌ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରିଲେ। ହେଲେ ଏହି ସଫଳତା ପଛରେ ତାଙ୍କୁ ବହୁତ କଷ୍ଟ ସହିବାକୁ ପଡ଼ିଛି। ସେ ରହିବା ଏବଂ ଖାଇବା ପାଇଁ ଏକ ବଙ୍ଗଳାରେ ଚାକର କାମ କଲେ। ଏଥିରୁ ତାଙ୍କୁ ପ୍ରାୟ ୧୫୦୦ ଟଙ୍କା ମିଳୁଥିଲା। ଏଥିସହ ସେ ରାତିରେ ଜଗୁଆଳି କାମ କରୁଥିଲେ। ଯେଉଁଥିରୁ ତାଙ୍କୁ ୫ ହଜାର ଟଙ୍କା ମିଳୁଥିଲା। ଏହି ଟଙ୍କାରେ ସେ ତାଙ୍କ ଘର ଚଳାଉଥିଲେ। ତା' ଭିତରୁ କିଛି ସଞ୍ଚୟ କରି ବହି କିଣୁଥିଲେ। ଏହି ୨୫ ବର୍ଷ ମଧ୍ୟରେ ସେ ପାଠ ପଢିବାକୁ ପ୍ରାୟ ୨ ଲକ୍ଷ ଖର୍ଚ୍ଚ କରିଛନ୍ତି।



ରାଜକରଣ ବରୁଆ

## ୨୬୦୦ କେସ୍ କରି କୋଟିପତି

**ନ୍ୟୁୟର୍କ:** ଲୋକେ ଟଙ୍କା ରୋଜଗାର ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରିଥାନ୍ତି। ତେବେ ଆମେରିକାର ଜଣେ ବ୍ୟକ୍ତି ରୋଜଗାର ପାଇଁ ଆଇନକୁ ହତିଆର ବନେଇଛନ୍ତି। ସେ ବର୍ଷ ବର୍ଷ ଧରି ଲୋକଙ୍କ ଉପରେ କେସ୍ କରି ଟଙ୍କା ରୋଜଗାର କରୁଛନ୍ତି। ଜୋନାଥନ ଲି ରିଚେସ୍ ବ୍ୟକ୍ତି ଏପର୍ଯ୍ୟନ୍ତ ୨୬୦୦ଟି କେସ୍ କରିଛନ୍ତି। ସେଥିମଧ୍ୟରୁ ଅଧିକାଂଶ କେସ୍ ଜିତି ସେ କୋଟି କୋଟି ଟଙ୍କା ମଧ୍ୟ ରୋଜଗାର କଲେଣି। ସର୍ବ ପ୍ରଥମରେ ଜୋନାଥନ ତାଙ୍କ ମା'ଙ୍କ ଉପରେ ଖରାପ ପରିବେଶର ଆରୋପ ଲଗାଇ କେସ୍ କରିଥିଲେ। ସେ ଏପରି ଅନେକ ମାନହାନି କେସ୍ କରି ଟଙ୍କା ରୋଜଗାର କରୁଛନ୍ତି। ତେବେ ଜୋନାଥନ ବହୁତ ଲୋକଙ୍କ ଉପରେ କେସ୍ କରି ଗିନିଜ୍ ରେକର୍ଡ ମଧ୍ୟ କରିଛନ୍ତି। ଗିନିଜ୍ ବୁକ ଅଫ୍ ୱାର୍ଲ୍ଡ ରେକର୍ଡ ଅନୁସାରେ, ଜୋନାଥନଙ୍କ ନାମ ଦୁନିଆର ସବୁଠୁ ଅଧିକ କେସ୍ ଫାଇଲ କରିଥିବା ବ୍ୟକ୍ତି ଭାବେ ସାମିଲ ହୋଇଛି। ଏବେ ସେ ଗିନିଜ୍ ରେକର୍ଡକୁ ନେଇ ମଧ୍ୟ ଏକ କେସ୍ କରିଛନ୍ତି। ମଜାଦାର କଥା ହେଉଛି, ଯେତେବେଳେ କେହି ଜଜ୍ ତାଙ୍କ ବିରୋଧରେ ମୋକଦ୍ଦମାର ବିଚାର କରନ୍ତି, ସେ ବ୍ୟକ୍ତି ଜଜ୍‌ଙ୍କ ବିରୋଧରେ ମଧ୍ୟ କେସ୍ କରିଦିଅନ୍ତି।

ଅଭିନନ୍ଦନ
ଆସନ୍ତୁ ସମସ୍ତେ ମିଳିମିଶି ମୃତ୍ତିକା ଓ ଜଳକୁ ସଂରକ୍ଷଣ କରିବା
ଜଳ ବିଭାଜିକା ଅଞ୍ଚଳର ଉନ୍ନତି କରି କୃଷିକୁ ଉନ୍ନତ କରିବା।
କୃଷିର ଉନ୍ନତି, ଆମ ରାଜ୍ୟର ଉନ୍ନତି
ପ୍ରଗତିର ପଥେ ଜଳ ବିଭାଜିକା ଉନ୍ନୟନ କାର୍ଯ୍ୟକ୍ରମ, ଦେବଗଡ଼
ସୌଜନ୍ୟ: ପ୍ରକଳ୍ପ ନିର୍ଦ୍ଦେଶକ, ଜଳ ବିଭାଜିକା, ଦେବଗଡ଼

'ଧରିତ୍ରୀ'ର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ସମସ୍ତଙ୍କୁ ପ୍ରୀତିଭରା ଅଭିନନ୍ଦନ।
ରାଉତପଡ଼ା ସମବାୟ ସମିତିର ସାମଗ୍ରିକ ବିକାଶ ପାଇଁ ସମସ୍ତ ଡାଇରେକ୍ଟର, ଚାଷୀ ଭଉଣୀଭାଇ, ଅଫିସ କର୍ମଚାରୀ, ମହିଳା ଗୋଷ୍ଠୀ ଓ ଜନସାଧାରଣଙ୍କ ପୂର୍ଣ୍ଣ ସହଯୋଗ କାମନା କରୁଛି।
ଦେବାଶିଷ ମହାପାତ୍ର (ଫୁଲବାବୁ)
ସଭାପତି
ରାଉତପଡ଼ା ସମବାୟ ସମିତି
ବସ୍ତା, ବାଲେଶ୍ୱର

ଧରିତ୍ରୀ ର ସୁବର୍ଣ୍ଣଜୟନ୍ତୀ ଉପଲକ୍ଷେ ସମସ୍ତଙ୍କୁ ପ୍ରୀତିଭରା ଅଭିନନ୍ଦନ
ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀଙ୍କ ତରଫରୁ ଧରିତ୍ରୀ ପରିବାରର ଶୁଭକାମନା କରୁଛି। ଧରିତ୍ରୀର ଭବିଷ୍ୟତ ଉଜ୍ଜ୍ୱଳ ହେଉ।
ଡ. ତପନ କୁମାର ବେହେରା
ଅଧ୍ୟକ୍ଷ, ନୀଳମଣି ମହାବିଦ୍ୟାଳୟ, ରୂପସା, ବାଲେଶ୍ୱର

ଅଭିନନ୍ଦନ
ଦୈନିକ ଖବରକାଗଜ ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଧରିତ୍ରୀର ସମସ୍ତ ପାଠକ ପାଠିକା ଓ ପରିବାରବର୍ଗଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।
ପ୍ରଣୟ ଜେଠୀ
ଗଣମାଧ୍ୟମ ସଂଯୋଜକ

ଅଭିନନ୍ଦନ
ଧରିତ୍ରୀର ୫୦ତମ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଧରିତ୍ରୀର ଅଗଣିତ ପାଠିକା ପାଠକ, ଖବରଦାତା ଓ ସମସ୍ତ କର୍ମକର୍ତ୍ତାଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ।
ଶ୍ରୀ ଶିଲୁ ପରିଡ଼ା
ବିଜେଡିର ଯୁବ ସଂଗଠକ, କେସିଙ୍ଗା, କଳାହାଣ୍ଡି

'ଧରିତ୍ରୀ'ର ୫୦ତମ ଜନ୍ମ ଦିବସ ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ।
ବାଲେଶ୍ୱର ଜିଲା ସମେତ ବସ୍ତା ବ୍ଲକର ସମସ୍ତ ଜନସାଧାରଣଙ୍କ ସୁଖ, ସମୃଦ୍ଧି ସହ ସର୍ବାଙ୍ଗୀନ ବିକାଶ ଦିଗରେ ସହଯୋଗ କାମନା କରୁଛି।
ସତ୍ୟ ନାରାୟଣ ଗୁପ୍ତା
ବ୍ଲକ କଂଗ୍ରେସ ସଭାପତି
ବସ୍ତା, ବାଲେଶ୍ୱର

ସତ୍ୟ, ନିରପେକ୍ଷ ଖବର ପ୍ରକାଶନ ପାଇଁ ଧରିତ୍ରୀ ସର୍ବଦା ଆଗରେ। ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସଦର ନିର୍ବାଚନମଣ୍ଡଳୀ ସମେତ ଆଙ୍କୋ ପଞ୍ଚାୟତର ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛୁ।
ଅଭିନନ୍ଦନ
ଜୟକୃଷ୍ଣ ବେହେରା (ବୁଲାଭାଇ)
ସଭାପତି, ସଦର ବ୍ଲକ କଂଗ୍ରେସ କମିଟି, ବାଲେଶ୍ୱର
ଜ୍ୟୋତ୍ସ୍ନାରାଣୀ ବେହେରା
ସରପଞ୍ଚ, ଆଙ୍କୋ ପଞ୍ଚାୟତ, ସଦରବ୍ଲକ

'ଧରିତ୍ରୀ'ର ସୁବର୍ଣ୍ଣ ଜୟନ୍ତୀ ଅବସରରେ ସମସ୍ତଙ୍କୁ ସାଦର ଅଭିନନ୍ଦନ।
କସିପଦା ପଞ୍ଚାୟତ ହାଇସ୍କୁଲ, ନୀଳମଣି କଲେଜ ଆଲୁମ୍‌ନି, ପିଞ୍ଚାବଣିଆ ବୈଦିକ ଗୁରୁକୁଳ ଆଶ୍ରମ ତରଫରୁ ଧରିତ୍ରୀର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।
ଅନନ୍ତ କୁମାର ସାହୁ
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ରୂପ୍‌ସା, ବାଲେଶ୍ୱର

ଅଭିନନ୍ଦନ
ଓଡ଼ିଶାର ପ୍ରମୁଖ ଖବରକାଗଜ ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଦିବସ ପାଳନ ଉପଲକ୍ଷେ ସାଧାରଣ ଜନତା, ଶାସନ, ପ୍ରଶାସନ ମଧ୍ୟରେ ଏହା ଏକ ସେତୁ ଭଳି କାର୍ଯ୍ୟ କରି ଆସୁଅଛି। ଏହି ଖବରକାଗଜ ୫୦ ବର୍ଷରେ ପଦାର୍ପଣ କରି ସୁବର୍ଣ୍ଣ ଜୟନ୍ତୀ ପାଳନ କରିଥିବାରୁ ସମ୍ପାଦକଙ୍କୁ ମୋର ଅନେକ ଶୁଭେଚ୍ଛା।
ଶ୍ରୀ ରମେଶ ପଟ୍ଟନାୟକ
ବିଜେଡି, ଟାଉନ ସଭାପତି, କେସିଙ୍ଗା

ଅଭିନନ୍ଦନ
JSW PAINTS asianpaints
ଧରିତ୍ରୀର ଉଚ୍ଚକୋଟୀର ଲେଖା ସମସ୍ତ ପାଠିକା ପାଠକଙ୍କ ହୃଦୟକୁ ଜିଣିପାରିଛି।
ସୁବର୍ଣ୍ଣଜୟନ୍ତୀ ଉପଲକ୍ଷେ ସମସ୍ତ ଗ୍ରାହକ, ବ୍ୟବସାୟୀ ଓ ଜନସାଧାରଣଙ୍କୁ ମାତୃଶକ୍ତି ପେଣ୍ଟ୍ସ ତରଫରୁ ଅଭିନନ୍ଦନ।
ସର୍ବେଶ୍ୱର ବେହେରା
ପ୍ରୋ: ମାତୃଶକ୍ତି ପେଣ୍ଟ୍ସ, ବସ୍ତା, ବାଲେଶ୍ୱର (ଈଶ୍ୱରବର୍ତ୍ତୀ ମନ୍ଦିର ସାମ୍ନା)
ମୋ: ୯୯୩୭୪୮୯୯୩୩

ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଅଭିନନ୍ଦନ
ସତ୍ୟ, ନିର୍ଭୀକ ଖବର ପ୍ରକାଶନ କ୍ଷେତ୍ରରେ ଧରିତ୍ରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବାଲେଶ୍ୱର ୧୭ ନଂ. ଜୋନ୍‌ର ସାମଗ୍ରିକ ବିକାଶ ପାଇଁ ଜନସାଧାରଣଙ୍କ ପୂର୍ଣ୍ଣ ସହଯୋଗ କାମନା କରୁଛି।
ସୁଜାତାରାଣୀ ଦଣ୍ଡପାଟ
ଜିଲା ପରିଷଦ ସଭ୍ୟା, ୧୭ନଂ. ଜୋନ୍, ବସ୍ତା, ବାଲେଶ୍ୱର

ଅଭିନନ୍ଦନ
ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଧରିତ୍ରୀର ଅଗଣିତ ପାଠିକା ପାଠକ, ଖବରଦାତା ଏବଂ ଧରିତ୍ରୀ ପରିବାରକୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି।
ଶ୍ରୀମତୀ ପାର୍ବତୀ ଶର୍ମା
ସରପଞ୍ଚ, କାଣ୍ଡେଲ ଗ୍ରା.ପ., କେସିଙ୍ଗା

ଅଭିନନ୍ଦନ
ନିର୍ଭୀକ, ନିରପେକ୍ଷ ଖବର ପ୍ରକାଶନ ପାଇଁ 'ଧରିତ୍ରୀ' ସର୍ବଦା ପ୍ରଶଂସନୀୟ। ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସମସ୍ତ ପାଠିକାପାଠକ, ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ ସହ 'ଧରିତ୍ରୀ' ପରିବାରର ସୁଖ, ସମୃଦ୍ଧି କାମନା କରୁଛି।
ଶ୍ରୀପତି ରାଉତ
ପୂର୍ବତନ ଷ୍ଟେସନ ମ୍ୟାନେଜର
ରୂପ୍‌ସା, ବାଲେଶ୍ୱର

With Best Compliments From:
LAPTOP / COMPUTER / CCTV
OFFER! FREE TECH GIFTS
OFFER! SPECIAL OFFERS FOR STUDENTS
OFFER! 0% FINANCE
NARESH ARYA, BE, MBA, Chairman, Unitech
HARSH ARYA, BCOM (H), MBA, Director, Unitech
YASH ARYA, B.COM (H), MBA, Director, Unitech
34 LEGACY OF TRUST & TECHNOLOGY
UNITECH SINCE 1989 UNITECH ENGINEERS THE COMPUTER PROFESSIONALS
UNITECH HOUSE, UDITNAGAR, ROURKELA - 769012
9238112233 www.unitechindia.com

With Best Compliments From:
Rabindra Kumar Mohanty Mob : 9437544335
Dillip Kumar Mohanty Mob : 9437544336
इंडियनऑयल IndianOil
LAXMI NARAYAN FILLING STATION
Dealer - Indian Oil Corporation Ltd.
N.H.-60, Gahira Simulia, Basta, Balasore
E-mail : dilipkumarmohanty@ymail.com

! ରକ୍ତଦାନ ମହାପୁଣ୍ୟ !
ODISHA BLOOD DONORS' ASSOCIATION ESTD.-2015 RUPSA, BALASORE
'ଧରିତ୍ରୀ'ର ସୁବର୍ଣ୍ଣ ଜୟନ୍ତୀ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ। ରାଜ୍ୟର ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତା, ରକ୍ତଦାନ ଶିବିର ଆୟୋଜକ ଏବଂ ଜନସାଧାରଣଙ୍କୁ ଅଜସ୍ର ଶୁଭେଚ୍ଛା ଓ କୃତଜ୍ଞତା।
ଓଡ଼ିଶା ରକ୍ତଦାତା ସଂଗଠନ, ରୂପ୍‌ସା, ବାଲେଶ୍ୱର
ଗୋପାଳ ଚନ୍ଦ୍ର ସାହୁ, ସମ୍ପାଦକ
ଭିକାରୀ ଚରଣ ମିଶ୍ର, ସଭାପତି

इंडियनऑयल IndianOil
Best Wishes to all on the Occasion of Celebration of Golden Jubilee Year of The Dharitri
SHIVAM PETROLEUM
Dealer- IOCL
N.H.- 60, Gahir Simulia
P.O. - Dandika,
Via - Basta-756029
Dist.- Balasore, Odisha

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୯/୨୦୨୩ Bhubaneswar, Wednesday, November 29/ 2023


# ଯୁବବର୍ଗ ପାଇଁ ଓଡ଼ିଶା ସରକାରଙ୍କ ନୂଆ ପଦକ୍ଷେପ

**ପୁରୁଷ ଓ ମହିଳା କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେବା ଲାଗି ୪୭,୦୦୦ରୁ ଊର୍ଦ୍ଧ୍ୱ ଟିମ୍ ପଞ୍ଜୀକୃତ**

ଭୁବନେଶ୍ୱର, ୨୮।୧୧

(ବିଜୟ ରଣା)

ଓଡ଼ିଶାର ଯୁବକମାନଙ୍କୁ ସଂଗଠିତ କରିବା ଏବଂ ସେମାନଙ୍କ ସଶକ୍ତିକରଣ ଦିଗରେ ସରକାର ଆଉ ଏକ ନୂଆ ଉଲ୍ଲେଖନୀୟ ପଦକ୍ଷେପ ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ସରକାର ନିକଟରେ 'ନୂଆ ଓ' କାର୍ଯ୍ୟକ୍ରମର ଘୋଷଣା କରିଥିଲେ। ଏଥିରେ କ୍ରୀଡ଼ା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ। ସମଗ୍ର ରାଜ୍ୟରେ ଏହା କାର୍ଯ୍ୟକାରୀ ହେବ। ୧୩ରୁ ୩୫ ବର୍ଷ ବୟସ ବର୍ଗରେ ୬ଟି ବିଭାଗରେ ଖେଳ ଯଥା ଖୋ-ଖୋ, କ୍ରିକେଟ, ହକି, ଫୁଟ୍‌ବଲ, ଭଲିବଲ୍ ଅନୁଷ୍ଠିତ ହେବ। ପୁରୁଷ ଓ ମହିଳା କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେବା ଲାଗି ବର୍ତ୍ତମାନ ୪୭,୦୦୦ରୁ ଊର୍ଦ୍ଧ୍ୱ ଟିମ୍ ପଞ୍ଜୀକୃତ କରିଛନ୍ତି। ତନ୍ମଧ୍ୟରୁ ୧୯,୭୦୧ ଦଳ କ୍ରିକେଟ, ୮,୩୮୫ ଦଳ ଫୁଟ୍‌ବଲ, ୭,୫୬୭ ଦଳ ଭଲିବଲ ଏବଂ ୬୨୦୨ ଦଳ କବାଡ଼ିରେ ଭାଗ ନେବାକୁ ଥିବାବେଳେ ଖୋ ଖୋ ଓ ହକିରେ ଯଥାକ୍ରମେ ୪,୨୦୯ ଏବଂ ୧,୬୮୩ ଦଳ ରହିଛନ୍ତି। ଉଲ୍ଲେଖଯୋଗ୍ୟ, ମହିଳା କାଟେଗୋରିରେ ୫,୦୦୦ ଟିମ୍ ପଞ୍ଜୀକୃତ କରିଛନ୍ତି। ଏହି କାର୍ଯ୍ୟକ୍ରମ ଯଥା ବ୍ଲକ ଲେଭଲ/ଯୁବି ଲେଭଲ, ଇନଷ୍ଟିଚ୍ୟୁଶନାଲ ଲେଭଲ, ଡିଷ୍ଟ୍ରିକ୍ଟ ଲେଭଲ ୪ଟି ସ୍ତରରେ ହେବ। ବ୍ଲକ/ଯୁବି ଲେଭଲରେ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ହେବ। ଇନଷ୍ଟିଚ୍ୟୁଶନାଲ ସ୍ତରରେ ସମାଜସେବା ଓ କାର୍ଯ୍ୟକଳାପ ବ୍ୟବସ୍ଥା ରହିଛି। ଜିଲା ଓ ରାଜ୍ୟସ୍ତରରେ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ହେବ। ଏଥିରେ ସାମାଜିକ ସଚେତନତା ପାଇଁ ଯୁଥ ଫେଷ୍ଟିଭାଲ, ଡିଜିଟାଲ ଏନଗେଜମେଣ୍ଟ ଏବଂ ସୋସିଆଲ ମିଡିଆ ପ୍ରତିଯୋଗିତା ରହିବ। ଏହି ପ୍ରୋଗ୍ରାମରେ ମାଗଣା ସ୍ପୋର୍ଟ୍ସ କିଟ୍ ସହ ଆର୍ଥିକ ପୁରସ୍କାର ବ୍ୟବସ୍ଥା ରହିଛି। 'ନୂଆ ଓ' କାର୍ଯ୍ୟକ୍ରମକୁ ସଫଳତାର ସହ ଆଗେଇନେବା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ହାୟର ଏଜୁକେଶନ, ସ୍କୁଲ ଆଣ୍ଡ ମାସ୍ ଏଜୁକେଶନ, ସ୍କିଲ ଡେଭଲପମେଣ୍ଟ ଆଣ୍ଡ ଟେକ୍‌ନିକାଲ ଏଜୁକେଶନ, ସ୍କିଲ ଡେଭଲପମେଣ୍ଟ ଆଣ୍ଡ ଟେକ୍‌ନିକାଲ ଏଜୁକେଶନ, ଏସ୍‌ଟି ଆଣ୍ଡ୍ ଏସ୍‌ସି ଡେଭଲପମେଣ୍ଟ, ହେଲ୍‌ଥ ଆଣ୍ଡ୍ ଫ୍ୟାମିଲି ୱେଲଫେୟାର, ଏଗ୍ରିକଲଚର ଆଣ୍ଡ ଫାର୍ମର୍ସ ଏମ୍ପାୱାରମେଣ୍ଟ ବିଭାଗ ବ୍ୟତୀତ କ୍ରୀଡ଼ା ଯୁବସେବା ବିଭାଗ, ଜିଲା ପ୍ରଶାସନ ଓ ରାଜ୍ୟ କ୍ରୀଡ଼ା ଆସୋସିଏଶନ ମିଳିତ ଭାବେ କାର୍ଯ୍ୟକରିବେ।

## କ୍ଷତିପୂରଣକୁ ନେଇ ଏସିସି-ପିସିବି ମୁହାଁମୁହିଁ

କରାଚୀ,୨୮।୧୧(ପି.ଟି.)

ଏସିଆ କପ୍ ସ୍ଥାନାନ୍ତର ସମ୍ପର୍କିତ କ୍ଷତିପୂରଣକୁ ନେଇ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ଓ ଏସିଆନ କ୍ରିକେଟ କାଉନ୍‌ସିଲ(ଏସିସି) ମୁହାଁମୁହିଁ ହୋଇଛନ୍ତି। ପାକିସ୍ତାନରେ ଖେଳାଯିବାକୁ ଥିବା ଏସିଆ କପ୍ କ୍ରିକେଟ ହାଇବ୍ରିଡ୍ ମୋଡ୍‌ରେ ଖେଳାଯାଇଥିଲା। ଅର୍ଦ୍ଧାଧିକ ମ୍ୟାଚ ଶ୍ରୀଲଙ୍କାରେ ଖେଳାଯାଇଥିବା ବେଳେ ଶ୍ରୀଲଙ୍କା ଓ ପାକିସ୍ତାନ ଦଳ ପାଇଁ ଅତିରିକ୍ତ ଚାର୍ଟର୍ଡ ବିମାନ ବୁକ୍ କରିବାକୁ ପଡିଥିଲା। ଏହାକୁ ନେଇ ପିସିବି ଅତିରିକ୍ତ କ୍ଷତିପୂରଣ ଦାବି କରୁଛି। ଟୁର୍ନାମେଣ୍ଟ ଓ ମ୍ୟାଚ୍ ସ୍ଥାନାନ୍ତର ବାବଦରେ ୨ ଲକ୍ଷ ୫୦ ହଜାର ଡଲାରର କ୍ଷତିପୂରଣ ଦାବି କରାଯାଇଥିବା ବେଳେ ସ୍ପନସରଶିପ୍ ଓ ଅନ୍ୟାନ୍ୟ କ୍ଷତିପୂରଣ ଦାବି କରିଛି। ଏହା ମଧ୍ୟରେ ହୋଟେଲ ଓ ପରିବହନ ଖର୍ଚ୍ଚ ମଧ୍ୟ ସାମିଲ ରହିଛି। ତେବେ ଏସିସି କୌଣସି ଅନ୍ୟାନ୍ୟ କ୍ଷତିପୂରଣ ନ ଦେବାକୁ ଅଡି ବସିଛି। ଶ୍ରୀଲଙ୍କାର କ୍ଲାସିକ୍ ଟ୍ରାଭେଲ ନାମକ ଏକ କମ୍ପାନୀକୁ ଖେଳାଳିଙ୍କ ଯାତାୟାତ ପାଇଁ ପିସିବି ୨ ଲକ୍ଷ ୮୧ ହଜାର ଡଲାର ପ୍ରଦାନ କରିଛି। ଏହି ଅର୍ଥ ପିସିବି ବହନ କରିବା ନେଇ ଅସହମତି ପ୍ରକାଶ କରିଛି। ପାକିସ୍ତାନରେ ଖେଳିବାକୁ ଭାରତ ରାଜି ନ ହେବା କାରଣରୁ ହାଇବ୍ରିଡ୍ ମଡେଲରେ ଏହି ଟୁର୍ନାମେଣ୍ଟ ଖେଳାଯାଇଥିବା ବେଳେ ଖର୍ଚ୍ଚ ମଧ୍ୟ ବଢି ଯାଇଥିଲା। ପାକିସ୍ତାନ ଭୁଲରୁ ଏଭଳି ହୋଇ ନାହିଁ। ତେଣୁ କ୍ଷତି ସହିବାକୁ ଅନିଚ୍ଛା ପ୍ରକାଶ କରିଛି ପିସିବି।

# ମ୍ୟାକ୍ସୱେଲଙ୍କ ଶତକରେ ଅଷ୍ଟ୍ରେଲିଆ ବିଜୟୀ



ଶତକ ହାସଲ ପରେ ଭାରତର ଋତୁରାଜ ଗାଏକ୍ୱାଡ୍।

**ତୃତୀୟ ଟି୨୦**

ଗୁଆହାଟୀ,୨୮।୧୧

ଗ୍ଲେନ୍ ମ୍ୟାକ୍ସୱେଲଙ୍କ ଦମଦାର ଶତକ ବଳରେ ଭାରତ ବିପକ୍ଷ ତୃତୀୟ ଟି୨୦ ମ୍ୟାଚକୁ ୫ ଉଇକେଟରେ ଜିତି ନେଇଛି ଅଷ୍ଟ୍ରେଲିଆ। ଓପନର ଋତୁରାଜ ଗାଏକ୍ୱାଡଙ୍କ ପ୍ରଥମ ଅନ୍ତର୍ଜାତୀୟ ଶତକ ବଳରେ ଭାରତ ୩ ଉଇକେଟରେ ୨୨୨ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ଇନିଂସର ଅନ୍ତିମ ବଲରେ ୫ ଉଇକେଟ ହରାଇ ବିଜୟୀ ହୋଇଥିଲା। ବିଶ୍ୱକପରେ ଆଫଗାନିସ୍ତାନ ବିପକ୍ଷ ମ୍ୟାଚର ଇନିଂସ ରିପ୍ଲେ ସହିତ ମ୍ୟାକ୍ସୱେଲ ଅପରାଜିତ ଶତକ ହାସଲ କରିଥିଲେ। ଟସ୍ ଜିତି ଅଷ୍ଟ୍ରେଲିଆ ବୋଲିଂ କରିଥିବା ବେଳେ ଭାରତ ୨୪ ରନ୍‌ରେ ଯଶସ୍ୱୀ ଜୟସ୍ୱାଲ(୬) ଓ ଇଶାନ କିଶନ୍(୦)ଙ୍କ ଉଇକେଟ ହରାଇଥିଲା। ତେବେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ(୩୯) ଓ ଋତୁରାଜ ଗାଏକ୍ୱାଡ(୧୨୩*) ତୃତୀୟ ଉଇକେଟରେ ୫୭ ରନ୍ ଯୋଡି ସ୍ଥିତି ସୁଧାରିଥିଲେ। ୮୧ ରନରେ ତୃତୀୟ ଉଇକେଟର ପତନ ପରେ ଗିୟର ବଦଳାଇଥିଲେ ଗାଏକ୍ୱାଡ। ଟି୨୦ ତଥା ଅନ୍ତର୍ଜାତୀୟ କ୍ୟାରିୟରର ପ୍ରଥମ ଶତକ ହାସଲ କରିବା ସହ ଚତୁର୍ଥ ଉଇକେଟରେ ତିଳକ ବର୍ମା(୩୧)ଙ୍କ ସହିତ ୧୪୧ ରନ୍ ଯୋଡିଥିଲେ। ଋତୁରାଜ ୫୭ ବଲ୍ ଖେଳି ୧୩ ଚୌକା ଓ ୭ ଛକା ମାରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ କେନ୍ ରିଚାର୍ଡସନ୍, ଜାସନ୍ ବେହେରେଣ୍ଡ୍ରଫ ଓ ଆରୋନ୍ ହାର୍ଡି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୨୨୩ ରନ୍ ଲକ୍ଷ୍ୟକୁ ନେଇ ଅଷ୍ଟ୍ରେଲିଆ ୬୮ ରନରେ ୩ ଓ ୧୩୪ ରନ୍‌ରେ ପଞ୍ଚମ ଉଇକେଟ ହରାଇଥିଲା। ଅନ୍ତିମ ୬ ଓଭରରେ ୯୦ରୁ ଅଧିକ ରନ୍ ଆବଶ୍ୟକ ଥିବା ବେଳେ ମ୍ୟାକ୍ସୱେଲ ଖେଳିଥିଲେ ଏକ ଅବିଶ୍ୱସନୀୟ ଇନିଂସ। ୪୮ ବଲ୍ ଖେଳି ୮ ଲେଖାଏ ଛକା ଓ ଚୌକା ସହିତ ସେ ୧୦୪ ରନ୍ ସଂଗ୍ରହ କରିଥିଲେ। ଅନ୍ତିମ ଓଭରରେ ୪୭ ବଲ୍‌ରେ ଶତକ ପୂରଣ କରିବା ସହ ଅଷ୍ଟ୍ରେଲିଆ ପକ୍ଷରୁ ଦ୍ରୁତ ଶତକରେ ଜୋଶ ଇଂଲିସ ଓ ଆରେନ୍ ଫିଞ୍ଚଙ୍କ ସମକକ୍ଷ ହୋଇଥିଲେ। ଶେଷ ଆଡକୁ ଅଧିନାୟକ ମାଥ୍ୟୁ ୱେଡ୍ ଅପରାଜିତ ୨୮ ରନ୍ କରିଥିଲେ। ଭାରତ ପକ୍ଷରୁ ରବି ବିଷ୍ଣୋଇ ୨ ଉଇକେଟ ନେଇଥିବା ବେଳେ ଅକ୍ଷର ପଟେଲ, ଆଭେଶ ଖାନ୍ ଓ ଅର୍ଶଦୀପ ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୨୨୨/୩ (ଋତୁରାଜ ଗାଏକ୍ୱାଡ-୧୨୩*, ସୂର୍ଯ୍ୟକୁମାର ଯାଦବ-୩୯, ତିଳକ ବର୍ମା-୩୧*, କେନ୍ ରିଚାର୍ଡସନ୍-୧/୩୪, ଜାସନ୍ ବେହେରେଣ୍ଡ୍ରଫ-୧/୧୨, ଆରୋନ୍ ହାର୍ଡି -୧/୬୪)। ଅଷ୍ଟ୍ରେଲିଆ ୨୦ ଓଭରରେ ୨୨୫/୫ (ଗ୍ଲେନ୍ ମ୍ୟାକ୍ସୱେଲ-୧୦୪*, ଟ୍ରାଭିସ୍ ହେଡ୍-୩୫, ମାଥ୍ୟୁ ୱେଡ୍-୨୮*, ରବି ବିଷ୍ଣୋଇ-୨/୩୨, ଅକ୍ଷର ପଟେଲ-୧/୩୭, ଆଭେଶ ଖାନ୍-୧/୩୭, ଅର୍ଶଦୀପ ସିଂ-୧/୪୪)।

## ଆଜି ଘୋଷଣା ହେବ ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ତାରିଖ

ନୂଆଦିଲ୍ଲୀ,୨୮।୧୧(ପି.ଟି.): ଦୀର୍ଘଦିନ ଧରି ଜାରି ରହିଥିବା ଭାରତୀୟ ରେସ୍‌ଲିଂ ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ବିବାଦରେ ପୂର୍ଣ୍ଣଚ୍ଛେଦ ପଡିବାକୁ ଯାଉଛି। ବୁଧବାର ନିର୍ବାଚନ ତାରିଖ ଘୋଷଣା ହେବ ବୋଲି କହିଛନ୍ତି ଆଇଓସି-ଆଡ୍‌ହକ ପ୍ୟାନେଲ ମୁଖ୍ୟ ଭୂପେନ୍ଦ୍ର ସିଂ ବାଜୱା। ମଙ୍ଗଳବାର ସୁପ୍ରିମକୋର୍ଟଙ୍କ ଏକ ଖଣ୍ଡପୀଠ ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କ ଆଦେଶ ଉପରେ ରୋକ୍ ଲଗାଇଛନ୍ତି। ଏହାଫଳରେ ନିର୍ବାଚନ ହେବାର ସମ୍ଭାବନା ସ୍ପଷ୍ଟ ହୋଇଛି। ରିର୍ଟର୍ନିଂ ଅଫିସରଙ୍କ ନିକଟରେ କୋର୍ଟଙ୍କ ଆଦେଶ ପହଞ୍ଚିଲେ ସେ ନିର୍ବାଚନ ତାରିଖ ଘୋଷଣା କରିବେ। ଫଳରେ ବୁଧବାର ହିଁ ନିର୍ବାଚନ ତାରିଖ ଘୋଷଣା ହେବ ବୋଲି ଭୂପେନ୍ଦ୍ର କହିଛନ୍ତି। ମଙ୍ଗଳବାର ଜଷ୍ଟିସ୍ ଅଭୟ ଏସ୍ ଓକା ଓ ପଙ୍କଜ ମିଥଲଙ୍କ ଖଣ୍ଡପୀଠ ଏହି ନିଷ୍ପତ୍ତି ନେବା ସହ ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କ ଆଦେଶକୁ ଖାରଜ କରି ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ଉପରେ ରୋକ୍ ଲଗାଇବା ପାଇଁ ଅକ୍ଟୋବର ୨୫ ତାରିଖରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ରାୟ ଦେଇଥିଲେ। ଏହାକୁ ବିରୋଧ କରି ଆଡ୍‌ହକ ପ୍ୟାନେଲ୍ ସର୍ବୋଚ୍ଚ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ମହିଳା ରେସ୍‌ଲରଙ୍କୁ ନିର୍ଯାତନା ଅଭିଯୋଗରେ ବ୍ରିଜଭୂଷଣ ଶରଣ ସିଂ ଓହରିବା ପରେ ନିର୍ବାଚନ ବିଳମ୍ବିତ ହୋଇଥିଲା।

# ଇଣ୍ଡିଆନ ଓପନ ଗେଟ୍‌ବଲ ଉଦ୍‌ଯାପିତ

ଭୁବନେଶ୍ୱର, ୨୮।୧୧

(ତପନ ସ୍ୱାଇଁ)

ଇଣ୍ଡିଆନ ଗେଟବଲ୍ ୟୁନିୟନ (ଆଇଜିୟୁ) ଆନୁକୂଲ୍ୟରେ ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ଷ୍ଟାଡିୟମରେ ଇଣ୍ଡିଆନ ଓପନ ଗେଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫ଟି ଦେଶ (ଭାରତ, ଥାଇଲାଣ୍ଡ, ଇଣ୍ଡୋନେସିଆ, ତାଇୱାନ, ଜାପାନ)ରୁ ଦଳଗୁଡ଼ିକ ଅଂଶଗ୍ରହଣ କରିଥିଲେ। ଦଳଗତ ଇଭେଣ୍ଟରେ ଇଣ୍ଡିଆନ ଗେଟ୍‌ବଲ ୟୁନିୟନର ଓଡ଼ିଶା ଦଳ ଚାମ୍ପିୟନ ହୋଇଥିଲା। ଡବଲ୍ସରେ ଇଣ୍ଡୋନେସିଆ ଦଳ ପ୍ରଥମସ୍ଥାନ ଅଧିକାର କରିଥିଲା। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ସତ୍ୟବ୍ରତ ସାହୁ ଏବଂ ସିଲିକନ୍ ଇନ୍‌ଷ୍ଟିଚ୍ୟୁଟର ନିର୍ଦ୍ଦେଶକ ସରୋଜକାନ୍ତ ମିଶ୍ର ୨ ଦିନିଆ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ନୂଆଦିଲ୍ଲୀସ୍ଥିତ ଆଇଏଲ୍‌ବିଏସ୍‌ର ପ୍ରଫେସର ଅଶୋକ ଚୌଧୁରୀ, ରୋଟାରି ଡିଜି ଆରଟିଏନ୍ ଜୟଶ୍ରୀ ମହାନ୍ତି, ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ ପ୍ରିନ୍ସିପାଲ ଜୟଦୀପ ତାଲୁକଦାର, ଦେବବ୍ରତ କର (ଡିନ୍, ଏକାଡେମିକ୍), ନିର୍ମାଣ ବିଭାଗ ମୁଖ୍ୟଯନ୍ତ୍ରୀ ମନୋରଞ୍ଜନ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଆଇଜିୟୁ ସଭାପତି ଦ୍ୱୈପାୟନ ପଟ୍ଟନାୟକ, ସମ୍ପାଦକ ଦିଲୀପ କୁମାର ଦାସ, ଆୟୋଜକ କମିଟି ସଭାପତି ପ୍ରକାଶ ବେତାଳ, ଉପସଭାପତି ଉମାକାନ୍ତ ପାଣି, ରାମ ପ୍ରସାଦ ପଣ୍ଡା, କୋଷାଧ୍ୟକ୍ଷ ବିଶ୍ୱ ରଞ୍ଜନ ମିଶ୍ର ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।



ଦଳଗତ ଚାମ୍ପିୟନ ଓଡ଼ିଶା ଖେଳାଳିମାନେ ଅତିଥିଙ୍କ ଗହଣରେ।

# ଆଜାମଙ୍କୁ ମ୍ୟାଚ ଫି'ର ୫୦ ପ୍ରତିଶତ ଜରିମାନା

**ବ୍ୟାଟରେ ପାଲେଷ୍ଟାଇନ୍ ପତାକା ଷ୍ଟିକର**

କରାଚୀ, ୨୮।୧୧ (ପି.ଟି.)

ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମଙ୍ଗଳବାର ଆଜାମ ଖାଁଙ୍କୁ ତାଙ୍କ ମ୍ୟାଚ ଫି'ର ୫୦ ପ୍ରତିଶତ ଜରିମାନା କରିଛି। ସେ ଏଠାରେ ଚାଲିଥିବା ନ୍ୟାଶନାଲ ଟି୨୦ ଚାମ୍ପିୟନଶିପ୍‌ରେ ଖେଳୁଥିବା ବେଳେ ତାଙ୍କ ବ୍ୟାଟ୍‌ରେ ପାଲେଷ୍ଟାଇନ୍ ପତାକାର ଛବି ରହିଥିବା ଦେଖିବାକୁ ମିଳିଥିଲା। ଆଜାମ ହେଉଛନ୍ତି ପୂର୍ବତନ ପାକିସ୍ତାନ ଅଧିନାୟକ ମୋଇନ୍ ଖାଁଙ୍କ ପୁତ୍ର। ଦୁଇ ଦିନ ପୂର୍ବେ ପିସିବି ମ୍ୟାଚ ରେଫରି ଆଜାମଙ୍କୁ ତାଙ୍କ ବ୍ୟାଟ୍‌ରୁ ପାଲେଷ୍ଟାଇନ୍ ପତାକା ଷ୍ଟିକର ହଟାଇବାକୁ କହିଥିଲେ। ମାତ୍ର ସେ ଏହି ଷ୍ଟିକରକୁ ହଟାଇବା ଲାଗି ମନା କରିଦେଇଥିଲେ। କରାଚୀସ୍ଥିତ ନ୍ୟାଶନାଲ ବ୍ୟାଙ୍କ ଷ୍ଟାଡିୟମରେ ଲାହୋର ବ୍ଲୁ ବିପକ୍ଷ ମ୍ୟାଚରେ ଉଇକେଟକିପର ବ୍ୟାଟର ଆଜାମ କରାଚୀ ହ୍ୱାଇଟ୍ସ ପକ୍ଷରୁ ଖେଳୁଥିବା ବେଳେ ଏହା ଦେଖିବାକୁ ମିଳିଥିଲା। ଆଇସିସି ନିୟମାନୁସାରେ ଉଭୟ ଖେଳାଳି ଅବା କ୍ରିକେଟ ଆସୋସିଏଶନର ଟିମ୍ ଅଫିସିଆଲ ଏବଂ ପିସିବି କ୍ରିକେଟ ଅପରେଶନ ଡିପାର୍ଟମେଣ୍ଟର ଅନୁମୋଦନ ବିନା ଖେଳାଳି କିମ୍ବା ଟିମ୍ ଅଫିସିଆଲ ସେମାନଙ୍କ ସରଞ୍ଜାମରେ ବ୍ୟକ୍ତିଗତ ବାର୍ତ୍ତା କିମ୍ବା ଛବି ପ୍ରଦର୍ଶନ କରିପାରିବେ ନାହିଁ।

# ପ୍ରଥମ ଟେଷ୍ଟ: ବାଂଲାଦେଶ ୩୧୦/୯

ସିଲହଟ୍,୨୮।୧୧(ପି.ଟି.)

ଅଫ୍ ସ୍ପିନର ଗ୍ଲେନ୍ ଫିଲିପ୍ସଙ୍କ ୪ ଉଇକେଟ ସଫଳତା ବଳରେ ବାଂଲାଦେଶ ଏକ ବଡ ସ୍କୋରରେ ପହଞ୍ଚିବାରୁ ବଞ୍ଚିତ ହୋଇଛି। ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ବାଂଲାଦେଶ ୯ ଉଇକେଟ ହରାଇ ୩୧୦ ରନ୍ ସଂଗ୍ରହ କରିଛି। ବାଂଲାଦେଶ ପକ୍ଷରୁ ମହମ୍ମଦୁଲ ହସନ ଜୟ ସର୍ବାଧିକ ୮୬ ରନ୍‌ର ଇନିଂସ ଖେଳିଥିଲେ। ଟସ୍ ଜିତି ବାଂଲାଦେଶ ପ୍ରଥମେ ବ୍ୟାଟିଂ ଚୟନ କରିଥିଲା। ଓପନିଂ ବ୍ୟାଟର ମହମ୍ମଦୁଲ ହସନ ଜୟ ଧୈର୍ଯ୍ୟପୂର୍ଣ୍ଣ ୮୬ ରନ୍ ସ୍କୋର କରିଥିଲେ। ୧୬୬ ବଲ୍‌ର ଏହି ଇନିଂସରେ ସେ ୧୧ ଚୌକା ମାରିଥିଲେ। ପ୍ରଥମ ଉଇକେଟରେ ୩୯ ଓ ଦ୍ୱିତୀୟ ଉଇକେଟରେ ୫୩ ରନ୍ ଯୋଡି ସେ ଦଳକୁ ଏକ ଭଲ ଆରମ୍ଭ ପ୍ରଦାନ କରିଥିଲେ। ଶାକିବଙ୍କ ସ୍ଥାନରେ ଅଧିନାୟକ ମନୋନୀତ ହୋଇଥିବା ନଜମୋଲ ହୋସେନ୍ ଶାନ୍ତୋ ୩୫ ବଲ୍ ଖେଳି ଦ୍ରୁତ ୩୭ ରନ୍ କରିଥିଲେ। ପରବର୍ତ୍ତୀ ବ୍ୟାଟର ମୋମିନୁଲ ହକ୍ ମଧ୍ୟ ସମାନ ୩୭ ରନ୍ କରିଥିଲେ। ଉଭୟ ଖେଳାଳିଙ୍କୁ ଆଉଟ କରିଥିଲେ ଗ୍ଲେନ୍ ଫିଲିପ୍ସ। କ୍ୟାରିୟରର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳୁଥିବା ଉଇକେଟକିପର ଗ୍ଲେନ୍ ଫିଲିପ୍ସଙ୍କ ଶ୍ରେଷ୍ଠ ବୋଲିଂ ବଳରେ ନ୍ୟୁଜିଲାଣ୍ଡ ପ୍ରଥମ ଦିନର ଖେଳକୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହୋଇଛି। ତୃତୀୟ ଉଇକେଟରେ ମହମ୍ମଦୁଲ ଓ ମୋମିନୁଲ ୮୮ ରନ୍ ଯୋଡିଥିଲେ। ବାଂଲାଦେଶ ଦୃଢ ସ୍ଥିତିରେ ରହିଥିବା ବେଳେ ଉଭୟ ଖେଳାଳି ଲଗାତର ଓଭରରେ ପ୍ୟାଭିଲିୟନ୍ ଫେରିଥିଲେ। ମୁଶଫିକୁର ରହିମ(୧୨), ଶାହାଦତ ହୋସେନ୍(୨୪), ମେହିଦୀ ହସନ ମିରାଜ(୨୦) ଓ ନୁରୁଲ ହସନ(୨୯) ଭଲ ଆରମ୍ଭ ପାଇଥିଲେ ମଧ୍ୟ ଏହାକୁ ବଡ ସ୍କୋରରେ ପରିଣତ କରିପାରି ନ ଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ତାଇଜୁଲ ଇସଲାମ(୮) ଓ ଶୋରିଫୁଲ ଇସଲାମ(୧୩) ବ୍ୟାଟିଂ କରୁଛନ୍ତି। ନ୍ୟୁଜିଲାଣ୍ଡ ପକ୍ଷରୁ ଗ୍ଲେନ୍ ଫିଲିପ୍ସ ୪ ଉଇକେଟ ନେଇଥିବା ବେଳେ ଏଜାଜ ପଟେଲ ଓ କାଇଲ ଜେମିସନ୍ ଦୁଇଟି ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୮୫ ଓଭରରେ ୩୧୦/୯(ମହମ୍ମଦୁଲ ହସନ ଜୟ-୮୬, ନଜମୋଲ ହୋସେନ୍ ଶାନ୍ତୋ- ୩୭, ମୋମିନୁଲ ହକ୍-୩୭, ଗ୍ଲେନ୍ ଫିଲିପ୍ସ-୪/୫୩, କାଇଲ ଜେମିସନ୍-୨/୫୨, ଏଜାଜ ପଟେଲ-୨/୭୬)।

# ଫୁଲ ସୋରେନ ଉପ ଅଧିନାୟିକା

ଭୁବନେଶ୍ୱର, ୨୮।୧୧

(ତପନ ସ୍ୱାଇଁ)

ଡିସେମ୍ବର ୧୧ରୁ ୧୫ ପର୍ଯ୍ୟନ୍ତ ମୁମ୍ବାଇରେ ଭାରତ ଓ ନେପାଳ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଦୃଷ୍ଟିବାଧିତ ମହିଳା ଦ୍ୱିପାକ୍ଷିକ କ୍ରିକେଟ ସିରିଜ ଅନୁଷ୍ଠିତ ହେବ। ଏଥିପାଇଁ ମଙ୍ଗଳବାର ଭାରତୀୟ ଦଳର ଅଧିନାୟିକା ଓ ଉପଅଧିନାୟିକାଙ୍କ ନାମ ଘୋଷଣା କରାଯାଇଛି। ବର୍ମିଂହାମରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ବ୍ଲାଇଣ୍ଡ ସ୍ପୋର୍ଟ୍ସ ଫେଡେରେଶନ (ଆଇବିଏସ୍‌ଏ) ୱାର୍ଲ୍ଡ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ନେତୃତ୍ୱ ନେଇଥିବା ବର୍ଷାଙ୍କୁ ଆଗାମୀ ସିରିଜ ପାଇଁ ଅଧିନାୟିକା ମନୋନୀତ କରାଯାଇଛି। ଓଡ଼ିଶାର ଫୁଲ ସୋରେନ ଉପ-ଅଧିନାୟିକା ମନୋନୀତ ହୋଇଛନ୍ତି। ଫୁଲଙ୍କ ସମେତ ଓଡ଼ିଶାର ୪ ଖେଳାଳି ଭାରତୀୟ ଦଳରେ ସାମିଲ ଅଛନ୍ତି। ଅନ୍ୟ ୩ ଖେଳାଳି ହେଲେ ଝିଲି ବିରୁଆ, ବାସନ୍ତୀ ହାଁସଦା ଓ ପଦ୍ମିନୀ ଟୁଡୁ। ଭାରତୀୟ ଦଳ: ବର୍ଷା ୟୁ(ବି-୧), ଭାଲାସାନାଇନି ରାଭାନ୍ନି(ବି-୧), ସିମୁ ଦାସ(ବି-୧), ପଦ୍ମିନୀ ଟୁଡୁ(ବି-୧), କିଲ୍ଲାକା ସନ୍ଧ୍ୟା(ବି-୧), ପ୍ରିୟା(ବି-୧), ସାନ୍ଦ୍ରା ଡେଭିସ୍ କରିମାଲିକ୍କାଲ(ବି-୨), ବାସନ୍ତୀ ହାଁସଦା(ବି-୨), ସୁନୀତା ସାରଥେ(ବି-୨), ସିମରନଜିତ୍ କୌର(ବି-୨), ସୁଷମା ପଟେଲ(ବି-୩), ଏମ. ସତ୍ୟବତୀ(ବି-୩), ଫୁଲ ସୋରେନ୍(ବି-୩), ଝିଲି ବିରୁଆ(ବି-୩), ଗଙ୍ଗା ସମ୍ଭାଜୀ କଦମ(ବି-୩), ଗୀତା ମାହାତୋ(ବି-୩), କାବ୍ୟା ଏନ୍. ଆର.(ବି-୩)।



ଭାରତୀୟ ଦଳର ଜର୍ସି ସହ ଫୁଲ ସୋରେନ ଓ ଅଧିନାୟିକା ବର୍ଷା।

# ରାଜ୍ୟ ସିନିୟର ବ୍ୟାଡମିଣ୍ଟନ: ଫାଇନାଲ ଆଜି

**ଆରିଆ, ଅରବିନ୍ଦ, ପାରସ, ତହସିବ ଖାନ୍ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ**

ବଲାଙ୍ଗୀର, ୨୮।୧୧

(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଇନଡୋର ଷ୍ଟାଡିୟମଠାରେ ଚାଲିଥିବା ଓଡ଼ିଶା ରାଜ୍ୟ ସିନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିନ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ରାଜ୍ୟର ପ୍ରାୟତଃ ସମସ୍ତ ମାନ୍ୟତାପ୍ରାପ୍ତ ଖେଳାଳି ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସ ରାଉଣ୍ଡ ୧୬ରେ ବଲାଙ୍ଗୀରର ଅରବିନ୍ଦ ସାହୁ ୨୧-୧୧ ଓ ୨୧-୧୮ ସେଟ୍‌ରେ ଭୁବନେଶ୍ୱରର ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ବିଜୟୀ ହୋଇଥିଲେ। ବାଲେଶ୍ୱରର ଆରିଆ ମାଝି ସୁନ୍ଦରଗଡ଼ର ଅଙ୍କିତ ମହନ୍ତଙ୍କୁ ୨୧-୧୧ ଓ ୨୧-୭ ସେଟ୍‌ରେ, ଭୁବନେଶ୍ୱରର ପାରସ ମାଥୁର ଭଦ୍ରକର ଅଂଶୁମାନ ମହାଲିକଙ୍କୁ ୨୧-୧୦ ଓ ୨୧-୧୪ ସେଟ୍‌ରେ, ସମ୍ବଲପୁରର ତହସିଫ ଖାନ କଟକର ଆୟାଂଶୁ ପରିଡ଼ାଙ୍କୁ ୨୧-୧୮ ଓ ୨୧-୯ ସେଟ୍‌ରେ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ମହିଳା ସିଙ୍ଗଲ୍ସରେ କଳାହାଣ୍ଡିର ବିଶାଖା ନାଏକ କଟକର ଅନିଶା ମିଶ୍ରଙ୍କୁ ୨୧-୧୫ ଓ ୨୧-୧୧ ସେଟ୍‌ରେ ହରାଇଥିଲେ। କୋରାପୁଟର ରାଜେଶ୍ୱରୀ ଖୋରା ବାଲେଶ୍ୱରର ମୋନାଲିନା ମହାରାଣାଙ୍କୁ ୨୧-୬ ଓ ୨୧-୭, ସମ୍ବଲପୁରର ଶ୍ରେୟା ବିଶ୍ୱାଳ ଖୋର୍ଦ୍ଧାର ଅର୍ପିତା ସାହୁଙ୍କୁ ୨୧-୧୩ ଓ ୨୧-୧୨, ବାଲେଶ୍ୱରର ଶ୍ୱେତାଙ୍ଗୀ ହୋତା ବଲାଙ୍ଗୀରର ସମ୍ପଦା ମହାନ୍ତିଙ୍କୁ ୨୧-୧୧ ଓ ୨୧-୯ ପଏଣ୍ଟରେ ପରାଜିତ କରି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ମହିଳା ସିଙ୍ଗଲ୍ସ, ପୁରୁଷ ସିଙ୍ଗଲ୍ସ, ମହିଳା ଡବଲ୍ସ, ପୁରୁଷ ଡବଲ୍ସ ଓ ମିକ୍ସଡ ଡବଲ୍ସର ସମସ୍ତ ସେମିଫାଇନାଲ ଖେଳ ଚୂଡ଼ାନ୍ତ ହୋଇଛି। ବୁଧବାର ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ରାଜ୍ୟ ଚାମ୍ପିୟନଶିପ୍ ସାଙ୍ଗଠନିକ ସମ୍ପାଦକ ସୁରୁଲାଲ ମଟାରୀ ସୂଚନା ଦେଇଛନ୍ତି।



ରାଜ୍ୟ ସିନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିନରେ ଅନୁଷ୍ଠିତ ଏକ ମ୍ୟାଚ।


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ